# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଅଗଷ୍ଟ ୭/୨୦୨୧ (୧୬ ପୃଷ୍ଠା) | Bhubaneswar, Saturday, August 7/2021 | ★★★★★★

୪୭ଶ ଭାଗ ୨୫୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




## କୁମ୍ବଲେଙ୍କୁ ଟପିଲେ ଆଣ୍ଡରସନ

ଅନିଲ କୁମ୍ବଲେଙ୍କ ଟେଷ୍ଟ ଉଇକେଟ(୬୧୯) ରେକର୍ଡକୁ ଅତିକ୍ରମ କରିଛନ୍ତି ଇଂଲଣ୍ଡର ଭେଟେରାନ ପେସ୍ ବୋଲର ଜେମ୍ସ ଆଣ୍ଡରସନ।

୧୪

୧୨

## ଇନ୍‌ଷ୍ଟାଗ୍ରାମ୍‌ରେ ନେହାଙ୍କ ୭୦ମିଲିୟନ ଫଲୋଅର୍ସ

ଗାୟିକା ନେହା କକ୍କରଙ୍କର ଇନ୍‌ଷ୍ଟାଗ୍ରାମରେ ୭୦ ମିଲିୟନରୁ ଅଧିକ ଫଲୋଅର୍ସ ଅଛନ୍ତି। କିଛି ଲୋକଙ୍କୁ ଅନ୍‌ଫଲୋ କରିବାକୁ ନେହା ନିଷ୍ପତ୍ତି ନେଇଛନ୍ତି।






ଶୁଭ ଉଦ୍‌ଘାଟନ

PADMINI care

ଡ୍ରିମ୍ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ ହେଲଥ୍ ସାଇନ୍ସ ଆଣ୍ଡ ହସ୍‌ପିଟାଲର ଏକ ରୂପାୟନ

୪୦୦ ଶଯ୍ୟା ବିଶିଷ୍ଟ ମଲ୍ଟିସ୍ପେସିଆଲିଟି ହସ୍‌ପିଟାଲ୍

ସମ୍ମାନନୀୟ

ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ

ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶାଙ୍କ

କରକମଳରେ ଭର୍ଚୁଆଲ ମାଧ୍ୟମରେ

୭ ଅଗଷ୍ଟ, ୨୦୨୧ (ଶନିବାର), ସମୟ : ଅପରାହ୍ନ ଘ ୪.୩୦

ଡ୍ରିମ୍ସ ପରିସର, ଟାଙ୍ଗୀ, କଟକ



ସପ୍ରେମ ସ୍ମୃତିରେ...

√ପଦ୍ମିନୀ ରଥ

୧୯୬୨-୨୦୧୫

ପ୍ରୟାଣର ୬ଷ୍ଠ ବାର୍ଷିକୀ ଶ୍ରଦ୍ଧାଞ୍ଜଳି




ସେବା ଉପଲବ୍ଧ

- ଭେଷଜ ବିଭାଗ
- ଶିଶୁ ରୋଗ ବିଭାଗ
- ଫୁସଫୁସ ବିଭାଗ
- ଚର୍ମ ରୋଗ ବିଭାଗ
- ଶଲ୍ୟ ଚିକିତ୍ସା
- ଅସ୍ଥିଶଲ୍ୟ ବିଭାଗ
- କର୍ଣ୍ଣ, ନାସା ଓ ଗଳା ବିଭାଗ
- ଚକ୍ଷୁ ବିଭାଗ
- ସ୍ତ୍ରୀ ଓ ପ୍ରସୂତି ବିଭାଗ
- ହୃଦ୍‌ରୋଗ ବିଭାଗ
- ମାନସିକ ରୋଗ ବିଭାଗ
- ପେଟ ଓ ଯକୃତ ବିଭାଗ
- ଏଣ୍ଡୋକ୍ରାଇନୋଲୋଜି ବିଭାଗ
- ସ୍ନାୟୁ ରୋଗ ବିଭାଗ
- ସ୍ନାୟୁ ସର୍ଜରୀ
- ପ୍ଲାଷ୍ଟିକ୍ ସର୍ଜରୀ
- ଲାପ୍ରୋସ୍କୋପି ସର୍ଜରୀ
- ସି ଟି ଭି ଏସ୍
- ଦନ୍ତ ବିଭାଗ
- ୟୁରୋଲୋଜି ବିଭାଗ
- ନେଫ୍ରୋଲୋଜି ବିଭାଗ
- ଆଇ.ସି.ୟୁ
- ରେହାବ୍ ସେଣ୍ଟର
- ୨୪x୭ ଔଷଧ ଉପଲବ୍ଧ
- ଲ୍ୟାବ୍ ସେବା
- ଏମ୍.ଆର୍.ଆଇ ଓ ସି ଟି ସ୍କାନ୍
- ଅଲଟ୍ରାସାଉଣ୍ଡ ଓ ଏକ୍ସରେ
- ଏଣ୍ଡୋସ୍କୋପି
- କୋଲୋନୋସ୍କୋପି
- ଇ.ସି.ଜି / ଇ.ଇ.ଜି / ଇକୋ
- ଡାଏଲିସିସ୍

Tangi, Cuttack - 754022 | 9437100592 / 7008625669 / 79780 67412 | www.padminicare.com | info@padminicare.com



DSPL-110

ରାଜ୍ୟସ୍ତରୀୟ
ଜାତୀୟ ହସ୍ତତନ୍ତ ଦିବସ

୭ ଅଗଷ୍ଟ, ୨୦୨୧

"ବୁଣାକାରଙ୍କ ସାମଗ୍ରିକ ବିକାଶ,
ଓଡ଼ିଶା ସରକାରଙ୍କ ନିରନ୍ତର ପ୍ରୟାସ"





"ସମଗ୍ର ବିଶ୍ୱରେ ହସ୍ତତନ୍ତ କ୍ଷେତ୍ରରେ ଓଡ଼ିଶାର
ବୁଣାକାର ମାନଙ୍କର ଦକ୍ଷତା ଓ ପ୍ରତିଭାର ତୁଳନା ନାହିଁ।
ସେମାନଙ୍କ ପାଇଁ ଆମେ ଗର୍ବିତ।"

ନବୀନ ପଟ୍ଟନାୟକ

ଆୟୋଜକ

ବୟନିକା ଓ ବୟନଶିଳ୍ପ ନିର୍ଦ୍ଦେଶାଳୟ

ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର

OIPR-31004/13/0006/2122

## ୨୬ ଲକ୍ଷର ବ୍ରାଉନସୁଗାର ଜବତ: ୨ ଗିରଫ

**ଭଦ୍ରକ ଅଫିସ:** ଭଦ୍ରକ ଜିଲା ପୁରୁଣାବଜାର ପୋଲିସ ଶୁକ୍ରବାର ନଙ୍ଗାମହଲା ଅଞ୍ଚଳରୁ ୨୬୦ ଗ୍ରାମ୍ ବ୍ରାଉନସୁଗାର ଜବତ କରିଛି। ଏଥିସହ ୨ ଯୁବକଙ୍କୁ ଗିରଫ କରିଛି ପୋଲିସ। ସେମାନେ ହେଲେ ସାଦବ କାଦ୍ରୀ ଓ ଆଜାରୁଦ୍ଦିନ ଖାନ। ନଙ୍ଗାମହଲା ଅଞ୍ଚଳରେ ଦୀର୍ଘଦିନ ଧରି ବ୍ରାଉନସୁଗାର ବେପାର ଚାଲୁଥିଲା ବେଳେ ପୋଲିସ ଏହା ଉପରେ ନଜର ରଖିଥିଲା। ଗୁରୁବାର ସାଦବ ଓ ଆଜାରୁଦ୍ଦିନ ଜଳେଶ୍ୱରରୁ ବ୍ରାଉନସୁଗାର ଆଣି ଏହି ଅଞ୍ଚଳରେ ବିକ୍ରି କରୁଥିବା ସମୟରେ ପୋଲିସ ସେମାନଙ୍କୁ କାବୁ କରିଥିଲା। ସେମାନଙ୍କ ନିକଟରୁ ବ୍ରାଉନସୁଗାର ସହ ଏକ ବାଇକ୍, ୧୭୦୦ ଟଙ୍କା ଜବତ ହୋଇଛି। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୨୬ ଲକ୍ଷ ହେବ। ପୁରୁଣାବଜାର ଥାନାରେ ମାମଲା (ନଂ.୨୬୭/୨୧) ରୁଜୁ ହୋଇଛି।

**ସଂକ୍ଷେପରେ**

## ବର୍ନାର୍ଡ ଆର୍‌ନଲ୍ଟ ବିଶ୍ୱର ସବୁଠୁ ଧନୀ ବ୍ୟକ୍ତି



**ନୂଆଦିଲ୍ଲୀ, ୬।୮:** ଆମାଜନର ପ୍ରତିଷ୍ଠାତା ଜେଫ୍ ବେଜୋସ (୫୭) ବିଶ୍ୱର ୧ ନମ୍ବର ଧନୀ ବ୍ୟକ୍ତି ସ୍ଥାନରୁ ଖସିଯାଇଛନ୍ତି। ଏଲ୍‌ଭିଏମ୍‌ଏଚ୍ କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବର୍ନାର୍ଡ ଆର୍‌ନଲ୍ଟ (୭୨) ବେଜୋସଙ୍କୁ ପଛରେ ପକାଇ ଦେଇଛନ୍ତି। ଫୋର୍ବସର ରିୟଲ ଟାଇମ ବିଲିୟନେୟାର ତାଲିକାରେ ଆରନଲ୍ଟ ବର୍ତ୍ତମାନ ବିଶ୍ୱର ସବୁଠୁ ଧନୀ ବ୍ୟକ୍ତି ବିବେଚିତ ହୋଇଛନ୍ତି। ଆରନଲ୍ଟଙ୍କ କମ୍ପାନୀ ୭୦ ବ୍ରାଣ୍ଡର ଏକ ସାମ୍ରାଜ୍ୟ ଯାହାର ମୂଲ୍ୟ ପ୍ରାୟ ୧୯୮.୨ ବିଲିୟନ ଡଲାର ହେବ। ଦ୍ୱିତୀୟ ସ୍ଥାନରେ ରହିଥିବା ବେଜୋସଙ୍କ ସମ୍ପତ୍ତି ୧୯୪ ବିଲିୟନ ଡଲାର ରହିଛି। ତୃତୀୟରେ ଏଲନ ମସ୍କ (୫୦) ରହିଥିବା ବେଳେ ତାଙ୍କ ନିକଟରେ ୧୮୫ ବିଲିୟନ ଡଲାରର ସମ୍ପତ୍ତି ରହିଛି।

## ଅଭାବୀ ବିକ୍ରିରୁ ଚାଷୀ ଆତ୍ମହତ୍ୟା

**ପରିବାରକୁ ଭେଟିଲା ଭାଜପା ପ୍ରତିନିଧି ଦଳ**

ସମ୍ବଲପୁର,୬।୮(ବ୍ୟୁରୋ): ସମ୍ବଲପୁର ଜିଲା ବୁର୍ଲା ଥାନା କୁଦଗୁଣ୍ଡେରପୁର ଗ୍ରାମରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। କୀଟନାଶକ ପିଇ ଚାଷୀ କୈବଲ ରୋହିଦାସ ଆତ୍ମହତ୍ୟା କରିଛନ୍ତି। ରବି ଧାନ ଅମଳ ସମୟରେ ସେ ଅଭାବୀ ବିକ୍ରିର ଶିକାର ହୋଇଥିଲେ। ତେଣୁ ଋଣ ପରିଶୋଧ ଚାପ ଓ ଖରିଫ ଚାଷରେ ଆର୍ଥିକ ଅଭାବ ଯୋଗୁ ସେ ଆତ୍ମହତ୍ୟା କରିଥିବା ପୁଅ ଦଶରଥ ରୋହିଦାସ ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ରବି ଫସଲରେ ଅମଳ ଭଲ ହୋଇଥିଲା। ୮ ଏକର ଜମିରେ ପ୍ରାୟ ୨ ଶହ କୁଇଣ୍ଟାଲ ଧାନ ଅମଳ ହୋଇଥିଲା। ସରକାରୀ ଦର (ଏମ୍‌ଏସ୍‌ପି)ରେ ମାତ୍ର ୪୫ କୁଇଣ୍ଟାଲ ଧାନ ବିକ୍ରି କରିଥିଲେ। ବାକି ୧୫୫ କୁଇଣ୍ଟାଲ ଧାନ ଦଲାଲଙ୍କୁ ବିକ୍ରି କରିବାକୁ ବାଧ ହୋଇଥିଲେ। କୁଇଣ୍ଟାଲ ପିଛା ୮ ଶହରୁ ୧ ହଜାର ଟଙ୍କାରେ ବିକ୍ରି କରାଯାଇଥିଲା। ଫଳରେ କ୍ଷତି ସହିବାକୁ ପଡିଥିଲା। ମହାଜନଙ୍କଠାରୁ ଦେଢଲକ୍ଷ ଟଙ୍କା ଉଧାରି ରହିଯାଇଛି। ଟଙ୍କା ଅଭାବରୁ ଚଳିତ ଖରିଫ ଚାଷ ମଧ ବାଧାପ୍ରାପ୍ତ ହୋଇଛି। ତେଣୁ ଅଧିକାଂଶ ସମୟରେ ମାନସିକ ଚାପରେ ରହୁଥିଲେ। ଗୁରୁବାର ରାତିରେ ସେ ବିଷ ପିଇ ଦେଇଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ବୁର୍ଲା ମେଡିକାଲ ନିଆଯାଇଥିଲା। ସେଠାରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ଜିଲା ଭାଜପା ପ୍ରତିନିଧି ଦଳ ତାଙ୍କ ପରିବାରକୁ ଭେଟିଛି। ଏଥିରେ ରାଜ୍ୟ ଉପସଭାପତି ତଥା ରେଙ୍ଗାଲି ବିଧାୟକ ନାଉରୀ ନାଏକ, ପୂର୍ବତନ ବିଧାୟକ ରବି ନାଏକ, ଜିଲା ସଭାପତି ଗିରିଶ ପଟେଲ, ଜିଲା ପର୍ଯ୍ୟବେକ୍ଷକ ଟଙ୍କଧର ତ୍ରିପାଠୀ, ଭାଜପା ଜିଲା କୃଷକ ମୋର୍ଚ୍ଚା ସଭାପତି ସମୀର ରଞ୍ଜନ ବାବୁ, ପୂର୍ବତନ ଜିଲା ସଭାପତି ରାମଚନ୍ଦ୍ର ମେହେର, ଧନକଉଡା ବ୍ଲକ ଉପାଧ୍ୟକ୍ଷ ସୁଷମା ସାହୁ ପ୍ରମୁଖ ସାମିଲ ରହିଥିଲେ। ଧନକଉଡା ବିଡିଓ ବସନ୍ତ ହାତୀ ମୃତକଙ୍କ ପରିବାରକୁ ଭେଟି ରିପୋର୍ଟ ସଂଗ୍ରହ କରିଛନ୍ତି।

# ପାର୍ଲାମେଣ୍ଟରେ ବେଶି ଘୁ ଘା ହେଉଛି

**ଓଡ଼ିଶାରେ ନାରୀ ସଶକ୍ତୀକରଣ କ୍ଷେତ୍ରରେ ନିଜର ଏକ ପରିଚୟ ସୃଷ୍ଟି କରିଥିବା ପ୍ରମିଳା ବିଶୋଇ ଏବେ ଆସ୍କାର ବିଜେଡିର ଲୋକ ସଭା ସଦସ୍ୟା। ଜୀବନ କ'ଣ ଜାଣିବା ଆଗରୁ ୫ବର୍ଷ ବୟସରେ ତାଙ୍କର ବାଲ୍ୟବିବାହ ହୋଇଥିଲା। ଘାତ ପ୍ରତିଘାତ ଦେଇ ଗତି କରି ପରିଣତ ବୟସରେ ସେ ଯେଉଁ ସଫଳତା ପାଇଛନ୍ତି, ତାହା ରାଜ୍ୟର ନାରୀଙ୍କ ପାଇଁ ଏକ ଉଦାହରଣ ନିଶ୍ଚିତ। ଦୀର୍ଘ ୧୮ବର୍ଷ କାଳ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ(ଏସ୍‌ଏଚ୍‌ଜି)ର ସଦସ୍ୟା ଭାବେ ସେ ଦକ୍ଷତାର ସହ କାର୍ଯ୍ୟ କରି ନାରୀ କୌଣସି କ୍ଷେତ୍ରରେ ଦୁର୍ବଳ ନୁହନ୍ତି ବୋଲି ପ୍ରମାଣିତ କରିପାରିଛନ୍ତି। କମ୍ ଶିକ୍ଷା ଏବଂ ଏକ ସାଧାରଣ ଗରିବ ପରିବାରର ମହିଳା ହୋଇ ମଧ ସେ ଆଜି ଯେଉଁ ସ୍ଥାନରେ ପହଞ୍ଚିଛନ୍ତି ତାହା କେବଳ ତାଙ୍କ ନିଷ୍ଠାପର କାର୍ଯ୍ୟ ଯୋଗୁ ସମ୍ଭବ ହୋଇପାରିଛି। ନିଜ ବ୍ୟକ୍ତିଗତ, ରାଜନୈତିକ ଜୀବନ ସମ୍ପର୍କରେ ସେ ଅନେକ କିଛି ଅକୁହା କଥାକୁ ଧରିତ୍ରୀ ଆଳାପରେ ଚିତ୍ରଣ କରିଛନ୍ତି।**

**ଧରିତ୍ରୀ ଆଳାପ**



ପ୍ରମିଳା ବିଶୋଇ

**ମହିଳା ଏସ୍‌ଏଚ୍‌ଜି ସଦସ୍ୟାରୁ ଏମ୍‌ପି ହେବେ ବୋଲି କେବେ ଚିନ୍ତା କରିଥିଲେ କି ? ରାଜନୀତିକୁ ଆସିବା ପାଇଁ ଇଚ୍ଛା ଥିଲା ନା ଆପଣଙ୍କୁ ଏଥିପାଇଁ କେହି ପ୍ରବର୍ତ୍ତାଇଥିଲେ?**

ଉତ୍ତର– ନା, କେହି କହି ନ ଥିଲେ କି ଆଶା ବି ନ ଥିଲା। ଆସ୍କା ବ୍ଲକର ୨୭ ପଞ୍ଚାୟତରେ ୨୦୦୦ ମସିହାରୁ ମହିଳାଙ୍କୁ ଏକାଠି କରି ଏସ୍‌ଏଚ୍‌ଜିରେ ସାମିଲ କରିଥିଲି। ଆମ ଘର ପାଖ ମୁଣ୍ଡିଆ ପାହାଡ଼ ମୋ ଜୀବନର ଗତିପଥ ବଦଳାଇ ଦେଇଥିଲା। ପାହାଡ଼ ଉପରେ ଥିବା ଗଛ ସବୁକୁ ଲୋକମାନେ କାଟି ନେଇ ଯାଉଥିଲେ। ମହିଳାମାନଙ୍କୁ ସାଙ୍ଗରେ ନେଇ ଗଛ ଲଗାଇଲୁ। ଜଙ୍ଗଲରେ କାମ କରୁ କରୁ ୧୦ ଜଣ ଲେଖାଏ ମହିଳାଙ୍କୁ ନେଇ ଏସ୍‌ଏଚ୍‌ଜି ଗଠନ କଲୁ। ଜଙ୍ଗଲ ଓ ମୟୂର ସୁରକ୍ଷା ପାଇଁ ଜଙ୍ଗଲ ବିଭାଗରୁ ବହୁ ସାର୍ଟିଫିକେଟ ପାଇଛି। ଜଙ୍ଗଲ ଦେଖି ଆଖପାଖ ଗାଁ ଲୋକେ ଗଛ ଲଗାଇଲେ। ମହିଳାମାନଙ୍କୁ ଡାକି ମାସର ୧ ଓ ୨୦ ତାରିଖରେ ବୈଠକ କରେ। ନିଜେ କିଛି କରିବା ପାଇଁ ମହିଳାମାନଙ୍କୁ କହିଲି। ଦିନକୁ ୫ ଟଙ୍କା ଲେଖାଏ ରଖିଲୁ। ପ୍ରତ୍ୟେକ ଗୋଷ୍ଠୀରେ ୧୦ ଜଣ ମହିଳା ରହିଲେ। ବ୍ୟାଙ୍କରୁ ଋଣ ପାଇଲୁ। ପିଠା ଯୋଜନାରୁ ମୁଖ୍ୟମନ୍ତ୍ରୀ ମତେ ଜାଣିଲେ। ଏଇ ମାଆଟା କିଏ ବୋଲି ପଚାରିଲେ। ମୋର ସମସ୍ତ ସାର୍ଟିଫିକେଟ ମଗାଇଥିଲେ। ନବୀନ ନିବାସ ଲୋକ ଆସି ମୋର ସାର୍ଟିଫିକେଟ ନେଲେ। ଟିକେଟ ପାଇବା ପୂର୍ବରୁ ମୋତେ କେହି ବିରୋଧ କରି ନାହାନ୍ତି।

**ପାର୍ଲାମେଣ୍ଟରେ ଆପଣଙ୍କର ପ୍ରଥମ ଦିନର ଅନୁଭୂତି କିପରି ଥିଲା?**

ଉତ୍ତର–ପାର୍ଲାମେଣ୍ଟରେ ପହଞ୍ଚିବା ପରେ ଲେଖାପଢ଼ା ହେଲା। ମୋତେ ବାଚସ୍ପତି, ମୋଦିବାବୁ ଦେଖି ବହୁତ ଖୁସି ହେଲେ। ମୋତେ ଦେଖିବାକୁ ବହୁତ ଲୋକ ଆସିଲେ। ସମସ୍ତେ ମାଆ ବୋଲି କହୁଥିଲେ।

**ଆପଣ କେତେ ପାଠ ପଢ଼ିଛନ୍ତି ? ପାର୍ଲାମେଣ୍ଟ ଅଧିବେଶନ ଆଲୋଚନା ବେଳେ ବିଲ୍ ଆସିଲେ କେମିତି ବୁଝୁଛନ୍ତି ?**

ଉତ୍ତର– ମୁଁ ୩ କ୍ଲାସ୍ ପଢ଼ିଛି। ହିନ୍ଦୀ, ଇଂଲିଶ ମତେ ଆସେ ନାହିଁ। ମୁଁ ଓଡ଼ିଆରେ ବୁଝେ। ଲୋକ ସଭାରେ ମୋ ପାଖରେ ଯେଉଁ ଓଡ଼ିଆ ଏମ୍‌ପି ଝିଅମାନେ ବସି ଥାଆନ୍ତି ତାଙ୍କୁ ପଚାରେ, କ'ଣ କହିଲେ କିଲୋ ଝିଅ, ସେମାନେ ମୋତେ ଓଡ଼ିଆରେ କହନ୍ତି। ତା'ପରେ ମୁଁ ବୁଝେ।

**ଆପଣଙ୍କୁ ଏବେ ୭୩ ବର୍ଷ ଚାଲିଛି। ଏତେ ବୟସରେ ନିର୍ବାଚନ ମଣ୍ଡଳୀ ଲୋକଙ୍କ କଥା କେଉଁ ଭଳି ଭାବେ ବୁଝୁଛନ୍ତି? ଦିନକୁ ଲୋକଙ୍କ ପାଇଁ କେତେ ସମୟ ଦେଉଛନ୍ତି ?**

ଉତ୍ତର–ମୁଁ ଯେତେବେଳେ ଆସ୍କାରେ ଥିବି ଲୋକଙ୍କ ପାଖକୁ ଯାଏ। ଯେଉଁ ଦିନ ଯେଉଁ ବିଧାୟକମାନଙ୍କ ବୈଠକ ଥାଏ ସେଠାକୁ ଯାଏ। ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ କଥା ବୁଝେ। ଲୋକଙ୍କ ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରେ।

**ଆପଣ ରାଜନୀତିକୁ ଆସିବା ପରେ ଓଡ଼ିଶାରେ ନାରୀ ସଶକ୍ତୀକରଣକୁ କିପରି ଦେଖୁଛନ୍ତି?**

ଉତ୍ତର–ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀରେ ଏବେ ବି ମୁଁ କାର୍ଯ୍ୟ କରୁଛି। ଠିକ ସମୟରେ ଋଣ ପାଇବା ଏବଂ ଠିକ୍ ସମୟରେ ଶୁଝିଲେ ଆମେ ବି ପଇସା ରୋଜଗାର କରିପାରିବା କଥା ମହିଳାଙ୍କୁ ବୁଝାଉଛି। ପୁରୁଷମାନଙ୍କୁ ଡରିବାନି। ସେମାନଙ୍କୁ ହାତ ପତେଇବାନି। ଆମ ଗୋଡ଼ରେ ଆମେ ଛିଡ଼ାହେବା ବୋଲି ମହିଳାମାନଙ୍କୁ ମୁଁ ସବୁବେଳେ କହେ। ୨୦୦୦ରୁ ଏସ୍‌ଏଚ୍‌ଜି ହେବା ପରଠାରୁ ମହିଳାମାନେ ବି ପଇସା ରୋଜଗାର କରି ସ୍ୱାବଲମ୍ବୀ ହୋଇପାରିଛନ୍ତି।

**ଆପଣ ବାଲ୍ୟବିବାହ କରିଥିଲେ। ଏହାକୁ ଏବେ ପସନ୍ଦ କରନ୍ତି ନା ବିରୋଧ କରନ୍ତି ? ଯେଉଁ ମାତାପିତା ପିଲାଙ୍କୁ ବାଲ୍ୟବିବାହ କରୁଛନ୍ତି ସେମାନଙ୍କୁ କ'ଣ କହିବେ ?**

ଉତ୍ତର– ମୁଁ ୫ ବର୍ଷ ବୟସରେ ବାଲ୍ୟବିବାହ କରିଥିଲି। ବାହାଘର କ'ଣ ଜାଣି ନ ଥିଲି। ସେତେବେଳେ ପିଲାଙ୍କୁ ବାହାଘର କରି ଦେଉଥିଲେ। ଏବେ ୧୮ ବର୍ଷରେ ବାହାଘର ହେଉଛି। ଗର୍ଭରୁ ମଲା ଯାଏ ମୁଖ୍ୟମନ୍ତ୍ରୀ ଯୋଜନା କରିଛନ୍ତି। କମ୍ ବୟସରେ ବାହାଘର କରିବା କଥା ନୁହେଁ। ବାଲ୍ୟବିବାହକୁ ମୁଁ ବିରୋଧ କରୁଛି। ଅଳ୍ପ ବୟସରେ ବାହାଘର କଲେ ତାଙ୍କ ନାମରେ କେସ୍ ହେବ ବୋଲି ମୁଁ ମାଆ ମାନଙ୍କୁ କହୁଛି।

**ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ସହ କେବେ କଥା ହୋଇଛନ୍ତି ? ସେ ଆପଣଙ୍କୁ କି ପରାମର୍ଶ ଦେଇଛନ୍ତି?**

ଉତ୍ତର–ମୁଖ୍ୟମନ୍ତ୍ରୀଙ୍କ ସହ ଅନେକ ସମୟରେ କଥା ହୋଇଛି। ଦି ଚାରିପଦ ଓଡ଼ିଆରେ କହନ୍ତି। ମା'ମାନେ କେମିତି ଆଗକୁ ବଢ଼ିବା ସେ ବିଷୟରେ ମୁଖ୍ୟମନ୍ତ୍ରୀ କୁହନ୍ତି। କରୋନା ବେଳେ ତାଙ୍କୁ ଭେଟିପାରୁ ନାହିଁ। ମୁଖ୍ୟମନ୍ତ୍ରୀ ଓଡ଼ିଶାକୁ ନିଜ ପରିବାର ଭାବି କାର୍ଯ୍ୟ କରୁଛନ୍ତି। ଆମେ ତାଙ୍କ କଥା ମାନିଲେ ଆମ ରାଜ୍ୟ ବହୁତ ଆଗକୁ ଯିବ।

**ଗଞ୍ଜାମରେ ବହୁ ପୁରୁଖା ନେତା ଅଛନ୍ତି। କେଉଁଥି ପାଇଁ ଦଳର ସଭାପତି ଆପଣଙ୍କୁ ଏମ୍‌ପି କରିବାକୁ ଚାହିଁଲେ ବୋଲି ଭାବୁଛନ୍ତି?**

ଉତ୍ତର–ଅପାଠୋଇ ହୋଇ ଏତେ କାମ କରୁଥିବାରୁ ସେ ଏମ୍‌ପି ଟିକେଟ ଦେଲେ। ମୁଖ୍ୟମନ୍ତ୍ରୀଙ୍କ ଯୋଗୁ ଏମ୍‌ପି ହେଲି। ମୋର କାମ ବିଷୟରେ ଖବର ନେଇ ମୋତେ ଟିକେଟ ଦେଇଛନ୍ତି। ଟିକେଟ ଦେବାର ମାସକ ଆଗରୁ ମୁଁ ପାଇଥିବା ବିଭିନ୍ନ ପୁରସ୍କାର ଓ ସାର୍ଟିଫିକେଟ ମଗାଇଥିଲେ।

**କ'ଣ ପାଇଁ ଆପଣଙ୍କ ନେତୃତ୍ୱକୁ ଆଜିର ଯୁବପିଢି ପସନ୍ଦ କରିବେ?**

ଉତ୍ତର – ଏତେ ବୟସରେ ଯଦି ମୁଁ କିଛି ପାରୁଛି, ତେବେ ଯୁବ ଗୋଷ୍ଠୀ ନିଜେ କିଛି ପରିଶ୍ରମ କରି ଆଗକୁ ବଢ଼ିବା ଉଚିତ।

**ଆସାମ ଓ ମିଜୋରାମ ଗଣ୍ଡଗୋଳ ଚାଲିଛି। ଏମ୍‌ପି ଭାବେ ଏ ବିଷୟରେ ଆପଣଙ୍କ ମତ କ'ଣ ?**

ଉତ୍ତର – ଆସାମ–ମିଜୋରାମ ଗଣ୍ଡଗୋଳ ବିଷୟରେ ମୁଁ କିଛି ଜାଣିନି। ସେମାନେ ତେଲୁଗୁ କଥା କହୁଛନ୍ତି। ଅନ୍ୟମାନେ କହିଲେ ମୁଁ ଜାଣୁଛି। ନ ହେଲେ ମୁଁ କିଛି ଜାଣିପାରୁନି।

**ଆଇନ ବିଷୟରେ ଆପଣ କେମିତି ବୁଝୁଛନ୍ତି? ପାର୍ଲାମେଣ୍ଟରେ ଜଣେ ଅନ୍ୟ କାହାକୁ ଗାଳି ଦେଉଛନ୍ତି ? କେଉଁ ଆଇନ ବଳରେ ଆପଣ ଏହାକୁ ବିରୋଧ କରିବେ ?**

ଉତ୍ତର– ଆଇନ ବିଷୟରେ କିଛି ମୁଁ ଜାଣିପାରୁନି। ମୋ ପାଖରେ ଯେଉଁ ଝିଅମାନେ ଥାଆନ୍ତି ସେମାନେ ମୋତେ କ'ଣ ହେଉଛି ସେନେଇ କହିଦେଇଥାନ୍ତି। ପାର୍ଲାମେଣ୍ଟରେ ସବୁବେଳେ ବେଶି ଘୁ ଘା ହେଉଛି। ମୋତେ ସେଗୁଡ଼ିକ ଭଲ ଲାଗେନା।

**ଲୋକ ସଭାରେ ଆପଣ କେଉଁ ପ୍ରସଙ୍ଗକୁ ଗୁରୁତ୍ୱ ଦିଅନ୍ତି ?**

ଉତ୍ତର–ଅଙ୍ଗନୱାଡି କର୍ମୀଙ୍କ ଦରମା ବଢାଇବାକୁ ଦାବି କରିଥିଲି। ମୋର ଭୟ ନବୀନ ବାବୁଙ୍କ ନାଁରେ କେହି କ'ଣ କହି ଦେଲେ ତାଙ୍କର ଇଜ୍ଜତ ଯିବ। ସେଥିପାଇଁ ମୁଁ ଡରି କିଛି କହେ ନାହିଁ। ମୋତେ ଯାହା ନିର୍ଦ୍ଦେଶ ଆସିବ କହିବି।

**କୃଷି ଆଇନ ବିଷୟରେ ଆପଣ କ'ଣ ବୁଝନ୍ତି ? ଚାଷୀମାନେ କାହିଁକି ଆନ୍ଦୋଳନ କରୁଛନ୍ତି ?**

ଉତ୍ତର– କୃଷି ଆଇନ ବିଷୟରେ କିଛି ଜାଣିନି। ଚାଷୀ ଆନ୍ଦୋଳନ କହିଲେ ଜଣକ ଜମି ଅନ୍ୟକୁ ଦେଉଛନ୍ତି। ସେମାନଙ୍କ ଭିତରେ ଗଣ୍ଡଗୋଳ ହେଉଛି। ଚାଷୀମାନଙ୍କ ବହୁତ ଅସୁବିଧା ହେଉଛି। ସେମାନେ ବିରୋଧ କରୁଛନ୍ତି।

**ପାର୍ଲାମେଣ୍ଟ ଆଇନ ବିଷୟରେ କିଛି ଜାଣିଛନ୍ତି କି ?**

ଉତ୍ତର– ମତେ କହିଲେ ବୁଝୁଛି। ନ କହିଲେ ଜାଣିପାରୁନି। ମୋତେ ନ କହିବାକୁ କେହି ମନା କରି ନାହାନ୍ତି। ମାତ୍ର ମୁଁ ଭୟରେ କିଛି କହୁନାହିଁ।

**ଖାଲି ସମୟରେ କ'ଣ କରିବାକୁ ଆପଣଙ୍କୁ ଭଲ ଲାଗେ ? ଆପଣଙ୍କର ପ୍ରିୟ ଖାଦ୍ୟ କ'ଣ? ପରିବାର ଲୋକଙ୍କ ସହଯୋଗ ମିଳେ କି?**

ଉତ୍ତର–ଖାଲି ସମୟରେ ମହିଳାମାନଙ୍କୁ ଏକାଠି କରେ। ଘରେ ବସେ ନାହିଁ। ଏ ଗାଁରୁ ସେ ଗାଁକୁ ଯାଏ। ମୋତେ ଯାଉ, କାଞ୍ଜି ଖାଇବାକୁ ଭଲ ଲାଗେ। ମୋ ପରିବାରରେ ମତେ କେହି ବିରୋଧ କରନ୍ତି ନାହିଁ। ସମସ୍ତେ ମତେ ସହଯୋଗ କରନ୍ତି।

**– ସାକ୍ଷାତ୍‌କାର: ଅନୀଲ ଦାସ**

# ଶିଶୁକନ୍ୟା ଜନ୍ମଦେଲେ ନାବାଳିକା

**ଅନୁଗୋଳ ଅଫିସ, ୬।୮**

- ଝିଅ ଗର୍ଭବତୀ ଥିବା ଜାଣି ନ ଥିଲେ ପରିବାର
- ଟ୍ୟୁମର ଯନ୍ତ୍ରଣା ଭାବି ନେଉଥିଲେ ଡାକ୍ତରଖାନା
- ଅଟୋରିକ୍ସାରେ ପ୍ରସବ କଲେ କନ୍ୟାସନ୍ତାନ

ନାବାଳିକାଙ୍କ ଗର୍ଭରେ ବଢୁଥିଲା ସନ୍ତାନ। ହେଲେ ଏ କଥା ଜାଣି ନ ଥିଲେ ପରିବାର ସଦସ୍ୟ। ହଠାତ୍ ପେଟରେ ଅସହ୍ୟ ଯନ୍ତ୍ରଣା ଅନୁଭବ କରିବାରୁ ଟ୍ୟୁମର ହୋଇଥିବା ସନ୍ଦେହରେ ଘର ଲୋକେ ତାଙ୍କୁ ନେଇ ଯାଉଥିଲେ ଡାକ୍ତରଖାନା। ହେଲେ ରାସ୍ତାରେ ଅଟୋରିକ୍ସାରେ ନାବାଳିକା ଜଣକ ପ୍ରସବ କଲେ ଏକ କନ୍ୟା ସନ୍ତାନ। ଗୋପନ ପ୍ରେମ ଏବଂ ଶାରୀରିକ ସମ୍ପର୍କରୁ ସମ୍ପୃକ୍ତ ସେ କୁଆଁରୀ ମା' ସାଜିଥିବା ଚର୍ଚ୍ଚା ଜୋର୍ ଧରିଛି। ଅନୁଗୋଳ ଜିଲାରେ ଶୁକ୍ରବାର ଘଟିଥିବା ଏଭଳି ଏକ ଘଟଣା ଆଲୋଡ଼ନ ସୃଷ୍ଟି କରିଛି।

ସୂଚନାଯୋଗ୍ୟ, ଛେଣ୍ଡିପଦା ବ୍ଲକ ଜରପଡ଼ା ଥାନା ଅଞ୍ଚଳର ସମ୍ପୃକ୍ତା ନାବାଳିକା ଜଣକ ଶୁକ୍ରବାର ସକାଳେ ପେଟରେ ଯନ୍ତ୍ରଣା ଅନୁଭବ କରିଥିଲେ। ସମ୍ପର୍କୀୟମାନେ ତାଙ୍କୁ ଏକ ଅଟୋରିକ୍ସାରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣୁଥିବାବେଳେ ରାସ୍ତାରେ ପ୍ରସବ ହୋଇଥିଲା। ଏହା ଦେଖିବା ପରେ ପରିବାର ଲୋକେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ, କାରଣ ଟ୍ୟୁମର ପାଇଁ ଝିଅ ପେଟରେ ଯନ୍ତ୍ରଣା ହେଉଥିବା ସେମାନେ ଅନୁମାନ କରିଥିଲେ। ପରେ ମା' ଏବଂ ଶିଶୁଙ୍କୁ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଦୁଇଜଣଙ୍କ ଚିକିତ୍ସା ଚାଲିଥିବାବେଳେ ଉଭୟ ସୁସ୍ଥ ଥିବା ଡାକ୍ତରଖାନା କର୍ତ୍ତୃପକ୍ଷ କହିଛନ୍ତି। ଅନ୍ୟପଟେ ନାବାଳିକା ଜଣକ ବାରମ୍ବାର ଘରକୁ ଚାଲିଯିବା ପାଇଁ ଜିଦ୍ କରୁଥିବାରୁ ତାଙ୍କୁ କଡ଼ା ସୁରକ୍ଷା ଭିତରେ ରଖାଯାଇଛି। ଘଟଣା ସମ୍ପର୍କରେ ନାବାଳିକା ମୁହଁ ଖୋଲୁନାହାନ୍ତି। ପରିବାର ପକ୍ଷରୁ ଥାନାରେ ଅଭିଯୋଗ ମଧ ହୋଇନାହିଁ। ତେଣୁ ପୋଲିସ ଘଟଣା ସମ୍ପର୍କରେ ଅବଗତ ଥିଲେ ମଧ ତଦନ୍ତ ଆରମ୍ଭ କରିନାହିଁ। ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଟାଉନ୍ ଥାନାକୁ ମୌଖିକ ଭାବେ ଅବଗତ କରାଯାଇଥିବାବେଳେ ଅନୁଗୋଳ ପୋଲିସ ଜରପଡ଼ା ଥାନାକୁ ଘଟଣା ବିଷୟରେ ସୂଚିତ କରାଇଛି। ନାବାଳିକାଙ୍କ ଚିକିତ୍ସାରେ ନିୟୋଜିତ ଜଣେ ଡାକ୍ତର କହିଛନ୍ତି, କନ୍ୟା ସନ୍ତାନ ପ୍ରସବ କରିଥିବା ଝିଅଙ୍କୁ ଦେଖିଲେ ସେ ନାବାଳିକା ବୋଲି ଜଣାପଡୁଛନ୍ତି। ପୋଲିସ ତଦନ୍ତରୁ ଏହାର ସ୍ପଷ୍ଟ ହେବ।

## ୫ହଜାର ବିଦ୍ୟାଳୟରେ ହେବ ଖେଳପଡ଼ିଆ

**ଭୁବନେଶ୍ୱର,୬।୮(ବ୍ୟୁରୋ):** ରାଜ୍ୟର ୫ ହଜାର ବିଦ୍ୟାଳୟରେ ଖେଳପଡ଼ିଆ କରାଯିବ। ଏଥିମଧ୍ୟରୁ ଚଳିତବର୍ଷ ଏକ ହଜାର ନିର୍ମାଣ ହେବ ଓ ବାକି ୪ହଜାର ପର୍ଯ୍ୟାୟକ୍ରମେ ତିନିବର୍ଷରେ ଶେଷ କରାଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି। ସେ କହିଛନ୍ତି, ଶିଶୁ ଓ ଯୁବପିଢ଼ିଙ୍କ ମଧ୍ୟରେ କ୍ରୀଡ଼ା ଏବଂ ଶାରୀରିକ ସୁସ୍ଥତାକୁ ଉତ୍ସାହିତ କରିବା ଏହାର ଉଦ୍ଦେଶ୍ୟ। କ୍ରୀଡ଼ା ଓ ଶାରୀରିକ ଶିକ୍ଷା ଉପରେ ଗୁରୁତ୍ୱ ଦେଇ ଏକ ନୂତନ ପାଠ୍ୟକ୍ରମ ପ୍ରସ୍ତୁତ କରାଯିବ। ଏହା ବ୍ୟତୀତ ବିଦ୍ୟାଳୟଗୁଡ଼ିକ ଯୁବ କ୍ରୀଡ଼ା ପ୍ରତିଭା ଚିହ୍ନଟ କରିବେ। ପ୍ରତି ଶିକ୍ଷାବର୍ଷରେ ଖେଳ ପାଇଁ ପ୍ରାଥମିକ ବିଦ୍ୟାଳୟକୁ ୫୦୦୦ ଟଙ୍କା, ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ୧୦,୦୦୦ ଟଙ୍କା ଏବଂ ମାଧ୍ୟମିକ ବିଦ୍ୟାଳୟକୁ ୨୫,୦୦୦ ଟଙ୍କା ଆବଣ୍ଟନ ନିମନ୍ତେ ବିଭାଗ ନିର୍ଦ୍ଦେଶନାମା ଜାରି କରିଛି। ଉଚ୍ଚ ବିଦ୍ୟାଳୟ ସ୍ତରରେ ଶାରୀରିକ ଶିକ୍ଷା ଶିକ୍ଷକ ନିଯୁକ୍ତି ପାଇଁ ମଧ ସରକାର ଏକ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ୪,୪୪୫ ପିଇଟି, ହିନ୍ଦୀ ଏବଂ ସଂସ୍କୃତ ଶିକ୍ଷକ ନିଯୁକ୍ତି ପାଇଁ ଅର୍ଥ ବିଭାଗ ଏହି ପ୍ରସ୍ତାବକୁ ଅନୁମୋଦନ କରିଥିବା ମନ୍ତ୍ରୀ କହିଛନ୍ତି।




## ବଜ୍ରପାତରେ ଚାଷୀଙ୍କ ମୃତ୍ୟୁ

**ଖୁଣ୍ଟା/କୁଆମରା,୬।୮(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା କମଳି ଗ୍ରାମରେ ଶୁକ୍ରବାର ବଜ୍ରପାତରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବୀରେନ୍ଦ୍ର ପାତ୍ର (୪୨)। ମଧ୍ୟାହ୍ନରେ ସେ ହଳ ବୁଲାଇ ସାରି ବଳଦ ଚରାଉଥିବାବେଳେ ବଜ୍ରପାତର ଶିକାର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଡୁକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିବା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଖୁଣ୍ଟା ଥାନା ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବାରିପଦା ପଠାଇଥିଲା। ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୩୮/୨୧) ରୁଜୁ ହୋଇଛି।

# ନିଯୁକ୍ତି ପାଇଁ ରାସ୍ତାରେ ଆଣ୍ଠେଇ କାନ ଧରିଲେ

**ଭୁବନେଶ୍ୱର,୬।୮(ବ୍ୟୁରୋ)**

ଓଡ଼ିଶା ସେକେଣ୍ଡାରୀ ସ୍କୁଲ ଟିଚର ଏଲିଜିବିଲିଟି ଟେଷ୍ଟ(ଓଏସ୍‌ଏସ୍‌ଟିଇଟି) ପରୀକ୍ଷାରେ ପାସ୍ କରିଥିବା ପ୍ରଶିକ୍ଷିତ ଯୁବତୀ ଯୁବକ ଏବେ ନିର୍ଣ୍ଣାୟକ ଆନ୍ଦୋଳନ ଚଳାଇଛନ୍ତି। ଉଚ୍ଚ ବିଦ୍ୟାଳୟରେ ହିନ୍ଦୀ, ସଂସ୍କୃତ ଓ କ୍ରୀଡ଼ା ଶିକ୍ଷକ ନିଯୁକ୍ତି ପାଇଁ ସେମାନେ ଲୋୟର ପିଏମ୍‌ଜିସ୍ଥିତ ଆନ୍ଦୋଳନସ୍ଥଳରେ ଗୁରୁବାରଠାରୁ ଆଣ୍ଠେଇ ପ୍ରତିବାଦ ଆରମ୍ଭ କରିଛନ୍ତି। ଶୁକ୍ରବାର ସେମାନେ ରାସ୍ତାକୁ ଆସି ଆଣ୍ଠେଇବା ସହ କାନଧରି ଅଭିନବ ଭାବେ ସରକାରଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ସେମାନଙ୍କ କହିବା କଥା, ଦୀର୍ଘ ୭ବର୍ଷ ହେଲା ବିଭିନ୍ନ ସମୟରେ ଧାରଣା ଦେଇ ଦାବି ଜଣାଉଥିଲେ ମଧ ନିଯୁକ୍ତି ମିଳୁନାହିଁ। ଦୀର୍ଘ ଦିନର ଅପେକ୍ଷା ପରେ ୪,୪୪୫ ହିନ୍ଦୀ, ସଂସ୍କୃତ ଏବଂ କ୍ରୀଡ଼ା ଶିକ୍ଷକ ନିଯୁକ୍ତି ପାଇଁ ଅର୍ଥ ମଞ୍ଜୁର ଓ ୪ମାସ ମଧ୍ୟରେ ଶିକ୍ଷକ ନିଯୁକ୍ତି ନେଇ ସରକାର ସୂଚନା ଦେଇଥିଲେ। ଇତିମଧ୍ୟରେ ୭ ମାସ ବିତିଯାଇଥିଲେ ମଧ ଶିକ୍ଷକ ନିଯୁକ୍ତି ପାଇଁ ବିଜ୍ଞାପନ ପ୍ରକାଶ ପାଇ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ଶିକ୍ଷକ ନିଯୁକ୍ତି ପାଇଁ ତୁରନ୍ତ ବିଜ୍ଞାପନ ବାହାର କରାଯାଉ ବୋଲି ସେମାନେ ଦାବି କରିଛନ୍ତି।



ଭୁବନେଶ୍ୱର ଲୋୟର ପିଏମ୍‌ଜି ରାସ୍ତାରେ ଓଏସ୍‌ଏସ୍‌ଟିଇଟି ଯୋଗ୍ୟତାଧାରୀ ପ୍ରଶିକ୍ଷିତ ଯୁବତୀଯୁବକ ଅଭିନବ ପ୍ରତିବାଦ କରୁଛନ୍ତି।

# ଏନ୍‌ଆର୍‌ଆର୍‌ଆଇର ୯ ନୂଆ ଧାନ

**କଟକ ଅଫିସ, ୬।୮**



କଟକ ବିଦ୍ୟାଧରପୁର ସ୍ଥିତ ଏନ୍‌ଆର୍‌ଆର୍‌ଆଇ ନିର୍ଦ୍ଦେଶକ ଡ.ଦୀପଙ୍କର ମାଇତିଙ୍କ ନେତୃତ୍ୱରେ ୯ କିସମର ନୂତନ ଧାନ ଉଦ୍ଭାବନ କରାଯାଇଛି। ଡ. ଶରତ ପ୍ରଧାନ, ଡ. ମିରା କୁମାରୀ କର, ଡ. କ୍ରିଷ୍ଣେନ୍ଦୁ ଚଟ୍ଟୋପାଧ୍ୟାୟ, ଡ. ସୁଶାନ୍ତ ଦାସ ଓ ଡ. ରାମ ଲଖନ ବର୍ମା ତଥା ଅନ୍ୟ ବୈଜ୍ଞାନିକମାନଙ୍କ ସହାୟତାରେ ଏହି ନୂତନ କିସମ ଉଦ୍ଭାବିତ ହୋଇଛି। ଡ. ଶରତ ପ୍ରଧାନଙ୍କ ଦ୍ୱାରା ଉଦ୍ଭାବିତ ଧାନ ହେଲା ସିଆର୍‌ଆର୍‌ଆଇ ୪୧୩(ରୀତା ପାଣିଧାନ), ସିଆର୍‌ଆର୍‌ଆଇ ୫୧୨(ଶତ୍ରୁଘ୍ନ), ସିଆର୍‌ଆର୍‌ଆଇ ୮୦୩(ତ୍ରିଲୋଚନ)। ଏହି ଧାନ ଗଛଗୁଡ଼ିକ ବିଶେଷ କରି ଉପକୂଳ ଜିଲାର ଖାଲ ଓ ଜଳମଗ୍ନ ଜମି ପାଇଁ ଉପଯୁକ୍ତ ହେବା ସହ ବନ୍ୟା ପାଣିକୁ ସହନ କରିବାର କ୍ଷମତା ରହିଛି। ଏଥିରେ କାଣ୍ଡବିନ୍ଧା, ପତ୍ରମୋଡା, ଚକଡା ପୋକ, ନେକ୍ ବ୍ଲାଷ୍ଟ ରୋଗ ପ୍ରତିରୋଧକ ଶକ୍ତି ରହିଛି। ୧୪୫ ଦିନରେ ଧାନ ଅମଳ ହେଉଥିବା ଏହି କିସମରୁ ହେକ୍ଟର ପିଛା ୫୦ କ୍ୱିଣ୍ଟାଲ ଧାନ ଅମଳ ହୋଇଥାଏ। ଡ.କ୍ରିଷ୍ଣେନ୍ଦୁ ଚଟ୍ଟୋପାଧ୍ୟାୟଙ୍କ ଉଦ୍ଭାବିତ ଧାନ କିସମ ସିଆର୍‌ଆର୍‌ଆଇ ୪୧୧(ସ୍ୱର୍ଣ୍ଣ), ସିଆର୍‌ଆର୍‌ଆଇ ୪୧୨(ସ୍ୱର୍ଣ୍ଣାଞ୍ଜଳି)। ଏହା ସମୁଦ୍ରକୂଳ ଅଞ୍ଚଳ ଜମି ପାଇଁ ଉପଯୁକ୍ତ। ଏହି ଧାନର ଚାଉଳରେ ୧୦ ପ୍ରତିଶତ ପୁଷ୍ଟିସାର ରହିଛି। ୧୪୦ରୁ ୧୫୫ ଦିନ ମଧ୍ୟରେ ଏହି କିସମ ଧାନ ଅମଳ ହୋଇଥାଏ। ଡ. ସୁଶାନ୍ତ ଦାସଙ୍କ ଉଦ୍ଭାବିତ ଧାନ କିସମ ସିଆର୍‌ଆର୍‌ଆଇ ୩୧୬(ଗୌରବ)୧୩୦ରୁ ୧୩୫ ଦିନରେ ଅମଳ ହୋଇଥାଏ। ଏହା ହେକ୍ଟର ପିଛା ୬୫ କ୍ୱିଣ୍ଟାଲ ଧାନ ଅମଳ ହୋଇଥାଏ। ଡ. ମିରା କୁମାରୀ କରଙ୍କ ଉଦ୍ଭାବିତ ଧାନ ହେଲା ସିଆର୍‌ଆର୍‌ଆଇ ୩୧୭(ରୋଷନ)। ଏହି କିସମରୁ ୧୩୦ରୁ ୧୩୫ ଦିନରେ ହେକ୍ଟର ପିଛା ୫୦ କ୍ୱିଣ୍ଟାଲ ଅମଳ ମିଳିଥାଏ। ଡ. ରାମ ଲଖନ ବର୍ମାଙ୍କ ଉଦ୍ଭାବିତ ଧାନ ସିଆର୍‌ଆର୍‌ଆଇ ୭୦୨, ସିଆର୍‌ଆର୍‌ଆଇ ୭୦୩ର ଗଛ ଗୁଡ଼ିକ କାଣ୍ଡ ମୋଟା ହୋଇଥିବାରୁ ସହଜରେ ଭାଙ୍ଗେନାହିଁ। ଜଳ ସେଚିତ ଓ ଅଳ୍ପ ଖାଲୁଆ ଜମି ଗୁଡ଼ିକ ପାଇଁ ଉପଯୁକ୍ତ ଏହି କିସମ ଧାନ ଗଛରୁ ୧୩୫ ରୁ ୧୪୦ ଦିନରେ ଧାନ ଅମଳ ହୋଇଥାଏ। ଏଥିରୁ ହେକ୍ଟର ପିଛା ୮୦ କ୍ୱିଣ୍ଟାଲ ଧାନ ଅମଳ ହୋଇଥାଏ ବୋଲି ଏନ୍‌ଆର୍‌ଆର୍‌ଆଇ ପକ୍ଷରୁ ସୂଚନା ଦିଆଯାଇଛି।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଅଗଷ୍ଟ ୭/୨୦୨୧ | Bhubaneswar, Saturday, August 7/2021 | ପୃଷ୍ଠା-୧





ଟୋକିଓ ଅଲିମ୍ପିକ୍ସରେ ଶୁକ୍ରବାର ଅନୁଷ୍ଠିତ ମହିଳା ୨୦ କି.ମି. ରେସ୍ ୱାକ୍‌ରେ ଅଂଶଗ୍ରହଣ କରିଥିବା ଭାରତର ପ୍ରିୟଙ୍କା ଗୋସ୍ୱାମୀଙ୍କ ସମେତ ଅନ୍ୟ ପ୍ରତିଯୋଗୀମାନେ।

# ଧ୍ୟାନଚାନ୍ଦଙ୍କ ନାମରେ ଖେଳରତ୍ନ

## ପୁରସ୍କାରରୁ ରାଜୀବ ଗାନ୍ଧୀଙ୍କ ନାମ ହଟାଗଲା

ନୂଆଦିଲ୍ଲୀ,୬।୮

ଦେଶର ସର୍ବୋଚ୍ଚ କ୍ରୀଡ଼ା ସମ୍ମାନ ଖେଳରତ୍ନ ପୁରସ୍କାର ନାମକରଣରେ ପରିବର୍ତ୍ତନ କରାଯାଇଛି। ପ୍ରଥମେ ଏହି ସମ୍ମାନ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ନାମରେ ନାମିତ ଥିଲା। ବର୍ତ୍ତମାନ ଏହାକୁ ହକି କିମ୍ବଦନ୍ତୀ ତଥା ହକିର ଯାଦୁକର ମେଜର ଧ୍ୟାନଚାନ୍ଦଙ୍କ ନାମରେ ନାମିତ କରାଯାଇଛି। ଟୋକିଓ ଅଲିମ୍ପିକ୍ସରେ ଉଭୟ ଭାରତୀୟ ପୁରୁଷ ଓ ମହିଳା ଦଳର ଐତିହାସିକ ପ୍ରଦର୍ଶନ ପରେ ଏ ନେଇ କେନ୍ଦ୍ର ସରକାରଙ୍କ ତରଫରୁ ଘୋଷଣା କରାଯାଇଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ଏ ନେଇ ଔପଚାରିକ ଭାବେ ଘୋଷଣା କରିଛନ୍ତି। ଦେଶର ଏହି ସର୍ବୋଚ୍ଚ କ୍ରୀଡ଼ା ସମ୍ମାନ ଧ୍ୟାନଚାନ୍ଦଙ୍କ ନାମରେ ନାମିତ କରିବାକୁ ଦେଶରୁ କୋଣ ଅନୁକୋଣରୁ ବିଭିନ୍ନ ବର୍ଗର ଲୋକେ ତାଙ୍କୁ ଅନୁରୋଧ କରିଆସୁଥିଲେ ବୋଲି ସେ କହିଛନ୍ତି। ଲୋକଙ୍କ ଇଚ୍ଛା ଓ ଅନୁରୋଧକୁ ସମ୍ମାନ ଜଣାଇ ଏପରି ନିଷ୍ପତ୍ତି ନିଆଯାଇଛି ବୋଲି ସେ କହିଛନ୍ତି। ଏବେ ଏହା ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର ଭାବେ ପରିଚିତ ହେବ ବୋଲି ସେ କହିଛନ୍ତି। କ୍ରୀଡ଼ା ତଥା ହକିରେ ଧ୍ୟାନଚାନ୍ଦ ପୂର୍ବରୁ ଭାରତ ପାଇଁ ଗର୍ବ ଓ ଗୌରବ ଆଣିଦେଇଥିଲେ। ତେଣୁ ତାଙ୍କ ନାମରେ ଏହି ପୁରସ୍କାର ନାମକରଣ ହେବାର ଯଥାର୍ଥତା ରହିଛି ବୋଲି ପ୍ରଧାନମନ୍ତ୍ରୀ ଟୁଇଟ୍ କରି



ଜଣାଇଛନ୍ତି। ଧ୍ୟାନଚାନ୍ଦଙ୍କ ପ୍ରଦର୍ଶନ ବଳରେ ଭାରତ ୧୯୨୮, ୧୯୩୨ ଓ ୧୯୩୬ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା। ୧୯୨୮ ଆମଷ୍ଟରଡାମ ଅଲିମ୍ପିକ୍ସରେ ସେ ସର୍ବାଧିକ ୧୪ଟି ଗୋଲ ସ୍କୋର କରିଥିଲେ। ତାଙ୍କ ଜନ୍ମଦିନ ଅଗଷ୍ଟ ୨୯ ତାରିଖରେ ସାରା ଦେଶରେ ଜାତୀୟ କ୍ରୀଡ଼ା ଦିବସ ପାଳନ କରାଯାଇଥାଏ।

ଟୋକିଓ ଅଲିମ୍ପିକ୍ସରେ ଭାରତୀୟ ପୁରୁଷ ଓ ମହିଳା ଦଳ ଅସାଧାରଣ ପ୍ରଦର୍ଶନ କରି ପୂରା ଦେଶ ପାଇଁ ଗୌରବ ଆଣିଛନ୍ତି। ଏବେ କ୍ରୀଡ଼ା ☞ପୃଷ୍ଠା-୨

# ୧୬ରୁ ଖୋଲିବ କଲେଜ, ବିଶ୍ୱବିଦ୍ୟାଳୟ

- ପିଜି ପ୍ରଥମ ଓ ୟୁଜି ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ର ପାଠପଢ଼ିବେ
- ଶେଷବର୍ଷ ଛାତ୍ରୀଛାତ୍ର ଅନ୍‌ଲାଇନରେ ପରୀକ୍ଷା ଦେବେ

ଭୁବନେଶ୍ୱର,୬।୮(ବ୍ୟୁରୋ)

ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ରାଜ୍ୟର ସମସ୍ତ କଲେଜ ଓ ବିଶ୍ୱବିଦ୍ୟାଳୟ ଆସନ୍ତା ୧୬ ତାରିଖରୁ ଖୋଲିବ। ଏବେ କେବଳ ପିଜି ପ୍ରଥମ ବର୍ଷ ଓ ୟୁଜି ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ର ଅଫ୍‌ଲାଇନ୍‌ରେ ପାଠପଢ଼ିବେ। ଏନେଇ ଶୁକ୍ରବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ହଷ୍ଟେଲଗୁଡ଼ିକୁ ଖୋଲିବା ପାଇଁ ମଧ୍ୟ କୁହାଯାଇଛି। ତେବେ ୟୁଜି ଓ ପିଜି ଫାଇନାଲ ପରୀକ୍ଷା ଅନ୍‌ଲାଇନ୍‌ରେ ହିଁ ହେବ ବୋଲି ବିଭାଗ ସ୍ପଷ୍ଟ କରିଛି। ବର୍ତ୍ତମାନ ୟୁଜି ତୃତୀୟ ବର୍ଷ ଓ ପିଜି ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ରଙ୍କ ପରୀକ୍ଷା ଅନ୍‌ଲାଇନ୍‌ରେ ଚାଲିଛି। ଚଳିତ ମାସ ତୃତୀୟ ସପ୍ତାହ ସୁଦ୍ଧା ଏହି ପରୀକ୍ଷା ଶେଷ ହୋଇଯିବ। ତେଣୁ ଶେଷବର୍ଷ ଛାତ୍ରୀଛାତ୍ର କ୍ୟାମ୍ପସ୍‌କୁ ଆସିବାର କୌଣସି ଆବଶ୍ୟକତା ନାହିଁ। ୨୦୨୦-୨୧ ଶିକ୍ଷାବର୍ଷରେ ନାମ ଲେଖାଇଥିବା ତଥା ପ୍ରଥମ ବର୍ଷରେ ପିଜି ଛାତ୍ରୀଛାତ୍ର ଓ ୟୁଜିର ଅନ୍ୟାନ୍ୟ ସେମିଷ୍ଟର ପିଲାଙ୍କ ପାଠପଢ଼ା ଉପରେ ଗୁରୁତ୍ୱ ଦିଆଯାଇଛି। କୋଭିଡ୍ ମୁକାବିଲା ପାଇଁ କ୍ୟାମ୍ପସରେ ସମସ୍ତ ପ୍ରକାର ବ୍ୟବସ୍ଥା କରିବାକୁ ସମସ୍ତ ବିଶ୍ୱବିଦ୍ୟାଳୟ କୁଳପତିମାନଙ୍କୁ କୁହାଯାଇଛି।

ସୂଚନାଯୋଗ୍ୟ, କରୋନା ଯୋଗୁ ଦେଢ଼ବର୍ଷ ହେଲା ସ୍କୁଲ ଓ କଲେଜ ବନ୍ଦ ରହିଥିଲା। ଏବେ ରାଜ୍ୟରେ କରୋନାର ଦ୍ୱିତୀୟ ଲହର ପ୍ରଭାବ କମିବା ପରେ ଶିକ୍ଷାନୁଷ୍ଠାନଗୁଡ଼ିକ ଧୀରେ ଧୀରେ ଖୋଲୁଛି। ☞ପୃଷ୍ଠା-୨

ଆଜିର ସମ୍ପାଦକୀୟ | ଅଭିନବ ଦୃଷ୍ଟିକୋଣ

# ନ୍ୟାୟପାଳିକାକୁ ସାହାଯ୍ୟ କରୁନି ସିବିଆଇ

- ତଦନ୍ତକାରୀ ସଂସ୍ଥା ଉପରେ ଅସନ୍ତୋଷ ବ୍ୟକ୍ତ କଲେ ସୁପ୍ରିମକୋର୍ଟ
- ବିଚାରପତିଙ୍କ ସୁରକ୍ଷା ନେଇ ସବୁ ରାଜ୍ୟକୁ ମାଗିଲେ ଷ୍ଟାଟସ୍ ରିପୋର୍ଟ
- ଧାନବାଦ ଜଜ୍ ହତ୍ୟା ମାମଲାର ପରବର୍ତ୍ତୀ ଶୁଣାଣି ୯ରେ

ନୂଆଦିଲ୍ଲୀ,୬।୮

ବିଚାରପତିମାନଙ୍କୁ ବ୍ୟକ୍ତିଗତ ଭାବେ ଧମକ ଦିଆଯାଉଛି, ହ୍ୱାଟ୍ସଆପ୍ ତଥା ଫେସ୍‌ବୁକ୍‌ରେ ମଧ୍ୟ ଦୁର୍ବ୍ୟବହାରପୂର୍ଣ୍ଣ ମେସେଜ୍ ପଠାଯାଉଛି। କିନ୍ତୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ), ଗୋଇନ୍ଦା ବ୍ୟୁରୋ(ଆଇବି) କିମ୍ବା ପୋଲିସ ନ୍ୟାୟପାଳିକାକୁ ଆଦୌ ସାହାଯ୍ୟ କରୁନାହାନ୍ତି। ଏପରି କି ଏଭଳି ଅଭିଯୋଗ ଆଣିବା ଲାଗି ବିଚାରପତିମାନଙ୍କ ସ୍ୱାଧୀନତା ମଧ୍ୟ ନାହିଁ ବୋଲି ଶୁକ୍ରବାର ସୁପ୍ରିମକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହାସହ ନ୍ୟାୟିକ ଅଧିକାରୀମାନଙ୍କୁ କେଉଁ ପ୍ରକାର ସୁରକ୍ଷା ଯୋଗାଇ ଦିଆଯାଉଛି ସେନେଇ ଷ୍ଟାଟସ୍ ରିପୋର୍ଟ ଦାଖଲ କରିବାକୁ ସମସ୍ତ ରାଜ୍ୟକୁ ଶୀର୍ଷ ଅଦାଲତ ନୋଟିସ କରିଛନ୍ତି।

ଗତ ଜୁଲାଇ ୨୮ରେ ଝାଡ଼ଖଣ୍ଡର ଧାନବାଦ ଜିଲା ଅତିରିକ୍ତ ବିଚାରପତି ଉତ୍ତମ ଆନନ୍ଦ ପ୍ରାତଃ ଭ୍ରମଣରେ ଯାଉଥିବାବେଳେ ପଛପଟୁ ଏକ ଅଟୋ ଧକ୍କା ଦେଇଥିଲା। ଏଥିରେ ତାଙ୍କର ମୃତ୍ୟୁ ଘଟିଥିଲା। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏନ୍.ଭି. ରମନା ଏବଂ



ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାରେ ସିବିଆଇକୁ ନୋଟିସ କରିଛନ୍ତି। ତେବେ ଏନେଇ ଏକ ୨୨ ଜଣିଆ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍ଆଇଟି) ଗଠନ କରାଯାଇଛି। ଉତ୍ତମ ଆନନ୍ଦଙ୍କୁ ଧକ୍କା ଦେଇଥିବା ଅଟୋରିକ୍ସାର ୨ ଡ୍ରାଇଭରଙ୍କୁ ଏସ୍ଆଇଟି ଗିରଫ କରିଛି। ଏହାର ତଦନ୍ତ ଭାର ସିବିଆଇକୁ ହସ୍ତାନ୍ତର କରାଯାଇଛି ବୋଲି ଝାଡ଼ଖଣ୍ଡ ସରକାରଙ୍କ ଆଡ୍‌ଭୋକେଟ୍ ଜେନେରାଲ ରାଜୀବ ରଞ୍ଜନ ସୁପ୍ରିମକୋର୍ଟଙ୍କୁ ଅବଗତ କରାଇଥିଲେ। ଏନେଇ ଖଣ୍ଡପୀଠ କହିଥିଲେ, ତେବେ ଆପଣ ନିଜ ହାତ ଧୋଇଦେଇଛନ୍ତି? ଝାଡ଼ଖଣ୍ଡରେ ଥିବା ବିଚାରପତିମାନଙ୍କୁ ସେମାନଙ୍କ ବାସଭବନରେ କେଉଁ ପ୍ରକାର ସୁରକ୍ଷା ଦିଆଯାଇଛି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ଆଟର୍ନି ଜେନେରାଲ କେ.କେ. ବେଣୁଗୋପାଳ କହିଥିଲେ, ଗ୍ୟାଙ୍ଗଷ୍ଟର ଓ ହାଇପ୍ରୋଫାଇଲ୍ ବ୍ୟକ୍ତିମାନେ ଜଡ଼ିତ ଥିବା ଅନେକ ମାମଲା ବିଚାରାଧୀନ ରହିଛି। ସେଗୁଡ଼ିକର ଶୁଣାଣି କରୁଥିବା ବିଚାରପତିମାନେ ଧମକ ଓ ଅପମାନଜନକ ମେସେଜ୍ ପାଉଛନ୍ତି। ସେମାନଙ୍କ ସୁରକ୍ଷା ପାଇଁ ବ୍ୟବସ୍ଥା କରିବାକୁ ପଡ଼ିବ। ଏହି ପ୍ରସଙ୍ଗରେ ସେ ଏକ ଲିଖିତ ଜବାବ ଦାଖଲ କରିବେ। ଖଣ୍ଡପୀଠ କହିଥିଲେ, ଗୋଟିଏ କି ଦୁଇଟି ସ୍ଥାନରେ କୋର୍ଟ ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଦୁଃଖର କଥା ଯେ, ଗତ ବର୍ଷେରୁ ଅଧିକ ସମୟ ଧରି ସିବିଆଇ କିଛି କରିନାହିଁ। ସିବିଆଇର ମାନସିକତାରେ ପରିବର୍ତ୍ତନ ଆସିବ ବୋଲି ଆମେ ମନେକରିଥିଲୁ। ତେବେ ସେମିତି କିଛି ପରିବର୍ତ୍ତନ ଦେଖିବାକୁ ପାଇନାହୁଁ। ଏକଥା କହିବାକୁ ଦୁଃଖ ଲାଗୁଛି, କିନ୍ତୁ ଏହା ହିଁ ସ୍ଥିତି ବୋଲି ସିଜେଆଇ କହିଛନ୍ତି। ଏହାସହ ଖଣ୍ଡପୀଠ ବେଣୁଗୋପାଳଙ୍କୁ କହିଥିଲେ, ହାଇପ୍ରୋଫାଇଲ ବ୍ୟକ୍ତିମାନେ ସମ୍ପୃକ୍ତ ଥିବା ଆପରାଧିକ ମାମଲାଗୁଡ଼ିକରେ ସେମାନେ ନିଜ ଆଶା ଅନୁସାରେ କୋର୍ଟ ଅର୍ଡର ନ ପାଇଲେ ନ୍ୟାୟପାଳିକାକୁ ବଦନାମ କରିଥାଆନ୍ତି। ଦେଶରେ ଏଭଳି ଟ୍ରେଣ୍ଡ ବଢ଼ିବା ଦୁର୍ଭାଗ୍ୟର ବିଷୟ। ଏଭଳି ଧମକ ପାଇଲେ ମଧ୍ୟ ବିଚାରପତିମାନଙ୍କ ଅଭିଯୋଗ କରିବା ସ୍ୱାଧୀନତା ନାହିଁ। ଏପରି କି ଅଭିଯୋଗ କରାଗଲେ ସୁଦ୍ଧା ପୋଲିସ କିମ୍ବା ସିବିଆଇ ନ୍ୟାୟପାଳିକାକୁ ସାହାଯ୍ୟ କରୁନାହାନ୍ତି। ଝାଡ଼ଖଣ୍ଡ ମାମଲାର ଶୁଣାଣି ସୋମବାର କରାଯିବ। ଏବେ ସିବିଆଇକୁ ନୋଟିସ କରୁଛୁ।

# ଆମାଜନ ସପକ୍ଷରେ ରାୟ

- ଫ୍ୟୁଚର ଗ୍ରୁପ୍‌କୁ ସୁପ୍ରିମକୋର୍ଟଙ୍କ ଝଟକା
- ଆଗକୁ ବଢ଼ିପାରିବନି ରିଲାଏନ୍ସ ସହ ଡିଲ୍

ମୁମ୍ବାଇ, ୬।୮

ଫ୍ୟୁଚର ଗ୍ରୁପ୍‌ର ରିଟେଲ କାରବାର ଅଧିଗ୍ରହଣ ନେଇ ରିଲାଏନ୍ସ ସହ ୨୪,୭୧୩ କୋଟି ଟଙ୍କାର ଡିଲ୍‌କୁ ସୁପ୍ରିମକୋର୍ଟଙ୍କ ଝଟକା ଲାଗିଛି। ସର୍ବୋଚ୍ଚ ଅଦାଲତ ଶୁକ୍ରବାର ଆମାଜନ ସପକ୍ଷରେ ରାୟ ଦେଇଛନ୍ତି। ସୁପ୍ରିମକୋର୍ଟଙ୍କ ଏଭଳି ନିଷ୍ପତ୍ତି ପରେ ଫ୍ୟୁଚର ଗ୍ରୁପ୍ ଏବଂ ରିଲାଏନ୍ସ ଡିଲ୍ ଆଗକୁ ବଢ଼ିବା କଷ୍ଟସାଧ୍ୟ ହୋଇପଡ଼ିଛି। ସର୍ବୋଚ୍ଚ ଅଦାଲତ ଏହି ମାମଲାର ଶୁଣାଣିକରି ସିଙ୍ଗାପୁର ଜରୁରିକାଳୀନ ମଧ୍ୟସ୍ଥତା ଅଦାଲତଙ୍କ ନିଷ୍ପତ୍ତି ଠିକ୍ ବୋଲି କହିଛନ୍ତି। ଉଲ୍ଲେଖଯୋଗ୍ୟ, ମଧ୍ୟସ୍ଥତା ଅଦାଲତ ଆମାଜନ ସପକ୍ଷରେ ଅନ୍ତରୀଣ ରାୟ ଦେଇଥିଲେ। ବର୍ତ୍ତମାନ ସୁପ୍ରିମକୋର୍ଟ ଏହି ରାୟକୁ କାଏମ ରଖିବା ଫଳରେ ଆମାଜନକୁ ଏକ ବଡ଼ ଆଶ୍ୱସ୍ତି ମିଳିଥିବା କୁହାଯାଉଛି। ଜଷ୍ଟିସ ଆର୍.ଏଫ୍. ନରିମାନ ଏବଂ ଜଷ୍ଟିସ ବି.ଆର୍. ଗଭାଇଙ୍କୁ ନେଇ ଗଠିତ ଖଣ୍ଡପୀଠ ଜୁଲାଇ ୨୯ରେ ଏହି ମାମଲାର ଶୁଣାଣିକରି ରାୟ ସଂରକ୍ଷିତ ରଖିଥିଲେ। ଫ୍ୟୁଚର ରିଟେଲ ଲିମିଟେଡ୍ ପକ୍ଷରୁ ବରିଷ୍ଠ




ଆଇନଜୀବୀ ହରିଶ୍ ସାଲ୍‌ଭେ ଏବଂ ଆମାଜନ ପକ୍ଷରୁ ଗୋପାଳ ସୁବ୍ରମଣ୍ୟନ ମାମଲା ଲଢୁଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ଏହି ଡିଲ୍ ଲାଗି ଫ୍ୟୁଚର ଗ୍ରୁପ୍‌ର ସମସ୍ତ ପ୍ରକ୍ରିୟା ଚୂଡ଼ାନ୍ତ ପର୍ଯ୍ୟାୟରେ ରହିଥିଲା। କମ୍ପାନୀ ବର୍ତ୍ତମାନ ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ବେଳେ ଏହାକୁ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ହାତକୁ ଟେକିଦେବା ଲାଗି କିଶୋର ବିୟାନୀ ମନ ବଳାଇ ସାରିଥିଲେ। ହେଲେ ଫ୍ୟୁଚର କୁପନରେ ୪୯% ଅଂଶଧନ ହାସଲ କରିଥିବା ଆମାଜନ ପ୍ରଥମେ ଚୁକ୍ତି ନିୟମ ଉଲ୍ଲଂଘନ ଅଭିଯୋଗରେ ଫ୍ୟୁଚର ଗ୍ରୁପ୍‌କୁ ଏକ ଆଇନଗତ ନୋଟିସ ଜାରି କରିଥିଲା। ପରେ ଏହି ଡିଲ୍ ବିରୋଧରେ ଆମାଜନ ସିଙ୍ଗାପୁରର ଜରୁରିକାଳୀନ ମଧ୍ୟସ୍ଥତା ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲା।

ସେହି ଅଦାଲତ ଅନ୍ତରୀଣ ନିର୍ଦ୍ଦେଶନାମା ଜାରି କରିବା ସହ ଏହି ଡିଲ୍‌ରେ ଆଗକୁ ନ ବଢ଼ିବା ଲାଗି ଫ୍ୟୁଚର ଗ୍ରୁପ୍‌କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଏହା ବିରୋଧରେ ଫ୍ୟୁଚର ଗ୍ରୁପ୍ ଦିଲ୍ଲୀ ହାଇକୋର୍ଟଙ୍କ ନିକଟରେ ଏକ ଆବେଦନ କରିଥିଲା। ଆମାଜନ ଅଯଥା ଏଥିରେ ହସ୍ତକ୍ଷେପ କରିଥିବା ଫ୍ୟୁଚର ଗ୍ରୁପ୍ ଅଭିଯୋଗ ଆଣିଥିଲା। ଆମାଜନକୁ ଏଥିରେ ହସ୍ତକ୍ଷେପ କରିବାକୁ କ୍ଷାନ୍ତ କରିପାରିବେ ନାହିଁ ବୋଲି କୋର୍ଟ ପ୍ରଥମେ କହିଥିଲେ। ଏହି ଘଟଣାକୁ ବିଚାର କରିବା ଲାଗି ସିଙ୍ଗାପୁର ମଧ୍ୟସ୍ଥତା ଅଦାଲତ ଏକ ଟ୍ରିବ୍ୟୁନାଲ ଗଠନ କରିଥିଲେ। ଦିଲ୍ଲୀ ହାଇକୋର୍ଟର ଏକକ ବେଞ୍ଚ ଆମାଜନର ଆବେଦନକୁ ବିଚାରକରି ☞ପୃଷ୍ଠା-୨

# ନବୀନଙ୍କୁ ସଂସଦୀୟ କମିଟିର ପ୍ରଶଂସା



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଭାରତୀୟ ମହିଳା ହକି ଖେଳାଳିଙ୍କ ସହ କଥାବାର୍ତ୍ତା କରୁଛନ୍ତି।

## ମହିଳା ହକି ଖେଳାଳିଙ୍କ ମନୋବଳ ବଢ଼ାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୬।୮(ବ୍ୟୁରୋ)

ଭାରତୀୟ ପୁରୁଷ ଓ ମହିଳା ହକି ଟିମ୍‌ର ପ୍ରଦର୍ଶନକୁ ଉନ୍ନତ କରିବାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ୟମକୁ କ୍ରୀଡ଼ା ଓ ଯୁବବ୍ୟାପାର ସଂସଦୀୟ ଷ୍ଟାଣ୍ଡିଂ କମିଟି ଭୂୟସୀ ପ୍ରଶଂସା କରିଛି। କମିଟି ପକ୍ଷରୁ ଜାରି କରାଯାଇଥିବା ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି ଯେ, ଓଡ଼ିଶା ମୁଖ୍ୟମନ୍ତ୍ରୀ ହକିର ବିକାଶ ପାଇଁ ହାଇପରଫର୍ମାନ୍ସ ସ୍ପୋର୍ଟ୍ସ ସେଣ୍ଟର ସ୍ଥାପନ କରିବା ସହ ୨୦୧୮ରୁ ହକି ଇଣ୍ଡିଆ ସହ ମିଶି ଉଭୟ ମହିଳା ଓ ପୁରୁଷ ହକି ଟିମ୍‌କୁ ପ୍ରାୟୋଜିତ କରି ଆସିଛନ୍ତି। ଏହି ପ୍ରଶଂସନୀୟ ଉଦ୍ୟମ ଟୋକିଓ ଅଲିମ୍ପିକ୍ସ ୨୦୨୦ରେ ଉଭୟ ଦଳର ଉତ୍ତମ ପ୍ରଦର୍ଶନରେ ରୂପାନ୍ତରିତ ହୋଇଛି। ଏହା ଓଡ଼ିଶା ପାଇଁ ଗୌରବର ବିଷୟ ହୋଇଛି। ନବୀନ ପଟ୍ଟନାୟକଙ୍କ ଦୃଢ଼ ନେତୃତ୍ୱ, ଉଦ୍ୟମ ଏବଂ ଅବଦାନ ଯୋଗୁ ଏହା ସମ୍ଭବ ହୋଇପାରିଛି। ସଂସଦୀୟ ଷ୍ଟାଣ୍ଡିଂ କମିଟି ହେଉଛି କ୍ରୀଡ଼ା ଓ ଯୁବସେବା ବ୍ୟାପାର ମନ୍ତ୍ରଣାଳୟର ଷ୍ଟାଚ୍ୟୁଟାରି ପାର୍ଲାମେଣ୍ଟାରୀ କମିଟି। ମୁଖ୍ୟମନ୍ତ୍ରୀଙ୍କ ଉପରେ ଏହି କମିଟି ଦେଇଥିବା ମତ ☞ପୃଷ୍ଠା-୨

## ଗାଡ଼ି ଧକ୍କାରେ ୨ ମୃତ

ପାଲଲହଡ଼ା,୬।୮(ଡି.ଏନ୍.ଏ.)-ଅନୁଗୋଳ ଜିଲା ପାଲଲହଡ଼ା ଥାନା ଅନ୍ତର୍ଗତ ବତିସୂଆଁ ନିକଟରେ ଶୁକ୍ରବାର ରାତିରେ ଗାଡ଼ି ଧକ୍କାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ତାଳଚେର ବ୍ଲକ କଲିଆରୀ ଥାନା ଚାଳଗଡ଼ ଗ୍ରାମର ଶୁଭମ୍ ରାଉତ ଏବଂ ପପିନ୍ ସାମଲ। ଉଭୟେ ବାଇକ୍ (ନଂ. ଓଡ଼ି ୩୫ ଡି ୫୧୧୯)ରେ ଯାଉଥିବାବେଳେ ଏକ ଗାଡ଼ି ଧକ୍କା ଦେଇ ପଳାଇଥିଲା। ପୋଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଥିବା ଥାନାଧିକାରୀ କିଶୋର କୁମାର ସାମଲ ସୂଚନା ଦେଇଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ସୁଦୀପ୍ତା
ପରିବାରବର୍ଗ


ରୁହି
ପରିବାରବର୍ଗ


ଗୁଡୁଲି
ପରିବାରବର୍ଗ


ଗୁଡ଼ି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଟିକା ନେବା ପରେ ମହିଳାଙ୍କ ମୃତ୍ୟୁ ଅଭିଯୋଗ

**ନୂଆପଡ଼ା ଅଫିସ,୬।୮:** କରୋନା ଟିକା ନେବା ପରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ତାଙ୍କ ସ୍ୱାମୀ ଅଭିଯୋଗ କରିଛନ୍ତି। ମହିଳା ଜଣକ ହେଲେ ନୂଆପଡ଼ା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ଟିମନପୁର ପଞ୍ଚାୟତ ହୀରାପୁର ଗାଁର ମହିଳା କୁମାରୀ ବନ୍ଦିଛୋର (୨୫)। ଏନେଇ ସିନାପାଲି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ହେଲେ କରୋନା ଟିକାରେ ନୁହେଁ ବରଂ ଏହା ଏକ ଅସ୍ୱାଭାବିକ ମୃତ୍ୟୁ ବୋଲି ବିଡିଓ ସଦାଶିବ ନାଏକ କହିଛନ୍ତି। ମହିଳାଙ୍କ ରକ୍ତହୀନତା ଥିବାରୁ ଏଭଳି ଘଟିଥିବା ସିନାପାଲି କୋଭିଡ୍ ନୋଡାଲ ଡାକ୍ତର ଭୈରବ ଚରଣ ପାଣିଗ୍ରାହୀ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ, ସିନାପାଲି ବ୍ଲକ ଟିମନପୁର ପଞ୍ଚାୟତ ହୀରାପୁର ଗାଁରେ ଗୁରୁବାର ଟିକାକରଣ କରାଯାଇଥିଲା। ଗ୍ରାମର କୁମାରୀ ବନ୍ଦିଛୋର ଟିକା ନେଇଥିଲେ। ରାତିରେ ଯନ୍ତ୍ରଣା ଅନୁଭବ କରିବା ସହ ଚେତାଶୂନ୍ୟ ହୋଇପଡିଥିଲେ। ପରିବାର ଲୋକେ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଆଜିର ମନ୍ତବ୍ୟ

"୨୦୨୨ ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନରେ ଭାଜପା ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ସହ କ୍ଷମତାକୁ ଆସିବ। ଦଳ ଏହାର ୨୦୧୭ ରେକର୍ଡ ଭାଙ୍ଗିବା ନେଇ ଦୃଢ଼ ନିଶ୍ଚିତ।
-ଯୋଗୀ ଆଦିତ୍ୟନାଥ,
ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କଥାରେ ପେଞ୍ଚ ଅଛି
ଚାଲିକୁ ଜର କରିଛି।**

ସାଧାରଣତଃ ଚାଲିଲେ ପାଦକୁ କଷ୍ଟ ଲାଗିଥାଏ। ଦେହ ଅସୁସ୍ଥ କଥା କହିଦେଲେ ଆଉ ଚାଲିବାକୁ ପଡ଼ି ନ ଥାଏ, ଫଳରେ ସେଥିରୁ ବର୍ତ୍ତିବାର ମଉକା ମିଳିଯାଇଥାଏ। କଥାରେ ଚାତୁରତା ଦେଖାଇ ଅନ୍ୟକୁ ପ୍ରଭାବିତ କରୁଥିବା ସିଆଣିଆ ବ୍ୟକ୍ତିପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କାଲି ବାସୀ ଦେବୁ ନାହିଁ
କି ଫୋଓ ଫାଆ କରି କହିବୁ ନାହିଁ।**

ବାକିରେ ଦେଲେ ମିଳିବାର ଆଶା ନ ଥାଏ। ବାସୀ ଖାଦ୍ୟ ଦେବା ମଧ୍ୟ ଅନୁଚିତ। ସେହିପରି ଅନ୍ୟକୁ ଫୋପାଡ଼ିବା ଭଳି କଥା କହିବା ଅଶୋଭନୀୟତାର ପରିଚୟ ହୋଇଥାଏ, ତେଣୁ ଏଥିରୁ ନିବୃତ୍ତ ରହିବା ଉଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ସାହିତ୍ୟିକ ଇନ୍ଦୁଭୂଷଣ କରଙ୍କ ପରଲୋକ

ଭୁବନେଶ୍ୱର, ୬।୮ (ବ୍ୟୁରୋ)

ସାହିତ୍ୟିକ ଇନ୍ଦୁଭୂଷଣ କରଙ୍କ ଶୁକ୍ରବାର ପରଲୋକ ହୋଇଯାଇଛି। ତାଙ୍କୁ ୮୬ବର୍ଷ ବୟସ ହୋଇଥିଲା। ୧୯୩୫ ମସିହାରେ ବାଲେଶ୍ୱର ଜିଲା ଭୋଗରାଇ ସନ୍ନିକଟ ଚଣ୍ଡୀପୁର ଗ୍ରାମରେ ସେ ଜନ୍ମଗ୍ରହଣ କରିଥିଲେ। ପ୍ରଖ୍ୟାତ ଲେଖକ ସ୍ୱର୍ଗତ ମନୋଜ ଦାସଙ୍କ ସେ ଥିଲେ ବାଲ୍ୟବନ୍ଧୁ । ଇନ୍ଦୁଭୂଷଣ ଦୀର୍ଘଦିନ ଧରି ପରିବାର ସହ ଭୁବନେଶ୍ୱରରେ ରହୁଥିଲେ। ୧୯୫୯ରେ ଆହ୍ଲାବାଦ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ଉପାଧି ହାସଲ କରି ଓଡ଼ିଶା ପ୍ରଶାସନିକ ସେବାରେ ଜଣେ ଅଧିକାରୀ ଭାବେ କର୍ମମୟ ଜୀବନ ଆରମ୍ଭ କରିଥିଲେ। ୧୯୯୧ରେ ତାଙ୍କର ପ୍ରଥମ କବିତା ଗ୍ରନ୍ଥ 'ନିସଙ୍ଗ ଆକାଶ' ପ୍ରକାଶିତ ହୋଇଥିଲା। ତାଙ୍କ ଦ୍ୱାରା ରଚିତ ପୁସ୍ତକ ମଧ୍ୟରେ ସାହିତ୍ୟ, ସମାଜ ଓ ସଂସ୍କୃତି, ଶବ୍ଦେର ଆକାଶ, ଯାଇପାରେ କାହିଁକି ଯିବି?, ଉଲଙ୍ଗରାଜା ଆଦି ଉଲ୍ଲେଖନୀୟ ସାରସ୍ୱତ ସୃଷ୍ଟି। ୧୯୯୦ରୁ ୧୯୯୪ ପର୍ଯ୍ୟନ୍ତ ସେ ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଭାବେ କାର୍ଯ୍ୟ କରି ନିଜର ସାରସ୍ୱତ ପରାକାଷ୍ଠା ଓ ପ୍ରଶାସନିକ ଦକ୍ଷତାର ପରିଚୟ ପ୍ରଦାନ କରିଥିଲେ।



ଓଡ଼ିଆ ସାହିତ୍ୟ ପାଇଁ ସ୍ୱର୍ଗତ କରଙ୍କ ଅବଦାନ ଅତୁଳନୀୟ। ସାହିତ୍ୟିକ ଇନ୍ଦୁଭୂଷଣଙ୍କ ଆବର୍ତ୍ତମାନରେ ସାହିତ୍ୟ ଜଗତରେ ଅପୂରଣୀୟ କ୍ଷତି ଘଟିଛି ବୋଲି ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ କୁହାଯାଇଛି। ସାରସ୍ୱତ ସାଧକଙ୍କ ମହାପ୍ରୟାଣ ଅବସରରେ ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଏକାଡେମୀ ପକ୍ଷରୁ ସଭାପତି ଡ. ହୃଷୀକେଶ ମଲ୍ଲିକ, ଉପସଭାପତି ଡ. ସଂଗ୍ରାମ ଜେନା ଓ ସଚିବ ପ୍ରବୋଧ କୁମାର ରାଉତ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

ପ୍ରଥମ ପୃଷ୍ଠାରୁ...

## ଆମାଜନ ସପକ୍ଷରେ ...

ଫ୍ୟୁଚର ରିଟେଲ, ରିଲାଏନ୍ସ ରିଟେଲ ଏବଂ କିଶୋର ବିୟାନୀଙ୍କୁ ପ୍ରଥମେ ନୋଟିସ ଜାରି କରିଥିଲେ। ଏଭଳି ସ୍ଥିତିରେ ସିଙ୍ଗାପୁର ମଧ୍ୟସ୍ଥତା ଅଦାଲତଙ୍କ ନିଷ୍ପତ୍ତିକୁ ଠିକ୍ ଦର୍ଶାଇ ଡିଲ୍‌ରେ ଆଗକୁ ନ ବଢ଼ିବା ଲାଗି ଦିଲ୍ଲୀ ହାଇକୋର୍ଟର ଜଷ୍ଟିସ ଜେ.ଆର୍.ମିଧାଙ୍କ ଜଣିକିଆ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଏହି ହାଇକୋର୍ଟର ୨ ବିଚାରପତିଙ୍କ ଖଣ୍ଡପୀଠ ଫ୍ୟୁଚର ଗ୍ରୁପ୍‌କୁ ଆଗକୁ ବଢିବା ନେଇ ସବୁଜ ସଙ୍କେତ ଦେଇଦେଲେ। ଏହି ଶୁଣାଣି ବିରୋଧରେ ଆମାଜନ ସୁପ୍ରିମକୋର୍ଟରେ ପହଞ୍ଚିଥିଲା। ଚଳିତ ବର୍ଷ ଫେବୃୟାରୀରେ ନ୍ୟାଶନାଲ କମ୍ପାନୀ ଲ' ଟ୍ରିବ୍ୟୁନାଲ (ଏନ୍‌ସିଏଲ୍‌ଟି)ରେ ଆବେଦନ କରିବା ଲାଗି ଫ୍ୟୁଚର ଗ୍ରୁପ୍‌କୁ ସର୍ବୋଚ୍ଚ ଅଦାଲତଙ୍କ ଅନୁମତି ମିଳିଥିଲା। ମାତ୍ର ଡିଲ୍‌କୁ ଚୂଡାନ୍ତ କରିବାରେ ଏନ୍‌ସିଏଲ୍‌ଟିକୁ ବାରଣ କରାଯାଇଥିଲା। ସର୍ବୋଚ୍ଚ ଅଦାଲତଙ୍କ ବର୍ତ୍ତମାନର ନିଷ୍ପତ୍ତି ଦ୍ୱାରା ଉଭୟ ଫ୍ୟୁଚର ଗ୍ରୁପ୍ ଏବଂ ରିଲାଏନ୍ସକୁ ଶକ୍ତ ଧକ୍କା ଲାଗିଛି। ବର୍ତ୍ତମାନ ସାରା ଦେଶରେ ଫ୍ୟୁଚର ରିଲେଟର ୧୭୦୦ ଷ୍ଟୋର ରହିଛି। କ୍ଷତିରେ ଚାଲୁଥିଲେ ମଧ୍ୟ ଫ୍ୟୁଚର ଗ୍ରୁପ୍‌କୁ କିଶୋର ବିୟାନୀ ରିଲାଏନ୍ସକୁ ବିକ୍ରି କରିପାରିବେ ନାହିଁ। ଡିଲ୍‌କୁ ବଞ୍ଚାଇବା ଲାଗି ସମସ୍ତ ପ୍ରକାର ବିକଳ୍ପକୁ ଧ୍ୟାନରେ ରଖାଯିବ ବୋଲି ଫ୍ୟୁଚର ଗ୍ରୁପ୍ ପକ୍ଷରୁ ସ୍ପଷ୍ଟ କରାଯାଇଛି। ସିଙ୍ଗାପୁର ଅଦାଲତରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ଶୀଘ୍ର ହେବ ବୋଲି ପ୍ରକ୍ରିୟା ସହ ଜଡ଼ିତ ଜଣେ ଅଧିକାରୀ କହିଛନ୍ତି। ଏହି ପ୍ରକ୍ରିୟା ବିଫଳ ହେଲେ ଫ୍ୟୁଚର ଗ୍ରୁପ୍ ଲିକ୍ୟୁଡେଶନ ପ୍ରକ୍ରିୟା ଦେଇ ଗତି କରିବାକୁ ପଡ଼ିବ। ଏହାଦ୍ୱାରା ସାରା ଦେଶର ୫୦ ହଜାର କର୍ମଚାରୀ ଏବଂ ୬ ହଜାର କ୍ଷୁଦ୍ର ଏବଂ ମଧ୍ୟମ ବର୍ଗ ଭେଣ୍ଡର କ୍ଷତିଗ୍ରସ୍ତ ହେବା ଆଶଙ୍କା ଉପୁଜିଛି। ଶୁଣାଣି ପରେ ରିଲାଏନ୍ସର ଷ୍ଟକ୍ କାରବାର ପ୍ରାୟ ୨% ଖସିଛି। ସେହିଭଳି ଫ୍ୟୁଚର ଗ୍ରୁପ୍‌ର ଶେୟାର କାରବାର ପ୍ରଭାବିତ ହୋଇଥିବା ଜଣାପଡ଼ିଛି। ମୁକେଶ ଅମ୍ବାନୀଙ୍କ ନେତୃତ୍ୱାଧୀନ ଜିଓ ମାର୍ଟ ବର୍ତ୍ତମାନ ଘରୋଇ ବଜାରରେ ପ୍ରବେଶ କରିସାରିଛି। ଏହା ଜେଫ୍ ବେଜୋସଙ୍କ ଆମାଜନକୁ କଡ଼ା ଟକ୍କର ଦେବ ବୋଲି ବଜାର ବିଶେଷଜ୍ଞ କୁହନ୍ତି। ଏହି ୨ ବ୍ୟକ୍ତିବିଶେଷ ଭାରତରେ ଇ-କମର୍ସ କାରବାରରେ ପତିଆରା ପାଇଁ ଲାଗିପଡ଼ିଥିବା ବେଳେ ଏହି ସମୟରେ ଏଭଳି ଏକ ନିଷ୍ପତ୍ତି ଆସିଛି।

## ନବୀନଙ୍କୁ ସଂସଦୀୟ ...

ଅତ୍ୟନ୍ତ ଗୁରୁତ୍ୱ ବହନ କରେ। କମିଟିର ସୁପାରିସ ଓ ମତ ଭାରତୀୟ ସଂସଦ ରେକର୍ଡରେ ସବୁଦିନ ପାଇଁ ଲିପିବଦ୍ଧ ହୋଇରହିବ। କ୍ରୀଡ଼ାବିତ୍‌ମାନଙ୍କ ଉତ୍ତମ ପ୍ରଦର୍ଶନ କ୍ରୀଡ଼ା ଭିତ୍ତିଭୂମି ବିକାଶ ଉପରେ ନିର୍ଭର କରେ। ୩୧୧ତମ 'ଖେଲୋ ଇଣ୍ଡିଆ ସ୍କିମ୍' ରିପୋର୍ଟରେ ସଂସଦୀୟ କମିଟି ଓଡ଼ିଶା ସରକାରଙ୍କ ଭଳି ସରକାରୀ-ଘରୋଇ ଭାଗୀଦାରି ମାଧ୍ୟମରେ ହକି, ବ୍ୟାଡ୍‌ମିଣ୍ଟନ ଏବଂ ବନ୍ଧୁକ ଚାଳନା ଆଦି କ୍ରୀଡ଼ା ଭିତ୍ତିଭୂମି ସୃଷ୍ଟି କରିବାକୁ ସୁପାରିସ କରିଛି। କ୍ରୀଡ଼ାର ଗତିକୁ ଆହୁରି ତୀବ୍ର କରିବାକୁ ହେଲେ ପ୍ରତ୍ୟେକ ରାଜ୍ୟ ସେହି ଅଞ୍ଚଳର ଏକ ନିର୍ଦ୍ଦିଷ୍ଟ ଖେଳକୁ ପ୍ରୋତ୍ସାହନ ଦେବା ସହ ଅନ୍ୟ ଖେଳ ପାଇଁ ଓଡ଼ିଶା ମଡେଲରେ ହାଇପରଫର୍ମାନ୍ସ ସେଣ୍ଟର ସ୍ଥାପନ କରିବାକୁ କମିଟି ପରାମର୍ଶ ଦେଇଛି।

ଅନ୍ୟପକ୍ଷରେ ଟୋକିଓ ଅଲିମ୍ପିକ୍ସରେ ଗ୍ରେଟ୍‌ବ୍ରିଟେନଠାରୁ ୪-୩ ଗୋଲରେ ହାରିଯାଇଥିଲେ ବି ଉତ୍ତମ ପ୍ରଦର୍ଶନ କରି ହୃଦୟ ଜିଣିଥିବା ଭାରତୀୟ ମହିଳା ହକି ଦଳକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଶଂସା କରିଛନ୍ତି। ଶୁକ୍ରବାର ମୁଖ୍ୟମନ୍ତ୍ରୀ ଭିଡିଓ କନ୍‌ଫରେନ୍ସ ଜରିଆରେ ମହିଳା ହକି ଟିମ୍ ସଦସ୍ୟଙ୍କ ସହ କଥା ହୋଇ ଖେଳାଳିମାନଙ୍କର ମନୋବଳ ବଢ଼ାଇଛନ୍ତି। ଆପଣମାନେ ବହୁତ ପରିଶ୍ରମ କରିଛନ୍ତି। ବହୁତ ଭଲ ଖେଳିଛନ୍ତି। ଲଢୁଆ ପ୍ରଦର୍ଶନ କରି ହାରି ଯାଇଥିଲେ ମଧ୍ୟ ଆମ ଦେଶ ଜିତି ଯାଇଛି। ଆଗାମୀ ଦିନରେ ଖେଳି ଚାଲନ୍ତୁ। ଏଭଳି ପ୍ରଦର୍ଶନ ଆଗାମୀ ପିଢ଼ିକୁ ପ୍ରେରଣା ଦେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହାଛଡ଼ା ସେ ସମସ୍ତ ଖେଳାଳିଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଆସନ୍ତା ୧୭ ତାରିଖରେ ଭୁବନେଶ୍ୱରରେ ଭେଟ ହେବ ବୋଲି ଖେଳାଳିମାନଙ୍କୁ କହିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ପ୍ରେରଣାଦାୟୀ ଅଭିନନ୍ଦନ ମହିଳା ଟିମ୍‌ର ମନୋବଳ ବଢ଼ାଇଛି। ଓଡ଼ିଶା ସରକାର ମହିଳା ହକି ଟିମ୍‌କୁ ପ୍ରୋତ୍ସାହନ ଯୋଗାଇବା ସହିତ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ କରାଇ ପାରିଛନ୍ତି। ମୁଖ୍ୟମନ୍ତ୍ରୀ ଏବଂ ଓଡ଼ିଶା ସରକାରଙ୍କୁ ମହିଳା ହକି ଟିମ୍‌ର ସଦସ୍ୟମାନେ ଧନ୍ୟବାଦ ଦେଇଛନ୍ତି।

### ନବୀନଙ୍କ ବିନା ଅଲିମ୍ପିକ୍ସ ଯାତ୍ରା ଅସମ୍ଭବ: ରାଣୀ ରାମପାଲ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିନା ମହିଳା ହକି ଟିମ୍‌ର ଅଲିମ୍ପିକ୍ସ ଯାତ୍ରା ସମ୍ଭବ ହୋଇ ନ ଥାନ୍ତା। ତାଙ୍କର ସହଯୋଗ ଏବଂ ପଥ ପ୍ରଦର୍ଶନ ପାଇଁ ଅଲିମ୍ପିକ୍ସରେ ଖେଳିବାକୁ ସୁଯୋଗ ମିଳିଥିଲା ବୋଲି ମହିଳା ହକି ଟିମ୍ କ୍ୟାପଟେନ୍ ରାଣୀ ରାମପାଲ୍ କହିଛନ୍ତି । ମହିଳାଙ୍କ ଯୋଗ୍ୟତା ଉପରେ ବିଶ୍ୱାସ କରିଥିବାରୁ ସେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି ।

## ଧ୍ୟାନଚାନ୍ଦଙ୍କ ନାମରେ...

ପ୍ରତି ସାରା ଦେଶରେ ଦୃଷ୍ଟିଭଙ୍ଗୀ ବଦଳିବାରେ ଲାଗିଛି। ଦେଶରେ କ୍ରୀଡ଼ା ସଂସ୍କୃତିରେ ନୂଆ ମୋଡ଼ ଆସିଛି ବୋଲି ସେ କହିଛନ୍ତି। କ୍ରୀଡ଼ା ପାଇଁ ଏହା ଏକ ଶୁଭ ଲକ୍ଷଣ। ଖେଳରତ୍ନ ସମ୍ମାନ ବାବଦରେ ପ୍ରଶସ୍ତି ପତ୍ର, ପୁରସ୍କାର ଓ ୨୫ ଲକ୍ଷ ଟଙ୍କା ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥାଏ।

୧୯୯୧-୯୨ରେ ପ୍ରଥମଥର ପାଇଁ ରାଜୀବ ଗାନ୍ଧୀ ଖେଳରତ୍ନ ପୁରସ୍କାର ପ୍ରଦାନ କରାଯାଇଥିଲା। ଚେସ୍ ଗ୍ରାଣ୍ଡମାଷ୍ଟର ବିଶ୍ୱନାଥ ଆନନ୍ଦଙ୍କୁ ପ୍ରଥମେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ଏ ପର୍ଯ୍ୟନ୍ତ ୪୫ଜଣ କ୍ରୀଡ଼ାବିତଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ନିକଟରେ କ୍ରିକେଟର ରୋହିତ ଶର୍ମା, ପାରା ଅଲିମ୍ପିଆନ ହାଇଜମ୍ପର ମେରିୟପ୍ପାନ ଥଙ୍ଗବେଲୁ, ଟେବୁଲ ଟେନିସ ଖେଳାଳି ମନିକା ବାତ୍ରା, ରେସଲର ଭିନେଶ ଫୋଗଟଙ୍କୁ ଏହି ପୁରସ୍କାର ଦିଆଯାଇଥିଲା। ଏ ପର୍ଯ୍ୟନ୍ତ ୩ଜଣ ହକି ଖେଳାଳିଙ୍କୁ ଖେଳରତ୍ନ ପୁରସ୍କାର ପ୍ରଦାନ କରାଯାଇଛି। ସେମାନେ ହେଲେ ଧନରାଜ ପିଲେ (୧୯୯୯/୨୦୦୦), ସର୍ଦ୍ଦାର ସିଂ (୨୦୧୭) ଓ ଅଧିନାୟିକା ରାନୀ ରାମପଲ (୨୦୨୦)।

## ୧୬ରୁ ଖୋଲିବ କଲେଜ, ...

ପ୍ରଥମେ ଦଶମ ଓ ଦ୍ୱାଦଶ ଖୋଲିଥିବାବେଳେ ଆସନ୍ତା ୧୬ ତାରିଖରୁ ନବମ ଶ୍ରେଣୀ ପାଠପଢ଼ା ଆରମ୍ଭ ହେବାକୁ ଯାଉଛି। ଉକ୍ତଦିନ କଲେଜ ଏବଂ ବିଶ୍ୱବିଦ୍ୟାଳୟ ଖୋଲିବା ନେଇ ରାଜ୍ୟ ସରକାର ସୂଚନା ଦେଇଛନ୍ତି। ସେହିପରି ଆସନ୍ତା ୯ ତାରିଖରୁ ରାଜ୍ୟର ସବୁ ବୈଷୟିକ ଶିକ୍ଷାନୁଷ୍ଠାନ ଖୋଲିବ। କେବଳ ଶେଷ ବର୍ଷ ଛାତ୍ରୀଛାତ୍ରଙ୍କ ପାଇଁ ଖୋଲିବ ବୋଲି ପୂର୍ବରୁ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ରାଜ୍ୟର ବିଭିନ୍ନ ସ୍ଥାନ ତଥା ରାଜ୍ୟ ବାହାରୁ ମଧ୍ୟ ଛାତ୍ରୀଛାତ୍ର ଆସିବାକୁ ଥିବାରୁ ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକରେ ଥିବା ହଷ୍ଟେଲଗୁଡ଼ିକୁ ମଧ୍ୟ ଖୋଲିବାକୁ ନିଷ୍ପତ୍ତି ନିଆଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ଆପଣ ଯେଉଁ କାମ ପାଇଁ ଚେଷ୍ଟା କରୁଛନ୍ତି ସେଥିରେ ବିଳମ୍ବରେ ସଫଳତା ପାଇବେ। କର୍ମକ୍ଷେତ୍ରରେ ଲ-ନାମାକ୍ଷର ବ୍ୟକ୍ତିଙ୍କ ସହ ତିକ୍ତତା ସୃଷ୍ଟି ହୋଇପାରେ। କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର, ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ନିଶ୍ଚିତ ମିଳିବ। ସତର୍କତା ଅବଲମ୍ବନ ନ କଲେ କେତେକ କ୍ଷେତ୍ରରେ ଅନୁତାପ କରିବାକୁ ପଡ଼ିବ।

**ବୃଷ** — କର୍ମକ୍ଷେତ୍ରରେ ଫାଇଲ୍ କାମ ବୃଦ୍ଧି ପାଇବା କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ। ପରିବାରରେ ବ-ନାମାକ୍ଷର ବ୍ୟକ୍ତିମାନେ ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃ ବିବାଦର ସମ୍ମୁଖୀନ ହୋଇପାରନ୍ତି। କର୍ମକ୍ଷେତ୍ରରେ ବିଦ୍ରୋହ ଓ ଅଶାନ୍ତି ବଢ଼ିବ। ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ।

**ମିଥୁନ** — କର୍ମାରମ୍ଭରେ ପ୍ରଥମେ କୌଣସି ପ୍ରତିବନ୍ଧକର ସମ୍ମୁଖୀନ ହେବେ। ପରୋକ୍ଷ ଭାବରେ ଖଳ ଲୋକମାନେ ବିରୁଦ୍ଧାଚରଣ କରିପାରନ୍ତି। ପାରିବାରିକ ସ୍ଥିତି କେତେକାଂଶରେ ଭଲ ଥିଲେ ମଧ୍ୟ କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଟି ଅଟକି ରହିଥିବାରୁ ଟେନ୍‌ସନ ଲାଗିରହିବ। ଶନିଙ୍କ ପ୍ରଭାବରୁ ଯେତେ ପାଇଲେ ମଧ୍ୟ ଅଭାବ ଲାଗିରହିବ।

**କର୍କଟ** — କର୍ମକ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇ ସମସ୍ୟାକୁ ସୁଧାରି ନେବେ। କେତୁଙ୍କ ସ୍ଥିତି କାରଣରୁ ସନ୍ତାନ ହେତୁକ ପୀଡ଼ା ଅନୁଭବ କରିପାରନ୍ତି। ଶିକ୍ଷା, ପରୀକ୍ଷା, ବନ୍ଧୁଙ୍କ ସହ ଆଲୋଚନା ବିଶେଷ ସନ୍ତୋଷଜନକ ନ ହୋଇପାରେ। ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ।

**ସିଂହ** — ସନ୍ତାନଙ୍କ ବୈବାହିକ ସମସ୍ୟାକୁ କେନ୍ଦ୍ରକରି ମନ ଭଲ ରହିବନାହିଁ। କେତେକ ସାମାନ୍ୟ ଭୁଲ୍‌ରୁ ମଧ୍ୟ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ। ଆମଦାନୀ ବାଣିଜ୍ୟରେ ଉନ୍ନତି କରିବେ ଏବଂ ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ହାସଲ କରିବେ। ମନର ବଳ ଖୁବ୍ ଟାଣ ରହିବ ଏବଂ ଜିଦ୍‌ରେ ଅଟଳ ରହିବେ।

**କନ୍ୟା** — ବାରମ୍ବାର ବିଫଳତା କାରଣରୁ ଦୁର୍ଭାବନା ବଢ଼ିଚାଲିବ ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରି ପାରିବେନାହିଁ। ଆକସ୍ମିକଭାବରେ ଘରେ ବନ୍ଧୁ ମିଳନ ଜନିତ ଆମୋଦ ପ୍ରମୋଦର ସୁଅ ଛୁଟିପାରେ। ପ୍ରିୟବନ୍ଧୁଙ୍କ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବ। ପଡ଼ୋଶୀଙ୍କ ଛୋଟ କଥାଟିକୁ ବଡ଼ ଆକାରରେ ଚିନ୍ତା କରିବେ।

**ତୁଳା** — ପାରସ୍ପରିକ ଆଲୋଚନାକ୍ରମେ ପାରିବାରିକ ସମସ୍ୟାର ସରଳ ସମାଧାନ କରିବେ । କର୍ମକ୍ଷେତ୍ରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। ବନ୍ଧୁଙ୍କ ପରାମର୍ଶକ୍ରମେ କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। କ୍ରୀଡ଼ା କ୍ଷେତ୍ରରେ ସଫଳତା ମିଳିବା ଯୋଗୁ ମନ ଉତ୍‌ଫୁଲ୍ଲିତ ରହିବ।

**ବିଛା** — ଦେହ ଭଲ ରହିଲେ ମଧ୍ୟ ସାମୟିକ ପେଟ କିମ୍ବା ଚକ୍ଷୁକର୍ଣ୍ଣ ପୀଡ଼ାରୁ କଷ୍ଟ ପାଇବେ। ବନ୍ଧୁଙ୍କ ସହ ଗତକାଲିର ଆଲୋଚନା ଅନୁଯାୟୀ ଆଜିର କାମ ଗୁଡ଼ିକ ସବୁ ଠିକ୍ ଠିକ୍ ହୋଇଯିବ। ସତ୍‌ସଙ୍ଗ ଓ ପୁରାଣ ପଠନ ସାଙ୍ଗକୁ ଧର୍ମକାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ନୂତନ ଯୋଜନା ପାଇଁ କର୍ମତତ୍ପର ହୋଇ ଉଠିବେ।

**ଧନୁ** — ଆଜି ଆକସ୍ମିକ ଭାବରେ ସ୍ଥଗିତ କାମଟି ପୁନଃ ଆରମ୍ଭ ସକାଶେ ମାର୍ଗ ଉନ୍ମୁକ୍ତ ହେବ। କିନ୍ତୁ ପୂର୍ବସ୍ଥିରୀକୃତ କେତେକ ଯୋଜନା ବଦଳାଇବା କଷ୍ଟକର ହୋଇପାରେ। ସୀମାବିବାଦ କ୍ରମେ ଜଟିଳ ହେଲେ ହେଁ ସଫଳତା ହାସଲ କରିବେ। ଗୁରୁପାକ ଦ୍ରବ୍ୟ ଭୋଜନରୁ ଅଜୀର୍ଣ୍ଣ ଓ ଆମାଶୟ ଦେଖା ଦେଇପାରେ।

**ମକର** — କୌଣସି କାର୍ଯ୍ୟ ସ୍ଥିରୀକୃତ ନ ହେବା କାରଣରୁ ମାନସିକ ସ୍ଥିତି ଜମା ଭଲ ରହିବ ନାହିଁ। ଦିନକୁ ଦିନ ଦୈହିକ ଦୁର୍ବଳତା ଯୋଗୁ ମଧ୍ୟ ମନୋବଳ କମି ଯାଇପାରେ। ପରିବାରରେ ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯିବେ। ଆକସ୍ମିକଭାବରେ କୌଣସି ଗୁରୁଜନଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତିତ ରହିପାରନ୍ତି।

**କୁମ୍ଭ** — ଆନୁଷ୍ଠାନିକ କାର୍ଯ୍ୟରେ ନିଜକୁ ନିୟୋଜିତ କରି ଖୁସି ହେବେ। ପାରିବାରିକ ସ୍ତରରେ ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହେବେ। ଆଗାମୀ ବିବାହାଦି ମାଙ୍ଗଳିକ କାମର ପ୍ରସ୍ତୁତି ପରିପ୍ରେକ୍ଷୀରେ ବ୍ୟସ୍ତ ରହିପାରନ୍ତି। ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ।

**ମୀନ** — ରାହୁଙ୍କ ତୃତୀୟସ୍ଥିତି ହେତୁ ଧୈର୍ଯ୍ୟର ସହ ସମସ୍ୟାର ମୁକାବିଲା କରିବେ। ଆଜି ଆପଣ ଘର କାମ ଛାଡି ବାହାର କାମରେ ବେଶି ସମୟ କଟାଇପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବ। ସାମାଜିକ ସ୍ତରରେ ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁ ଭଲ କାମ କରି ମଧ୍ୟ ନିନ୍ଦା ଶୁଣିବେ।

# classifieds Everyday

0674-2580101, 2549302




## SALE

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପଦୂରତାରେ 1200 Sq.ft. 2,80,000/-, ନଖରା ତ୍ରିନାଥବଜାର Sq.ft. 150/- (outright) 9348232008. D-70883

**ଭୁବନେଶ୍ୱର ପିତାପଲ୍ଲୀ Flyoverରୁ 300mtr ଦୂରତାରେ 30ft. ରାସ୍ତାଥାଇ ପ୍ଲଟ ମିଳୁଅଛି। 7848882166.** D-70875

ଭୁବନେଶ୍ୱର ଲିଙ୍ଗିପୁରଛକ, ପୁରୀ bypassରୁ 200mtr. ଦୂରତାରେ ସଙ୍ଗେ ସଙ୍ଗେ ଘର କଲାଭଳି ଘରବାରି boundary ପ୍ଲଟ୍, ରୋଡ୍, ଇଲେକ୍ଟ୍ରିସିଟି ସୁବିଧା ଥାଇ @20,40,000/-ରେ ମିଳୁଛି। 7978998868. D-70874

**1/2/3BHK ready to move apartment for sale at DHPL Enclave 2, Kalarahanga and DHPL Platinum, Rudrapur. Contact: 9937059891.** D-21159

ଭୁବନେଶ୍ୱର ଚନ୍ଦକା, ପିତାପଲ୍ଲୀ ରାସ୍ତାର ମଝିରେ ବିକାଶ ସ୍କୁଲ ପାଖରେ ଘରବାଡ଼ି ପ୍ଲଟ 2400 Sq.ft. 15,60,000/- (20 Plot available), Lipsa - 9938016295. D-70884

ଭୁବନେଶ୍ୱର New Railwaystation ପାଖରେ 30ft.Road Yellowzone Plot Sq.ft. 520/-, M.- 6371406921. D-69399

Bhubaneswar Smartcity area Ghangapatna Mouza 30ft. road, electricity, borewell ସହ ସ୍ଥିତିବାନ plot ପୋଜେସନ୍ ଥାଇ ମିଳୁଛି। Owner. 9090963952. D-70865

**"For sale of residential plot 60ft X 40ft having 25ft approach road in Badaraghunathpur mouza near Gita College, plot is very close (100mtr) to newly constructed Infosys-2 road. Price- 50Lacs. Only really interested Customers contact- 9443101191".** D-21097

ଭୁବନେଶ୍ୱର ଜଟଣୀଗେଟ୍‌ରୁ 500mtr ଦୂରତାରେ sqft. 250/-, 450/-, Adyanta/ Getam/ BEC Collegeକୁ ଲାଗି sqft. 270/- ପ୍ଲଟ୍ ପୋଜେସନ ସହ ମିଳୁଛି। 7894433357, 9437607388. D-70877

**Demarcated ପ୍ଲଟ୍ KEC, ଗୁଡ଼ିଆପୋଖରୀ ପାଖରେ immediate registration & possession ଅଗ୍ରିମ Boundarywall, Electricity with 30ft. road sqft.-700/-ରେ ମିଳୁଛି। 7008045582, 7749800648.** D-21248

Plot for sale in Shreekhetra Vihar near Mangalpur, Bhubaneswar, Puri NH side with gated community, Electricity, Security, Park, Temple. 9777302825. D-70882

**କଟକ-ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ Biggest commercial Hub (Grand Bazar) ସମ୍ମୁଖ NH-16ରୁ ଅଳ୍ପଦୂରରେ ଘରବାରି ପ୍ଲଟ୍ ଶସ୍ତାରେ କିଣନ୍ତୁ। 9078699286.** D-70880

Bhubaneswar plot/ land available near AIIMS Hospital sqft.- 550/-, 900/-, 2200/- & at Janla-1000/-, Contact: 9583174462. D-70885

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

ଭୁବନେଶ୍ୱର ଭରତପୁର GA plot ପାଖରେ revenue ରୋଡ୍ ଇଲେକ୍ଟ୍ରିସିଟି ସୁବିଧା ଥାଇ boundary plot @14,40,000/-ରେ ନେଇ ତୁରନ୍ତ ଘର କରନ୍ତୁ। 7978998868. D-70873

**5BHK Duplex with 3300Sqft Land Sale at Pokhariput and 3BHK Flat Sale at BJB Nagar. Only genuine buyer please contact – 6372897984 / 9692609148.** D-21278

ଜଟଣୀ Railwaystation ହାଟ ବଜାରରେ (ଘରବାରି ସ୍ଥିତିବାନ, ପଟ୍ଟା) ଜାଗା ଉପରେ ୨ବଖରା ଆଜବେଷ୍ଟସ୍ ଘର ଥାଇ ତୁରନ୍ତ ବିକ୍ରିହେବ। Owner- 9437011120. D-70881

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-21279

Gharabari residential plot at Patrapada, Bhubaneswar, 1450sqft. Price- 27lakhs. 7894639282. D-71126




Ladies Hostel 1300/1500 rent and 1BHK rent only Family/ Girls Baramunda, Nilakantheswar Main Road, Bhubaneswar. Contact. 7848021159. D-21282

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Swarna SPA newly open positively health benefits with expert therapist. 9556978408. D-70595

Refreshing your mind, your body with tha best therapy at Lotus Spa. 8018891951. D-70466

Take wellness relax massage ladies/ gents therapist 800/-, 7008773793, 8018656899. D-59999

Newly open Sairkupa Panchakarma Spa positively health benefits with expert. 8984068077. D-21263

## AFFIDAVIT

By virtue of an affidavit sworn before the Executive Magistrate, Notary, Pipli on Dt. 03.11.2020. I have changed my name from Duryodhan Swain to Mark Swain. Henceforth I shall be known as Mark Swain for all purposes. D-21281

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୦,୨୧,୨୨,୨୦୭ | ୪୨,୮୬,୭୩୬ | ୧୮,୧୭,୫୯,୯୫୯ |
| ଭାରତ | ୩,୧୮,୮୪,୮୧୯ | ୪,୨୭,୧୪୯ | ୩,୧୦,୩୭,୨୪୫ |
| ଓଡ଼ିଶା | ୯,୮୪,୭୩୧ | ୬୩୦୨(+୫୩) | ୯,୬୬,୯୨୮ |

ଶୁକ୍ରବାର ରାତି ୧୨ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ଜେଇଇ ମେନ୍-୩ ପରୀକ୍ଷାଫଳ ପ୍ରକାଶ | ଅମନ ପଣ୍ଡା ଓଡ଼ିଶା ଟପ୍ପର

**ଭୁବନେଶ୍ୱର, ୬।୮ (ବ୍ୟୁରୋ)**

ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଦ୍ୱାରା ପରିଚାଳିତ ଜେଇଇ ମେନ୍-୩ ପରୀକ୍ଷାଫଳ ଶୁକ୍ରବାର ପ୍ରକାଶ ପାଇଛି। ଦେଶରେ ୧୭ଜଣ ଛାତ୍ରଛାତ୍ରୀ ଶତପ୍ରତିଶତ ନମ୍ବର ରଖିଥିବାବେଳେ ଓଡ଼ିଶାର ଅମନ ପଣ୍ଡା ୯୯.୯୧ ପର୍ସେଣ୍ଟାଇଲ୍ ସ୍କୋରରେ ରାଜ୍ୟ ଟପ୍ପର ହୋଇଛନ୍ତି। ଜୁଲାଇ ୨୦, ୨୨, ୨୫ ଓ ୨୭ ତାରିଖରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ସାରା ଦେଶରୁ ୭.୦୯ ଲକ୍ଷ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ୩୩୪ ସହରରେ ୯୧୫ ପରୀକ୍ଷା କେନ୍ଦ୍ର କରାଯାଇଥିଲା। ଏଥିସହିତ ପ୍ରବାସୀ ଛାତ୍ରଛାତ୍ରୀଙ୍କ ପାଇଁ ଦେଶ ବାହାରେ ୧୨ଟି କେନ୍ଦ୍ର କରାଯାଇଥିଲା।

# ୯ଶହ ବୀମାଧାରୀଙ୍କ ମଧ୍ୟରେ ୨୧ଜଣ ପରୀକ୍ଷାର୍ଥୀ

**ଭୁବନେଶ୍ୱର,୬।୮ (ବ୍ୟୁରୋ)**

୩ କୋଟି ୫୧ଲକ୍ଷ ଓ ୫୧ହଜାର ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଗିରଫ ହୋଇଥିବା ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ (ଓଏସ୍ଏସ୍‌ସି) ସଦସ୍ୟଙ୍କ ପ୍ରାଇଭେଟ ସେକ୍ରେଟାରି (ପିଏସ୍) ବିରଞ୍ଚି ନାରାୟଣ ସାହୁଙ୍କ ରିମାଣ୍ଡ ଅବଧି ଶୁକ୍ରବାର ଶେଷ ହୋଇଛି। ଭିଜିଲାନ୍ସ ତାଙ୍କୁ ୪ ଦିନିଆ ରିମାଣ୍ଡରେ ଆଣି ଜେରା କରିଥିବାବେଳେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇଛି। ଏହି ମାମଲାରେ ଓଏସ୍ଏସ୍‌ସି ନିଯୁକ୍ତି ଲିଙ୍କ୍ ରହିଥିବା ନେଇ ଅଭିଯୋଗ ଉଠୁଥିବାବେଳେ ଜେରାବେଳେ ବିପୁଳ ସମ୍ପତ୍ତି ଠୁଳ ପଛରେ ଆଉଏକ ଖିଅ ମିଳିଛି। ତେବେ ଜେରା ସଂକ୍ରାନ୍ତରେ ଭିଜିଲାନ୍ସ ଶୁକ୍ରବାର ଏକ ପ୍ରେସ୍ ବିଜ୍ଞପ୍ତି ଜାରିକରି କହିଛି ଯେ, ଚାକିରି ବ୍ୟତୀତ ବିରଞ୍ଚି ୨୦୦୯ରୁ ତାଙ୍କ ସ୍ତ୍ରୀଙ୍କ ନାମରେ ଇନ୍ସ୍ୟୁରାନ୍ସ ବ୍ୟବସାୟ ଚଳାଉଥିଲେ। ଯେଉଁଥିରେ ସେ ଏପର୍ଯ୍ୟନ୍ତ ୯ଶହ ଜଣଙ୍କ ଜୀବନବୀମା କରାଇଛନ୍ତି। ଯେଉଁମାନେ ଜୀବନ ବୀମା କରିଛନ୍ତି ସେମାନେ ଓଏସ୍ଏସ୍‌ସିର ବିଭିନ୍ନ ପରୀକ୍ଷା ଦେଇଥିବା ସନ୍ଦେହ କରାଯାଉଛି। ବିରଞ୍ଚି ସେମାନଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଜୀବନ ବୀମା କରାଇଥିବା ଜେରା ସମୟରେ ଭିଜିଲାନ୍ସ ଜାଣିବାକୁ ପାଇଛି। ବୀମା କରିଥିବା ୯ଶହ ଜଣଙ୍କ ମଧ୍ୟରୁ ୨୧ଜଣ ପରୀକ୍ଷାର୍ଥୀ ଥିବା ଜଣାପଡ଼ିଛି। ଅନ୍ୟ ବୀମାଧାରୀଙ୍କ ସମ୍ବନ୍ଧରେ ଖୋଳତାଡ କରାଯାଉଛି। ତେବେ ସେ କରିଥିବା ଇନ୍ସ୍ୟୁରାନ୍ସ ପଲିସିରେ କେତେ କମିଶନ ପାଇଛନ୍ତି, ଟ୍ୟାକ୍ସ ଦେଉଥିଲେ କି ନାହିଁ ସେନେଇ ତଦନ୍ତ କରାଯିବ ବୋଲି ଭିଜିଲାନ୍ସ ଏସ୍‌ପି ଆର୍. ପ୍ରକାଶ ଗଣମାଧ୍ୟମକୁ କହିଛନ୍ତି। ସେପଟେ ବେଆଇନ ଅର୍ଥ କାରବାରରେ ଚେର ଖୋଜିବା ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ନିଜ ଆଡୁ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ବିରଞ୍ଚିଙ୍କ ଘରେ ଚଢାଉ ସମୟରେ ୧୧୪ଟି ଆଡ୍‌ମିଟ୍ କାର୍ଡ ଭିଜିଲାନ୍ସ ଜବତ କରିଥିଲା। ଜବତ ଆଡ୍‌ମିଟ୍ କାର୍ଡ ମଧ୍ୟରୁ ୧୦୭ଜଣ ଚାକିରି ପାଇ ନ ଥିବା ଜଣାପଡିଛି। ବାକି ଆଡ୍‌ମିଟ୍ କାର୍ଡର ସମ୍ପୂର୍ଣ୍ଣ ତଥ୍ୟ ଜାଣିବାକୁ ଭିଜିଲାନ୍ସ ତଦନ୍ତ ଜାରି ରଖିଥିବା ଭିଜିଲାନ୍ସ ଏସ୍‌ପି ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଜୁଲାଇ ୩୦ରେ ତୃତୀୟଶ୍ରେଣୀ କର୍ମଚାରୀ ବିରଞ୍ଚିଙ୍କ ଭୁବନେଶ୍ୱର ନୀଳାଦ୍ରିବିହାରସ୍ଥିତ ବାସଭବନ, କଟକରେ ଥିବା ଶ୍ୱଶୁରଘର ସମେତ ୬ ସ୍ଥାନରେ ଭିଜିଲାନ୍ସର ୩ ଟିମ୍ ଚଢ଼ାଉ କରି ଦେଢ କେ.ଜି.ର ସୁନା ଅଳଙ୍କାର, ନଗଦ ୨୫ଲକ୍ଷ ଟଙ୍କା, ୫୬ଲକ୍ଷ ଟଙ୍କାର ବୀମା, ବ୍ୟାଙ୍କ ଜମା, ଟଙ୍କା କାରବାର ରସିଦ୍, ବିଦେଶୀ ଟଙ୍କା, ଛାତ୍ରଛାତ୍ରୀଙ୍କ ଆଡ୍‌ମିଟ୍ କାର୍ଡ, କାର୍, ବାଇକ ଏବଂ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଥିଲା। ଏଥିସହିତ ବିଭିନ୍ନ ସ୍ଥାନରେ ୧୪ଟି ପ୍ଲଟ୍, ୪ଟି ଘର ଠାବ ହୋଇଥିଲା। ପରେ ବିରଞ୍ଚିଙ୍କୁ କାର୍ଯ୍ୟରୁ ନିଲମ୍ବନ ସହ ବାଧ୍ୟତାମୂଳକ ଅବସର ଦିଆଯାଇଛି।

**ସରିଲା ରିମାଣ୍ଡ, ଜେଲ ଫେରିଲେ କୋଟିପତି ବିରଞ୍ଚି**

### ହାଇକୋର୍ଟରେ ଜାମିନ ଆବେଦନ କଲେ

**କଟକ ଅଫିସ, ୬।୮**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଓଡ଼ିଶା ଷ୍ଟାଫ ସିଲେକ୍ସନ କମିଶନ(ଓଏସ୍ଏସ୍‌ସି) ସଦସ୍ୟଙ୍କ ପ୍ରାଇଭେଟ୍ ସେକ୍ରେଟାରୀ(ପିଏସ୍) ବିରଞ୍ଚି ନାରାୟଣ ସାହୁ ଜେଲରୁ ମୁକୁଳିବା ପାଇଁ ଶୁକ୍ରବାର ହାଇକୋର୍ଟରେ ଜାମିନ ଆବେଦନ କରିଛନ୍ତି। ତାଙ୍କ ପକ୍ଷରୁ ଓକିଲ ସ୍ମୃତିରଞ୍ଜନ ମହାପାତ୍ର ଏହି ଆବେଦନ କରିଛନ୍ତି। ଗତ ୩୧ ତାରିଖରେ ଭିଜିଲାନ୍ସ ବିରଞ୍ଚିଙ୍କୁ ଗିରଫ କରିଥିଲା। ପରେ ତାଙ୍କୁ ଭିଜିଲାନ୍ସ ସ୍ପେଶାଲ କୋର୍ଟରେ ହାଜର କରାଯାଇଥିଲା। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା।

- ସ୍ତ୍ରୀଙ୍କ ନାମରେ ଚଳାଉଥିଲେ ଜୀବନ ବୀମା ବ୍ୟବସାୟ
- ଚାକିରି ଲୋଭ ଦେଖାଇ ପଲିସି କରାଉଥିବା ସନ୍ଦେହ



## ‘ସ୍ୱତନ୍ତ୍ର ଫୋକସ ଷ୍ଟେଟ୍’ ମାନ୍ୟତା ଦାବି ଉଠାଇଲା ବିଜେଡି

**ଭୁବନେଶ୍ୱର, ୬।୮ (ବ୍ୟୁରୋ)**

ଓଡ଼ିଶାକୁ ସ୍ୱତନ୍ତ୍ର ଫୋକସ୍ ଷ୍ଟେଟ୍ ମାନ୍ୟତା ନେଇ ପାର୍ଲାମେଣ୍ଟରେ ଶୁକ୍ରବାର ବିଜେଡି ଦାବି ଉଠାଇଛି। ରାଜ୍ୟ ସଭାର ଶୂନ୍ୟକାଳରେ ବିଜେଡି ଏମ୍‌ପି ତଥା ମୁଖପାତ୍ର ସସ୍ମିତ ପାତ୍ର ପ୍ରଭାବୀ ଢଙ୍ଗରେ ଏହି ପ୍ରସଙ୍ଗ ଉତ୍ଥାପନ କରି କେନ୍ଦ୍ର ସରକାରଙ୍କ ନିକଟରେ ଓଡ଼ିଶାର ପୁରୁଣା ଦାବିକୁ ଦୋହରାଇଛନ୍ତି। କେନ୍ଦ୍ର ସରକାରଙ୍କ ବିଭିନ୍ନ ଫୋରମ୍‌ରେ ଓଡ଼ିଶାର ଏହି ନ୍ୟାଯ୍ୟ ଦାବିକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାରମ୍ବାର ଉପସ୍ଥାପିତ କରିଥିବା ସେ ମନେ ପକାଇ ଦେଇଛନ୍ତି। ସସ୍ମିତ କହିଛନ୍ତି, ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶା ବିକାଶ ଦିଗରେ ଗତି କରୁଛି। ହେଲେ ଏହି ପ୍ରଗତିରେ ପ୍ରାକୃତିକ ଦୁର୍ବିପାକ ବାଧକ ସାଜୁଛି। ବାତ୍ୟା ଓ ବନ୍ୟା ରାଜ୍ୟର ଅର୍ଥନୀତିକୁ ବିଗାଡ଼ି ଦେଉଛି। ପ୍ରାକୃତିକ ଦୁର୍ବିପାକଭରା ଓଡ଼ିଶାର ଅର୍ଥନୀତି ଅଣ୍ଟା ସଳଖି ଆଗକୁ ବଢ଼ିବା ପାଇଁ ସ୍ୱତନ୍ତ୍ର ଫୋକସ୍ ରାଜ୍ୟ ମାନ୍ୟତା ନିହାତି ଜରୁରୀ ବୋଲି ସେ ଯୁକ୍ତି ବାଢ଼ିଛନ୍ତି। ସ୍ୱତନ୍ତ୍ର ଫୋକସ୍ ରାଜ୍ୟ ଭାବେ କେନ୍ଦ୍ରୀୟ ଯୋଜନାରେ ଖର୍ଚ୍ଚ ହେଉଥିବା କେନ୍ଦ୍ର-ରାଜ୍ୟ ଅର୍ଥ ଭାଗର ଆନୁପାତିକ ହାର ବଦଳିବା ଆବଶ୍ୟକ। ପ୍ରାକୃତିକ ବିପର୍ଯ୍ୟୟର ୩ ବର୍ଷ ପର୍ଯ୍ୟନ୍ତ ଏହା ୬୦:୪୦ରୁ ବଦଳି ୯୦:୧୦ ଅନୁପାତ ରହୁ। ଏହି ୩ ବର୍ଷ କେନ୍ଦ୍ର ସରକାର ୯୦% ପାଣ୍ଠି ବହନ କରନ୍ତୁ ବୋଲି ସେ ଦାବି କରିଛନ୍ତି। ବର୍ତ୍ତମାନ କେନ୍ଦ୍ରୀୟ ଯୋଜନାରେ କେନ୍ଦ୍ର ସରକାରଙ୍କୁ ୬୦% ଏବଂ ରାଜ୍ୟ ସରକାରଙ୍କୁ ୪୦% ପାଣ୍ଠି ଦେବାର ନିୟମ ରହିଛି। ବାସ୍ତବରେ ଯୋଜନା କାର୍ଯ୍ୟାନ୍ୱୟନ ପାଇଁ ରାଜ୍ୟ ସରକାରଙ୍କ ପ୍ରଶାସନିକ ବ୍ୟୟକୁ ମିଶାଇଲେ କେନ୍ଦ୍ର ଓ ରାଜ୍ୟ ପାଣ୍ଠି ଅନୁପାତ ୫୦:୫୦ ରହୁଛି। ତେଣୁ ପ୍ରାକୃତିକ ବିପର୍ଯ୍ୟୟର ୩ ବର୍ଷ ପର୍ଯ୍ୟନ୍ତ କେନ୍ଦ୍ରୀୟ ଯୋଜନାରେ ରାଜ୍ୟର ଖର୍ଚ୍ଚ ଭାଗ ୧୦% ରଖାଗଲେ ଏହି ବଳକା ଅର୍ଥ ପ୍ରଭାବିତ ଅଞ୍ଚଳରେ ଭିତ୍ତିଭୂମି ଓ ପୁନଃନିର୍ମାଣ କାର୍ଯ୍ୟରେ ଲଗାଯାଇପାରିବ ବୋଲି ସସ୍ମିତ ଦର୍ଶାଇଛନ୍ତି। ଏହି ପ୍ରସଙ୍ଗକୁ କେନ୍ଦ୍ର ସରକାର ଗୁରୁତ୍ୱର ସହ ଗ୍ରହଣ କରିବାକୁ ସେ ଅନୁରୋଧ କରିଛନ୍ତି। କେବିକେ ଅଞ୍ଚଳର ସମସ୍ୟା ନେଇ ମଧ୍ୟ ସସ୍ମିତ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

## ଗଞ୍ଜାମରେ ଦ୍ୱିତୀୟ ଡେଙ୍ଗୁ ପଜିଟିଭ୍ ଚିହ୍ନଟ

**ବ୍ରହ୍ମପୁର ଅଫିସ,୬।୮:** ଗଞ୍ଜାମ ଜିଲାରେ ଶୁକ୍ରବାର ପୁଣି ଜଣେ ଡେଙ୍ଗୁ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହା ହେଉଛି ଦ୍ୱିତୀୟ ପଜିଟିଭ୍ ବୋଲି ଜିଲା ମ୍ୟାଲେରିଆ ଅଧିକାରୀ ଡା. ସନ୍ତୋଷ ପାଢ଼ୀ ସୂଚନା ଦେଇଛନ୍ତି। ଚିହ୍ନଟ ହୋଇଥିବା ରୋଗୀ ଜଣେ ଯୁବତୀ। ସେ ଗତ କିଛିଦିନ ତଳେ ଭୁବନେଶ୍ୱରରୁ ଫେରିଥିଲେ। ଗତ ୧ ତାରିଖରେ ତାଙ୍କୁ ଜ୍ୱର ହୋଇଥିଲା। ୩ ତାରିଖରେ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଡେଙ୍ଗୁ ପରୀକ୍ଷା ପରେ ତାଙ୍କର ନମୁନା ପଜିଟିଭ୍ ଆସିଛି। ତାଙ୍କୁ ମେଡିକାଲ ଡେଙ୍ଗୁ ୱାର୍ଡରେ ଭର୍ତ୍ତି କରାଯାଇଛି।










ଧର୍ମର ବାହ୍ୟ ଆଚାର ବିଚାରର ଯଦି ତୁମେ କ୍ରୀତଦାସ ପାଲଟି ଯାଅ-ତେବେ ଧର୍ମ ତୁମ ପାଇଁ ହୋଇଉଠେ ଏକ ପ୍ରତିବନ୍ଧକ ଓ ଶୃଙ୍ଖଳ। କିନ୍ତୁ ତୁମେ ଯଦି ଧର୍ମର ଗୂଢ଼ ତତ୍ତ୍ୱଗୁଡ଼ିକୁ ଆବିଷ୍କାର ଓ ଅନୁଶୀଳନ କରିପାର- ତେବେ ଏହିଠାରୁ ତୁମେ ଈଶ୍ୱରଙ୍କ ରାଜ୍ୟକୁ କୁଦାମାରି ଯାଇପାର। -ଶ୍ରୀମା



# ଅଭିନବ ଦୃଷ୍ଟିକୋଣ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

କୋଭିଡ୍ ମହାମାରୀରେ ବାବୁମାନେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରୁଛନ୍ତି। ମହାମାରୀକୁ ରୋକିବାକୁ ସରକାର ନେଉଥିବା ପଦକ୍ଷେପ ଲାଗୁ କରିବାରେ ସେମାନେ ପ୍ରମୁଖ ଭୂମିକା ନେଇ ଆସୁଛନ୍ତି। ଅନେକ ବାବୁ ମଧ୍ୟ ନିଆରା କାର୍ଯ୍ୟ କରିଛନ୍ତି। ବିଶେଷଜ୍ଞମାନଙ୍କର ନେଟ୍‌ୱର୍କ ସ୍କିଲ୍‌ଇନ୍, ଯାହା ଏସିଆରେ ବୃହତ୍ତମ , ତାହା ନିକଟରେ ୧୦ ଜଣାଶୁଣା ଆଇଏଏସ୍ ଅଧିକାରୀଙ୍କୁ ଚିହ୍ନଟ କରିଛି। ଏହି ଅଧିକାରୀମାନେ ସେମାନଙ୍କ ଦାୟିତ୍ୱ ଠିକ୍ ଭାବେ ତୁଲାଇବା ପରେ ବି ଆଉ କିଛି ନିଆରା କାର୍ଯ୍ୟ କରିଛନ୍ତି। ସେମାନେ ଲୋକମାନଙ୍କ ପାଇଁ ପ୍ରେରଣା ପାଲଟିଛି। ସେମାନଙ୍କ କାର୍ଯ୍ୟ ସମାଜକୁ ପ୍ରଭାବିତ କରିଛି। ଏଭଳି ମହତ୍ କାର୍ଯ୍ୟ କରିଥିବା ବାବୁମାନଙ୍କ ମଧ୍ୟରେ ତେଲଙ୍ଗନା କ୍ୟାଡର୍‌ର ୨୦୧୦ ବ୍ୟାଚ୍ ଆଇଏଏସ୍ ଅଧିକାରୀ ହରି ଚନ୍ଦନା ଦଶାରି ଅନ୍ୟତମ। ନାରାୟଣପେଟ୍‌ର ଜିଲାପାଳ ତଥା ଜିଲା ମାଜିଷ୍ଟ୍ରେଟ୍ ଦଶାରି ତାଙ୍କ ଅଭିନବ ଦୃଷ୍ଟିକୋଣ ଓ ସର୍ଜନାତ୍ମକ ଚିନ୍ତାଧାରା ତଥା ଅସାଧାରଣ କାର୍ଯ୍ୟ ପାଇଁ ଏବେ ବେଶ୍ ଜଣାଶୁଣା। କିଭଳି ପ୍ରତିକୂଳ ପରିବେଶକୁ ସୁଯୋଗରେ ପରିଣତ କରାଯାଇପାରେ ତାହା କାର୍ଯ୍ୟ ମାଧ୍ୟମରେ ଦେଖାଇଦେଇଛନ୍ତି। ସେ ଅନେକ ପ୍ଲାଷ୍ଟିକ ରିସାଇକ୍ଲିଂ କାର୍ଯ୍ୟ ଓ ଜନହିତକର କାର୍ଯ୍ୟକ୍ରମ ଆରମ୍ଭ କରିବାରେ ସଫଳ ହୋଇଛନ୍ତି। ଲକ୍‌ଡାଉନ ସମୟରେ ଏକ ବ୍ୟବସାୟର ଅନୁକୂଳ ପରିବେଶ ରହିଥିବା ଲକ୍ଷ୍ୟ କରି ଦଶାରି ମାସ୍କ ତିଆରି କାର୍ଯ୍ୟରେ ୪,୦୦୦ ମହିଳାଙ୍କୁ ନିଯୁକ୍ତ କରିଥିଲେ। କେବଳ ଗୋଟିଏ ବର୍ଷରେ ଏଥିରୁ ୫୦ ଲକ୍ଷ ଟଙ୍କା ଲାଭ ମିଳିଥିଲା। ସେ କୃଷି, ମାଛଚାଷ ପାଇଁ ୩୦୦୦ ପୋଖରୀ ଓ ଜଳ ସଂରକ୍ଷଣ ଲାଗି ଜଙ୍ଗଲରେ ଖାଇ ଖୋଳା କାମରେ ପ୍ରବାସୀ ଶ୍ରମିକମାନଙ୍କୁ ଲଗାଇ ସେମାନଙ୍କୁ ରୋଜଗାର ଯୋଗାଇ ଦେଇଛନ୍ତି।

### ବରିଷ୍ଠତାକୁ ଅସ୍ୱୀକାର

ସମ୍ପ୍ରତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାରମ୍ପରିକ ଆଇଏଏସ୍ ପଦବୀଗୁଡ଼ିକରେ ଅଣ ଆଇଏଏସ୍ ଅଧିକାରୀମାନଙ୍କୁ ଅଧିକ ନିଯୁକ୍ତି ଦେଉଛନ୍ତି। ଏଭଳି ଶାସନ ବ୍ୟବସ୍ଥାରେ ଧୀରେ ଧୀରେ ଆଇଏଏସ୍‌ଙ୍କ ପ୍ରଭାବ କମୁଛି ବୋଲି ଚର୍ଚ୍ଚା ହୋଇଆସୁଛି। କିନ୍ତୁ ସୂଚନା ମିଳୁଛି ଯେ, ଆଇଏଏସ୍ ଲବି ଏଯାବତ ତା' ସ୍ଥିତିକୁ ମଜଭୁତ କରି ରଖିଛି, ଏପରିକି ବିଭିନ୍ନ ବିଭାଗରେ ଯେଉଁଠି ପାରୁଛି ଆଇଏଏସ୍‌ଙ୍କ ସଂଖ୍ୟା ବୃଦ୍ଧି କରିବାକୁ ପ୍ରୟାସ କରୁଛି। ଗତ ସପ୍ତାହରେ କ୍ୟାବିନେଟ ସଚିବ ରାଜୀବ ଗୌବାଙ୍କ ସମେତ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ, ସ୍ୱରାଷ୍ଟ୍ର ସଚିବ, ରାଜସ୍ୱ ସଚିବ ଏବଂ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ ସଚିବଙ୍କୁ ନେଇ ଗଠିତ ଏକ କମିଟି ସେଣ୍ଟ୍ରାଲ୍ ବୋର୍ଡ ଅଫ୍ ଡାଇରେକ୍ଟ ଟ୍ୟାକ୍ସେସ୍ (ସିବିଡିଟି)ର ତିନି ସଦସ୍ୟଙ୍କ ନିଯୁକ୍ତି ଲାଗି ୧୯ ଜଣ ଆଇଆର୍‌ଏସ୍ ଅଧିକାରୀଙ୍କ ସ୍କ୍ରିନିଂ କରିଥିଲେ। ବରିଷ୍ଠତା ଭିତ୍ତିରେ ନିଯୁକ୍ତି ପାଇଁ ଆପଏଣ୍ଟମେଣ୍ଟ କମିଟି ଅଫ୍ ଦି କ୍ୟାବିନେଟ୍(ଏସିସି) ଦ୍ୱାରା ଯଥାବିଧି ବିଜ୍ଞପ୍ତି ପ୍ରକାଶ କରାଯାଇଥାଏ। କିନ୍ତୁ ଏହା ବଦଳରେ ପ୍ରଥମ ଥର ପାଇଁ ଆଇଏଏସ୍ ଅଧିକାରୀମାନଙ୍କର ଏହି କମିଟି ଏଭଳି ସ୍କ୍ରିନିଂ କରିଥିବା ଜଣାପଡିଛି। ସୂତ୍ରରୁ ପ୍ରକାଶ ଯେ, ଏସିସି ଅନୁମୋଦନ କ୍ରମେ ଆଇଆର୍‌ଏସ୍ ସିଭିଲ୍ ଲିଷ୍ଟରେ ବରିଷ୍ଠତା ଭିତ୍ତିରେ ସିବିଡିଟି ଅଧ୍ୟକ୍ଷ ଏବଂ ସଦସ୍ୟମାନଙ୍କ ନିଯୁକ୍ତି ହୋଇଥାଆନ୍ତି। ଏହି ପ୍ରକାର ପ୍ରକ୍ରିୟାରେ ବରିଷ୍ଠତାକୁ ଅସ୍ୱୀକାର ବା ଅଣଦେଖା କରିବା ଦ୍ୱାରା ଆଇଆର୍‌ଏସ୍ କ୍ୟାଡର୍ ଅଧିକାରୀମାନେ ନିରାଶ ହେବା ସ୍ୱାଭାବିକ। ସେମାନଙ୍କୁ ନ୍ୟୂନ ଭାବେ ଦେଖାଯାଉଥିବା ବୋଲି ସେମାନେ ଭାବୁଛନ୍ତି । ଏବେ ଆଇଏଏସ୍ କ୍ୟାଡର୍ ଦ୍ୱାରା ଅନ୍ୟ ସେବାଗୁଡ଼ିକ ଉପରେ ପ୍ରଭୁତ୍ୱ ଜାହିର କରିବା ପ୍ରୟାସରୁ ଏଭଳି ଭାବନା ଆସିବା ସ୍ୱାଭାବିକ। ସେମାନେ କହନ୍ତି, ଏହା ଏକ ନିୟମିତ ନିଷ୍ପତ୍ତି ହେବା ଆବଶ୍ୟକ, କିନ୍ତୁ ପିଏମ୍‌ଓରେ ଶୀର୍ଷ ଅମଲାତନ୍ତ୍ରୀଙ୍କ ଉପରେ ବିଶ୍ୱାସ ରଖାଯାଇ ଏହି ପରିସ୍ଥିତି ସୃଷ୍ଟି କରାଯାଇଛି।

### ହ୍ୱିସିଲବ୍ଲୋୟର ବାବୁ

ଦେଶର ସବୁଆଡେ ହ୍ୱିସିଲ୍‌ବ୍ଲୋୟର ବାବୁମାନେ କ୍ୟାରିୟରରେ ପ୍ରଶାସନର ଅପ୍ରିୟ ବିଷୟକୁ ଉତ୍‌ଥାପନ କରନ୍ତି ଓ ଏହାଯୋଗୁ ବାରମ୍ବାର ବଦଳିର ସମ୍ମୁଖୀନ ହୋଇଥାଆନ୍ତି। ପରଦା ଆଢୁଆଳରେ ରହିଥିବା ବିଷୟଗୁଡ଼ିକୁ ସାମ୍ନାକୁ ଆଣିବାରେ ସେମାନେ ବେଶ୍ ଦକ୍ଷ। ମଧ୍ୟପ୍ରଦେଶରେ ୨୦୧୪ କ୍ୟାଡର୍ ଆଇଏଏସ୍ ଅଧିକାରୀ ତଥା ହ୍ୱିସିଲବ୍ଲୋୟର ଲୋକେଶ କୁମାର ଜଙ୍ଗିଡ ଶିବରାଜ ଚୌହାନ୍ ସରକାରଙ୍କୁ ଟାର୍ଗେଟ କରି ପ୍ରଭାବ ପକାଇ ପାରିଛନ୍ତି। ଜଙ୍ଗିଡ ଏବେ ଟୁଇଟରେ ଦାବି କରିଛନ୍ତି, ୨୦୨୦ରେ ରାଜ୍ୟର ସିଭିଲ୍ ସର୍ଭିସ ବୋର୍ଡ(ସିଏସ୍‌ବି) ଆଇଏଏସ୍ ଅଧିକାରୀମାନଙ୍କ ସର୍ବନିମ୍ନ କାର୍ଯ୍ୟକାଳ ଅବଧି ଶେଷ ହେବା ପୂର୍ବରୁ ସେମାନଙ୍କ ବଦଳିକୁ ଅନୁମୋଦନ କରିବା ପାଇଁ ୯୧ ଥର ବୈଠକ କରିଛି। ପ୍ରକାଶ ଯୋଗ୍ୟ ଯେ,ପ୍ରତ୍ୟେକ ନିଯୁକ୍ତିରେ ଆଇଏଏସ୍, ଆଇପିଏସ୍ ଏବଂ ଆଇଏଫ୍‌ଏସ୍ ସେବାଗୁଡ଼ିକ ପାଇଁ ସର୍ବନିମ୍ନ କାର୍ଯ୍ୟକାଳ ଦୁଇ ବର୍ଷ ରହିଛି। ନିଜର ଦୃଷ୍ଟାନ୍ତ ଦେଇ ଜଙ୍ଗିଡ କହିଛନ୍ତି, ତାଙ୍କ କ୍ୟାରିୟରର ୪ରୁ ୫ ବର୍ଷ ମଧ୍ୟରେ ତାଙ୍କୁ ୯ ଥର ବଦଳି କରାଯାଇଛି। ସମୟ ପୂର୍ବରୁ ବଦଳି କରାଯିବା ଓ ଏହାର ପ୍ରଶାସନ ଉପରେ ଥିବା ନକାରାତ୍ମକ ପ୍ରଭାବକୁ ସାମ୍ନାକୁ ଆଣିବା ପାଇଁ ଏହି ଘଟଣାକୁ ଉତ୍‌ଥାପନ କରିବାକୁ ଚାହିଁଥିଲେ ବୋଲି ଜଙ୍ଗିଡ କହିଛନ୍ତି। ଜୁନ ପ୍ରାରମ୍ଭରେ ମଧ୍ୟ ଏହି ଯୁବ ଅଧିକାରୀ ବଡୱାନି ଜିଲାର ଜିଲାପାଳଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆଣିଥିଲେ। ରାଜ୍ୟ ସରକାର ଏହି ଘଟଣାରେ ତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ , କିନ୍ତୁ ଜଙ୍ଗିଡି ଏହାକୁ ଅନ୍ୟାୟ ଓ ଅନୁଶାସନ ରହିତ କାର୍ଯ୍ୟାନୁଷ୍ଠାନ କହି ଖଣ୍ଡନ କରିବା ସହିତ ତାଙ୍କୁ ଦିଆଯାଇଥିବା ଆଦେଶକୁ ଗ୍ରହଣ କରିବାକୁ ମନା କରିଦେଇଥିଲେ। ଏବେ ସୁଦ୍ଧା ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାବେଳେ ଏଭଳି ଉତ୍ତେଜନା କିଛି ବଡ ପରିବର୍ତ୍ତନର କାରଣ ପାଲଟିବ କି।

Email: dilipcherian@gmail.com

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | 8 | 7 |
| | | | | | 5 | 2 | | |
| | 8 | 5 | | 3 | | | | |
| | 7 | 1 | | | | | | |
| 3 | | | | 1 | | 6 | | |
| | 6 | | | | 4 | 8 | | 3 |
| | 2 | | 4 | | | 3 | | 9 |
| | | 8 | | | | | 5 | 2 |
| | | | | | 9 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 8 | 3 | 9 | 4 | 7 | 5 | 2 | 1 |
| 1 | 7 | 4 | 5 | 2 | 6 | 3 | 8 | 9 |
| 9 | 5 | 2 | 1 | 3 | 8 | 7 | 6 | 4 |
| 8 | 9 | 6 | 4 | 5 | 1 | 2 | 3 | 7 |
| 3 | 1 | 5 | 7 | 9 | 2 | 8 | 4 | 6 |
| 2 | 4 | 7 | 8 | 6 | 3 | 9 | 1 | 5 |
| 7 | 3 | 8 | 6 | 1 | 9 | 4 | 5 | 2 |
| 5 | 2 | 1 | 3 | 7 | 4 | 6 | 9 | 8 |
| 4 | 6 | 9 | 2 | 8 | 5 | 1 | 7 | 3 |

ଗତକାଲିର ଉତ୍ତର



# ଜନପ୍ରତିନିଧିଙ୍କ କ୍ଷମତା

ଅନିଲ କୁମାର ବିଶ୍ୱାଳ

ଗଣତନ୍ତ୍ରରେ ଲୋକମାନେ ହେଉଛନ୍ତି ସର୍ବଶକ୍ତିମାନ। ଲୋକମାନେ ଭୋଟ୍ ଦେଇ ସେମାନଙ୍କର ପ୍ରତିନିଧି ବାଛିବେ, ସେହି ଜନପ୍ରତିନିଧିମାନଙ୍କ ମୁଣ୍ଡରେ ଶାସନର ଦାୟିତ୍ୱ ରହିବ। ସେମାନେ ଲୋକଙ୍କ ପାଖରେ ଉତ୍ତରଦାୟୀ ରହିବେ। ସେଥିପାଇଁ ନିର୍ବାଚିତ ହେଉଥିବା ଜନପ୍ରତିନିଧିମାନେ, ସେ ବିଧାୟକ ହୁଅନ୍ତୁ, ସାଂସଦ ହୁଅନ୍ତୁ, ସରପଞ୍ଚ ହୁଅନ୍ତୁ ଜିଲା ପରିଷଦ ହୁଅନ୍ତୁ, ଏମାନେ ହେଉଛନ୍ତି ଗଣତାନ୍ତ୍ରିକ ବ୍ୟବସ୍ଥାରେ ଜଣେ ଜଣେ ମଙ୍ଗୁଆଳ। ସେମାନେ ଯେତେ କ୍ଷମତାଶାଳୀ ହେବେ ଲୋକମାନେ ସେତେ ଶକ୍ତିମାନ ହେବେ। ଏଠାରେ କ୍ଷମତା କହିଲେ ଶକ୍ତି ପ୍ରଦର୍ଶନକାରୀ କ୍ଷମତା ନୁହେଁ, ଏହା ହେଉଛି ଲୋକଙ୍କ କାମ କରିବାର ଦାୟିତ୍ୱ । ବେଳେବେଳେ ପ୍ରଶ୍ନ ଉଠେ ଯେ ବର୍ତ୍ତମାନର ପ୍ରଚଳିତ ବ୍ୟବସ୍ଥାରେ ସତରେ କଣ ଜନପ୍ରତିନିଧିମାନଙ୍କୁ ଯଥେଷ୍ଟ କ୍ଷମତା ଦିଆଯାଇଛି କି ? ଏହା ଉପରେ ତର୍ଜମା କରିବାର ଆବଶ୍ୟକତା ଅଛି ବୋଲି ମନେହୁଏ।

ଦେଶର ସମ୍ବିଧାନ ପୂରା ଶାସନ ବ୍ୟବସ୍ଥାକୁ ତିନି ଭାଗରେ ବିଭକ୍ତ କରିଛି। ବ୍ୟବସ୍ଥାପିକା (ଜନପ୍ରତିନିଧି), କାର୍ଯ୍ୟପାଳିକା (ସରକାରୀ କର୍ମଚାରୀ) ଓ ନ୍ୟାୟପାଳିକା। ନ୍ୟାୟପାଳିକାକୁ ସ୍ୱତନ୍ତ୍ର କ୍ଷମତା ଦିଆଯାଇଛି ସତ କିନ୍ତୁ ଦେଶ ଚଳାଇବା ଦୃଷ୍ଟିରୁ ସବୁଠାରୁ ଅଧିକ କ୍ଷମତାଯୁକ୍ତ କରାଯାଇଛି ବ୍ୟବସ୍ଥାପିକାକୁ। କିନ୍ତୁ କିଛି ସୀମିତତା ପାଇଁ ବାସ୍ତବରେ ଜନପ୍ରତିନିଧିମାନଙ୍କ ଆଗରେ କାର୍ଯ୍ୟପାଳିକା ବେଶି କ୍ଷମତାଯୁକ୍ତ ପ୍ରତୀୟମାନ ହେଉଛି। ସେଥିପାଇଁ ବ୍ୟବସ୍ଥାଗତ ତ୍ରୁଟି ଗୋଟିଏ କାରଣ ହୋଇଥିବାବେଳେ ଆଉ ଗୋଟିଏ କାରଣ ହେଉଛି ରାଜନୈତିକ।

ଆମେ ବ୍ୟବସ୍ଥାଗତ ତ୍ରୁଟି ଉପରେ ଆଲୋଚନା କରିବା। ଲୋକମାନେ ଭୋଟ୍ ଦେଇ ସରକାର ବାଛିଲେ। ହେଲେ ସରକାରରେ ସମସ୍ତ ଜନପ୍ରତିନିଧିଙ୍କର ସ୍ଥାନ ନାହିଁ । ସରକାର କହିଲେ ମୁଖ୍ୟମନ୍ତ୍ରୀ ବା ପ୍ରଧାନମନ୍ତ୍ରୀ ଏବଂ ତାଙ୍କର ମନ୍ତ୍ରିମଣ୍ଡଳ, ଶାସନ ସଚିବ, ଜିଲାପାଳ ଏବଂ ଅନ୍ୟ ଅଧିକାରୀଗଣ। ସରକାର କେମିତି ଚାଲିବ, କ'ଣ ନିଷ୍ପତ୍ତି ନିଆଯିବ ସେଥିରେ ଜଣେ ସାଧାରଣ ଜନପ୍ରତିନିଧିର ବିଶେଷ କିଛି ଭୂମିକା ନାହିଁ। ବରଂ ଅନେକ ଘଟଣାରେ ଦେଖାଯାଇଛି ଯେ ଶାସକ ଦଳର ବିଧାୟକମାନେ ବା ସାଂସଦମାନେ ସରକାରଙ୍କୁ ଗଠନ ମୂଳକ ପରାମର୍ଶ ଦେବାରେ ବି ଡରନ୍ତି ବା କୁଣ୍ଠାବୋଧ କରନ୍ତି।

ସରକାରରେ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀଙ୍କ ପାଖରେ ଅନ୍ୟ ଜନପ୍ରତିନିଧିଙ୍କ ତୁଳନାରେ ଆଉ ଏମିତି କେଉଁ ବିଶେଷ କ୍ଷମତା ଅଧିକ ଅଛି ଯେଉଁଥି ପାଇଁ ସେମାନେ ଅଧିକ କ୍ଷମତାଶାଳୀ ? ଜଣେ ମନ୍ତ୍ରୀ ଏବଂ ଜଣେ ସାଧାରଣ ବିଧାୟକ ବା ସାଂସଦଙ୍କ ଭିତରେ କ'ଣ ତଫାତ ଅଛି ? ଦୁଇ ଜଣ ଯାକ ନିର୍ବାଚିତ ଜନପ୍ରତିନିଧି ହେଲେ ମନ୍ତ୍ରୀଙ୍କ ପାଖରେ ରହିଛି କାର୍ଯ୍ୟନିର୍ବାହୀ କ୍ଷମତା, ଯାହା ଜଣେ ମନ୍ତ୍ରୀଙ୍କୁ ଆଉ ଜଣେ ବିଧାୟକ ବା ସାଂସଦଙ୍କ ଅପେକ୍ଷା ବେଶି କ୍ଷମତାଶାଳୀ ଏବଂ ବେଶି ଉତ୍ତରଦାୟୀ କରୁଛି। ଜଣେ ସାଧାରଣ ବିଧାୟକ ବା ସାଂସଦଙ୍କ ପାଖରେ କାର୍ଯ୍ୟନିର୍ବାହୀ କ୍ଷମତା ନାହିଁ। କେବଳ ନିଜ ଆଞ୍ଚଳିକ ଉନ୍ନୟନ ହାତ ପାଣ୍ଠି ଛଡ଼ା ଆଉ କୌଣସି ଆର୍ଥିକ କ୍ଷମତା ମଧ୍ୟ ନାହିଁ । ଏପରିକି ନିଜ ନିର୍ବାଚନମଣ୍ଡଳୀରେ କୌଣସି ଉନ୍ନୟନମୂଳକ କାମ କରିବାକୁ ହେଲେ ସେମାନଙ୍କୁ ଜିଲାପାଳ, ମନ୍ତ୍ରୀ, ସଚିବଙ୍କୁ ଅନୁରୋଧ କରିବାକୁ ପଡ଼ିବ। ତାହା ହେବକି ନ ହେବ ତାହା ଜନପ୍ରତିନିଧିଙ୍କ କଥାରେ ନ ଥାଏ। କିନ୍ତୁ ଜଣେ ପ୍ରଶାସନିକ ଅଧିକାରୀଙ୍କର ଏ ସମସ୍ତ ପ୍ରକାର କ୍ଷମତା ରହିଛି । ଜଣେ ଜିଲାପାଳ ଚାହିଁଲେ କୌଣସି ନିୟମ ସେହି ଜିଲା ପାଇଁ କରିପାରିବେ, ଯେକୌଣସି ଉନ୍ନତି ମୂଳକ କାମ ପାଇଁ ଅର୍ଥ ବରାଦ କରିପାରିବେ, ନୂଆ ପ୍ରକଳ୍ପ ଆରମ୍ଭ କରିପାରିବେ, ବିଭିନ୍ନ ପ୍ରକାରର ଜନକଲ୍ୟାଣ ଯୋଜନାକୁ ଲାଗୁ କରାଇବାରେ ପ୍ରତ୍ୟକ୍ଷ ଭୂମିକା ଗ୍ରହଣ କରିବେ, କାହାର ଭୁଲ ଯଦି ହୁଏ ତା'ଉପରେ କାର୍ଯ୍ୟାନୁଷ୍ଠାନ ନେଇପାରିବେ। କିନ୍ତୁ ଜଣେ ବିଧାୟକ ବା ସାଂସଦ ସେ କେବଳ ବିଧାନସଭା ବା ସଂସଦରେ ନିୟମ ପ୍ରସ୍ତୁତରେ ଭାଗୀଦାରି ହେବା ଛଡା ଆଉ ସେପରି କୌଣସି କ୍ଷମତାର ଅଧିକାରୀ ନୁହନ୍ତି। ନିଜ ନିର୍ବାଚନମଣ୍ଡଳୀରେ ଜଣେ ଲୋକ ପ୍ରତିନିଧିଙ୍କର ଯେପରି କାର୍ଯ୍ୟ ନିର୍ବାହୀ କ୍ଷମତା ଏବଂ ଆର୍ଥିକ କ୍ଷମତା ରହିବାର ଆବଶ୍ୟକତା ରହିଛି ସେପରି ନାହିଁ କହିଲେ ଚଳେ । ବିଧାୟକ ବା ସାଂସଦଙ୍କର କଥା ଯଦି କାର୍ଯ୍ୟପାଳିକାମାନେ ନ ମାନିଲେ ତାହା ହେଲେ ମଧ୍ୟ ସମ୍ବିଧାନରେ ସେପରି କିଛି ବ୍ୟବସ୍ଥା ନାହିଁ । ଜନପ୍ରତିନିଧିମାନେ କେବଳ ଏହାର ରାଜନୈତିକ ପ୍ରତିବାଦ କରିପାରିବା ଛଡା ଆଉ କୌଣସି ଉପାୟ ସେମାନଙ୍କ ପାଖରେ ନାହିଁ। ସେ କେବଳ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିପାରିବେ ବା ଉପରିସ୍ଥ ଅଧିକାରୀଙ୍କୁ ଲିଖିତ ଅଭିଯୋଗ ଜଣାଇ ପାରିବେ । କିନ୍ତୁ ଜଣେ ଜିଲାପାଳଙ୍କର ଅଧିକାର ଅଛି ଜିଲା ସ୍ତରୀୟ ଲୋକ ପ୍ରତିନିଧିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାର। ହଁ, ବିଧାୟକ ବା ସାଂସଦମାନେ କୌଣସି ଚିଠି ଲେଖିଲେ ଏହାର ଉତ୍ତର ଦେବା ପାଇଁ କାର୍ଯ୍ୟନିର୍ବାହୀ ବାଧ୍ୟ କିନ୍ତୁ ଏହା କେବଳ କୌଣସି ବିଷୟରେ ତଥ୍ୟ ହାସଲ ପାଇଁରେ ସୀମିତ । ଯଦି ଆମେ ଏହି ଦୃଷ୍ଟିରୁ ତୁଳନା କରିବା ତାହେଲେ କାହା ହାତରେ ବେଶି ଦାୟିତ୍ୱ ଏବଂ କ୍ଷମତା ? ବ୍ୟବସ୍ଥାପିକା ନା କାର୍ଯ୍ୟପାଳିକା ? ସ୍ୱାଭାବିକ ଭାବରେ କାର୍ଯ୍ୟପାଳିକା। କିନ୍ତୁ ଗଣତନ୍ତ୍ରର ମୂଳ ଭାବନା ଅନୁସାରେ ବ୍ୟବସ୍ଥାପିକା ଅଧିକ କ୍ଷମତାଶାଳୀ, କାରଣ ସେମାନଙ୍କୁ ଲୋକ ନିର୍ବାଚିତ କରି ପଠାଇଛନ୍ତି। କିନ୍ତୁ ବାସ୍ତବତା କିଛି ଅଲଗା।

ଖାଲି ଯେ ବିଧାୟକ ବା ସାଂସଦଙ୍କ କ୍ଷେତ୍ରରେ ଏମିତି ହେଉଛି ତାହା ନୁହେଁ। ଗ୍ରାମପଞ୍ଚାୟତ, ଜିଲାପରିଷଦ, ସହରାଞ୍ଚଳ ପରିଷଦଗୁଡ଼ିକରେ ବି ସମାନ ବ୍ୟବସ୍ଥା । ଜନପ୍ରତିନିଧିମାନଙ୍କ ଭିତରୁ ଯିଏ ଅଧ୍ୟକ୍ଷ ହୋଇଗଲା ତାଙ୍କର ଯେହେତୁ କିଛି କାର୍ଯ୍ୟନିର୍ବାହୀ କ୍ଷମତା ରହିଲା ସେ କିଛି ମାତ୍ରାରେ କ୍ଷମତାଯୁକ୍ତ । ବାକି ଅନ୍ୟ ସମସ୍ତ ଜନପ୍ରତିନିଧିଙ୍କ ପାଖରେ କୌଣସି କାର୍ଯ୍ୟନିର୍ବାହୀ କ୍ଷମତା ନାହିଁ । କ୍ଷମତା ରହୁଛି ବ୍ଲକ ଉନ୍ନୟନ ଅଧିକାରୀଙ୍କ ପାଖରେ ବା ଜିଲାପାଳଙ୍କ ପାଖରେ। ପଞ୍ଚାୟତ ସ୍ତରରେ ବା ବ୍ଲକ ସ୍ତରରେ ଯେଉଁ ଜନପ୍ରତିନିଧିମାନେ ଅଛନ୍ତି ବାସ୍ତବରେ ଦେଖିବାକୁ ଗଲେ ସେମାନଙ୍କର ନା କୌଣସି କାର୍ଯ୍ୟନିର୍ବାହ କ୍ଷମତା ଅଛି ନା କୌଣସି ଆଇନ ପ୍ରଣୟନ କ୍ଷମତା। ସେମାନେ କେବଳ ମଧ୍ୟସ୍ଥର କାମ କରୁଛନ୍ତି ଜନତା ଓ ପ୍ରଶାସନ ଭିତରେ। ପଞ୍ଚାୟତରେ ମୌଳିକ ସମସ୍ୟା ଯେପରିକି ସ୍ୱାସ୍ଥ୍ୟ, ଶିକ୍ଷା ଆଦି ପ୍ରସଙ୍ଗରେ ସମସ୍ୟା ହେଲେ ତାକୁ ସମାଧାନ କରିବାର କ୍ଷମତା ସେମାନଙ୍କର ନାହିଁ ।

ଯେପରି ରାଜ୍ୟର ମୁଖ୍ୟ ହେଉଛନ୍ତି ମୁଖ୍ୟମନ୍ତ୍ରୀ, ଦେଶର ମୁଖ୍ୟ ପ୍ରଧାନମନ୍ତ୍ରୀ, ଜିଲାର ମୁଖ୍ୟ ହେଉଛନ୍ତି ଜିଲାପାଳ। ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ ହେଉଛି ଲୋକଙ୍କ ଦ୍ୱାରା ନିର୍ବାଚିତ ପଦବୀ, କିନ୍ତୁ ଜିଲାପାଳ ତାହା ନୁହେଁ। ଗଣତାନ୍ତ୍ରିକ ବ୍ୟବସ୍ଥାରେ ଶାସନ ବ୍ୟବସ୍ଥାର ଏଭଳି ଏକ ମୁଖ୍ୟପଦବୀକୁ ଯଦି ଲୋକଙ୍କ ଦ୍ୱାରା ସିଧାସଳଖ ବା ପରୋକ୍ଷ ଭାବରେ ନିର୍ବାଚିତ କରାଯାଆନ୍ତା ତାହେଲେ ଲୋକଙ୍କ କ୍ଷମତା ବଢ଼ନ୍ତା ଏବଂ ପଦବୀର ଉତ୍ତରଦାୟିତ୍ୱ ଲୋକଙ୍କ ପାଖରେ ବୃଦ୍ଧି ହୁଅନ୍ତା। ତେଣୁ ଜିଲାପାଳ ପଦକୁ ଜନ ପ୍ରତିନିଧି ପଦରେ ପରିଣତ କରିଲେ କେମିତି ହୁଅନ୍ତା ଏହା ଉପରେ ଆଲୋଚନା କରିବାର ଆବଶ୍ୟକତା ରହିଛି। ଶାସନର ସୁବିଧା ଦୃଷ୍ଟିରୁ ତାଙ୍କୁ ସାହାଯ୍ୟ କରିବା ପାଇଁ ପ୍ରଶାସନିକ ଅଧିକାରୀ ନିଯୁକ୍ତି କରିବାରେ କିଛି ଅସୁବିଧା ନାହିଁ ।

କ୍ଷମତାର ବିକେନ୍ଦ୍ରୀକରଣ ବିଶ୍ୱରେ ଯେତେ ଗଣତାନ୍ତ୍ରିକ ରାଷ୍ଟ୍ର ଅଛି ସବୁଠାରେ ଅଲଗା ଅଲଗା । ଆମେରିକାରେ ବ୍ୟବସ୍ଥାପିକାର କାମ କଂଗ୍ରେସ ବା ପ୍ରତିନିଧି ସଭାର କିନ୍ତୁ ଏହା ସହିତ ସଦସ୍ୟମାନଙ୍କର କାର୍ଯ୍ୟନିର୍ବାହୀ କ୍ଷମତା ମଧ୍ୟ ନିଜ ନିଜ ଅଞ୍ଚଳ ପାଇଁ ରହିଛି । ବ୍ରାଜିଲରେ ଏହି କ୍ଷମତା ଆଉ ଟିକିଏ ଶକ୍ତ । ଆମେରିକାରେ ଯେଉଁ ଅମଲାମାନେ କାର୍ଯ୍ୟନିର୍ବାହୀ କାମ ସମ୍ଭାଳନ୍ତି ସେମାନେ ଦୁଇ ପ୍ରକାର। କ୍ୟାଡର ବ୍ୟୁରୋକ୍ରାଟ ଏବଂ ପ୍ରଫେସନାଲ ବ୍ୟୁରୋକ୍ରାଟ। ଭାରତରେ ଇନ୍ଦିରା ଗାନ୍ଧୀ ଏବଂ ରାଜନାରାୟଣଙ୍କ ମାମଲାରେ ମାନ୍ୟବର ସୁପ୍ରିମକୋର୍ଟ କହିଥିଲେ ଯେ, ଆମ ଦେଶର ସମ୍ବିଧାନ ଅନୁସାରେ କ୍ଷମତାର ବିକେନ୍ଦ୍ରୀକରଣ ବିଶ୍ୱର ଅନ୍ୟ ଦେଶ ଭଳି କଠୋର ବା ଦୃଢ଼ ନୁହେଁ। ଏହା ନମନୀୟ ଏବଂ ଏହାର ଅର୍ଥ ବ୍ୟାପକ । ଯେପରିକି ରାଷ୍ଟ୍ରପତି, ବିଚାରପତିଙ୍କ ବିରୋଧରେ ହେଉଥିବା ମହାଭିଯୋଗର ବିଚାର କୋର୍ଟ କରିପାରିବନି, ଏହା କରିବ ବ୍ୟବସ୍ଥାପିକା । ସେହିପରି ଆର୍ଟିକିଲ ୧୩ ଅନୁସାରେ ସଂସଦ ବା ବିଧାନସଭା କରିଥିବା ଆଇନକୁ ତର୍ଜମା କରିବାର କ୍ଷମତା ଦିଆଯାଇଛି ନ୍ୟାୟପାଳିକାକୁ । ଆମେରିକାରେ ଏହି ଦୁଇଟି କଥା ଦେଖିବାକୁ ମିଳେ ନାହିଁ। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଅଦାଲତରେ ଠିଆ ହେବାକୁ ପଡ଼ିଥିଲା । ସେହିପରି ଆମେରିକାର କଂଗ୍ରେସରେ ଯେଉଁ ନିୟମ ପ୍ରସ୍ତୁତ ହୋଇଯାଇଛି ତାକୁ ସେହି ଦେଶର ଅଦାଲତ ତର୍ଜମା କରିପାରିବ ନାହିଁ ।

ସବାଶେଷରେ ଏତିକି କହିବା ଯେ ଗଣତନ୍ତ୍ର ହିଁ ହେଉଛି ଶ୍ରେଷ୍ଠ ପ୍ରକ୍ରିୟା। ଭାରତରେ ଯେଉଁ ବ୍ୟବସ୍ଥା ଚାଲିଛି ତାହା ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ବ୍ୟବସ୍ଥା। ସବୁ ବ୍ୟବସ୍ଥାରେ ସଂସ୍କାର ଆସିବା ଏକ ପ୍ରକ୍ରିୟା । ୫୦ ବର୍ଷ ତଳେ ଯେଉଁ ବ୍ୟବସ୍ଥାଗତ ତ୍ରୁଟି ଥିଲା ତାହା ଆଜି ନାହିଁ କି ଆଜି ଯାହା ଅଛି ଆଉ ୫୦ ବର୍ଷ ପରେ ତାହା ନଥିବ । ଆମକୁ ସ୍ୱର ଉଠାଇ, ବିତର୍କ କରି, ସଂସ୍କାର ପାଇଁ ରାସ୍ତା ଖୋଲା କରିବାକୁ ପଡ଼ିବ। ଗଣତନ୍ତ୍ର କହିଲେ ଲୋକମାନଙ୍କ ଦ୍ୱାରା ଶାସନ। ଲୋକମାନେ ଜନପ୍ରତିନିଧିଙ୍କୁ ବାଛନ୍ତି ଶାସନ ଚଳାଇବା ପାଇଁ। ତେଣୁ ସେମାନଙ୍କୁ ଅଧିକ କ୍ଷମତାଦେଲେ ପରୋକ୍ଷରେ ଲୋକମାନେ ହିଁ କ୍ଷମତାଶାଳୀ ହେବେ।

ହରିରାଜପୁର, ପୁରୀ
ମୋ - ୮୨୪୯୮୬୮୯୬୧



# ଟାଟୁ ଫାଟୁ

ଡ. କୁଳାଙ୍ଗାର

ଝିଅ ବଡ଼ ହେଲା ବୋଲି କେମିତି ଜାଣିବ ? ଏ ପ୍ରଶ୍ନର ଉତ୍ତର ପିଢ଼ି ପରେ ପିଢ଼ି ବଦଳି ଏବେ ଏହି ସ୍ତରରେ ପହଞ୍ଚିଛି କି, ଯେବେ ଝିଅ ଦେହରେ ଟାଟୁ ଅଙ୍କନ କରାଇଲା ; ଜାଣିବେ ଝିଅ ଏଥର ବଡ଼ ହୋଇଗଲା।

ସିଏ ଜଣେ ଝିଅର ବାପ। ସିଏ ଝିଅ ବଡ଼ ହେବାର ସେମିତି କିଛି ସୂଚନା ପାଇବା ପରେ ଝିଅ ପାଇଁ ବିବାହ ପ୍ରସ୍ତାବ ଖୋଜିବାରେ ଲାଗି ପଡ଼ିଲା। ଝିଅକୁ ପଚାରିଲା କାଳେ ସିଏ ନିଜେ କାହାକୁ ପସନ୍ଦ କରିଥିବ! ଝିଅ ଉତ୍ତର ଦେବା ପାଇଁ କିଛିଦିନ ସମୟ ନେଲା ଏବଂ ତା' ପରେ ମନା କରିଦେଲା କି ତା'ର ସେମିତି କେହି ପସନ୍ଦ ନାହାନ୍ତି। ସିଏ ଝିଅକୁ ପଚାରିଲା- ତୁ ସେଦିନ ତ ମନା କରିପାରିଥାନ୍ତୁ। ନାହିଁ କରିବାକୁ ଏତେ ଦିନ ସମୟ ନେଲୁ କାହିଁକି? ଏହା ପଛର ଭିତ୍ତିରି କଥାଟା ଟିକେ ଖୋଲି କହ! ଝିଅ କହିଲା- ମୋର ଚାରିଜଣ ବୟଫ୍ରେଣ୍ଡ୍ ଅଛନ୍ତି। ସେମାନେ ମୋ ପାଇଁ ବହୁତ କିଛି କରିଛନ୍ତି। ତେବେ ତମେ ବିବାହ କରିବା କଥା କହିବା ପରେ ସେଥି ମଧ୍ୟରୁ ଜଣକୁ ବାଛିବା ପାଇଁ ମୁଁ ସମୟ ନେଇଥିଲି। ସିଏ ବିସ୍ମିତ ହୋଇ ପଚାରିଲା- ତେବେ କଲୁନି କାହିଁକି? ସିଏ କ'ଣ ନାହିଁ କରିଦେଲା କି? ଝିଅ କହିଲା- ନାଇଁ ଚାରି ଜଣଯାକ ତ ମୋତେ ବିବାହ କରିବା ପାଇଁ ବ୍ୟାକୁଳ ଥିଲେ। ଏବେ ମଧ୍ୟ ମୋତେ ନ ପାଇଲେ କିଏ ଆତ୍ମହତ୍ୟା କରିଦେବ ତ କିଏ ହାତ କାଟି ପକେଇବ ବୋଲି ଧମକ ଦେଉଛି। କିନ୍ତୁ ମୁଁ ନିଜକୁ ମନା କରିଦେଲି କି ମୁଁ ସେମାନଙ୍କ ଭିତରୁ କାହାକୁ ବାହା ହେବି ନାହିଁ।

ଝିଅ କଥାଶୁଣି ତା' ମୁଣ୍ଡ ଖରାପ। ସିଏ କେମିତି ଭଲ ବରଟିଏ ଯୋଗାଡ଼ କରିବ ବୋଲି ଚିନ୍ତାଗ୍ରସ୍ତ। ହେଲେ ଇଏ ଚାରିଚାରିଟା ରାଜକୁମାରଙ୍କ ଭିତରୁ ଗୋଟିଏକୁ ସ୍ୱୟମ୍ବର କରି ଚୟନ କରିପାରୁନି? ସିଏ ଝିଅକୁ କହିଲା- ତୁ ସେଥି ମଧ୍ୟରୁ ଯିଏ ସୁନ୍ଦର ଏବଂ ଅଧିକ ରୋଜଗାରିଆ ତାକୁ ବାଛି ଦେଇଥିଲେ କ'ଣଟା ଅସୁବିଧା ହୋଇଥାଆନ୍ତା ? ଝିଅ କହିଲା- ସେ ଦୃଷ୍ଟିରୁ ତ ସଭିଏ ସଭିଙ୍କୁ ବଳି। ତେବେ ମୋର ପରୀକ୍ଷାରେ କେହିହେଲେ ଉତ୍ତୀର୍ଣ୍ଣ ନ ହେବାରୁ ମୁଁ ସମସ୍ତଙ୍କୁ ଛାଡ଼ିବାକୁ ବାଧ୍ୟ ହେଲି।

ସିଏ ପଚାରିଲା- ତୁ କ'ଣ କେମିତି ପରୀକ୍ଷା କଲୁ ଟିକେ ଖୋଲି କହୁନୁ! ଝିଅ କହିଲା- ମୁଁ ସମସ୍ତଙ୍କୁ ଜଣ ଜଣ କରି ଦେଖାକଲି ଏବଂ ତମେ ବାହାଘର ପାଇଁ ମୋର ମତ ଚାହିଁଥିବା କଥା କହିଲି ଏବଂ ସମସ୍ତଙ୍କ ପାଇଁ ଗୋଟିଏ ସର୍ତ୍ତ ରଖିଲି କି ଏଥିପାଇଁ ତାଙ୍କୁ ନିଜ ବାହୁରେ ଏବଂ ଛାତିରେ ମୋ ନାଆଁର ସ୍ଥାୟୀ ଟାଟୁ କରିବାକୁ ପଡ଼ିବ! ଡାଡି, ସେ ବଦମାସ୍ ପୁଅଙ୍କ ଭିତରୁ କେହି ଜଣେ ବି ମୋ ସର୍ତ୍ତ ମାନିବାକୁ ରାଜି ହେଲେ ନାହିଁ। ଜଣେ କହିଲା- ଭିତରେ ଥିବା ହୃଦୟ ତ ତମକୁ ଦେଇଛି, ଛାତି ଉପରେ ଲେଖିଦେଲେ କ'ଣ ପାଇବ ? ଆଉ ଜଣେ କହିଲା- ଏଇ ହାତରେ ତମ ହାତ ଧରି ତ ଜୀବନ ଜିଇବି, ସେଥିରେ ନାଆଁଟା ଲେଖିଦେଲେ କ'ଣଟା ଅସୁବିଧା ହେବ? ତୃତୀୟ ଜଣକ କହିଲା- ଟାଟୁ କରିବାକୁ ମୋର ଇଚ୍ଛା ଅଛି କିନ୍ତୁ ମୋର ସେଥିପ୍ରତି ଆଲର୍ଜି, ଦେହ ଖରାପ ହେବ! ଚତୁର୍ଥ ଜଣକ କହିଲା - ନା ଧନ, ସେମିତି କଲେ ମମି ରାଗିବେ! ସିଏ ଝିଅର କଥା ଶୁଣି ଚକିତ ହୋଇ କହିଲା- ସବୁ ଉତ୍ତର ତ ଠିକ୍ ଅଛି। ତୁ ଏମିତି ଅଜବ ସର୍ତ୍ତ ରଖିଲୁ କାହିଁକି? ଆମର ତ ବାହାଘରରେ ମତଲବ, ସେ ଟାଟୁଫାଟୁରୁ କ'ଣ ମିଳିବ?

ଝିଅ କହିଲା- ଡାଡି! ତମେ ତ ପୁରୁଣା ଜମାନାର ଲୋକ। ଏବର କଥା ଜାଣିବ କେମିତ। ଏବେ ପଚାଶ ବର୍ଷ ପାର୍ ହୋଇଯାଇଥିବା ଲୋକ ବି ନିଜକୁ ଯୁବକ ବୋଲି କହେ। ସୋସିଆଲ ମିଡିଆରେ ନିଜକୁ ଅବିବାହିତ ବୋଲି ଲେଖେ। ଉଦ୍ଦେଶ୍ୟ ହେଉଛି ବିବାହ ପରେ ମଧ୍ୟ ଏକାଧିକ ମହିଳା/ଯୁବତୀଙ୍କ ସହିତ ସମ୍ପର୍କ ରକ୍ଷା କରିବା। ଏକପତ୍ନୀ ବ୍ରତ ପାଇଁ କାହାର ମଧ୍ୟ ଇଚ୍ଛା ନାହିଁ। ସେଥିପାଇଁ ମୁଁ ଏମିତି ସର୍ତ୍ତ ରଖିଲି। ଦେହରେ କେଉଁ ଝିଅର ନାଆଁ ଦେଖିଲେ ଯେ କେହି ପ୍ରଶ୍ନ କରିବ କି ନାଇଁ? ସିଏ ତମର କ'ଣ ହେବ ବୋଲି ପଚାରିବ କି ନାହିଁ? ସିଏ ଝିଅର ବୁଦ୍ଧିକୁ ମନେମନେ ତାରିଫ୍ କଲା ଏବଂ ବିବାହ ପ୍ରସ୍ତାବ ଖୋଜିବାରେ ଲାଗି ପଡ଼ିଲା। ଚିହ୍ନାଜଣାରେ, ଟାଉଟର ମଧ୍ୟସ୍ଥଙ୍କ ଜରିଆରେ ମନମୁତାବକ ପ୍ରସ୍ତାବ ନ ମିଳନ୍ତେ ସିଏ ମାଟ୍ରିମୋନି ସାଇଟ୍‌ରେ ଝିଅର ବିବରଣୀ ଦାଖଲ କଲା ଏବଂ ଏକାଧିକ ପ୍ରସ୍ତାବରୁ ଗୋଟିଏ ଆଗକୁ ବଢ଼ିଲା।

ଦିନେ ବରପକ୍ଷ ସପରିବାରେ ଝିଅକୁ ଦେଖିବାକୁ ଆସିଲେ। ଉପଯୁକ୍ତ ଚର୍ଚ୍ଚା ସହିତ ଝିଅଦେଖା ଏବଂ କଥାବାର୍ତ୍ତା ପରେ ପୁଅର ମାଆ କହିଲେ- ସବୁ ଭଲ, ଝିଅ ଆମ ମନକୁ ପାଉଛି ଯେ ଝିଅର ବେକ ତଳେ ସେ ଟାଟୁଟା ଅଡୁଆ କରିଦେଲା। ଝିଅର ମାଆ ଉତ୍ତର ଫେରେଇଲେ- ସେଥିର କି ଅଡୁଆ ? ଏଇଟା ଆଜିକାଲିର ଫ୍ୟାଶନ । ସବୁ ଛୁଆମାନେ କରୁଛନ୍ତି। ପୁଅର ମାଆ କହିଲେ- ମୁଁ ଝିଅକୁ ସମ୍ପୂର୍ଣ୍ଣ ଦେଖିଲା ପରେ ଯାଇ ବୋହୂ କରିବି କି ନାହିଁ ନିଷ୍ପତ୍ତି ନେବି।

ଝିଅର ମାଆ ବିରକ୍ତ ଗଳାରେ କହିଲେ- କ'ଣ ଏମିତି କହୁଛନ୍ତି? ମୋ ପିଲାକୁ ଆପଣ କ'ଣ ପାଇଲେ କି?

ପୁଅର ମାଆ କହିଲେ- ଦେଖନ୍ତୁ, ମୁଁ ବୁଝିପାରୁଛି ମୋ କଥାଟା ଆପଣଙ୍କୁ ଭଲ ଲାଗିଲାନି । କିନ୍ତୁ ମୁଁ ନାଚାର। ବାହାଘର ପରେ ଜଣାପଡ଼ି ଦୁଇ ପରିବାର ଘାଣ୍ଟି ହେବା ଅପେକ୍ଷା ଆଗୁଆ କଥାଟା ସଫା ହୋଇଯିବା ଭଲ। କାରଣ ଝିଅ ଆଉ କୋଉଠି ଆଉ କାହା ନାଆଁର ଟାଟୁ କରିଥିବ, କହିଲ ଭଲା କୋଉ ସ୍ୱାମୀ ତାକୁ ସହ୍ୟ କରିପାରିବ? ସିଏ ହାତ ଯୋଡ଼ି କହିଲା- ଆଜ୍ଞା ଆପଣମାନେ ଦୟାକରି ଯାଆନ୍ତୁ। ଆମେ ଏ ସମ୍ପର୍କ ବଢ଼ାଇବା ପାଇଁ ଇଚ୍ଛୁକ ନୁହେଁ!

ସେମାନେ ଚାଲିଯିବା ପରେ ସିଏ ସପତ୍ନିକ ଝିଅ ପାଖରେ ବସି କହିଲା- ଆଗରୁ ଅତ୍ୟାଚାରୀ ରାଜା କବଳରୁ ରକ୍ଷା ପାଇବା ପାଇଁ ନିଜର ସୁନ୍ଦର ମୁହଁକୁ ସୁନ୍ଦରୀମାନେ କଦର୍ଯ୍ୟ କରିବା ଉଦ୍ଦେଶ୍ୟରେ ଟାଟୁ କରୁଥିଲେ। ପୂର୍ବରୁ ଏତେ ଯୋଗାଯୋଗ ବ୍ୟବସ୍ଥା ନ ଥିବାରୁ କେହି କେହି ହଜିଲେ ଖୋଜି ପାଇବାକୁ ସହଜ ହେବ ବୋଲି ଟାଟୁ କରି ନାଆଁ ଲେଖାଉଥିଲେ। ଆଉ କିଏ ମନଖୁସି କରିବା ପାଇଁ ଚିତା କୁଟାଉଥିଲେ। ଘରଣୀ କହିଲେ- ହେଲେ ଏବେ ତ ଏ ଟାଟୁ ଓଲଟି ମନଦୁଃଖ କରୁଛି। ମୁଁ ଶୁଣିଛି କାଳେ ତାହା କରିବାକୁ ମଧ୍ୟ କଷ୍ଟ ସହିବାକୁ ହୁଏ।

ସିଏ ଏଥର ଝିଅକୁ ଚାହିଁଲା ଏବଂ କହିଲା- ଏ ବୟସ, ଏ ଶରୀର ସ୍ୱଭାବତଃ ଅସ୍ଥାୟୀ, ସେଥିରେ ସ୍ଥାୟୀ ଚିତ୍ର ଆଙ୍କି ରଖିବାର ବିଚିତ୍ର ପ୍ରୟାସ କରି ତୁ ଆମକୁ ଆଉ ଏତେ କଷ୍ଟ ଦେ ନା...!

ନରସିଂହପୁର, କଟକ
ମୋ-୮୮୯୫୮୨୫୮୬୩

## ଏଇ ଭାରତରେ

ଗୋଟିଏ କିସମର ଆମ୍ବକୁ ବଞ୍ଚାଇ ରଖି ଗାଁରେ ଆମ୍ବ ଉତ୍ସବକୁ ଉଜ୍ଜୀବିତ କରିବା ଲାଗି ଦୀର୍ଘ ୧୫ ବର୍ଷ ହେବ ପ୍ରୟାସ ଜାରି ରଖିଛନ୍ତି ମହାରାଷ୍ଟ୍ରର କୃଷକ ଶ୍ୟାମାକାନ୍ତ ଥାଙ୍ଗେ। ଅହମଦନଗରର ଟିଖୋଲ ଗାଁ ମୁଣ୍ଡରେ ଥିବା ଗୋଟିଏ ଟିଖ୍‌ଲିୟା କିସମ ଆମ୍ବ ଗଛରୁ କଲମୀ କରି ଏହାର ଚାଷ ବଢାଇ ପାରିଛନ୍ତି। ଏଭଳି ପ୍ରୟାସ ପଛରେ ଏକ କାରଣ ରହିଛି। ଟିଖ୍‌ଲିୟା ଆମ୍ବ ଗଛଟି ବ୍ରିଟିଶ ଅମଳର। ଟିଖୋଲ ଗ୍ରାମବାସୀ ଉକ୍ତ ଗଛରୁ ଆମ୍ବ ପାଚିଲେ ତାହାକୁ ତୋଳି ଶଗଡ଼ରେ ରଖି ଗାଁ ଶେଷ ଯାଏ ବାଜା ବଜାଇ ଶୋଭାଯାତ୍ରା କରୁଥିଲେ। ଏହି ଆମ୍ବ ୨୦୦ରୁ ୩୦୦ ଗ୍ରାମ ହୋଇଥାଏ। ତୋଳିବା ପରେ ୨୫ ଦିନଯାଏ ଟଟକା ରହେ। ଗାଁର ଆମ୍ବ ଉତ୍ସବ ବନ୍ଦ ହେବା ପରେ ଏହାକୁ ପୁଣି ଆରମ୍ଭ କରିବା ଉଦ୍ଦେଶ୍ୟରେ ଥାଙ୍ଗେ ସେହି ପୁରୁଣା ଗଛରୁ କଲମୀ କରି ନୂଆଗଛରେ ଫଳାଇବା ପାଇଁ ଦୀର୍ଘ ବର୍ଷ ଧରି ଚେଷ୍ଟା କରି ସଫଳ ହୋଇଛନ୍ତି। ୯୦ ଦଶକରୁ ଫଳିବା ବନ୍ଦ ହେବା ପରେ ଏହି ଆମ୍ବ ପାଇଁ କଲମୀ କରିବା ଆରମ୍ଭ କରିଥିଲେ। କଲମୀକୁ ସ୍ଥାନୀୟ ଅଞ୍ଚଳରେ ଯୋଗାଉଛନ୍ତି। ଏଥିପାଇଁ ଲୋକମାନେ ଆଗୁଆ ଅର୍ଡର ଦେଉଛନ୍ତି ଓ ଥାଙ୍ଗେ ସେମାନଙ୍କୁ କଲମୀ ଚାରା ଯୋଗାଇ ଦେଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୭ ଅଗଷ୍ଟ ୧୯୯୬

- ତୁରନ୍ତ ଶାନ୍ତି ସ୍ଥାପନ ପାଇଁ କଥାବାର୍ତ୍ତା କରିବାକୁ ଇସ୍ରାଏଲ୍‌ର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁ ଦେଇଥିବା ପ୍ରସ୍ତାବକୁ ସିରିଆର ଅଗ୍ରାହ୍ୟ।
- ମହିଳା ଆଇଏଏସ୍ ଅଫିସର ରୂପନ୍ ଦେଓ୍ୱଲ ବଜାଜ୍‌ଙ୍କୁ ଅସୌଜନ୍ୟ ବ୍ୟବହାର କରିଥିବା ଅଭିଯୋଗ କ୍ରମେ ପଞ୍ଜାବର ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ କେ.ପି.ଏସ୍. ଗିଲ୍‌ଙ୍କୁ ୫ ମାସ ଜେଲ୍‌ଦଣ୍ଡ।

## ପାଠକ ଶ୍ରେଷ୍ଠ ବିଚାରକ

### ଦେଶଦ୍ରୋହର ପରିଭାଷା

ମହାଶୟ,

ଭାରତୀୟ ପିଙ୍ଗଳ କୋଡ୍‌ରେ ଥିବା ଦେଶଦ୍ରୋହର ପରିଭାଷା ଅନୁସାରେ ଯଦି କୌଣସି ବ୍ୟକ୍ତି ସରକାରଙ୍କ ବିରୋଧରେ କିଛି କୁହନ୍ତି ବା ଲେଖନ୍ତି ବା ଏପରି କାର୍ଯ୍ୟକୁ ପ୍ରୋତ୍ସାହିତ କରନ୍ତି, ତେବେ ତାଙ୍କୁ ଆଜୀବନ ଜେଲ୍‌ଦଣ୍ଡ ଅଥବା ତିନିବର୍ଷ ଜେଲଦଣ୍ଡ ଦିଆଯାଇପାରିବ। ଦେଶଦ୍ରୋହର ସଂଜ୍ଞା ନିରୂପଣ କରିବାକୁ ଯାଇ ସୁପ୍ରିମକୋର୍ଟ ୧୯୬୨ରେ ଏକ ସ୍ପଷ୍ଟୀକରଣ ଦେଇ କହିଥିଲେ ଯେ, ସରକାରଙ୍କୁ ଗାଦିଚ୍ୟୁତ କରିବା ପାଇଁ କେହି ହିଂସାର ଆଶ୍ରୟ ନେଲେ ବା ହିଂସାକୁ ଉସୁକାଇଲେ ଦେଶଦ୍ରୋହ ମାମଲା ରୁଜୁ ହେବ। ସରକାର ବା ନେତାଙ୍କୁ ସମାଲୋଚନା କଲେ ଏହା ହେବ ନାହିଁ। ସରକାରଙ୍କୁ ସମାଲୋଚନା କରିବା ଗଣତନ୍ତ୍ରର ଏକ ଅଙ୍ଗ। ଏହା ସ୍ୱାଧୀନ ଅଭିବ୍ୟକ୍ତିର ଅଧିକାର। ପୁନଶ୍ଚ ଗତ ଜୁଲାଇ ୧୫ ରେ ସୁପ୍ରିମ କୋର୍ଟ ଦେଶଦ୍ରୋହ ଆଇନର ଐତିହ୍ୟ ଓ ଆବଶ୍ୟକତାକୁ ନେଇ କେନ୍ଦ୍ର ସରକାରଙ୍କ ସମ୍ମୁଖରେ ଅନେକଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉତ୍‌ଥାପନ କରିଛନ୍ତି। ତେବେ ଏ ସଂକ୍ରାନ୍ତରେ ସୁପ୍ରିମ କୋର୍ଟଙ୍କ ଚୂଡ଼ାନ୍ତ ରାୟ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ।

-ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ମୁହିଁ ସେ ଜୀବନ ସକଳ ଧରାର ଧ୍ୟାନ
ଚିର ବାଞ୍ଛିତ ବିଶ୍ୱର ଅବଦାନ,
ମୁହିଁ ସେ ଜୀବନ ଖୋଜିଥିଲୁ ଶୈଶବେ
ତରୁଣ ଆଶାର ରଞ୍ଜିତ ଉଷା-ନଭେ।

-(ଜୀବନର ସ୍ୱର୍ଶ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ସୂତାଖିଅରେ ଜୀବନ

**କୃଷି ପରେ ହସ୍ତତନ୍ତ, ବାନ୍ଧକଳା ପଶ୍ଚିମ ଓଡ଼ିଶାବାସୀଙ୍କ ଏକ ପ୍ରମୁଖ କୌଳିକ ବୃତ୍ତି। ଏଥିପାଇଁ ଦେଶ, ବିଦେଶରେ ବରଗଡ଼ ଜିଲାର ସ୍ୱତନ୍ତ୍ର ପରିଚୟ ରହିଛି। କିନ୍ତୁ ଯେଉଁ ବୁଣାକାର ଏଭଳି ଗୌରବ ଆଣିଛନ୍ତି, କରୋନା ସେମାନଙ୍କ ଜୀବନ ଜୀବିକାକୁ ଉଜାଡ଼ି ଦେଇଛି। ବିନା ସହାୟତାରେ ଜୀବିକା ହରାଇଥିବା ବୁଣାକାରଙ୍କ ଜୀବନ ଦୁର୍ବିଷହ ହୋଇପଡିଛି।**

ରିପୋର୍ଟ: ପ୍ରେମାନନ୍ଦ ଖମାରୀ

## କରୋନା ଦେଲା କଷଣ



ଆମେ ପରିବାରରେ ୪ଜଣ ଅଛୁ। ଜମିବାଡ଼ି କିଛି ନାହିଁ। ଶାଢ଼ି ବୁଣାବୁଣି କରି ବିକିଥାଉ। ସେଥିରୁ ଯାହା ମିଳେ ସେଥିରେ ପରିବାର ଗୁଜୁରାଣ ମେଣ୍ଟିଥାଏ। କିନ୍ତୁ ଗତବର୍ଷରୁ ପରିବାର ଚଳାଇବା କଷ୍ଟକର ହୋଇ ପଡ଼ିଛି। କପଡ଼ା ବୁଣିଲେ ମଧ୍ୟ ବିକ୍ରିବଟା ହୋଇପାରୁନାହିଁ। ନିକଟସ୍ଥ ବାଲିଜୁରୀ କପଡ଼ା ବଜାରକୁ ଯାଇ ବିକ୍ରି କରୁଥିଲୁ। ମାସିକ ୧୫ରୁ ୨୦ହଜାର ଟଙ୍କାର କପଡ଼ା ବେପାର ହେଉଥିଲା। କିନ୍ତୁ କରୋନା ଯୋଗୁ ତାହା ବନ୍ଦ ହୋଇଥିଲା। ଫଳରେ ବିକ୍ରିବଟା ଠପ୍ ପଡ଼ି ଯାଇଛି।

– ଅମୃତଲାଲ ମେହେର, ବୁଣାକାର, ବରଗଡ଼

## ସରକାର ଭୁଲିଯାଇଛନ୍ତି



ଆମେ ବୁଣାକାର। କପଡ଼ା ବୁଣିବା ଆମର କୌଳିକ ବୃତ୍ତି। ଦେଶ, ବିଦେଶରେ ହସ୍ତତନ୍ତକୁ ନେଇ ନାଁ ରଖିଛୁ। କିନ୍ତୁ କରୋନା କାଳରେ ଏତେ କ୍ଷତିଗ୍ରସ୍ତ ହେବା ସତ୍ତ୍ୱେ ସରକାର ଆମକୁ ଭୁଲି ଯାଇଛନ୍ତି। ବିଭିନ୍ନ ବର୍ଗର ଲୋକଙ୍କୁ କୋଭିଡ୍ ସହାୟତା ପ୍ରଦାନ କରାଯାଇଛି। କିନ୍ତୁ ଏପର୍ଯ୍ୟନ୍ତ ବୁଣାକାରଙ୍କୁ ସେଥିରେ ସାମିଲ କରା ନ ଯିବା ବିଡ଼ମ୍ବନାର ବିଷୟ। ସରକାର ଜାତୀୟ ହସ୍ତତନ୍ତ ଦିବସ ପାଳନ କରୁଛନ୍ତି, ତାହା ଖୁସିର ବିଷୟ। କିନ୍ତୁ ବୁଣାକାରଙ୍କ ସୁଖଦୁଃଖରେ ମଧ୍ୟ ସାମିଲ ହେବା କଥା।

– ସୁକାନ୍ତୀ ମେହେର, ବୁଣାକାର, ବରପାଲି

## ସରକାରୀ ସହାୟତା ଲୋଡ଼ା



ଲୋକଙ୍କ ପାଖରେ ଖାଇବାକୁ ନାହିଁ। କପଡ଼ା କେମିତି କୁଆଡୁ କିଣିବେ। ବୁଣାକାର କପଡ଼ା ବୁଣିଛନ୍ତି। ଦୋକାନ, ବଜାର ବନ୍ଦ ଥିବାରୁ କପଡ଼ା ବିକିବେ କେଉଁଠି। ଏଭଳି ସ୍ଥିତିରେ ବୁଣାକାରମାନେ ଗତବର୍ଷରୁ ଲାଗି ରହିଥିବା କରୋନା ଲହରରେ ରୋଜଗାର ବିହୀନ ହୋଇ ପଡ଼ିଛନ୍ତି। ବୁଣାକାରମାନେ କାହାକୁ ହାତ ପାତିବାର ଦୃଷ୍ଟାନ୍ତ ନାହିଁ। ଦେଶ, ବିଦେଶରେ ଗୌରବ ଆଣିଥିବା ଏହି ବର୍ଗର ଲୋକଙ୍କୁ କରୋନା ବିପର୍ଯ୍ୟୟ ସମୟରେ ସହଯୋଗ କରିବା ଉଭୟ ରାଜ୍ୟ, କେନ୍ଦ୍ର ସରକାରଙ୍କ କର୍ତ୍ତବ୍ୟ।

– ସସ୍ମିତା ମେହେର, ବୁଣାକାର, ବରଗଡ଼

## ସମ୍ବଲପୁରୀ ବସ୍ତ୍ରାଳୟ ପ୍ରଭାବିତ



କରୋନା ପୂର୍ବରୁ ସମ୍ବଲପୁରୀ ବସ୍ତ୍ରାଳୟର ବାର୍ଷିକ ବ୍ୟବସାୟ ୫୫ରୁ ୬୦ କୋଟି ଟଙ୍କା ମଧ୍ୟରେ ରହୁଥିଲା। କିନ୍ତୁ ୨୦୨୦-୨୧ ଆର୍ଥିକ ବର୍ଷରେ ଏହା ୪୫କୋଟି ୨୩ଲକ୍ଷ ଟଙ୍କାକୁ ଖସି ଆସିଛି। ଏତେ ଟଙ୍କାର ଆର୍ଥିକ କ୍ଷତି ସମ୍ବଲପୁରୀ ବସ୍ତ୍ରାଳୟକୁ ସହିବାକୁ ପଡ଼ିଛି। ଅନ୍ୟପଟେ ସମ୍ବଲପୁରୀ ବସ୍ତ୍ରାଳୟ ଅଧୀନରେ ୫୭୩୦ଜଣ ବୁଣାକାର କାମ କରୁଛନ୍ତି। ସମ୍ବଲପୁରୀ ବସ୍ତ୍ରାଳୟ ସେମାନଙ୍କୁ କର୍ମ ଯୋଗାଇ ଆସିଛି। ମୋଟାମୋଟି ଭାବେ କରୋନା କାଳରେ ସମ୍ବଲପୁରୀ ବସ୍ତ୍ରାଳୟର ଆର୍ଥିକ ଲାଭ ପ୍ରଭାବିତ ହୋଇଛି।

– ହେମନ୍ତ କୁମାର ମିଶ୍ର, ମାର୍କେଟିଂ ମ୍ୟାନେଜର, ସମ୍ବଲପୁରୀ ବସ୍ତ୍ରାଳୟ

ଏ ବର୍ଷର ବାର୍ତ୍ତା




# 'ହ୍ୟାଣ୍ଡଲୁମ୍–ଏକ ଭାରତୀୟ ଉତ୍ତରାଧିକାରୀ'

ପ୍ରତିବର୍ଷ ଅଗଷ୍ଟ ୭ ତାରିଖକୁ ଜାତୀୟ ହସ୍ତତନ୍ତ ଦିବସ ଭାବେ ପାଳନ କରାଯାଉଛି। ଦେଶର ସାମାଜିକ ଓ ଅର୍ଥନୈତିକ ବିକାଶ କ୍ଷେତ୍ରରେ ହସ୍ତତନ୍ତ କାରିଗରଙ୍କ ଯେଉଁ ଭୂମିକା ରହିଛି ତାକୁ ସମ୍ମାନ ଜଣାଇ ଏହି ଦିବସ ପାଳନ କରାଯାଉଛି। ଏହି ଦିବସ ପାଳନର ଉଦ୍ଦେଶ୍ୟ ଲୋକଙ୍କ ମଧ୍ୟରେ ହ୍ୟାଣ୍ଡଲୁମ୍ ବା ହସ୍ତତନ୍ତ ଶିଳ୍ପ ବିଷୟରେ ସଚେତନତା ସୃଷ୍ଟି କରିବା। ଚଳିତ ବର୍ଷ ୨୦୨୧ ଜାତୀୟ ହସ୍ତତନ୍ତ ଦିବସର ଥିମ୍ ରହିଛି, 'ହ୍ୟାଣ୍ଡଲୁମ୍–ଏକ ଭାରତୀୟ ଉତ୍ତରାଧିକାରୀ'। ଏହାର ଇତିହାସ କହେ, ହସ୍ତତନ୍ତ ଶିଳ୍ପର ମହତ୍ତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବାକୁ ଜୁଲାଇ ୨୦୧୫ରେ ବର୍ତ୍ତମାନର ସରକାର ପ୍ରତିବର୍ଷ ଜାତୀୟ ହସ୍ତତନ୍ତ ଦିବସ ପାଳନ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହା ସହ ସ୍ୱଦେଶୀ ଆନ୍ଦୋଳନକୁ ପ୍ରୋତ୍ସାହିତ କରିବା ଲାଗି ଅଗଷ୍ଟ ୭କୁ ହସ୍ତତନ୍ତ ଦିବସ ଭାବେ ପାଳନ କରାଗଲା। ଏହା ପରଠାରୁ ପ୍ରତିବର୍ଷ ଅଗଷ୍ଟ ୭ ତାରିଖରେ ପାଳନ କରାଯାଉଛି ଜାତୀୟ ହସ୍ତତନ୍ତ ଦିବସ।

# ଫେରୁଛି ପୁରୁଣା ଦିନ

## ଶାଢ଼ିରେ ବ୍ୟବହାର ହେଉଛି ପ୍ରାକୃତିକ ରଙ୍ଗ

ହାତବୁଣା ଲୁଗାର ଚାହିଦାକୁ ଦେଖି ସୁବର୍ଣ୍ଣପୁର ଜିଲାର ବୁଣାକାର ଉନ୍ନତ ଡିଜାଇନର ଲୁଗାବୁଣାରେ ନିପୁଣ। ପୁଣି ଏଠାକାର ବୁଣାକାରଙ୍କ ପ୍ରସ୍ତୁତ ଶାଢିର ଚାହିଦା ଦେଶ ବିଦେଶରେ ରହିଛି। ଏବେ ଜିଲାର ବୁଣାକାର ସ୍ୱାସ୍ଥ୍ୟ ଅନୁକୂଳ ପ୍ରାକୃତିକ ରଙ୍ଗରେ ରଙ୍ଗେଇ ହୋଇଥିବା ସୂତାରେ ଶାଢି ବୁଣିବା ଆରମ୍ଭ କରିଛନ୍ତି। ଯାହାକି ରାଜ୍ୟରେ ପ୍ରଥମ ବୋଲି କୁହାଯାଉଛି।

ଜିଲାର ପ୍ରାୟ ୨୦ ପ୍ରତିଶତ ଲୋକ ଏବେ ବି ବୁଣାବୁଣି ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରନ୍ତି। ଏଠାକାର ହାତତିଆରି ବମକେଇ, ପାଟ ଓ ସୂତାବୁଣା ଶାଢି ବେଶ୍ ପ୍ରସିଦ୍ଧ। ଅତି ପୁରାତନ କାଳରେ ବୁଣାକାରମାନେ ପ୍ରକୃତିରୁ ମିଳୁଥିବା ଫଳ, ଫୁଲ, ଗଛର ଛାଲି, ପତ୍ର ଓ ମଞ୍ଜିକୁ ସଂଗ୍ରହ କରି ସେଥିରୁ ସୂତା ରଙ୍ଗ କରୁଥିଲେ। ସେହି ସୂତାରୁ ବସ୍ତ୍ର ପ୍ରସ୍ତୁତ କରୁଥିଲେ। ସମୟକ୍ରମେ ରାସାୟନିକ ରଙ୍ଗର ବହୁଳ ବ୍ୟବହାର ପରେ ଏଗୁଡିକ ଧୀରେ ଧୀରେ ଲୋପ ପାଇ ଯାଇଥିଲା। ତେବେ ରାସାୟନିକ ରଙ୍ଗ ବ୍ୟବହାର ଦ୍ୱାରା ଶରୀରରେ ବିଭିନ୍ନ ପ୍ରକାର ଚର୍ମ ରୋଗ ହେଉଛି। ଏ ବିଷୟରେ ଲୋକମାନେ ଊଣା ଅଧିକେ ଜାଣିଲେଣି। ତେଣୁ ବାନ୍ଧଶିଳ୍ପୀମାନେ ପୁଣି ପ୍ରକୃତିମୁହାଁ ହେଲେଣି। ବଜାର ଚାହିଦାକୁ ଅନୁଭବ କରି ବୟନ ଶିଳ୍ପ ବିଭାଗ ପକ୍ଷରୁ ବୀରମହାରାଜପୁର ବ୍ଲକ କେନ୍ଦୁପାଲିସ୍ଥିତ ମା' ପିତାବଳି ପ୍ରାକୃତିକ ବୁଣାକାର ସଂଘ ଆନୁକୂଲ୍ୟରେ ପାଟସୂତା ଉପରେ ପ୍ରାକୃତିକ ରଙ୍ଗ ବ୍ୟବହାରର ତାଲିମ ଦିଆଯାଇଛି। ତାଲିମ ପାଇ ୨୦ରୁ ଉର୍ଦ୍ଧ୍ୱ ବୁଣାକାର ବିଭିନ୍ନ ରଙ୍ଗରେ ରଙ୍ଗେଇ ହୋଇଥିବା ପାଟସୂତା ଦ୍ୱାରା ନିଜ ତନ୍ତଶାଳରେ ଶାଢୀ ବୁଣୁଛନ୍ତି। ବର୍ତ୍ତମାନ କେନ୍ଦୁପାଲି ଓ ଟାଙ୍ଗରସାହିର ୧୦ରୁ ୧୨ ତନ୍ତରେ ପ୍ରାକୃତିକ ରଙ୍ଗ ସୂତାରେ ବୁଣାକାର୍ଯ୍ୟ ହେଉଛି। ଏହାର ଉତ୍ପାଦନ ମଧ୍ୟ ଆରମ୍ଭ ହୋଇଗଲାଣି। ବଜାରର ଚାହିଦା ଦେଖି ଅନ୍ୟ ବୁଣାକାରମାନେ ମଧ୍ୟ ଅନୁକରଣ କରିବେ ବୋଲି ଆଶା ରହିଥିବା କହିଛନ୍ତି ସୋନପୁରର ସହକାରୀ ବୟନ ଶିଳ୍ପ ନିର୍ଦ୍ଦେଶକ ଉମେଶ ଚନ୍ଦ୍ର ଦାସ। ପ୍ରାକୃତିକ ରଙ୍ଗେଇ ପଦ୍ଧତି ରାସାୟନିକ ରଙ୍ଗଠାରୁ ସମୟ ସାପେକ୍ଷ କିନ୍ତୁ ଶରୀର ପାଇଁ ହିତକାରୀ। ପ୍ରକୃତିରୁ ମିଳୁଥିବା ରଙ୍ଗ ଯଥା ଗଙ୍ଗଶିଉଳି, ଗେଣ୍ଡୁ ଫୁଲ, ହରିଡ଼ା, ଅଁଳା ଭଳି ଫୁଲ ଓ ମଞ୍ଜିକୁ ସଂଗ୍ରହ କରି ରଙ୍ଗ ବାହାର କରାଯାଉଛି । ମାଷ୍ଟର ଟ୍ରେନର ତଥା ଜାତୀୟ ପୁରସ୍କାରପ୍ରାପ୍ତ ବୁଣାକାର ମଙ୍ଗୁଳୁ ମେହେର ପାଟସୂତାକୁ ରଙ୍ଗ କରି ବୁଣାକାରଙ୍କୁ ଏହି ପଦ୍ଧତିରେ ପାଟ ବୁଣିବାର ତାଲିମ ପ୍ରଦାନ କରୁଛନ୍ତି। ରଥପୁରର ମହିଳା ବୁଣାକାର ପଦ୍ମାବତୀ ମେହେର, ଟାଙ୍ଗରସାହିର ନମିତା ମେହେର ଓ ଯଶୋବନ୍ତୀ ମେହେର କୁହନ୍ତି, ଆମେ କିଛି ମାସ ହେବ ପ୍ରାକୃତିକ ରଙ୍ଗ ଦ୍ୱାରା ରଙ୍ଗେଇ ହୋଇଥିବା ସୂତାରେ ଲୁଗା ବୁଣୁଛୁ। ଏହି ଶାଢିର ଚାହିଦା ଅଧିକ ରହୁଛି।


ପାଟସୂତାକୁ ପ୍ରାକୃତିକ ରଙ୍ଗ ଦ୍ୱାରା ରଙ୍ଗେଇ କରାଯାଉଛି।

– ମୃତ୍ୟୁଞ୍ଜୟ ଶତପଥୀ



# ପର୍ଦ୍ଦା ଉପରେ ପରଦା

ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ ପର୍ଦ୍ଦା କଳାର ଗ୍ରାମ ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକର ଧଳାପଥର। ଏହି ମାଟିରୁ ଦିନେ ଆରମ୍ଭ ହୋଇଥିଲା ପର୍ଦ୍ଦା କଳାର ସୂକ୍ଷ୍ମ କାରୁକାର୍ଯ୍ୟ। କିନ୍ତୁ ଏବେ ପର୍ଦ୍ଦା କଳା ଉପରେ ଅନ୍ଧାର ଢାଙ୍କି ହୋଇଯାଇଛି। ବୟନଶିଳ୍ପ ବିଭାଗ ପକ୍ଷରୁ ଉପଯୁକ୍ତ ପ୍ରୋତ୍ସାହନ ଅଭାବରୁ ଏହି କାରିଗରି ବିଲୁପ୍ତ ହେବାକୁ ବସିଛି। ବହୁ ବୁଣାକାର ଏହି ସୂକ୍ଷ୍ମ କାରୁକାର୍ଯ୍ୟଠାରୁ ମୁହଁ ଫେରାଇ ନେଇଛନ୍ତି। ପେଟପାଟଣା ପାଇଁ ପର୍ଦ୍ଦା କାରିଗରମାନେ ଏବେ ତନ୍ତରେ ଗାମୁଛା, ଲୁଗା, ବସ୍ତ୍ର ଏବଂ ବାନ୍ଧ ପ୍ରଭୃତି ବୁଣୁଛନ୍ତି।



ଓଡ଼ିଶାର ଇତିହାସ ସହ ଜଡ଼ିତ ହୋଇ ରହିଛି ଏହି ଧଳାପଥର ଗାଁ। ଆଜିକୁ ୮୦ବର୍ଷ ତଳେ ହସ୍ତତନ୍ତରେ ଏହି କଳାକୁ ଅତି ନିଖୁଣ ଭାବେ ସାଉଁଟି ଥିଲେ ଏହାର ଜନକ ଉଦୟନାଥ ସାହୁ। ପର୍ଦ୍ଦାରେ ଶ୍ରୀମନ୍ଦିର, କୋଣାର୍କ, ଖଣ୍ଡଗିରି, ଉଦୟଗିରି, ଧଉଳି ସ୍ତୁପ, ତାଜମହଲ, ଅଶୋକ ଚକ୍ର, ଓଡ଼ିଶାର ମାନଚିତ୍ର ଆଦି କଳା ସ୍ଥାପତ୍ୟ, ମହାପ୍ରଭୁଙ୍କ ବିଭିନ୍ନ ବେଶ, ନବଗୁଞ୍ଜର, କଳସ ଏବଂ ବିଭିନ୍ନ ପାରମ୍ପରିକ ଦେବଦେବୀ, ପଶୁପକ୍ଷୀ, ଗଛଲତା, ଅଶୋକ ସ୍ତମ୍ଭ, ଜୟହିନ୍ଦ୍, କୋଣାର୍କ ଘୋଡ଼ା, କଳସହଂସ ପ୍ରଭୃତି ପ୍ରାକୃତିକ ଦୃଶ୍ୟପଟ, ଡାଳି, ଫୁଲ ଆଦି ବିଭିନ୍ନ ସୂକ୍ଷ୍ମ କାରୁକାର୍ଯ୍ୟ ସୂତାରେ ବୁଣି ବୁଣାକାରମାନେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ପର୍ଦ୍ଦାରେ ରହିଥିଲା ଏକ ବିଶେଷ ଆକର୍ଷଣ। ବିଶେଷତଃ ମହାପ୍ରଭୁଙ୍କ ଶ୍ରୀମନ୍ଦିର ସଂସ୍କୃତି, ରଥାରୂଢ଼ ଚତୁର୍ଦ୍ଧାବିଗ୍ରହ, ତିନି ଠାକୁରଙ୍କ ପର୍ଦ୍ଦା କଳାକୃତି ସାଧାରଣରେ ଲୋକପ୍ରିୟତା ହାସଲ କରିଥିଲା। ଶ୍ରୀକ୍ଷେତ୍ରର ସଂସ୍କୃତିର ପ୍ରଚାର ଦିଗରେ ଏହା ସହାୟକ ମଧ୍ୟ ହେଉଥିଲା। ଯାହାକି ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରୁଥିଲା।

ପିତା ବିଦ୍ୟାଧର ଏବଂ ମାତା ଲକ୍ଷ୍ମୀଙ୍କ ଏକମାତ୍ର ପୁତ୍ର ଉଦୟନାଥ ଅଧିକ ପାଠ ପଢ଼ି ନ ଥିଲେ ବି ପିଲାବେଳୁ ତାଙ୍କ ଐଶ୍ୱରୀୟ କଳାର ପରିଚୟ ମିଳିଥିଲା। ଉଚ୍ଚାଭିଳାଷୀ ଏବଂ ସର୍ବଦା ନୂତନ ଚିନ୍ତାଧାରା ନେଇ ସ୍ୱପ୍ନ ଦେଖୁଥିବା ଉଦୟନାଥ ଦିନେ ପର୍ଦ୍ଦା କଳା ପ୍ରତି ଆଗ୍ରହ ପ୍ରକାଶ କରିଥିଲେ। ପରବର୍ତ୍ତୀ ସମୟରେ ସଫଳତାର ଶିଡି ଚଢ଼ି ଚାଲିଥିଲେ। ତେବେ ଏହି ପର୍ଦ୍ଦା ପ୍ରସ୍ତୁତି ଶୈଳୀରେ ମଧ୍ୟ ଭିନ୍ନତା ରହିଛି। ବିଭିନ୍ନ ଗଛର ଛେଲି, ପତ୍ର, ଫଳ ଆଦିର ଭିନ୍ନ ରଙ୍ଗ ପ୍ରସ୍ତୁତ କରିବାରେ ସେ ସିଦ୍ଧହସ୍ତ ଥିଲେ। ତାଙ୍କର ଏହି ଦକ୍ଷତା ବଳରେ ସେ ସୂତାକୁ ଭିନ୍ନ ରୂପ ଦେବାରେ ସଫଳ ହୋଇଥିଲେ। ସେ ବିଭିନ୍ନ କିସମର ଶାଢି, ପାଟଲୁଗା, ବସ୍ତ୍ର ଆଦି ଭିନ୍ନ ଷ୍ଟାଇଲରେ ବୁଣୁଥିଲେ। ଅବଶ୍ୟ ସେହି ସମୟରେ ହସ୍ତତନ୍ତ ଏବଂ ହାତ ତିଆରି ଶାଢିର ଚାହିଦା କମିବା ବେଳେ ସେ ପରଦା କଳା ପ୍ରତି ବିଶେଷ ଆଗ୍ରହ ସୃଷ୍ଟି କରିଥିଲେ। ଏହି ପର୍ଦ୍ଦା କଳାକୁ ଅଧିକ ଆକର୍ଷଣୀୟ ତଥା ଲୋକପ୍ରିୟ କରିବା ଲାଗି ଉଦୟନାଥ ସେ ସମୟରେ ବୁଣାକାରଙ୍କୁ ଧରି ବିଭିନ୍ନ ସ୍ଥାନରେ ପ୍ରଦର୍ଶନୀ ଆୟୋଜନ କରି ଦେଶ ବିଦେଶର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥିଲେ। ତାଙ୍କର ଏହି ଅନନ୍ୟ କଳାକୃତି ଲାଗି ସେ ୧୯୪୬ ମସିହାରେ ତତ୍କାଳୀନ ଓଡ଼ିଶା ଗଭର୍ନର ତାଙ୍କୁ ସମ୍ମାନିତ କରିଥିଲେ। ଏଥିସହିତ ସେ ୧୯୫୫ ସୌରାଷ୍ଟ୍ର ଖଦି ବୋର୍ଡ ଏବଂ ୧୯୫୬ରେ ବନାରସ ଖଦି ବୋର୍ଡଠାରୁ ସ୍ୱତନ୍ତ୍ର ସମ୍ମାନରେ ସମ୍ମାନିତ ହୋଇଥିଲେ। ସେହି ସମୟରେ ହସ୍ତତନ୍ତକୁ ଉଜ୍ଜୀବିତ କରିବା ଲାଗି ସେ ଧଳାପଥର ତନ୍ତବାୟ ସହଯୋଗ ସମିତି ପ୍ରତିଷ୍ଠା କରିଥିଲେ। ଉଦୟନାଥଙ୍କ ଉଦ୍ୟମରେ ଆରମ୍ଭ ହୋଇଥିବା ଏହି କଳା ଦେଶରେ ତା'ର ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛି।

– ପ୍ରଭାତ କୁମାର ପାଣିଗ୍ରାହୀ

## ଉନ୍ନତ ପଦ୍ଧତିର ଆବଶ୍ୟକତା ରହିଛି



ବଜାରରେ ହସ୍ତତନ୍ତ ପୋଷାକର ଚାହିଦା ରହିଥିଲେ ମଧ ବୁଣାକରଙ୍କ ନିକଟରେ ସେହି ଅନୁସାରେ ଉତ୍ପାଦନ ଅଥବା ମହଜୁଦ ରହୁନାହିଁ। ଯେହେତୁ ସେମାନେ ପୁରୁଣା ପଦ୍ଧତିରେ କାର୍ଯ୍ୟ କରୁଛନ୍ତି ଏବଂ ଏଥିପାଇଁ ଆବଶ୍ୟକ ଉନ୍ନତମାନର ଯନ୍ତ୍ରପାତି ଅଭାବ ରହିଥିବାରୁ ଉତ୍ପାଦନ ଠିକ୍ ଭାବେ ହୋଇପାରୁନାହିଁ। ବିଶେଷକରି ଆମ ବୁଣାକାରଙ୍କ କାରୁକାର୍ଯ୍ୟ ଉଚ୍ଚମାନର ଥିଲେ ମଧ ସେମାନଙ୍କ ନିକଟରେ ଆବଶ୍ୟକ କଞ୍ଚାମାଲ ସାଙ୍ଗକୁ ରଙ୍ଗ ପରୀକ୍ଷଣ ଯନ୍ତ୍ରର ଅଭାବ ଯୋଗୁ ବହୁ ଦାମୀ ପୋଷାକର ମାନ ହ୍ରାସ ପାଉଛି। ସରକାର ବୁଣାକାରଙ୍କ ପାଇଁ ଅତ୍ୟାଧୁନିକ ଜ୍ଞାନକୌଶଳ ସହ ଯନ୍ତ୍ରପାତିର ବ୍ୟବହାର ବ୍ୟବସ୍ଥା କରାଇବା ଏବଂ ମେଟାଲିଂ ୟୁନିଟ୍‌ର ସ୍ଥାପନ କରାଗଲେ ସବୁ ସମସ୍ୟାର ସମାଧାନ ହୋଇପାରିବ।

– ଲଲାଟେନ୍ଦୁ ମହାନ୍ତି, ପରିଚାଳନା ନିର୍ଦ୍ଦେଶକ, ପ୍ରିୟଦର୍ଶିନୀ

## ଚାହିଦା ବଢୁଛି, ଉତ୍ପାଦନ କମୁଛି



ଓଡ଼ିଶା ସମେତ ବିଦେଶରେ ମଧ ଆମ ହସ୍ତତନ୍ତ ପୋଷକାର ଚାହିଦା ଅଧିକ ରହିଛି। ଏପରିକି ଓଡ଼ିଶା ବଜାରରେ ମଧ ମହିଳାଙ୍କ ପ୍ରଥମ ପସନ୍ଦ, ବଜାରରେ ଭିନ୍ନ ଭିନ୍ନ ହସ୍ତତନ୍ତ ଶାଢ଼ି ଓ ଅନ୍ୟ ପୋଷାକର ଚାହିଦା ରହିଛି। ବାହାଘରଠାରୁ ଆରମ୍ଭକରି ବିଭିନ୍ନ ପର୍ବପର୍ବାଣିରେ ମହିଳାମାନେ ଅଧିକ ପସନ୍ଦ କରିଥାନ୍ତି। ବଜାରରେ ୫ ହଜାରୁ ଆରମ୍ଭ କରି ୨୫ ହଜାର ଟଙ୍କା ପର୍ଯ୍ୟନ୍ତ ମୂଲ୍ୟର ଶାଢ଼ି ଷ୍ଟୋରରେ ଉପଲବ୍ଧ ରହିଛି। ବୁଣାକାର ପରିବାର ଧୀରେ ଧୀରେ ନିଜ ବୃତ୍ତିରୁ ଓହରିଯିବାକୁ ବସିଲେଣି। ସରକାର ସେମାନଙ୍କୁ ଆବଶ୍ୟକ ସହାୟତା ଏବଂ ଟ୍ରେନିଂ ପ୍ରଦାନ କରି ଅତ୍ୟାଧୁନିକ ପ୍ରଣାଳୀରେ ଉତ୍ପାଦନ କରିବାର ବାଟ ଦେଖାଇଲେ ଉଭୟ କଳା ଓ କାରୁକାର୍ଯ୍ୟ ସାଙ୍ଗକୁ ବ୍ୟବସାୟ ମଧ ଜୀବିତ ରହିପାରିବ।

– ରାଜିନ୍ଦର ସିଂହ, ନିର୍ଦ୍ଦେଶକ, କଳାମନ୍ଦିର

KALAMANDIR
ANNUAL SALE in now on
Safe Shopping at Happy Price
UP TO 50% OFF
All management members and staffs are vaccinated
No entry without mask
Sanitization of hands before entering the store
Request to Maintain social distance
kalamandir ODISHA'S MOST POPULAR FASHION SHOP
କଳାମନ୍ଦିର ଓଡ଼ିଶାର ସବୁଠୁ ଲୋକପ୍ରିୟ ଫ୍ୟାଶନ ଶପ୍
Shop with a smile.
3, Western Market, Bhubaneswar 751009
Benarasis | Kanjeevarams | Odissis | Printed Silks | Brocades | Jamevars
South Silks | Gadwals | Fancy Sarees | Lehengas | Suitings | Shirtings
Suits | Jackets | Kurta Pyjamas | Sherwanis | Exclusive Readymades
Women's Wear | Kidswear | Furnishings | Dress Materials
*Conditions Apply
R K SWAMY BBDO KALA 2922/21

ଖଦି ଓ ହସ୍ତତନ୍ତ ଉତ୍ପାଦର ୭୫ବର୍ଷର ନିର୍ଭରଯୋଗ୍ୟ ପ୍ରତିଷ୍ଠାନ
KHADI BHANDAR
All India Cottage & Village Industries
Retail & Wholesale
୩୫% ରିହାତି
୩୧ ଅଗଷ୍ଟ ପର୍ଯ୍ୟନ୍ତ
ଖଦି ଧୋତି, ଚାଦର, ଗାମୁଛା, ଲୁଙ୍ଗି
ହ୍ୟାଣ୍ଡଲୁମ: ଶାଢ଼ୀ, ଯୋଡ଼, ବିଛଣା ଚଦର, ଚଦର ପରଦା, ସୋଫା କଭର, ଜାତୀୟ ପତାକା ।
CHOUDHURY BAZAR, CUTTACK - 753001
Ph.: 0671-2308819, Mob.: 9438276561, 9439282241

ସମ୍ବଲପୁରୀ ବସ୍ତ୍ରାଳୟ
ଜାତୀୟ ହସ୍ତତନ୍ତ ଦିବସ–୨୦୨୧ ଉପଲକ୍ଷେ
ବିଶେଷ ସରକାରୀ ରିହାତି
୧୦%+୨୦%
ତା୦୭।୦୮।୨୦୨୧ରୁ ତା୧୫।୦୮।୨୦୨୧ ପର୍ଯ୍ୟନ୍ତ
ନୂତନ ବସ୍ତ୍ରର ସମ୍ଭାର
ସମ୍ବଲପୁରୀ, ବମକେଇ, ଖଣ୍ଡୁଆ ଶାଢ଼ୀ, ଟସର ବସ୍ତ୍ର ତଥା ଲୁଙ୍ଗି, ଗାମୁଛା, ବେଡ୍‌ଶିଟ୍, ସୁଟ୍ ସେଟ୍ ଇତ୍ୟାଦି
ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର ସମସ୍ତ ବିକ୍ରୟ କେନ୍ଦ୍ର, ବିକ୍ରୟ ପ୍ରତିନିଧିମାନଙ୍କଠାରେ ଉପଲବ୍ଧ ଅଟେ।
For online purchase visit
www.sambalpuribastralaya.com

On the occasion of National Handloom Day
SPECIAL OFFER
20% DISCOUNT
ON ALL HANDLOOM ITEMS
SILK MARK
Your Assurance of Pure Silk
Sponsored by Central Silk Board Ministry of Textile, Govt. of India
PRIYADARSHINI No.1 Orissa weaver's Organisation
11, WESTERN TOWER, MARKET BUILDING BHUBANESWAR, Ph.: 0674-2532140
Branches: 16-KHARVEL NAGAR, BEHIND BDA, BBSR
V.I.P. Road, Puri



**ଖୋଲିଲା ଧବଳେଶ୍ୱର ପୀଠ**

ଖୁଣ୍ଟୁଣୀ, (ଡି.ଏନ.ଏ.)- କଟକ ଜିଲା ଆଠଗଡ଼ର ପ୍ରସିଦ୍ଧ ଧବଳେଶ୍ୱର ଶୈବପୀଠ ଶୁକ୍ରବାରଠାରୁ ଖୋଲିଛି। କୋଭିଡ୍ କଟକଣା ମଧ୍ୟରେ ଭକ୍ତମାନେ ଠାକୁରଙ୍କୁ ଦର୍ଶନ କରିଥିଲେ। ତେବେ ପ୍ରଥମଦିନରେ ୫ ଶହରୁ କମ୍ ଭକ୍ତ ଧବଳେଶ୍ୱରଙ୍କ ଦର୍ଶନ କରିଥିବା ପୂଜକ ସମାଜ ସଭାପତି ବିଷ୍ଣୁଚରଣ ପତ୍ରୀ କହିଛନ୍ତି। କୋଭିଡ୍ ମହାମାରୀ ଯୋଗୁ ଗତ ମେ' ମାସରୁ ମନ୍ଦିର ବନ୍ଦ ରହିଥିଲା। ଜିଲାପାଳଙ୍କ ନିର୍ଦ୍ଦେଶ ପରେ ଆଠଗଡ଼ ଦେବୋତ୍ତର ବିଭାଗ ମୁଖ୍ୟ ତଥା ଉପଜିଲାପାଳ ଅଜାମ୍ବର ମହାନ୍ତି ଗୁରୁବାର ଏକ ବୈଠକ ଡାକି ମନ୍ଦିର ଖୋଲିବା ପାଇଁ ପୂଜକ ସଂଘକୁ ଅନୁମତି ଦେଇଥିଲେ।

## ଆଜି କ'ଣ କେଉଁଠି

ଟିଗିରିଆ

- ବ୍ଲକ ସ୍ତରୀୟ ବିଶ୍ୱ ସ୍ତନ୍ୟପାନ ସପ୍ତାହ ଉଦ୍‌ଯାପନୀ କାର୍ଯ୍ୟକ୍ରମ, ମାନପୁର ସ୍କୁଲ, ପୂର୍ବାହ୍ନ ୧୦ଟା ।

## ନଦୀରୁ ବାଳକଙ୍କ ମୃତଦେହ ଜବତ

ଫୁଲନଖରା, ୬।୮ (ଡି.ଏନ.ଏ.)- କଟକ ସଦର ଥାନା ଅଧୀନ ସିଡ୍ଡୁଆ ନଦୀରୁ ଶୁକ୍ରବାର ସକାଳେ ଜଣେ ବାଳକଙ୍କ ମୃତଦେହ ପୋଲିସ ଜବତ କରିଛି। ସେ ହେଲେ କଟକ ମହାନଗର ନିଗମ(ସିଏମ୍‌ସି) ୫୯ ନମ୍ବର ୱାର୍ଡ ଅନ୍ତର୍ଗତ ବର୍ମକୁଦ ଗ୍ରାମର ଗୋବିନ୍ଦ ଚନ୍ଦ୍ର ବାରିକ। ଗୁରୁବାର ଅପରାହ୍ନରେ ସେ ଜଣେ ସାଙ୍ଗଙ୍କ ସହ ନଦୀକୁ ଶୌଚ ହେବାକୁ ଯାଇଥିଲେ। ଗୋଡ ଖସିଯିବାରୁ ପାଣିରେ ବୁଡିଯାଇଥିଲେ। ଏହା ଦେଖି ତାଙ୍କ ସାଙ୍ଗ ଗ୍ରାମବାସୀଙ୍କୁ ଜଣାଇଥିଲେ। ଖବରପାଇ ପୋଲିସ ପହଞ୍ଚି ବାରଙ୍ଗ ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ଘଟଣାସ୍ଥଳରେ ଖୋଜାଖୋଜି କରିଥିଲେ ମଧ୍ୟ ଗୋବିନ୍ଦଙ୍କ ପତ୍ତା ମିଳି ନ ଥିଲା। ଶୁକ୍ରବାର ସକାଳେ ଏହାର କିଛି ଦୂରରେ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ପରେ ପୋଲିସ ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଯାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨୦/୨୧) ରୁଜୁ ହୋଇଛି।

## ନାବାଳିକାଙ୍କୁ ବ୍ଲାକମେଲିଂ: ନକଲି ଖବରଦାତା ଗିରଫ

ନିଶ୍ଚିନ୍ତକୋଇଲି, ୬।୮(ସ୍ୱ.ପ)- ନିଶ୍ଚିନ୍ତକୋଇଲି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କ ଫଟୋକୁ ଅଶ୍ଳୀଳ କରି ବ୍ଲାକମେଲ କରିବା ଅଭିଯୋଗରେ ଜଣେ ନକଲି ଖବରଦାତାଙ୍କୁ ଶୁକ୍ରବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ କେନ୍ଦ୍ରାପଡା ଜିଲା ପାଟକୁରା ଥାନା ନରଡା କୁସୁନପୁର ଗ୍ରାମର ଅଜିତ କୁମାର ସିଂ। ସେ ସମ୍ପୃକ୍ତ ନାବାଳିକାଙ୍କୁ ଚାକିରି କରାଇଦେବାକୁ ପ୍ରଲୋଭନ ଦେଖାଇ ତାଙ୍କ ନିଶ୍ଚିନ୍ତକୋଇଲିସ୍ଥିତ କାର୍ଯ୍ୟାଳୟରେ ଆଣି ରଖିଥିଲେ। ଏହି ସମୟରେ ନାବାଳିକା ଫଟୋକୁ ଅଭିଯୁକ୍ତ ଏଡିଟ୍ କରି ଭାଇରାଲ କରିବାକୁ ଧମକ ଦେଇ ତାଙ୍କଠାରୁ ଲକ୍ଷାଧିକ ଟଙ୍କା ସମେତ ସୁନା ଅଳଙ୍କାର ନେଇଯାଇଥିଲେ। ଏହା ସତ୍ତ୍ୱେ ପୁନର୍ବାର ଅଜିତ୍ ଫଟୋକୁ ଭାଇରାଲ କରିବାକୁ ଧମକ ଦେବାରୁ ଶେଷରେ ସମ୍ପୃକ୍ତ ନାବାଳିକା ଥାନାରେ ଅଭିଯୋଗ କରିଥିଲେ। ଏନେଇ ମାମଲା ନଂ. ୧୦୧/୨୧ ରୁଜୁ ହୋଇଥିଲା।

## ନବବଧୂଙ୍କୁ ନିର୍ଯାତନା ଅଭିଯୋଗ: ୩ କୋର୍ଟ ଚାଲାଣ

ନିଶ୍ଚିନ୍ତକୋଇଲି, ୬।୮(ସ୍ୱ.ପ୍ର/ଡି.ଏନ.ଏ)- ନବବଧୂଙ୍କୁ ନିର୍ଯାତନା ଦେବା ଅଭିଯୋଗରେ ନିଶ୍ଚିନ୍ତକୋଇଲି ଥାନା ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ନିଶ୍ଚିନ୍ତକୋଇଲି ଥାନା ଅଧୀନ କଟିକଟା ଗ୍ରାମର ସ୍ୱାମୀ ରଶ୍ମିରଞ୍ଜନ ପରିଡା, ଶ୍ୱଶୁର ଗିରିଧାରୀ ଓ ଶାଶୁ ସୁଲୋଚନା। କେଣ୍ଟାଲୋ ପଞ୍ଚାୟତ ଅନ୍ତର୍ଗତ ଜୁଲୁକିପଡା ଗ୍ରାମର ଅନସୂୟା ମହାରଣାଙ୍କୁ କିଛି ଦିନ ପୂର୍ବେ ରଶ୍ମିରଞ୍ଜନ ବିବାହ କରିଥିଲେ। ବିବାହର କିଛି ଦିନ ପରେ ଶ୍ୱଶୁର ଘର ଲୋକେ ଅନସୂୟାକୁ ନିର୍ଯାତନା ଦେଉଥିଲେ। ଏନେଇ ଅଭିଯୋଗ ହେବା ପରେ ପୋଲିସ ମାମଲା ନଂ. ୧୦୨/୨୧ ରୁଜୁ କରିଥିଲା।

# ଭୁବନେଶ୍ୱରରେ ବଜ୍ରକାପ୍ତା ଚାଲାଣ ର୍‍ୟାକେଟ

### ଜୀବନ୍ତ ବଜ୍ରକାପ୍ତା ଉଦ୍ଧାର, ୩ ଗିରଫ

ଭୁବନେଶ୍ୱର,(ବ୍ୟୁରୋ)/ ବାରଙ୍ଗ, ୬।୮(ଡି.ଏନ୍.ଏ.) :

ରାଜ୍ୟରେ ବନ୍ୟଜନ୍ତୁ ଶିକାର ଓ ଚୋରା ଚାଲାଣ ଦିନକୁ ଦିନ ବଢିଚାଲିଛି। ବନକର୍ମଚାରୀ ଓ ଶିକାରୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁ ବନ୍ୟପ୍ରାଣୀମାନେ ବଡ଼ ବିପଦର ସମ୍ମୁଖୀନ ହେଉଛନ୍ତି। ଏହି ର୍‍ୟାକେଟର ଚେର ଓଡ଼ିଶାର ବିଦେଶକୁ ଲମ୍ବିଥିବାବେଳେ ଭୁବନେଶ୍ୱରରେ ଡିଲ୍ ହେଉଛି। ଗୁରୁବାର କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ( ଏସ୍‌ଟିଏଫ୍) କଳିଙ୍ଗ ଷ୍ଟୁଡିଓ ଛକ ନିକଟରୁ ଏକ ଜୀବନ ବଜ୍ରକାପ୍ତାକୁ ଉଦ୍ଧାର କରିବା ସହ ସମ୍ପୃକ୍ତ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କଟକ ଜିଲା ବଡମ୍ବା ଥାନା ଅଞ୍ଚଳର ଚିତ୍ରସେନ ସାହୁ, ଭୁବନେଶ୍ୱର ଖଣ୍ଡଗିରି ଥାନା ପାତ୍ରପଡାର ଖଗେଶ୍ୱର ସାହୁ ଓ ଗଞ୍ଜାମ ଜିଲା ପାଟପୁର ଥାନା କଂସାମାରି ଗ୍ରାମର ଭାଗୀରଥି ବେହେରା। ଏନେଇ ଏସ୍‌ଟିଏଫ୍ ୱାଇଲ୍ଡ ଲାଇଫ୍ ପ୍ରୋଟେକ୍ସନ ଆକ୍ଟର ବିଭିନ୍ନ ଦଫାରେ ଏକ ମାମଲା (ନଂ.୨୭/୨୧) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଏଥିସହ ଏସ୍‌ଟିଏଫ୍ ଉଦ୍ଧାର ବଜ୍ରକାପ୍ତାକୁ ଚନ୍ଦକା ଡିଏଫ୍‌ଓଙ୍କୁ ହସ୍ତାନ୍ତର କରିଛି। ଶୁକ୍ରବାର ଉକ୍ତ ବଜ୍ରକାପ୍ତାକୁ ନନ୍ଦନକାନନ ଡାକ୍ତରଖାନା କ୍ୱାରାଣ୍ଟାଇନରେ ରଖାଯାଇ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରାଯାଉଛି। ସୁସ୍ଥ



ହେବାପରେ ତାହାକୁ ସେଠାରେ ରଖାଯିବ କି ଜଙ୍ଗଲରେ ଛଡ଼ାଯିବ ତାହା ସ୍ପଷ୍ଟ ହେବ ବୋଲି ନନ୍ଦନକାନନ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ତେବେ ଚାଲାଣକାରୀମାନେ ଏହି ବଜ୍ରକାପ୍ତାକୁ କେଉଁଠୁ ଆଣିଲେ, କେତେଦିନ ହେବ ଏପରି ଚୋରା ଚାଲାଣ କରୁଛନ୍ତି ଓ ଚାଲାଣରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି ତାହା ଜାଣିବାକୁ ଏସ୍‌ଟିଏଫ୍ ଖୋଳତାଡ ଜାରି ରିଖିଛି।

ସୂଚନା ଅନୁଯାୟୀ, ଗୁରୁବାର ସନ୍ଧ୍ୟାରେ ଅଭିଯୁକ୍ତମାନେ ଏକ ବ୍ୟାଗରେ ବଜ୍ରକାପ୍ତାକୁ ଭର୍ତ୍ତି କରି ଚାଲାଣ ଉଦ୍ଦେଶ୍ୟରେ କଳିଙ୍ଗ ଷ୍ଟୁଡିଓ ଛକ ନିକଟରେ ଅପେକ୍ଷା କରିଥିଲେ। ଏନେଇ ବିଶ୍ୱସ୍ତ ସୂତ୍ରରୁ ଜାଣିବା ପରେ ଏସ୍‌ଟିଏଫ୍ ଟିମ୍ ପୂର୍ବରୁ ସେଠାରେ ଛକି ରହି ସେମାନଙ୍କୁ କାବୁ କରିଥିଲା। ଏସ୍‌ଟିଏଫ୍ ରିପୋର୍ଟ ଅନୁଯାୟୀ. ଗତ ୧ବର୍ଷରେ ୧୫ ବାଘଛାଲ, ୯ ହାତୀ ଦାନ୍ତ, ୨ ହରିଣ ଛାଲ ଜବତ କରାଯାଇଛି। ଏଥିସହ ୪ଟି ଜୀବନ୍ତ ବଜ୍ରକାପ୍ତା ଉଦ୍ଧାର କରାଯାଇଥିବାବେଳେ ୧୩କେଜିବଜ୍ରକାପ୍ତା କାତି ଜବତ ହୋଇଛି। ଏଥିରେ ସମ୍ପୃକ୍ତ ୩୨ ଜଣଙ୍କୁ ଏସ୍‌ଟିଏଫ୍ ଗିରଫ କରିଛି।

# ୧୮ ଜଣଙ୍କୁ ମିଳିଲା ଆରକ୍ଷୀ ମହାନିର୍ଦ୍ଦେଶକ ପ୍ରଶସ୍ତିପତ୍ର



କାର୍ଯ୍ୟକ୍ରମରେ ଉପସ୍ଥିତ ଡିଜିପି ଅଭୟ, ମିନିଷ୍ଟରିଆଲ୍ ଅଫିସର ଓ ପୋଲିସ କର୍ମଚାରୀ।

କଟକ ଅଫିସ,୬।୮:

କଟକ ପୋଲିସ ମୁଖ୍ୟାଳୟସ୍ଥିତ ଆର୍.କେ. ପାଢୀ ମେମୋରିଆଲ ହଲ୍ ପରିସରରେ ଆରକ୍ଷୀ ମହାନିର୍ଦ୍ଦେଶକ ପ୍ରଶସ୍ତି ପତ୍ର (ଡିଜିପିସ୍ କମେଣ୍ଡେସନ୍ ରୋଲ୍) ପ୍ରଦାନ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଡିଜିପି ଅଭୟ ଯୋଗଦେଇ ୧୨ ଜଣ ମିନିଷ୍ଟରିଆଲ୍ ଅଫିସର, ୬ ଜଣ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ପ୍ରଶସ୍ତିପତ୍ର ପ୍ରଦାନ କରିଥିଲେ। ସେମାନଙ୍କ ମଧ୍ୟରେ ୩ଜଣ ଏଷ୍ଟାବ୍ଲିସମେଣ୍ଟ ଅଫିସର, ଜଣେ ସେକ୍ସନ ଅଫିସର, ୫ଜଣ ଏଏସ୍‌ଓ, ଜଣେ ପିଏ, ୨ଜଣ ସିନିୟର୍ ଷ୍ଟେନୋଗ୍ରାଫର୍, ୨ ଏଏସ୍‌ଆଇ, ଜଣେ ହାବିଲଦାର, ଜଣେ ଆସିଷ୍ଟାଣ୍ଟ ଡ୍ରାଇଭର, ଜଣେ ସିପାହି ଏବଂ ଜଣେ କନଷ୍ଟେବଳ ରହିଛନ୍ତି। ୨୦୨୦-୨୧ ବର୍ଷରେ ଉଲ୍ଲେଖନୀୟ ସେବା ନିମନ୍ତେ ସେମାନଙ୍କୁ ଏହି ପତ୍ର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପୋଲିସ ମୁଖ୍ୟାଳୟର ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସ୍ଥାନାନ୍ତର ହେବ ନାହିଁ ଫିଲାଟେଲିକ ବ୍ୟୁରୋ କାର୍ଯ୍ୟାଳୟ

କଟକ ଅଫିସ,୬।୮

ଓଡ଼ିଶାର ପ୍ରଥମ ଏବଂ ସର୍ବପୁରାତନ ଫିଲାଟେଲିକ ବ୍ୟୁରୋ କାର୍ଯ୍ୟାଳୟ ସ୍ଥାନାନ୍ତର ନିଷ୍ପତ୍ତିକୁ ପ୍ରତ୍ୟାହାର କରାଯାଇଛି। ଏହି କାର୍ଯ୍ୟାଳୟ ସ୍ଥାନାନ୍ତର ନେଇ କଟକର ବିଭିନ୍ନ ସଙ୍ଗଠନ ପକ୍ଷରୁ ପ୍ରତିବାଦ କରାଯିବା ସହ ସ୍ଥାନାନ୍ତର ନିଷ୍ପତ୍ତି ପୁନଃ ବିଚାର ପାଇଁ ନିବେଦନ କରାଯାଇଥିଲା। ଏହାପରେ କେନ୍ଦ୍ର ସରକାରଙ୍କ ଯୋଗାଣ ଓ ଡାକଟିକେଟ ମନ୍ତ୍ରଣାଳୟ ପକ୍ଷରୁ ଗୁରୁବାର ସ୍ଥାନାନ୍ତର ପ୍ରତ୍ୟାହାର ସମ୍ପର୍କିତ ବିଜ୍ଞପ୍ତି ଜାରି କରାଯାଇଛି ବୋଲି ଓଡ଼ିଶା ଫିଲାଟେଲିକ ଆସୋସିଏଶନ ପକ୍ଷରୁ ଶୁକ୍ରବାର ସୂଚନା ଦିଆଯାଇଛି।

## ଭାଗୀରଥିଙ୍କ ତ୍ୟାଗ ଓ ଦେଶପ୍ରୀତିର ପଟ୍ଟାନ୍ତର ନାହିଁ

କଟକ ଅଫିସ, ୬।୮

ସ୍ୱାଧୀନତା ସଂଗ୍ରାମୀ ଓ ପ୍ରଦେଶ କଂଗ୍ରେସ କମିଟିର ପ୍ରଥମ ସମ୍ପାଦକ ଭାଗୀରଥି ମହାପାତ୍ରଙ୍କ ଶ୍ରାଦ୍ଧୋତ୍ସବ କଟକ ସ୍ୱରାଜ ଆଶ୍ରମ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଭାଗୀରଥି ମହାପାତ୍ର, ସରଳା ଦେବୀ ଫାଉଣ୍ଡେଶନ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀ ଯୋଗଦେଇ କହିଥିଲେ, ଭାଗୀରଥି କେବଳ ସ୍ୱାଧୀନତା ସଂଗ୍ରାମ ନୁହେଁ, ଗାନ୍ଧୀବିଚାର ଓ ରାଜନୈତିକ କାର୍ଯ୍ୟକ୍ରମ ସହ ସଂଶ୍ଳିଷ୍ଟ ରହି ଉଦାହରଣ ସୃଷ୍ଟି କରିଛନ୍ତି। ତାଙ୍କର ତ୍ୟାଗ ଓ ଦେଶପ୍ରୀତିର ପଟ୍ଟାନ୍ତର ନାହିଁ ବୋଲି ପାଟଶାଣୀ କହିଥିଲେ। ବିଧାୟକ ସୁରେଶ କୁମାର ରାଉତରାୟ ଯୋଗଦେଇ ଭାଗୀରଥିଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ଓ ସ୍ମୃତିରକ୍ଷା ଦିଗରେ କାର୍ଯ୍ୟ ଆରମ୍ଭ ହେବ ବୋଲି କହିଥିଲେ। ଇଂ. ପ୍ରଭାକର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଲକ୍ଷ୍ମୀପ୍ରକାଶ ମହାପାତ୍ର, ସ୍ୱାଧୀନତା ସଂଗ୍ରାମୀ ବିଦ୍ୟାଧର ମୁଦୁଲି, ଶଶୀଭୂଷଣ ଦାସ, ବିଶ୍ୱଜିତ୍ ସୂର୍ଯ୍ୟବଂଶୀ, ନିରଞ୍ଜନ ପଣ୍ଡା, ପ୍ରଶାନ୍ତ ଦାସ, ପ୍ରସନ୍ନ ମହାପାତ୍ର, ବନଶ୍ରୀ ମହାପାତ୍ର, ଦେବୀପ୍ରସନ୍ନ ମହାପାତ୍ର, ବିଜୟ ପଣ୍ଡା, କବିତା ମହାପାତ୍ର ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଜ୍ଞାନରଞ୍ଜନ ସାମନ୍ତରାୟ ସ୍ୱାଗତ ଭାଷଣ ଦେଇଥିଲେ।

# ୫ ସାଙ୍ଗଙ୍କ ନାଁରେ ହତ୍ୟା ଅଭିଯୋଗ

### ମହାନଦୀରୁ ଛାତ୍ରଙ୍କ ମୃତଦେହ ଜବତ ଘଟଣା

■କ୍ରାଇମବ୍ରାଞ୍ଚ ତଦନ୍ତ ଦାବି

କଟକ ଅଫିସ,୬।୮:

ମହାନଦୀର ଯୋବ୍ରା ଆନିକଟ ନିକଟରୁ ଗୁରୁବାର ତୁଷାରକାନ୍ତ ସାହୁ ନାମକ ଜଣେ ଛାତ୍ରଙ୍କ ମୃତଦେହ କ୍ୟାଣ୍ଟନମେଣ୍ଟ ପୋଲିସ ଜବତ କରିଥିଲା। ତୁଷାରକାନ୍ତଙ୍କୁ ହତ୍ୟା କରାଯାଇଥିବା ନେଇ ତାଙ୍କ ବାପା କଟକ ଚଣ୍ଡୀଛକ ଅଞ୍ଚଳର ହୃଷୀକେଶ ସାହୁ ଥାନାରେ ଏତଲା ଦେଇଛନ୍ତି। ଏଥିରେ ସେ ଦର୍ଶାଇଛନ୍ତି, ତୁଷାରକାନ୍ତଙ୍କ ସହିତ ୫ ଜଣ ସାଙ୍ଗଙ୍କର ପାଟିତୁଣ୍ଡ ହୋଇଥିଲା। ଘଟଣାଦିନ ମୋ ପୁଅକୁ ଡାକି ମଥୁରା କେକ୍ ଜବରଦସ୍ତି ଖୁଆଇଥିଲେ। ପରେ ମଧୁସୂଦନ ସେତୁ ନିକଟକୁ ଡାକିନେଇ ନଦୀକୁ ଠେଲି ମାରି ଦେଇଛନ୍ତି। ସେମାନଙ୍କ ମୋବାଇଲ ଯାଞ୍ଚ କରାଯିବା ସହ କ୍ରାଇମବ୍ରାଞ୍ଚ ତଦନ୍ତ ମାଧ୍ୟମରେ ଅଭିଯୁକ୍ତମାନଙ୍କୁ ଜେରାକଲେ ସତ୍ୟାସତ୍ୟ ଜଣାପଡିବ। ପୁଅର ମୃତ୍ୟୁପାଇଁ ଯେଉଁମାନେ ଦାୟୀ, ସେମାନଙ୍କୁ କଠୋର ଦଣ୍ଡ ଦେବାକୁ ସେ ଏତଲାରେ ଦର୍ଶାଇଛନ୍ତି। ଏ ନେଇ କ୍ୟାଣ୍ଟନମେଣ୍ଟ ଥାନା ଅଧିକାରୀ ଦୀନକୃଷ୍ଣ ମିଶ୍ର କହିଛନ୍ତି, ଘଟଣାର ବିଭିନ୍ନ ଦିଗକୁ ନେଇ ତଦନ୍ତ ଚାଲିଛି। ଅଭିଯୋଗପତ୍ରରେ ଉଲ୍ଲେଖ ରହିଥିବା ସମସ୍ତଙ୍କ ମୋବାଇଲ ଯାଞ୍ଚ ସହ ସେମାନଙ୍କୁ ଜେରା କରାଯିବ। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ପଦକ୍ଷେପ ନିଆଯିବ।

ସୂଚନାଯୋଗ୍ୟ, ଖ୍ରୀଷ୍ଟ ମହାବିଦ୍ୟାଳୟ ଯୁକ୍ତ ୨ ବାଣିଜ୍ୟ ଛାତ୍ର ତୁଷାରକାନ୍ତ ମଙ୍ଗଳବାର ରାତି ୮ଟାରେ ଘରୁ ସ୍କୁଟି ନେଇ ଆସି ଆଉ ଫେରି ନ ଥିଲେ। ବହୁ ଖୋଜାଖୋଜି ପରେ ତାଙ୍କର ପତ୍ତା ମିଳି ନ ଥିଲା। ପ୍ରେମ ବ୍ୟାପାରକୁ ନେଇ ତାଙ୍କୁ ଅପହରଣ କରାଯାଇଥିବା ହୃଷୀକେଶ ଅଭିଯୋଗ କରିଥିଲେ। ଏହି ଘଟଣାରେ ତୁଷାରକାନ୍ତଙ୍କ ୫ ଜଣ ସାଙ୍ଗଙ୍କୁ ପୋଲିସ ପଚରାଉଚରା କରିଥିଲା। ତୁଷାରକାନ୍ତଙ୍କ ନେଇଯାଇଥିବା ସ୍କୁଟି ବୁଧବାର ମଧୁସୂଦନ ସେତୁ ନିକଟରୁ ମିଳିଥିଲା। ଗୁରୁବାର ମହାନଦୀର ଯୋବ୍ରା ଆନିକଟ ନିକଟରୁ ପୋଲିସ ଓଡ୍ରାଫ ଟିମ୍ ସହାୟତାରେ ତୁଷାରକାନ୍ତଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଥିଲା।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ପ୍ରଶାନ୍ତ



@ ଦେବରାଜ



@ ଅଭିଷେକ



@ ରାଧେ



@ ସଂଗ୍ରାମ

# ଏନ୍‌ଏଚ୍‌ରେ ଓଭରବ୍ରିଜ, ଅଣ୍ଡରପାସ୍ କାର୍ଯ୍ୟ ତ୍ୱରାନ୍ୱିତ ନିର୍ଦ୍ଦେଶ

### ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ

କଟକ ଅଫିସ, ୬।୮

କଟକ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଜିଲା ସଡ଼କ ସୁରକ୍ଷା କମିଟି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଅଧ୍ୟକ୍ଷତା କରି କଟକ ଜିଲାରେ ସଡ଼କ ଦୁର୍ଘଟଣାର ଭୟାବହତା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ ଜିଲାରେ ଚିହ୍ନଟ କରାଯାଇଥିବା ୩୬ଟି ଦୁର୍ଘଟଣାପ୍ରବଣ ସ୍ଥାନ, ଜାତୀୟ ରାଜପଥ (ଏନ୍‌ଏଚ୍)-୧୬ର ବାଲିକୁଦା, ଗୋପାଳପୁରଠାରେ ଓଭରବ୍ରିଜ ଏବଂ ଶିଖରପୁରଠାରେ ଅଣ୍ଡରପାସ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିପରି ମଙ୍ଗୁଳିଠାରୁ ନିର୍ଗୁଣ୍ଡି ଟୋଲ୍‌ପ୍ଲାଜା ମଧ୍ୟରେ ଥିବା ରୋଡ ଡିଭାଇଡରରେ ଲୁହାଗ୍ରୀଲ ଲଗାଇବା, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ମଧୁସୂଦନ ସେତୁରେ ଜମା ହୋଇଥିବା ବାଲି ସଫା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲାରେ ସମସ୍ତ ଜାତୀୟ ରାଜପଥ, ରାଜ୍ୟ ରାଜପଥର ବ୍ଲାକ ସ୍ପଟ୍‌ଗୁଡିକରେ ଦୁର୍ଘଟଣା ଓ ଏହାର ନିରାକରଣ ପାଇଁ ହେଉଥିବା ବ୍ୟବସ୍ଥାର ଭିଡିଓଗ୍ରାଫି କରାଯିବା ପାଇଁ ବୈଠକରେ ଆଲୋଚନା ହୋଇଥଲା। ଚଳିତବର୍ଷ ଜୁନ୍ ଶେଷ ସୁଦ୍ଧା ୨୬୪ଟି ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ୧୨୬ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୨୯ ଜଣ ଆହତ ହୋଇଛନ୍ତି। ବିଭିନ୍ନ ଆଇନ୍ ଅବମାନନା ଘଟଣାରେ ୧୨,୬୩୬ ମାମଲା ରୁଜୁ କରାଯାଇ ମୋଟ୍ ୧୮ ଲକ୍ଷ ୬୮ ହଜାର ୭୨୦ ଟଙ୍କା ଫାଇନ ଆଦାୟ କରାଯିବା ସହ ୫୧୦୪ଟି ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯାଇଛି। ଆଞ୍ଚଳିକ ପରିବହନ ଅଧିକାରୀ ସଞ୍ଜୟ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିରେ ଯୁଗ୍ମ ପରିବହନ କମିଶନର, ସହକାରୀ ଆରକ୍ଷୀ ଅଧୀକ୍ଷକ, ପ୍ରକଳ୍ପ ନିର୍ଦ୍ଦେଶକ, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ, ରାଜ୍ୟ ଟ୍ରକ ଏବଂ ବସ୍ ମାଲିକ ସଂଘ ସଭାପତି ପ୍ରମୁଖ ଯୋଗଦେଇଥିଲେ।



କଟକ ନୂଆପଡା ଘାଟକୂଳ ଅଞ୍ଚଳରେ ମଦ ଦୋକାନକୁ ବିରୋଧ କରି ସ୍ଥାନୀୟ ଅଞ୍ଚଳର ମହିଳାମାନେ ରାସ୍ତାରୋକୋ କରିଛନ୍ତି।

# ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ ଦାବିରେ ବିକ୍ଷୋଭ

କଟକ ଅଫିସ, ୬।୮

ବଳାତ୍କାର ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ, ଅଶ୍ଳୀଳ ୱେବସାଇଟ୍ ଓ ମାଦକଦ୍ରବ୍ୟ ନିଷେଧ ଦାବିରେ ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ (ଏଆଇଏମ୍‌ଏସ୍‌ଏସ୍) ପକ୍ଷରୁ କଟକ କୃଷକ ବଜାରଠାରେ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବିକ୍ଷୋଭ ସ୍ଥଳରେ ନେତ୍ରୀ ସିପ୍ରା ମହାନ୍ତି କହିଥିଲେ, ଦେଶରେ ବଳାତ୍କାର ଓ ହତ୍ୟା ଘଟଣା ପ୍ରତିଦିନ ଘଟି ଚାଲିଛି। ଦିଲ୍ଲୀରେ ବଳାତ୍କାର ଓ ହତ୍ୟାର ଶିକାର ହୋଇଥିବା ୯ ବର୍ଷୀୟା ନାବାଳିକାଙ୍କ ସମେତ ଦେଶବ୍ୟାପୀ ସମସ୍ତ ପୀଡିତାଙ୍କୁ ନ୍ୟାୟ ପ୍ରଦାନ କରାଯାଉ। ଏହି ବିକ୍ଷୋଭରେ ସ୍ୱାଧିନୀ ବେହେରା, ମନସ୍ୱିନୀ ପ୍ରଧାନ, ଜ୍ୟୋତ୍ସ୍ନାମୟୀ ଦାଶ, ସସ୍ମିତା ଦେହୁରୀ, ପୂଜା ନାୟକ, ସନ୍ଧ୍ୟାରାଣୀ ବେହେରା ଓ ଜୟନ୍ତୀ ମିଶ୍ର ପ୍ରମୁଖ ସାମିଲ ହୋଇଥିଲେ।

# ମନ୍ଦିର ଭଙ୍ଗାକୁ ବିରୋଧ, ପୋଲିସ-ଜନତା ମୁହାଁମୁହିଁ

କଟକ ସଦର, ୬।୮ (ଡି.ଏନ.ଏ.)

କିଶନନଗର ତହସିଲ ଅଧୀନ ରଟିଲୋ ଗ୍ରାମର ପଞ୍ଚମୁଖୀ ହନୁମାନ ମନ୍ଦିର ଭଙ୍ଗାଯିବାକୁ ନେଇ ଶୁକ୍ରବାର ପୋଲିସ ଓ ସ୍ଥାନୀୟ ଜନତା ମୁହାଁମୁହିଁ ହୋଇଥିଲେ। ଏପରି କି ଲୋକମାନେ ରାସ୍ତା ଉପରେ ବସି ରହିବାରୁ ପୋଲିସ ମନ୍ଦିର ନିକଟକୁ ପ୍ରବେଶ କରିପାରି ନ ଥିଲା। ଶେଷରେ କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ ପହଞ୍ଚି ମନ୍ଦିର ପରିଚାଳନା କମିଟି ସଦସ୍ୟଙ୍କ ସହ ଆଲୋଚନା କରିବା ପରେ ମନ୍ଦିର ଭଙ୍ଗାକୁ ୧୫ ଦିନ ପାଇଁ ସ୍ଥଗିତ ରଖାଯାଇଛି। ସରକାରୀ ଜମିରେ ବିନା ଅନୁମତିରେ ମନ୍ଦିର ନିର୍ମାଣ କରାଯାଇଥିବାରୁ ନ୍ୟାଶନାଲ ଗ୍ରୀନ୍



ମନ୍ଦିର ଭଙ୍ଗାକୁ ବିରୋଧ କରି ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ କରିଛନ୍ତି ।

ଟ୍ରିବ୍ୟୁନାଲ(ଏନ୍‌ଜିଟି)ଙ୍କ ନିର୍ଦ୍ଦେଶକ୍ରମେ ତହସିଲ ପ୍ରଶାସନ ମନ୍ଦିର ଭାଙ୍ଗିବା ପାଇଁ ବ୍ୟବସ୍ଥା କରିଥିଲା। ଶୁକ୍ରବାର ସକାଳେ କିଶନନଗର ତହସିଲଦାର ସୁଚେତା ମହାପାତ୍ର, ମାଜିଷ୍ଟ୍ରେଟ୍ ତଥା ସାଲେପୁର ତହସିଲଦାର ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ଏସ୍‌ଡିପିଓ ପ୍ରଶାନ୍ତ କୁମାର ମାଝି, ଅତିରିକ୍ତ ତହସିଲଦାର କ୍ରିଷ୍ଣାକାନ୍ତା ସାହୁ, ଥାନାଧିକାରୀ ସସ୍ମିତା ରଣା ଏକ ପ୍ଲାଟୁନ୍ ପୋଲିସ ଫୋର୍ସ ମନ୍ଦିର ଭାଙ୍ଗିବା ପାଇଁ ଘଟଣାସ୍ଥଳରେ ପହଞ୍ଚିଥିଲେ। ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ବହୁସଂଖ୍ୟକ ମହିଳାପୁରୁଷ ରାସ୍ତା ଉପରେ ବସିରହି କାହାରିକୁ ମନ୍ଦିର ପାଖକୁ ଛାଡି ନ ଥିଲେ। ଅପରାହ୍ନ ୨ଟାରେ ଜିଲାପାଳ ଚୟନୀ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରିଥିଲେ। ଏନ୍‌ଜିଟିଙ୍କ ରାୟ ବିରୋଧରେ ସୁପ୍ରିମକୋର୍ଟରେ ଆବେଦନ କରାଯାଇଥିବାରୁ ପ୍ରଥମ ଶୁଣାଣି ପର୍ଯ୍ୟନ୍ତ ମନ୍ଦିର ନ ଭାଙ୍ଗିବା ପାଇଁ ସାମାଜିକ କର୍ମୀ ତ୍ରୈଲୋକ୍ୟନାଥ ପଣ୍ଡା ଓ ପୂର୍ବତନ ସରପଞ୍ଚ କମଳାକାନ୍ତ ନାୟକ ଜିଲାପାଳଙ୍କୁ ନିବେଦନ କରିଥିଲେ। ପରେ ଜିଲାପାଳ ଚୟନୀ ମନ୍ଦିର ଭଙ୍ଗା ନିଷ୍ପତ୍ତି ୧୫ ଦିନ ପାଇଁ ସ୍ଥଗିତ ରଖାଗଲା ବୋଲି ଘୋଷଣା କରିବାରୁ ପରିସ୍ଥିତି ଶାନ୍ତ ପଡିଥିଲା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୭ ଅଗଷ୍ଟ, ୨୦୨୧

**ବିଦ୍ୟାଳୟ ପରିସରରେ ଚାରାରୋପଣ**

ବାଲିଅନ୍ତା,(ଡି.ଏନ୍.ଏ.): ବାଲିଅନ୍ତା ବ୍ଲକ ଅଧୀନ ବେଣୁପୁରସ୍ଥିତ ଆଚାର୍ଯ୍ୟ ହରିହର ବିଦ୍ୟାପୀଠ ପରିସରରେ ଶୁକ୍ରବାର ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜୟଦେବ ବିଧାୟକ ଡ.ଅରବିନ୍ଦ ଢାଲୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାରାରୋପଣ କରିବା ସହ ପୋଷାକ ବିତରଣ କରିଥିଲେ। ଏହି ଉତ୍ସବରେ ବ୍ଲକ ଶିକ୍ଷା ଅଧିକାରୀ ହିମାଂଶୁ ଭୂଷଣ ଓଝା, ସରପଞ୍ଚ ରଶ୍ମିତା ପାତ୍ର, ଜିଲା ପରିଷଦ ସଭ୍ୟ ଅମରେନ୍ଦ୍ର ପଟ୍ଟନାୟକ, ଅଚ୍ୟୁତାନନ୍ଦ ପାତ୍ର, ନୃସିଂହଚରଣ ବାଟୁଆ ରାୟ, ନାରାୟଣ ବେହେରା, ସଦାନନ୍ଦ ଖୁଣ୍ଟିଆ ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ଆରତି ପରିଜା, ବରିଷ୍ଠ ଶିକ୍ଷକ ଜମେଶ୍ୱର ରଥ ଓ ଏସ୍.କେ. ଖୁଣ୍ଟିଆ ଉତ୍ସବକୁ ପରିଚାଳନା କରିଥିଲେ।



## ସଂକ୍ଷେପରେ

### ବିଜୟଲକ୍ଷ୍ମୀ ମହାପାତ୍ରଙ୍କୁ 'ପଣ୍ଡିତ ନୀଳକଣ୍ଠ ସ୍ମୃତି ସମ୍ମାନ'

ଭୁବନେଶ୍ୱର,୬।୮(ବ୍ୟୁରୋ): ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ସହଯୋଗୀ, ପଞ୍ଚସଖାଙ୍କ ମଧ୍ୟରୁ ଅନ୍ୟତମ ତଥା ବିଧାନସଭାର ପୂର୍ବତନ ବାଚସ୍ପତି ପଣ୍ଡିତ ନୀଳକଣ୍ଠ ଦାସଙ୍କ ୧୩୮ତମ ଜୟନ୍ତୀ ପାଳିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପିଏମ୍‌ଜି ଛକରେ ଥିବା ପ୍ରତିମୂର୍ତ୍ତିସ୍ଥଳୀରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମଧ ବିଧାୟକ ଅନନ୍ତ ନାରାୟଣ ଜେନା, ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ରବି ନାରାୟଣ ନନ୍ଦ, ପ୍ରବୀର ମହାନ୍ତି, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ଅଧକ୍ଷ ପ୍ରଦ୍ୟୁମ୍ନ ଶତପଥୀ, ରମେଶ ଚନ୍ଦ୍ର ପାତାଳସିଂହଙ୍କ ସମେତ ବିଭିନ୍ନ ସଂଗଠନ କର୍ମକର୍ତ୍ତା ଯୋଗଦେଇ ପଣ୍ଡିତ ନୀଳକଣ୍ଠଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ସ୍ମୃତିଚାରଣ ଥିଲେ। ଏହି ଅବସରରେ ବିଜୟଲକ୍ଷ୍ମୀ ମହାପାତ୍ରଙ୍କୁ 'ପଣ୍ଡିତ ନୀଳକଣ୍ଠ ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ବିଭାଗର ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରା ଧନ୍ୟବାଦ ଦେଇଥିଲେ।

### ଭୁବନେଶ୍ୱର ଓକିଲ ସଂଘ ପକ୍ଷରୁ ବିଦାୟୀ ଜିଲା ଜଜ୍‌ଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର,୬।୮(ବ୍ୟୁରୋ): ଖୋର୍ଦ୍ଧା ଜିଲା ଜଜ୍ ଶ୍ୟାମ ସୁନ୍ଦର ଦାଶଙ୍କୁ ପଦୋନ୍ନତି ଦିଆଯାଇ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗର ଆଇନ ପରାମର୍ଶଦାତା ଭାବେ ନିଯୁକ୍ତି ଦିଆଯାଇଛି। ଏହି ଅବସରରେ ଭୁବନେଶ୍ୱର କୋର୍ଟ ପରିସରରେ ଭୁବନେଶ୍ୱର ଓକିଲ ସଂଘ ପକ୍ଷରୁ ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସଂଘ ସଭାପତି ନିର୍ମଳ କିଶୋର ରଥ, ସମ୍ପାଦକ ରାଜକିଶୋର ଦାସ, ଉପ ସଭାପତି ଦେବୀଦତ୍ତ ବାରିକ, ଯୁଗ୍ମ ସମ୍ପାଦକ ଅଶୋକ ବଡ଼ପଣ୍ଡା, ସହ ସମ୍ପାଦକ ଶିବ ନାରାୟଣ ସାହୁ, କୋଷାଧକ୍ଷ ଲିଙ୍ଗରାଜ ମହାରଣା ଏବଂ କାର୍ଯ୍ୟକାରୀ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଭୁବନେଶ୍ୱର କୋର୍ଟରେ ଶ୍ୟାମ ସୁନ୍ଦରଙ୍କ କାର୍ଯ୍ୟକାଳ ସମୟରେ ସେ ଦେଇଥିବା ପରାମର୍ଶ ଭୁବନେଶ୍ୱର ଓକିଲ ସଂଘଙ୍କୁ ବହୁ ଦିଗଦର୍ଶନ ଦେଇଥିଲା ବୋଲି ସଂଘ ପକ୍ଷରୁ କୁହଯାଇଛି।

### ବାରଙ୍ଗ ଭାଜପା ମଣ୍ଡଳ କାର୍ଯ୍ୟକାରିଣୀ ବୈଠକ

ବାରଙ୍ଗ,୬।୮(ଡି.ଏନ୍.ଏ.): ବାଙ୍କୀ ନିର୍ବାଚନମଣ୍ଡଳୀର ବାରଙ୍ଗ ମଣ୍ଡଳ ୩୨ ନମ୍ବର ଜୋନର ଭାଜପା ମଣ୍ଡଳ କାର୍ଯ୍ୟକାରିଣୀ ବୈଠକ ଫୁଲପୋଖରୀ,ବଚ୍ଛିପୁର ଗ୍ରାମର ତାରିଣୀ ମନ୍ଦିର ନିକଟରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜୋନର ମଣ୍ଡଳ ସଭାପତି ପ୍ରଭାତ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ଭାଜପା ନେତା ଶୁଭ୍ରାଂଶୁ ମୋହନ ପାଢ଼ୀ, ରାମନାରାୟଣ ମହାନ୍ତି, ସୀତାକାନ୍ତ ମିଶ୍ର, ଅଜୟ ମୁଦୁଲି, ପ୍ରଭାସ ରାଉତ, ଦୀପକ ସ୍ୱାଇଁ ପ୍ରମୁଖ ଭାଜପାର ସମସ୍ତ ମୋର୍ଚ୍ଚା କମିଟି ଓ ମଣ୍ଡଳ କମିଟିର ସଦସ୍ୟମାନେ ଯୋଗଦେଇଥିଲେ। ବୈଠକରେ ତୃଣମୂଳ ସ୍ତରରୁ ଦଳକୁ ସୁଦୃଢ଼ କରିବାକୁ ସମସ୍ତେ ନିଷ୍ପତ୍ତି ନେଇଥିଲେ। ଶେଷରେ ନଳିନୀ ରାୟ ସମସ୍ତ ସଭ୍ୟମାନଙ୍କୁ ଧନ୍ୟବାଦ ଦେଇଥିଲେ।

### ନୀଳମଣି ବିଦ୍ୟାରତ୍ନଙ୍କ ନାମରେ ସେତୁ ନିର୍ମାଣ ନିଷ୍ପତ୍ତିକୁ ସ୍ୱାଗତ

ଭୁବନେଶ୍ୱର,୬।୮(ବ୍ୟୁରୋ):ସାହିତ୍ୟିକ, ପ୍ରବୀଣ ସାମ୍ବାଦିକ ତଥା ସାରସ୍ୱତ ସାଧକ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ନାମରେ ବାଙ୍କୀର ବୈଦେଶ୍ୱର ଓ ବଡ଼ମ୍ବାର ଗୋପୀନାଥପୁରକୁ ସଂଯୋଗ କରୁଥିବା ଦୀର୍ଘ ସେତୁକୁ ସରକାର ନୀଳମଣି ବିଦ୍ୟାରତ୍ନଙ୍କ ନାମରେ ନାମିତ କରିବା ପାଇଁ ବିଧିବଦ୍ଧ ଭାବେ ଘୋଷଣା କରିଛନ୍ତି। ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ଅଧକ୍ଷ ପ୍ରଦ୍ୟୁମ୍ନ ଶତପଥୀ, ବାଙ୍କୀର ପୂଜ୍ୟପୂଜା ଅଭିଯାନର ସଭାପତି ସୁନୀଲ କୁମାର ମିଶ୍ର ଦୀର୍ଘଦିନ ପୂର୍ବରୁ ସରକାରଙ୍କୁ ଏ ନେଇ ଦାବି ଓ ଅନୁରୋଧ କରିଆସୁଥିଲେ। ଏହି ସେତୁ କାର୍ଯ୍ୟକ୍ଷମ ହେଲେ ଗମନାଗମନ, ପର୍ଯ୍ୟଟନ ପ୍ରମୁଖର ବିକାଶ ଓ ଅଗ୍ରଗତି ହୋଇପାରିବ ବୋଲି ମତପ୍ରକାଶ ପାଇଛି। ସରକାରଙ୍କ ଏତାଦୃଶ ନିଷ୍ପତ୍ତି ପାଇଁ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ପକ୍ଷରୁ ସ୍ୱାଗତ ଜଣାଇବା ସହ ସରକାରଙ୍କୁ ଧନ୍ୟବାଦ ଜଣାଯାଇଛି।

# ସାହିରେ ପଶି ଗୋଡ଼ାଇ ହାଣିଲେ, ଗାଡ଼ି ଭାଙ୍ଗିଲେ


ଆକ୍ରମଣ ପରେ ଉତ୍ତେଜିତ ବସ୍ତିବାସିନ୍ଦା।


ସିସିଟିଭି ଫୁଟେଜ୍‌ରୁ କଏଦ ଗାଡ଼ି ଭଙ୍ଗାରୁଜାର ଦୃଶ୍ୟ।

ଭୁବନେଶ୍ୱର,୬।୮(ବ୍ୟୁରୋ)

ମାଷ୍ଟରକ୍ୟାଣ୍ଟିନ ଛକରେ ଅସାମାଜିକଙ୍କ ଆତଙ୍କରାଜ୍ ମନରୁ ନ ଲିଭୁଣୁ ଶୁକ୍ରବାର ରାତିରେ ମଞ୍ଚେଶ୍ୱର ଥାନାଞ୍ଚଳରେ ଆଉଏକ ଘଟଣା ଘଟିଛି। ୬୦ରୁ ୭୦ଜଣ ଯୁବକ ପଳାଶୁଣୀ ମୁଣ୍ଡାସାହିରେ ପଶି ଆତଙ୍କ ଖେଳାଇଛନ୍ତି। ବିଭିନ୍ନ ମାରଣାସ୍ତ୍ରରେ ସାହିର ଲୋକଙ୍କୁ ଆକ୍ରମଣ କରିବା ସହ ଏକାଧିକ ଘର ଓ ଗାଡି ଭାଙ୍ଗି ଦେଇଛନ୍ତି। ଆକ୍ରମଣରେ ମୁଣ୍ଡାସାହିର ୬ ଜଣ ଆହତ ହୋଇଥିବାବେଳେ ଜଣେ ଗୁରୁତର ଅଛନ୍ତି। ସେମାନେ ହେଲେ ଛବୀନ୍ଦ୍ର ଦାଶ(୬୦), ଜଗନ୍ନାଥ ସିଙ୍କୁ(୧୭), ରାଉତ ବଦ୍ରା(୫୦),

## ୬ ଆହତ, ଜଣେ ଗୁରୁତର

ସୁରଜ ବେହେରା(୧୯) ରଘୁନାଥ ମୁଣ୍ଡା(୬୦) ଓ ବିପିନ ପୁର୍ତ୍ତି(୩୫)। ପୋଲିସ ସେମାନଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଛି। ରାସ୍ତାରେ ବିଭିନ୍ନ ସ୍ଥାନରେ ରକ୍ତର ଛିଟା ପଡିଛି। ଘଟଣାପରେ ସାହିବାସିନ୍ଦା ରାଜପଥକୁ ଅବରୋଧ କରିବାରୁ ଗାଡ଼ିମଟର ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ପରେ ପୋଲିସ ୪ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ସାହିବାସିନ୍ଦାଙ୍କ ଅଭିଯୋଗ ପରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସିସିଟିଭି ଫୁଟେଜରେ ଆକ୍ରମଣ ସମୟ ଦୃଶ୍ୟ ରହିଛି। ସେଥିରୁ ଆକ୍ରମଣକାରୀଙ୍କୁ ଚିହ୍ନଟ ପାଇଁ ପୋଲିସ ଉଦ୍ୟମ କରୁଛି। ପୂର୍ବ ଘଟଣାକୁ ନେଇ ଏପରି ଘଟିଥାଇପାରେ ବୋଲି ସନ୍ଦେହ କରାଯାଉଛି। ଆକ୍ରମଣକାରୀମାନେ କେଉଁ ଅଞ୍ଚଳର ସେ ସମ୍ପର୍କରେ ସ୍ପଷ୍ଟ ସୂଚନା ମିଳିପାରି ନ ଥିବାବେଳେ ଗାଡ଼କଣ କିମ୍ବା ଶୀରାମନଗରଅଞ୍ଚଳରବୋଲିଚର୍ଚ୍ଚାହେଉଛି।

ସ୍ଥାନୀୟ ଲୋକଙ୍କ କହିବାନୁସାରେ, ଗୁରୁବାର ରାତି ପ୍ରାୟ ୮ଟାରେ ରାସ୍ତାରେ ଥିବା ଏକ ଖୋଲା ଚାନ୍ଦିନୀରେ ମୁଣ୍ଡା ସାହିର କେତେଜଣ ପିଲା କ୍ୟାରମ୍ ଖେଳ ସାରି ଘରକୁ ଫେରୁଥିଲେ। ସେହି ବାଟ ଦେଇ ଅନ୍ୟ ସାହିର ୫ଜଣ ଯୁବକ ଯାଉଥିଲେ। ତାଙ୍କ ମଧ୍ୟରୁ ଜଣେ ଯୁବକ କ୍ୟାରମ୍ ବୋର୍ଡ ନେଇ ଆସୁଥିବା ନାବାଳକଙ୍କୁ କ'ଣ ପାଇଁ ରାସ୍ତାରେ କ୍ୟାରମ୍ ଖେଳୁଛୁ ବୋଲି କହି ଚାପୁଡା ମାରିଥିଲେ। ଏହାପରେ ମୁଣ୍ଡାସାହି ଓ ଅନ୍ୟସାହିର ଯୁବକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ମୁଣ୍ଡାସାହିର କେତେଜଣ ବରିଷ୍ଠ ବ୍ୟକ୍ତିଙ୍କ ହସ୍ତକ୍ଷେପ ପରେ ପରିସ୍ଥିତି ଶାନ୍ତ ପଡିଥିଲା। ହେଲେ ଯେଉଁ ୫ଯୁବକ ମାଡ ଖାଇଥିଲେ ସେମାନେ ତାଙ୍କ ସାହିର ଅନ୍ୟ ଯୁବକ ଓ ସହଯୋଗୀଙ୍କୁ ଧରି ଶୁକ୍ରବାର ରାତିରେ ମୁଣ୍ଡା ସାହିରେ ପଶି ଆକ୍ରମଣ କରିଥିଲେ। ଏହା ପୂର୍ବରୁ ସେମାନେ ବିଦ୍ୟୁତ୍ ସଂଯୋଗ କାଟି ଦେଇଥିଲେ। ଅନ୍ଧାରର ସୁଯୋଗ ନେଇ ସେମାନେ ସାହିର ରାସ୍ତାରେ ଥୁଆ ହୋଇଥିବା ବାଇକ୍, ଅଟୋକୁ ବାଡେଇ ଭାଙ୍ଗିଥିଲେ। ଭୟରେ ମୁଣ୍ଡାସାହିର ବାସିନ୍ଦା ଘର ଭିତରେ ପଶି ଯାଇ କବାଟ ଝରକା ବନ୍ଦ କରି ଦେଇଥିଲେ। ଯେଉଁମାନେ ବାହାରେ ଥିଲେ ତାଙ୍କୁ ଖଣ୍ଡା, ଭୁଜାଲି ଓ ଠେଙ୍ଗାରେ ଆକ୍ରମଣ କରିଥିଲେ। ଲୋକେ ଘରେ ପଶିଯିବା ପରେ ବି ସେମାନେ ଆଜବେଷ୍ଟସ ଓ ଅନ୍ୟ ଘରକୁ ଭଙ୍ଗାରୁଜା କରିଥିଲେ।


ରାସ୍ତାରେ ଭଙ୍ଗାରୁଜା ଅବସ୍ଥାରେ ପଡିଥିବା ଗାଡ଼ି।




ଆକ୍ରମଣରେ ଆହତ ହୋଇଥିବା ଦୁଇ ବ୍ୟକ୍ତି।

# ଗୋଷ୍ଠୀ ଅପରାଧ ରୋକିପାରୁନି କମିଶନରେଟ ପୋଲିସ

ଭୁବନେଶ୍ୱର କମିଶନରେଟ ପୋଲିସ ଅଞ୍ଚଳରେ ଆଇନ ଶୃଙ୍ଖଳା ଦିନକୁ ଦିନ ବିଗିଡିବାରେ ଲାଗିଛି। ବଦନାମ ମୁଣ୍ଡାଇବା ପରେ ପୋଲିସ ଏବେ ବଡ଼ ଅପରାଧୀଙ୍କୁ ଟାର୍ଗେଟ କରିଥିବାବେଳେ ସ୍ଥାନୀୟ ଅସାମାଜିକଙ୍କ ରାଜୁତି ସୀମା ଟପିଛି। ସହରେ ଘଟୁଥିବା ଗୋଷ୍ଠୀ ଅପରାଧ ରାଜଧାନୀବାସୀଙ୍କୁ ଭୟଭୀତ କରିପକାଉଛି। ସେମାନେ ରାଜନୈତିକ ଗୋଷ୍ଠୀ ସହ ସମ୍ପୃକ୍ତ ରହୁଥିବାରୁ ପୋଲିସ ବି ସେମାନଙ୍କ ଦେହରେ ହାତ ମାରୁନି। ସର୍ବସମ୍ମୁଖରେ ସଂଘବଦ୍ଧ ଭାବେ ମାରଣାସ୍ତ୍ର ଧରି ଆକ୍ରମଣ କରୁଥିଲେ ମଧ ପୋଲିସ ରୋକିପାରୁନି। ଜୁଲାଇ ୨୬ରେ ମାଷ୍ଟକ୍ୟାଣ୍ଟିନ୍‌ସ୍ଥିତ ଷ୍ଟେଶନ ଛକରେ ଦିନ ଦ୍ୱିପ୍ରହରରେ ଗୋଟିଏ ଗୋଷ୍ଠୀର ୧୨ରୁ ଊର୍ଦ୍ଧ୍ୱ ଯୁବକ ସ୍ଥାନୀୟ ବ୍ୟବସାୟୀଙ୍କୁ ଖଣ୍ଡା, ଭୁଜାଲିରେ ଗୋଡାଇ ହାଣିଥିଲେ। ଏଥିରେ ସେକ୍ ରୁପଲିନ୍, ସେକ୍ ସାହିଦ୍ ଓ ସେକ୍ କାଲାମ ଗୁରୁତର ଆହତ ହୋଇଥିଲେ। ଜନଗହଳି ସତ୍ତ୍ୱେ କ୍ୟାପିଟାଲ ଥାନା ଆଉଟ୍‌ପୋଷ୍ଟର ମାତ୍ର ୧୦୦ ମିଟର ଦୂରରେ ଏହି ଗୋଷ୍ଠୀ ଅପରାଧ ଘଟିଥିଲା। ଏବେ ପଳାଶୁଣି, ପୂର୍ବରୁ ମାର୍କେଟ ବିଲ୍ଡିଂ, ଲକ୍ଷ୍ମୀସାଗର, ଆଇଗିଣିଆ, ସୁନ୍ଦରପଦାରେ ଏଭଳି ଏକାଧିକ ଅପରାଧର ନଜିର ରହିଛି। ଏସବୁ ଗୋଷ୍ଠୀ ଅପରାଧ ରୋକିବାରେ କମିଶନରେଟ ପୋଲିସ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ପ୍ରମାଣିତ ହୋଇଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

REQUIRES
a Accountant in
SRI KRISHNA INFRASSETS PVT. LTD.
Hanspal, Puri Main Canal Road,
Near Global Management College.
Contact:
9658894066 | 7008297224

WANTED
5 ତାରକା ହୋଟେଲ ପାଇଁ ଆବଶ୍ୟକ ଉଦ୍ୟାନ କୃଷକ ସୁପରଭାଇଜର। ଆଗ୍ରହୀ ପ୍ରାର୍ଥୀମାନେ 9090905678କୁ କଲ୍ କରିପାରିବେ କିମ୍ବା harris.vinoj@tridenthotels.comରେ ରିଜ୍ୟୁମ୍ ପଠାଇପାରିବେ।

WANTED
ଭୁବନେଶ୍ୱରରେ କେକ୍ Shop ପାଇଁ ପିଲା ଆବଶ୍ୟକ (ଯୋଗ୍ୟତା ଦଶମରୁ ଅଧିକ)। ଦରମା: Rs.6000 + ଖାଇବା ।
ଯୋଗାଯୋଗ:
7381010297, 8249724716

APPOINTMENT
Wanted Sales Supervisor in a Jewellery Shop at Bhubaneswar. Salary- 15,000.00. Send your Biodata to WhatsApp No.9437033691

URGENT REQUIRED
Telecaller (Any fresher Graduate). Speaking English, Hindi preferable.
Mob.-8984063445
Bhubaneswar
Mail: itpsacademy01@gmail.com




URGENTLY REQUIRED
(1) Lecture in Physics, Chemistry, Math, Botany, Zoology, IT and English (Master Degree), (2) Office Assistant (Female), (3) Marketing Executive, (4) Front Office Executive, (5) Boys & Girls Hostel Superintendent, Peon, Driver, Cook.
Can appear the walk-in-Interview on 06.08.2021 (Friday) at 10.30am
Preference may be given to experienced candidates. Same day appointment.
Documents : Complete Bio-Data with copies of all certificates & Aadhaar Card
ANMOL HIGHER SECONDARY SCHOOL OF SCIENCE AND COMMERCE
At: Uttara Chhak in front of CIFA, Bhubaneswar - 02
Contact: 9439850997, 9040563026, 9937227123(Office)

RECRUITMENT OF ACCOUNTANT
A leading Rice Mill Industry requires full time Accountant. Minimum qualification is Graduation. He/She must be very acquainted with Tally/ Rice Mill Software with good English knowledge. Candidate has to reside at Purunakatak, Boudh. Accommodation and Fooding expenses will be borne by the employer. Salary is negotiable.
Interested candidates may apply with recent passport size photo along with CV on or before 15.08.2021 in the below mentioned e-mail id. Shortlisted candidate will be called for interview.
RANISATI PADDY PROCESSING PVT. LTD.
Purunakatak, Boudh
E-Mail: ranisatipaddy@gmail.com, Mob.- 8249035739

# ଜେଲରେ କଏଦୀଙ୍କୁ ନିର୍ଯାତନା ନେଇ ଓଏଚ୍‌ଆର୍‌ସିରେ ଅଭିଯୋଗ

ଭୁବନେଶ୍ୱର,୬।୮(ବ୍ୟୁରୋ)

ଢେଙ୍କାନାଳ ଜେଲରେ ଜଣେ ବିଚାରାଧୀନ କଏଦୀଙ୍କୁ ନିର୍ଯାତନା ଦିଆଯାଉଛି। ଜେଲ କର୍ମଚାରୀଙ୍କ ମାଡ଼ରେ ତାଙ୍କ ଆଖି ନଷ୍ଟ ହୋଇଥିବା ନେଇ ଶୁକ୍ରବାର ରାଜ୍ୟ ମାନବାଧିକର କମିଶନ(ଓଏଚ୍‌ଆରସି)ରେ ଅଭିଯୋଗ ହୋଇଛି। ଏପରିକି ଜେଲ କର୍ତ୍ତୃପକ୍ଷ ସମ୍ପୃକ୍ତ କଏଦୀଙ୍କୁ ଦେଖା କରିବାକୁ ତାଙ୍କ ପରିବାର ଲୋକଙ୍କୁ ଛାଡୁନାହାନ୍ତି। ସେ ଅସୁସ୍ଥ ଥିଲେ ମଧ ଚିକିତ୍ସା ନିମନ୍ତେ ତାଙ୍କୁ ମେଡିକାଲ ନିଆଯାଉନାହିଁ ବୋଲି ଅଭିଯୋଗ ହୋଇଛି। ସମ୍ପୃକ୍ତ କଏଦୀଙ୍କ ସମ୍ପର୍କୀୟ ଭାଇ ଓ ମାନବାଧିକର କର୍ମୀ ପ୍ରଦୀପ୍ତ କୁମାର ନାୟକ ଏନେଇ କମିଶନରେ ପିଟିଶନ ଦାଖଲ କରିଛନ୍ତି। ପିଟିଶନ ଅନୁଯାୟୀ, କଟକ ସଦରର ସଂଗ୍ରାମ ପାତ୍ରଙ୍କୁ କମିଶନରେଟ୍ ପୋଲିସ ଏକ ହତ୍ୟା ମାମଲାରେ ଗିରଫ କରିଥିଲା। ଉକ୍ତ ହତ୍ୟାକାଣ୍ଡରେ ସମ୍ପୃକ୍ତି ନ ଥିଲେ ମଧ ପୋଲିସ ତାଙ୍କୁ ଗିରଫ କରି ଜେଲ ପଠାଇଥିଲା। ୨୦୧୩ ଅଗଷ୍ଟରୁ ୨୦୨୧ମେ ଯାଏ ସଂଗ୍ରାମ ଭୁବନେଶ୍ୱର ଝାରପଡ଼ା ସ୍ୱତନ୍ତ୍ର ଜେଲରେ ବିଚାରାଧୀନ କଏଦୀ ଭାବେ ରହିଥିଲେ। ଏହାପରେ ତାଙ୍କୁ ଢେଙ୍କାନାଳ ଜେଲକୁ ସ୍ଥାନାନ୍ତର କରାଯାଇଥିଲା। କୋଭିଡ୍ କଟକଣା ପାଇଁ ସଂଗ୍ରାମଙ୍କ ସହ ତାଙ୍କ ପରିବାର ଲୋକଙ୍କର ଦେଖା ହୋଇ ପାରୁ ନ ଥିଲାବେଳେ ତାଙ୍କୁ ଜେଲରେ ନିର୍ଯାତନା ଦିଆଯାଉଥିବା ନେଇ ଉକ୍ତ ଜେଲରୁ ଫେରିଥିବା ଜଣେ କଏଦୀଙ୍କ ନିକଟରୁ ଖବର ମିଳିଥିଲା। ସଂଗ୍ରାମଙ୍କୁ ରାତି ଅଧରେ ଅନ୍ୟଏକ ୱାର୍ଡକୁ ସ୍ଥାନାନ୍ତର ପାଇଁ ଜେଲ କର୍ତ୍ତୃପକ୍ଷ କହିଥିଲେ। ମାତ୍ର ସଂଗ୍ରାମ ସକାଳେ ପରିବର୍ତ୍ତନ କରିବେ ବୋଲି କହିବାରୁ ଜେଲ୍ କର୍ତ୍ତୃପକ୍ଷ ତାଙ୍କୁ ମାଡ଼ ମାରିଥିଲେ। ଏଥିରେ ତାଙ୍କ ବାମ ଆଖି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ଖବର ପାଇବା ପରେ ପରିବାର ଲୋକେ ଜେଲକୁ ପ୍ରତିଦିନ ଯାଉଥିଲେ ମଧ ଫାଟକରୁ ଫେରାଇ ଦିଆଯାଉଛି। ଏପରିସ୍ଥଳେ ତାଙ୍କର ଚିକିତ୍ସା କରାଯିବା ସହ ପରିବାର ଲୋକଙ୍କୁ ଭେଟିବାକୁ କମିଶନ ନିର୍ଦ୍ଦେଶ ଦିଅନ୍ତୁ। ଏଥିସହିତ ସମ୍ପୃକ୍ତ ଜେଲ କର୍ତ୍ତୃପକ୍ଷଙ୍କ ବିରୋଧରେ ତଦନ୍ତ କରାଯାଇ ଅଭିଯୁକ୍ତଙ୍କୁ ଦଣ୍ଡ ଦିଆଯାଉ ବୋଲି ସଂଗ୍ରାମଙ୍କ ଭାଇ ଓ ପ୍ରଦୀପ୍ତ କମିଶନଙ୍କୁ ନିବେଦନ କରିଛନ୍ତି।

# ରୋଟାରି କ୍ଲବର ଚାରାରୋପଣ ଅଭିଯାନ

ଭୁବନେଶ୍ୱର,୬।୮(ବ୍ୟୁରୋ)

ଭୁବନେଶ୍ୱରସ୍ଥିତ ରୋଟାରି କ୍ଲବ ଇକୋ ପକ୍ଷରୁ ଚାରାରୋପଣ ଅଭିଯାନ ଶୁଭାରମ୍ଭ ହୋଇଛି। ଢେଙ୍କାନାଳର କପିଳାସ ପାହାଡ଼ ପାଦଦେଶରେ ଅବସ୍ଥିତ ୱାଲ୍ଡେନ୍‌ଉଡ୍ସ ଇକୋ ଭିଲେଜ (ୱେଭ୍) ପରିସରରେ ୩୨ଟି କିସମର ଚାରାରୋପଣ କରାଯାଇଥିଲା। ସ୍ନାୟୁରୋଗ ବିଶେଷଜ୍ଞ ପ୍ରଫେସର ଡା. ଭବାନୀଶଙ୍କର ଦାସ, ରୋଟାରି କ୍ଲବ ସଭାପତି ରାମକୃଷ୍ଣ ଦାଶ, ଉପସଭାପତି ସୁନନ୍ଦ ମିତ୍ର, ପରିବେଶ ନିର୍ଦ୍ଦେଶକ ପ୍ରମୋଦ ପଣ୍ଡା, ସଦସ୍ୟତା ନିର୍ଦ୍ଦେଶକ ତୁଷାରକାନ୍ତି ସାହୁ, ଚାରାରୋପଣ କମିଟି ଅଧକ୍ଷ ରାଜେଶ ଅଗ୍ରୱାଲ ଯୋଗଦେଇଥିଲେ। ଜଙ୍ଗଲରକ୍ଷୀ ରଶ୍ମିରଞ୍ଜନ ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରୋଟାରିଆନ ପ୍ରମୋଦ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ବାଘ ଏନ୍‌କ୍ଲୋଜରରୁ ମଗର କୁମ୍ଭୀର ଉଦ୍ଧାର

ବାରଙ୍ଗ,୬।୮(ଡି.ଏନ୍.ଏ.)

ନନ୍ଦନକାନନର କଳାବାଘ ସ୍ପନ୍ଦନ ଓ ବାସୁ ରହୁଥିବା ୩୩ ନଂ. ଏନକ୍ଲୋଜରରୁ ଶୁକ୍ରବାର ଅଢେଇ ଫୁଟ ଲମ୍ବର ଏକ ମଗର କୁମ୍ଭୀରକୁ ଉଦ୍ଧାର କରାଯାଇଛି। ଗୁରୁବାର ପର୍ଯ୍ୟଟକମାନେ ଦୁଇ ବାଘ ଭାଇଙ୍କଜଳ କ୍ରୀଡ଼ା ଦେଖିବାବେଳେ ଏକ କୁମ୍ଭୀର ପାଣିରେ ପହଁରୁଥିଲା। ଏ ନେଇ ପର୍ଯ୍ୟଟକମାନେ ସାଙ୍ଗରେ ଆସିଥିବା ଗାଇଡ୍‌ଙ୍କୁ ଜଣାଇଥିଲେ। ପରେ ଗାଇଡ୍‌ଠାରୁ ଖବରପାଇ ଦାୟିତ୍ୱରେ ଥିବା କର୍ମଚାରୀମାନେ ଦୁଇ ବାଘଙ୍କୁ ପାଣିଭିତରୁ ଆଣି ଫିଡିଂ ଚାମ୍ବର ମଧ୍ୟରେ ରଖିବା ସହ କର୍ତ୍ତୃପକ୍ଷଙ୍କୁ ଖବର ଦେଇଥିଲେ। ଏହାପରେ କର୍ମଚାରୀମାନେ କୁମ୍ଭୀର ଧରିବାର ପ୍ରୟାସ ଆରମ୍ଭ କରିଥିଲେ ମଧ ସନ୍ଧ୍ୟା ହୋଇଯିବାରୁ ବନ୍ଦ ରଖାଯାଇଥିଲା। ପୁଣି ଶୁକ୍ରବାର ପାଣିପମ୍ପ ଲଗାଇ ପାଣି ଶୁଖାଇବା ପରେ କର୍ମଚାରୀମାନେ ଜାଲରେ ଅଢେଇ ଫୁଟ ଲମ୍ବର କୁମ୍ଭୀରକୁ ଧରି କୁମ୍ଭୀର ଟାଙ୍କିରେ ଛାଡ଼ିଥିଲେ।

# ପୁରୀ, ଶାଳିମାର ମଧ୍ୟରେ ୪ଯୋଡା ସ୍ୱତନ୍ତ୍ର ଟ୍ରେନ

ଭୁବନେଶ୍ୱର,୬।୮

ପୁରୀ ଓ ଶାଳିମାର ମଧ୍ୟରେ ୪ ଯୋଡା ସ୍ୱତନ୍ତ୍ର ଟ୍ରେନ୍ ପରବର୍ତ୍ତୀ ନିର୍ଦ୍ଦେଶାବଳୀ ପର୍ଯ୍ୟନ୍ତ ଚଳାଚଳ କରିବ ବୋଲି ରେଳ ମନ୍ତ୍ରଣାଳୟ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହି ୪ ଯୋଡ଼ା ଟ୍ରେନ ମଧ୍ୟରୁ ଗୋଟିଏ ଦ୍ୱି–ସାପ୍ତାହିକ ଗରିବ ରଥ ସ୍ୱତନ୍ତ୍ର ଟ୍ରେନ ଏବଂ ତିନିଟି ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନ୍ ଅନ୍ତର୍ଭୁକ୍ତ ରହିଛି। ସେ ଗୁଡିକ ହେଲା ପୁରୀ–ଶାଳିମାର–ପୁରୀ ଗରିବ ରଥ ସ୍ପେଶାଲ, ପୁରୀ–ଶାଳିମାର–ପୁରୀ ସାପ୍ତାହିକ ସ୍ପେଶାଲ, ପୁରୀ–ଶାଳିମାର–ପୁରୀ ସାପ୍ତାହିକ ସ୍ପେଶାଲ, ପୁରୀ–ଶାଳିମାର–ପୁରୀ ସାପ୍ତାହିକ ସ୍ପେଶାଲ ରହିଛି। ଉପରୋକ୍ତ ସମସ୍ତ ଟ୍ରେନ୍ ସେମାନଙ୍କର ସ୍ଥିରୀକୃତ ଚଳାଚଳ ଦିବସରେ ପୁରୀରୁ ରାତ୍ରି ୧୦ଘ.୦୫ମି.ରେ ଛାଡି ଶାଳିମାରରେ ତା'ପରଦିନ ସକାଳ ୬ଘ.୫୦ମି.ରେ ପହଞ୍ଚିବ। ଫେରିବା ମାର୍ଗରେ ଏହି ଟ୍ରେନ୍‌ଗୁଡିକ ନିଜ ନିଜ ସ୍ଥିରୀକୃତ ଚଳାଚଳ ଦିବସ ମାନଙ୍କରେ ରାତ୍ରି ୮ଘ.୪୫ମି.ରେ ଛାଡି ପୁରୀରେ ତା'ପରଦିନ ଭୋର ୫ଘ.୧୦ମି.ରେ ପହଞ୍ଚିବ। ଏହି ଟ୍ରେନ ପୁରୀ ଓ ଶାଳୀମାର ମଧ୍ୟରେ ଖୋର୍ଦ୍ଧାରୋଡ୍, ଭୁବନେଶ୍ୱର, କଟକ, ଯାଜପୁର, କେନ୍ଦୁଝର ରୋଡ୍, ଭଦ୍ରକ, ବାଲେଶ୍ୱର, ଖଡ଼ଗପୁର ଓ ସନ୍ତ୍ରାଗାଛି ଷ୍ଟେସନଗୁଡିକରେ ରହିବ ବୋଲି ଜଣାପଡିଛି।

# ଚାମ୍ବରରୁ କଢ଼ାଯାଇଥିବା ମଇଳା ରାସ୍ତାରେ ପଡୁଛି

ଭୁବନେଶ୍ୱର,୬।୮(ବ୍ୟୁରୋ)

ସ୍ମାର୍ଟସିଟିର ପ୍ରମୁଖ ଅଞ୍ଚଳ ୟୁନିଟ–୪ ପ୍ରତି ପିଡବ୍ଲ୍ୟୁଡି ଅଧିକାରୀଙ୍କ ଅବହେଳା ବଢ଼ିଚାଲିଛି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ୱାର୍ଡ ନଂ–୩୬ ଅନ୍ତର୍ଗତ ମଧୁସୂଦନ ନଗରରେ ଗତ ୨୦ ଜୁଲାଇରେ ସ୍ୱରେଜ ସମସ୍ୟା ଯୋଗୁ ରାସ୍ତାରେ ମଇଳା ପାଣି ଜମା ରହିଥିଲା। ସ୍ଥାନୀୟ ବାସିନ୍ଦା ଓ ରାଜଧାନୀ ପାଠାଗାରର କର୍ମକର୍ତ୍ତାଙ୍କ ଅଭିଯୋଗକ୍ରମେ ପିଡବ୍ଲ୍ୟୁଡି ପକ୍ଷରୁ ୨୩ ଜୁଲାଇରେ ପ୍ରାୟ ୨୦ଟି ସ୍ୱରେଜ ଚାମ୍ବରରୁ ମଇଳା ସହ ଆର୍ବଜନା ବାହାର କରାଯାଇ ଉକ୍ତ ଚାମ୍ବର କଡରେ ପକାଯାଇଥିଲା। ଫଳରେ ସ୍ୱରେଜ ସମସ୍ୟା ସମାଧାନ ହୋଇଥିଲେ ମଧ ରାସ୍ତାରୁ ମଇଳା ଉଠାଯାଇ ନ ଥିବାରୁ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି।


ରାସ୍ତାରେ ପଡିରହିଥିବା ମଇଳା ଓ ଆବର୍ଜନା।

ଗୋଟିଏ ପଟରେ ମଇଳା ଯୋଗୁ ରାସ୍ତା ଅପରିଷ୍କାର ସହ ଗାଈଗୋରୁ ଓ ଷଣ୍ଢ ଉକ୍ତ ମଇଳାକୁ ବିଭିନ୍ନ ଆଡେ ପକାଇ ଦେଉଛନ୍ତି। ଅପରପକ୍ଷରେ ପ୍ରତିଦିନ ବର୍ଷା ହେଉଥିବାରୁ ସେ ସବୁ ମଇଳା (ଆର୍ବଜନା) ଯୋଗୁ ଦୁର୍ଗନ୍ଧ ବାହାରୁଛି। ସ୍ଥାନୀୟ ଅଞ୍ଚଳରେ କରୋନା ଓ ଡେଙ୍ଗୁର ଭୟ ମନରେ ରହୁଥିବାରୁ ମଇଳା ଉଠା ନ ହେବାକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀ (ଯନ୍ତ୍ରୀ) ଇଂ. ଭକ୍ତି ମହାପାତ୍ର ଏହାକୁ ଉଠାଇ ନେବାକୁ କହିଥିଲେ ମଧ ଗତ ୧୫ଦିନ ହେଲା ରାସ୍ତାର ବିଭିନ୍ନ ସ୍ଥାନରେ ମଇଳା ପଡି ରହିଛି।

ODISHA PUBLIC SERVICE COMMISSION
NOTICE
No. 5265/PSC, IR-7-2020-21, DR-V dt.6.8.21
Corrigendum to Advertisement No.10 of 2021-22 for recruitment to the posts of Professors in different State Public Universities
No. D-79: The link for registration/ re-registration and payment of examination fee is revised and shall be available from 14.08.2021 till 13.09.2021 (Note- 31.09.2021 is the last date for submission of Registered Online Application) for recruitment to the posts of Professors in different State Public Universities.
All other terms & conditions of the said advertisement remained unchanged. The concerned candidates are advised to visit the website of the Commission at www.opsc.gov.in.
OIPR-12002/11/0052/2122 Sd./- Additional Secretary

MCL
ମହାନଦୀ କୋଲଫିଲ୍‌ଡସ ଲିମିଟେଡ୍
(କୋଲ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଟେଲିଫୋନ୍ (ଇପିଏବିଏକ୍ସ)-୦୬୬୩-୨୫୪୨୪୬୧ ରୁ ୪୬୯,
ୱେବ୍‌ସାଇଟ୍ :www.mahanadicoal.in
ସନ୍ଦର୍ଭ ସଂଖ୍ୟା: MCL/KA/Hiring of Services/Rev.Pers/2021/876 ତା.28/07/2021ରିଖ
ଏକ ବର୍ଷ ଅବଧି ନିମନ୍ତେ ରାଜସ୍ୱ କର୍ମଚାରୀଙ୍କ ସେବାଜନିତ ନିଯୁକ୍ତି ପାଇଁ ବିଜ୍ଞପ୍ତି/ବିଜ୍ଞାପନ
କଣିହା ଏରିଆ, ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍, ନିମ୍ନବର୍ଣ୍ଣିତ ରାଜସ୍ୱ ସମ୍ବନ୍ଧୀୟ କାର୍ଯ୍ୟ ନିମନ୍ତେ ଯୋଗ୍ୟ ଭାରତୀୟ ନାଗରିକମାନଙ୍କ ଠାରୁ ଏକ ବର୍ଷ ଅବଧି ନିମନ୍ତେ ସ୍ଥାୟୀ ସାନ୍ତ୍ୱନାମୂଳକ ପାରିଶ୍ରମିକ ଭିତ୍ତିରେ ନିଯୁକ୍ତିଜନିତ ସେବା ପାଇଁ ଦରଖାସ୍ତ ଆହ୍ୱାନ କରୁଛି। ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବା ପ୍ରାର୍ଥୀମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି, ଯାହାକି ତା.୧୫.୦୮.୨୦୨୧ରିଖ ସୁଦ୍ଧା କିମ୍ବା ତା' ପୂର୍ବରୁ ମହାପ୍ରବନ୍ଧକ, କଣିହା ଏରିଆ, ପୋଷ୍ଟ-ଦେଉଳବେରା କୋଲିୟାରୀ, ଜିଲ୍ଲା-ଅନୁଗୁଳ, ଓଡ଼ିଶା-୭୫୯୧୦୨ଙ୍କ କାର୍ଯ୍ୟାଳୟରେ ନିଶ୍ଚିତ ଭାବେ ପହଞ୍ଚି ପାରୁଥିବା ଆବଶ୍ୟକ।

| କ୍ରମ ସଂ. | ବିବରଣୀ | ସାନ୍ତ୍ୱନାମୂଳକ ପାରିଶ୍ରମିକ | ଆବଶ୍ୟକ କର୍ମଚାରୀ ସଂଖ୍ୟା |
| --- | --- | --- | --- |
| 1. | ରାଜସ୍ୱ ନିରୀକ୍ଷକ | ₹20,000.00 PM | 01 |
| 2. | ଅମିନ | ₹15,000.00 PM | 03 |

ଦରଖାସ୍ତ ଫର୍ମ, ଯୋଗ୍ୟତା ମାନଦଣ୍ଡ, ବୟସ, ଦରଖାସ୍ତ ଗ୍ରହଣ କରାଯିବାର ଅନ୍ତିମ ତାରିଖ ଏବଂ ଅନ୍ୟ ନିୟମ ତଥା ସର୍ତ୍ତାବଳୀ ସମ୍ବନ୍ଧୀୟ ବିସ୍ତୃତ ବିଜ୍ଞାପନ/ବିଜ୍ଞପ୍ତି ଏମ୍‌ସିଏଲ୍ ୱେବ୍‌ସାଇଟ୍ www.mahanadicoal.inରେ ଖୁବ୍‌ଶୀଘ୍ର ଉପଲବ୍ଧ ହେବ ଏବଂ ସବୁ ଦୃଷ୍ଟିରୁ ସଂପୂର୍ଣ୍ଣ ହୋଇଥିବା ଦରଖାସ୍ତଗୁଡ଼ିକ ତା.୦୧.୦୮.୨୦୨୧ରିଖ ଠାରୁ ତା.୧୫.୦୮.୨୦୨୧ରିଖ ମଧ୍ୟରେ ଦାଖଲ କରାଯାଇ ପାରିବ। ଏ ସମ୍ପର୍କିତ କୌଣସି ପ୍ରକାର ସଂଯୋଗପତ୍ର/ଶୁଦ୍ଧିପତ୍ର କେବଳ ଏମ୍‌ସିଏଲ୍ ୱେବ୍‌ସାଇଟ୍ ଏବଂ ଏରିଆ ସୂଚନା ଫଳକରେ ଦେଖାଯାଇ ପାରିବ।
ମହାପ୍ରବନ୍ଧକ,
ଏମ୍‌ସିଏଲ୍, କଣିହା ଏରିଆ
R-5064

ଧରିତ୍ରୀ
DHARITRI
ଶନିବାର, ୭ ଅଗଷ୍ଟ, ୨୦୨୧



୧୯୪୫ ଅଗଷ୍ଟ ୬ରେ ଜାପାନର ହିରୋଶିମା ସହରରେ ଆମେରିକା ପକ୍ଷରୁ ଆଣବିକ ବୋମା ନିକ୍ଷେପ କରାଯାଇଥିଲା। ଏଥିରେ ଲକ୍ଷାଧିକ ଲୋକଙ୍କ ମୃତ୍ୟୁ ଘଟିଥିଲା। ବିଶ୍ୱରେ ପ୍ରଥମ ଆଣବିକ ଅସ୍ତ୍ର ପ୍ରୟୋଗର ୭୬ ବର୍ଷ ପୂର୍ତ୍ତି ଅବସରରେ ଶୁକ୍ରବାର ଜାପାନ ପ୍ରଧାନମନ୍ତ୍ରୀ ୟୋଶିହିଦେ ସୁଗା ହିରୋଶିମା ଶାନ୍ତି ସ୍ମାରକୀ ପାର୍କରେ ମୃତକମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି।



## ସଂକ୍ଷେପରେ

### ଓବିସି ଗଣନା ଦାବି ଉଠାଇଲେ ମାୟାବତୀ



**ଲକ୍ଷ୍ନୌ, ୬।୮:** ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଜାତିଭିତ୍ତିକ ଜନଗଣନା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଆଲୋଚନା କରିବାକୁ ସମୟ ମାଗିଥିବାବେଳେ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ଅଧକ୍ଷ ମାୟାବତୀ ପୁଣିଥରେ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) ଜନଗଣନା କଥା ଉଠାଇଛନ୍ତି। ଯଦି କେନ୍ଦ୍ର ସରକାର ଏ ଦିଗରେ ଗଠନମୂଳକ ପଦକ୍ଷେପ ନିଅନ୍ତି, ତେବେ ତାଙ୍କ ଦଳ ପାର୍ଲାମେଣ୍ଟ ଓ ବାହାରେ କେନ୍ଦ୍ରକୁ ସମର୍ଥନ ଯୋଗାଇଦେବ ବୋଲି ମାୟାବତୀ କହିଛନ୍ତି।

### ପାକିସ୍ତାନ ଡ୍ରୋନ୍ ଖସାଇଥିବା ଅସ୍ତ୍ର ଜବତ

**ଶ୍ରୀନଗର, ୬।୮:** ଜମ୍ମୁ-କଶ୍ମୀରର ସାମ୍ବା ଜିଲା ଅନ୍ତର୍ଗତ ରାଜପୁରା ଅଞ୍ଚଳର ବାବର ନୁଲ୍ଲାରେ ଶୁକ୍ରବାର ସକାଳେ ରାଜ୍ୟ ପୋଲିସ ଓ ସେନାର ତଲାସି ଅଭିଯାନ ବେଳେ ଦୁଇଟି ପିସ୍ତଲ, ୫ ମାଗାଜିନ, ୧୨୨ ରାଉଣ୍ଡ ଗୁଳି ଏବଂ ଏକ ସାଇଲେନ୍ସର ଜବତ ହୋଇଛି। ପାକିସ୍ତାନ ଡ୍ରୋନରୁ ଏହି ଅସ୍ତ୍ରଶସ୍ତ୍ର ଖସାଯାଇଥିବା କୁହାଯାଉଛି। ଉକ୍ତ ସ୍ଥାନ ଭାରତ-ପାକ୍ ଅନ୍ତର୍ଜାତୀୟ ସୀମାରେଖାଠାରୁ ମାତ୍ର ୨ କିଲୋମିଟର ଦୂରରେ ଅବସ୍ଥିତ। ଅସ୍ତ୍ରଗୁଡ଼ିକ ପଲିଥିନ୍‌ରେ ପ୍ୟାକ୍ ହୋଇଥିଲା। ଏହା ଲଶ୍କର ଆତଙ୍କବାଦୀଙ୍କ କାର୍ଯ୍ୟ କି ନୁହେଁ, ଗୋଇନ୍ଦା ଓ ସୁରକ୍ଷା ସଂସ୍ଥା ଏହାର ତଦନ୍ତ ଚଳାଇଛନ୍ତି। ସୂଚନାଯୋଗ୍ୟ ଗତ ମାସ ୨୩ରେ ଜମ୍ମୁ-କଶ୍ମୀର ପୋଲିସ ଜମ୍ମୁ ଜିଲାର ଅଖନୁର୍ ସେକ୍ଟରରେ ଏକ ପାକିସ୍ତାନୀ ଡ୍ରୋନ୍‌କୁ ଗୁଳି କରି ଖସାଇଥିଲା। ଉକ୍ତ ଡ୍ରୋନ୍ ୫ କିଲୋଗ୍ରାମ ଆଇଇଡି ବହନ କରି ଆସିଥିଲା।

### ସ୍ଥାୟୀ ଅଫିସର ନିଯୁକ୍ତି ଦେଇଛୁ

#### ହାଇକୋର୍ଟଙ୍କୁ ଜଣାଇଲା ଟୁଇଟର

**ନୂଆଦିଲ୍ଲୀ, ୬।୮ (ପି.ଟି.):** ନୂଆ ସୂଚନା ପ୍ରଯୁକ୍ତି (ଆଇଟି) ନିୟମାବଳୀର ବ୍ୟବସ୍ଥା ଅନୁଯାୟୀ ସ୍ଥାୟୀ ମୁଖ୍ୟ ଅନୁପାଳନ ଅଧିକାରୀ, ଆବାସିକ ଗ୍ରିଭାନ୍ସ ଅଫିସର ଏବଂ ନୋଡାଲ କଣ୍ଟାକ୍ଟ ପର୍ସନ ନିଯୁକ୍ତି ଦିଆଯାଇଥିବା ଟୁଇଟର ଶୁକ୍ରବାର ଦିଲ୍ଲୀ ହାଇକୋର୍ଟଙ୍କୁ ଜଣାଇଛି। ମାଇକ୍ରୋବ୍ଲଗିଂ ପ୍ଲାଟ୍‌ଫର୍ମ ଏହି ପରିପ୍ରେକ୍ଷୀରେ ଦାଖଲ କରିଥିବା ସତ୍ୟପାଠ ରେକର୍ଡଭୁକ୍ତ ହୋଇ ନ ଥିବାରୁ ଏହାକୁ ରେକର୍ଡକୁ ଆଣିବା ପାଇଁ ଅଦାଲତ ଟୁଇଟରକୁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ସତ୍ୟପାଠର ନକଲ କେନ୍ଦ୍ର ସରକାରଙ୍କ ଓକିଲଙ୍କ ସମେତ ଅନ୍ୟାନ୍ୟ ପକ୍ଷଙ୍କୁ ଦିଆଯାଇଛି। ସେମାନେ ୧୦ ତାରିଖ ଶୁଣାଣି ବେଳେ ହାଜର ହେବେ ବୋଲି ଜଷ୍ଟିସ୍ ରେଖା ପାଲ୍ଲୀ କହିଛନ୍ତି। ଟୁଇଟର ପକ୍ଷରୁ ବରିଷ୍ଠ ଆଇନଜୀବୀ ସାଜନ ପୁଭାୟା ହାଜର ହୋଇ ନୂଆ ଆଇଟି ନିୟମ ଅନୁଯାୟୀ ସ୍ଥାୟୀ ଅଧିକାରୀ ନିଯୁକ୍ତି ଦିଆଯାଇଥିବା ଅଦାଲତଙ୍କୁ ସତ୍ୟପାଠ ଜରିଆରେ ଜଣାଇଥିଲେ। ସେମାନେ ନିୟମ ପାଳନ କରିଥିବା କୋର୍ଟ କହିବାରୁ ଏହାର ଯାଞ୍ଚ ହେବା ଆବଶ୍ୟକ ବୋଲି କେନ୍ଦ୍ର ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଅତିରିକ୍ତ ସଲିସିଟର ଜେନେରାଲ ଚେତନ ଶର୍ମା କହିଥିଲେ।

# ରାଜୀବ ବନାମ ଧ୍ୟାନଚାନ୍ଦ

## ଖେଳରତ୍ନ ପୁରସ୍କାର

ନୂଆଦିଲ୍ଲୀ, ୬।୮

ଟୋକିଓ ଅଲିମ୍ପିକ୍ସରେ ଉଭୟ ପୁରୁଷ ଓ ମହିଳା ଖେଳାଳିଙ୍କ ପ୍ରଦର୍ଶନକୁ ଦେଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତର ସର୍ବୋଚ୍ଚ କ୍ରୀଡ଼ା ପୁରସ୍କାର ଖେଳରତ୍ନର ପୁନଃ ନାମକରଣ ନିଷ୍ପତ୍ତି ନେଇଛନ୍ତି। ରାଜୀବ ଗାନ୍ଧୀ ଖେଳରତ୍ନ ପୁରସ୍କାର ଏଣିକି ହକି ଯାଦୁକର ମେଜର ଧ୍ୟାନଚାନ୍ଦଙ୍କ ନାମରେ ଦିଆଯିବ। ଅର୍ଥାତ୍ ପୁରସ୍କାର ପୂର୍ବରୁ ରାଜୀବ ଗାନ୍ଧୀ କଟିଯିବ ଓ ସେହି ସ୍ଥାନରେ ଧ୍ୟାନଚାନ୍ଦ ଲେଖାଯିବ। ସାରା ଦେଶରୁ ବହୁସଂଖ୍ୟକ ଅନୁରୋଧ ଆସିବା ପରେ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ପ୍ରଧାନମନ୍ତ୍ରୀ ଟୁଇଟ୍ କରିବା ପରେ ଜାତୀୟ ରାଜନୀତିରେ ଝଡ଼ ସୃଷ୍ଟି ହୋଇଛି। ମୋଦି କ୍ରୀଡ଼ାବିତ୍‌ମାନଙ୍କ ନାମରେ 'ଦୂରଦୃଷ୍ଟିହୀନ ରାଜନୀତି' କରୁଥିବା କଂଗ୍ରେସ ଅଭିଯୋଗ ଆଣିଛି। ସୋସିଆଲ ମିଡିଆ ପ୍ଲାଟଫର୍ମରେ ୟୁଜର୍ସ ମଧ୍ୟ ମୋଦିଙ୍କୁ ମନେପକାଇ ଦେଇଛନ୍ତି ଯେ, କୌଣସି ଖେଳ ପୁରସ୍କାର ବା ଷ୍ଟାଡିୟମ୍ ରାଜନେତାଙ୍କ ନାମରେ ନୁହେଁ, ବରଂ ଖେଳାଳିଙ୍କ ନାମାନୁସାରେ ହେବା ଉଚିତ।

୧୯୦୫ ଅଗଷ୍ଟ ୨୯ରେ ଉତ୍ତରପ୍ରଦେଶର ଆଲ୍ଲାହାବାଦ (ଅଧୁନା ପ୍ରୟାଗରାଜ)ରେ ମେଜର ଧ୍ୟାନଚାନ୍ଦ ଜନ୍ମ ଗ୍ରହଣ କରିଥିଲେ। ସେ ଅଲିମ୍ପିକ୍ସରେ (୧୯୨୮, ୧୯୩୨ ଓ ୧୯୩୬ରେ) ତିନି ଥର ସ୍ୱର୍ଣ୍ଣପଦକ ଜିତି ଭାରତକୁ ଗୌରାବନ୍ୱିତ କରିଥିଲେ। ହକିରେ ଧ୍ୟାନଚାନ୍ଦଙ୍କ ଅତୁଳନୀୟ ଅବଦାନ ପାଇଁ ତାଙ୍କୁ ହକିର ଯାଦୁକର ବା ଭାରତୀୟ ହକିର ଜନକ କୁହାଯାଏ। ତାଙ୍କ ଜନ୍ମଦିନକୁ ଭାରତରେ ଜାତୀୟ କ୍ରୀଡ଼ା ଦିବସ ଭାବେ ପାଳନ କରାଯାଏ। ଟୋକିଓ ଅଲିମ୍ପିକ୍ସରେ ଭାରତୀୟ ଟିମ୍‌ର ପ୍ରଦର୍ଶନକୁ ପ୍ରଶଂସା କରି ପ୍ରଧାନମନ୍ତ୍ରୀ ମୋଦି ଶୁକ୍ରବାର ଖେଳରତ୍ନ ପୁରସ୍କାରକୁ ତାଙ୍କ ନାମରେ ପରିବର୍ତ୍ତିତ କରିଛନ୍ତି, ଯାହାକି ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ନାମରେ ଦିଆଯାଉଥିଲା। ୧୯୯୧-୯୨ରେ ଆରମ୍ଭ ହୋଇଥିବା ଏହି ମର୍ଯ୍ୟାଦାଜନକ ପୁରସ୍କାର ପ୍ରଥମେ ଚେସ୍ ଗ୍ରାଣ୍ଡମାଷ୍ଟର ବିଶ୍ୱନାଥନ୍ ଆନନ୍ଦଙ୍କୁ ଦିଆଯାଇଥିଲା। ପରେ ଲିଆଣ୍ଡର ପେସ୍, ସଚିନ ତେନ୍ଦୁଲକର, ଧନରାଜ ପିଲ୍ଲେ, ପୁଲ୍ଲେଲା ଗୋପୀଚାନ୍ଦ, ଅଭିନବ ବିନ୍ଦ୍ରା, ଅଞ୍ଜୁ ବବି ଜର୍ଜ, ମେରି କମ୍ ଓ ରାଣୀ ରାମପାଲଙ୍କ ଭଳି ସୁନାମଧନ୍ୟ କ୍ରୀଡ଼ାବିତ୍‌ଙ୍କୁ ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ମାନପତ୍ର ସହ ପୁରସ୍କାର ରାଶି ବାବଦକୁ ୨୫ ଲକ୍ଷ ଟଙ୍କା ମଧ୍ୟ ଦିଆଯାଇଥାଏ। ଏହି ପୁରସ୍କାରର ହଠାତ୍ ନାମ ପରିବର୍ତ୍ତନକୁ ନେଇ ଦେଶରେ ମିଶ୍ରିତ ପ୍ରତିକ୍ରିୟା ପ୍ରକାଶ ପାଇଛି। କଂଗ୍ରେସ ମୁଖପାତ୍ର ରଣଦୀପ ସୂର୍ଜେୱାଲା କହିଛନ୍ତି, ପ୍ରଧାନମନ୍ତ୍ରୀ ଏକ ଅଲିମ୍ପିକ୍ ବର୍ଷରେ କ୍ରୀଡ଼ା ବଜେଟକୁ ୨୩୦ କୋଟି ଟଙ୍କାକୁ ହ୍ରାସ କରିଦେଇଛନ୍ତି।



ରାଜୀବ ଗାନ୍ଧୀ



ମେଜର ଧ୍ୟାନଚାନ୍ଦ୍

### ନରେନ୍ଦ୍ର ମୋଦି ଷ୍ଟାଡିୟମ ଓ ଅରୁଣ ଜେଟ୍‌ଲୀ ଷ୍ଟାଡିୟମର ନାମ ମଧ୍ୟ ବଦଳାଯାଉ: କଂଗ୍ରେସ



କୃଷକଙ୍କ ସମସ୍ୟା, ପେଗାସସ୍ ଗୁପ୍ତଚରଗିରି ଓ ଦରଦାମ୍ ବୃଦ୍ଧି ଭଳି ମୌଳିକ ପ୍ରସଙ୍ଗରୁ ଦେଶବାସୀଙ୍କ ଧ୍ୟାନ ହଟାଇବା ପାଇଁ ଏଭଳି ରାଜନୀତି କରୁଛନ୍ତି। ରାଜୀବ ଗାନ୍ଧୀ କୌଣସି ପୁରସ୍କାର ପାଇଁ ନୁହେଁ, ବରଂ ନିଜ ତ୍ୟାଗ, ବିଚାରଧାରା, ଦେଶ ପ୍ରତି ପ୍ରତିଶ୍ରୁତିବଦ୍ଧତା ଏବଂ ଏକବିଂଶ ଶତାବ୍ଦୀରେ ଭାରତରେ ଆଣିଥିବା ପରିବର୍ତ୍ତନକୁ ନେଇ ଖ୍ୟାତି ଅର୍ଜନ କରିଛନ୍ତି। ଅନ୍ୟପକ୍ଷେ ୨୦୦୨ରୁ ହକି ଯାଦୁକରଙ୍କ ନାମରେ 'ଧ୍ୟାନଚାନ୍ଦ ଆୱାର୍ଡ ଫର୍ ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ ଇନ୍ ସ୍ପୋର୍ଟ୍ସ ଆଣ୍ଡ ଗେମ୍ସ' ପ୍ରଦାନ କରାଯାଉଛି। ତାଙ୍କ ନାମରେ ଆଉ ଗୋଟିଏ ପୁରସ୍କାର ଦିଆଯିବ, ଏହା ଜାଣି ଆମେ ଖୁସି। ହେଲେ ଅହମ୍ମଦାବାଦର କ୍ରିକେଟ୍ ଷ୍ଟାଡିୟମ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନାମରେ ନାମିତ କରାଯାଇଛି। ଫିରୋଜ ଶାହା କୋଟ୍‌ଲା ଷ୍ଟାଡିୟମର ନାମ ବଦଳାଇ ମୋଦିଙ୍କ ପୂର୍ବତନ କ୍ୟାବିନେଟ ସହଯୋଗୀ ତଥା ଭାଜପାର ବରିଷ୍ଠ ନେତା ସ୍ୱର୍ଗତ ଅରୁଣ ଜେଟ୍‌ଲୀଙ୍କ ନାମାନୁସାରେ କରାଯାଇଛି। ପ୍ରଧାନମନ୍ତ୍ରୀ ଏଭଳି ଷ୍ଟାଡିୟମଗୁଡ଼ିକର ନାମ ବଦଳାଇ କିମ୍ବଦନ୍ତୀ କ୍ରୀଡ଼ାବିତ୍ ମିଲ୍‌ଖା ସିଂ, ସଚିନ ତେନ୍ଦୁଲକର, କପିଳ ଦେବ ଏବଂ ପି.ଟି. ଉଷାଙ୍କ ନାମରେ କରନ୍ତୁ ବୋଲି କଂଗ୍ରେସ ଦାବି କରିଛି। କ୍ରୀଡ଼ାବିତ୍, ବୁଦ୍ଧିଜୀବୀ ଓ ଅନ୍ୟ ବର୍ଗର ଲୋକେ ମଧ୍ୟ ଷ୍ଟାଡିୟମ୍‌ଗୁଡ଼ିକର ନାମ ବଦଳାଇବାକୁ ସୋସିଆଲ ମିଡିଆରେ ଦାବି କରିଛନ୍ତି। ଆସନ୍ତା ବର୍ଷ ଫେବୃୟାରୀ-ମାର୍ଚ୍ଚରେ ୟୁପି ବିଧାନସଭା ନିର୍ବାଚନ ଥିବାରୁ ରାଜ୍ୟର ଭୋଟରଙ୍କୁ ଖୁସି କରିବା ପାଇଁ ପ୍ରଧାନମନ୍ତ୍ରୀ ଉପରୋକ୍ତ ନିଷ୍ପତ୍ତି ନେଇଥିବା କେତେଜଣ ବ୍ୟକ୍ତି ମତ ଦେଇଛନ୍ତି।

### ଆଫଗାନ ସରକାରଙ୍କ ଗଣମାଧ୍ୟମ ମୁଖ୍ୟଙ୍କୁ ହତ୍ୟା



ଦାୱା ଖାନ୍ ମେନାପାଲ୍

କାବୁଲ, ୬।୮

ଆଫଗାନିସ୍ତାନ ସରକାରଙ୍କ ଗଣମାଧ୍ୟମ ସୂଚନା କେନ୍ଦ୍ରର ମୁଖ୍ୟ ଦାୱା ଖାନ୍ ମେନାପାଲ୍‌ଙ୍କୁ ଶୁକ୍ରବାର ରାଜଧାନୀ କାବୁଲରେ ତାଲିବାନ ଆତଙ୍କବାଦୀମାନେ ଗୁଳିକରି ହତ୍ୟା କରିଛନ୍ତି। ଆଫଗାନ ସେନା ପକ୍ଷରୁ ତାଲିବାନ ଆଡ୍ଡାସ୍ଥଳ ଉପରେ ଆକାଶମାର୍ଗରୁ ଆକ୍ରମଣ ବଢୁଥିବାରୁ ଏହାର ଜବାବରେ ଆତଙ୍କବାଦୀମାନେ ବରିଷ୍ଠ ପ୍ରଶାସନିକ ଅଧିକାରୀମାନଙ୍କୁ ଟାର୍ଗେଟ କରିଛନ୍ତି। ସରକାରଙ୍କ ଗଣମାଧ୍ୟମ ମୁଖ୍ୟ ମେନାପାଲ୍‌ଙ୍କ ହତ୍ୟା ପାଇଁ ତାଲିବାନ ନିଜକୁ ଦାୟୀ କରିଛି। ମୁଜାହିଦ୍ଦିନମାନେ ଏକ ସ୍ୱତନ୍ତ୍ର ଆକ୍ରମଣରେ ମେନାପାଲ୍‌ଙ୍କୁ ହତ୍ୟା କରିଥିବା ତାଲିବାନ ମୁଖପାତ୍ର ଜବିହୁଲ୍ଲା ଜଣାଇଛନ୍ତି। ଆଫଗାନିସ୍ତାନରୁ ଆମେରିକା ସେନା ପ୍ରତ୍ୟାହାର ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ମେ' ମାସରୁ ତାଲିବାନ ଆତଙ୍କବାଦୀମାନେ ଆକ୍ରମଣକୁ ଜୋର୍‌ଦାର କରିଛନ୍ତି। ସେମାନେ ଦେଶର ଅଧିକାଂଶ ସୀମାନ୍ତ ଅଞ୍ଚଳକୁ କାବୁ କରିନେବା ସହ ଏବେ ବିଭିନ୍ନ ମହାନଗରୀରେ ସରକାରୀ ସୈନ୍ୟଙ୍କୁ ଚ୍ୟାଲେଞ୍ଜ କରୁଛନ୍ତି। ଗତ ମଙ୍ଗଳବାର ରାତିରେ ସେମାନେ ପ୍ରତିରକ୍ଷା ମନ୍ତ୍ରୀ ବିସ୍‌ମିଲ୍ଲା ମହମ୍ମଦିଙ୍କୁ ଟାର୍ଗେଟ କରି ତାଙ୍କ ବାସଭବନ ନିକଟରେ ବିସ୍ଫୋରଣ ଘଟାଇବା ସହ ଗୁଳିମାଡ଼ କରିଥିଲେ।



ଆମେରିକାର କାଲିଫର୍ନିଆ ଜଙ୍ଗଲ ନିଆଁରେ ଭସ୍ମୀଭୂତ ପ୍ଲୁମାସ୍ କାଉଣ୍ଟି ଗ୍ରିନ୍ ଭିଲେର ଦୃଶ୍ୟ।

### ନଷ୍ଟ ହେବ ଲକ୍ଷେ ଗ୍ରୀନ୍ କାର୍ଡ

#### ଆମେରିକାରେ ବଢ଼ିଲା ଭାରତୀୟଙ୍କ ଚିନ୍ତା

ୱାଶିଂଟନ, ୬।୮

ଆଗାମୀ ଦୁଇ ମାସ ମଧ୍ୟରେ ପ୍ରାୟ ଲକ୍ଷେ ନିଯୁକ୍ତିଭିତ୍ତିକ ଗ୍ରୀନ୍ କାର୍ଡ ନଷ୍ଟ ହେବାକୁ ଯାଉଛି, ଯାହା ସେଠାରେ ଥିବା ଭାରତୀୟ ପେସାଦାରମାନଙ୍କୁ କ୍ଷୁବ୍ଧ କରିଛି। ଆଇନଗତ ସ୍ଥାୟୀ ବାସିନ୍ଦା ଅନୁମତି ପାଇବା ପାଇଁ ସେମାନଙ୍କ ପ୍ରତୀକ୍ଷା ଆଉ କେତେ ଦଶନ୍ଧି ବଢ଼ିଯିବ ବୋଲି କୁହାଯାଉଛି। ସରକାରୀ ଭାବେ ସ୍ଥାୟୀ ଆବାସ କାର୍ଡ ରୂପେ ଜଣାଶୁଣା ଗ୍ରୀନ୍ କାର୍ଡ ଇମିଗ୍ରେଶନ ବିଭାଗ ପକ୍ଷରୁ ଇସ୍ୟୁ କରାଯାଇଥାଏ। ଏହି କାର୍ଡଧାରୀଙ୍କୁ ଆମେରିକାରେ ସ୍ଥାୟୀ ଭାବେ ରହିବାର ସୁଯୋଗ ପ୍ରଦାନ କରାଯାଇଥାଏ। ଚଳିତ ବର୍ଷ ନିଯୁକ୍ତିଭିତ୍ତିକ ପ୍ରବାସୀ କୋଟା ୨,୬୧,୫୦୦। ଆଇନ ଅନୁଯାୟୀ ସେପ୍ଟେମ୍ବର ୩୦ ସୁଦ୍ଧା ଯଦି ସେମାନଙ୍କୁ ଭିଜା ଦିଆ ନ ଯାଏ, ତେବେ ସେମାନେ ସବୁଦିନ ପାଇଁ ଏହି ସୁଯୋଗରୁ ବଞ୍ଚିତ ହେବେ। ତେବେ ଲକ୍ଷାଧିକ ଗ୍ରୀନ୍ କାର୍ଡ ନଷ୍ଟ କରିବା ପାଇଁ ଆମେରିକା ନାଗରିକ ଓ ପ୍ରବାସୀ ସେବା ବିଭାଗ ପ୍ରସ୍ତାବ ଦେଇଛି। ଜୋ ବାଇଡେନ୍ ପ୍ରଶାସନ ଯଦି କୌଣସି ପଦକ୍ଷେପ ନ ନିଅନ୍ତି, ତେବେ ଚଳିତ ବର୍ଷ ଉପଲବ୍ଧ ହେବାକୁ ଥିବା ଅତିରିକ୍ତ ଲକ୍ଷେ ଗ୍ରୀନ୍ କାର୍ଡ ନଷ୍ଟ ହେବ ବୋଲି ଭାରତୀୟ ପେସାଦାର ସନ୍ଦିପ୍ ପାୱାର କହିଛନ୍ତି।

### ଚିନ୍ତା ବଢ଼ାଇଲା ଉପରମୁହାଁ ସଂକ୍ରମଣ

ନୂଆଦିଲ୍ଲୀ, ୬।୮

**ଦିନକରେ ୪୪,୬୪୩ ପଜିଟିଭ୍**

**ମୋଟ ମୃତ୍ୟୁସଂଖ୍ୟା ୪,୨୬,୭୫୪**



ଦେଶରେ କରୋନା ସଂକ୍ରମଣ କ୍ରମାଗତ କିଛିଦିନ କମିବା ପରେ ପୁଣିଥରେ ଉପରମୁହାଁ ହୋଇଛି। ସଂକ୍ରମଣ ଚକ୍ରଣର ଏହା ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼। ଶୁକ୍ରବାର ସକାଳ ସୁଦ୍ଧା ୨୪ ଘଣ୍ଟା ମଧ୍ୟରେ ଦେଶରେ ୪୪,୬୪୩ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି, ଯାହା କି ଗତ ୨୯ ଦିନ ମଧ୍ୟରେ ସର୍ବାଧିକ। ୭ ଦିନ ଦୈନିକ ସଂକ୍ରମଣକୁ ଦେଖିଲେ ଏହା କ୍ରମାଗତ ଭାବେ ବଢ଼ିବାରେ ଲାଗିଛି। ଜୁଲାଇ ୨୨ରେ ଶେଷ ହୋଇଥିବା ସପ୍ତାହରେ ହାରାହାରି ଦୈନିକ ସଂକ୍ରମଣ ୩୭,୯୭୫ ଥିବାବେଳେ ଅଗଷ୍ଟ ୫ରେ ଶେଷ ହୋଇଥିବା ସପ୍ତାହରେ ଏହା ୪୦,୬୪୧କୁ ବୃଦ୍ଧି ପାଇବା ଚିନ୍ତାର କାରଣ ହୋଇଛି। ପ୍ରଥମ ଲହର କିଛିଦିନ କମିଚାଲିବା ପରେ ପୁଣିଥରେ ବଢ଼ି ଦ୍ୱିତୀୟ ଲହରକୁ ଯାଇଥିଲା। ଏବେ ସେହି ପ୍ରକ୍ରିୟାର ପୁନରାବୃତ୍ତି ହୋଇଛି। କେରଳ, ହିମାଚଳପ୍ରଦେଶ, ମଧ୍ୟପ୍ରଦେଶରେ ସଂକ୍ରମଣ ବଢୁଥିବା ଦେଖାଯାଇଛି। ଜାତୀୟ ସ୍ତରରେ ହାରାହାରି ସଂକ୍ରମଣ ହାର ୨୦ ଦିନ ମଧ୍ୟରେ ୨ ପ୍ରତିଶତରୁ ୨.୪ ପ୍ରତିଶତକୁ ବୃଦ୍ଧି ପାଇଛି। ତେଣୁ ତୃତୀୟ ଲହର ନିକଟତର ହେଉଥିବା ଆଶଙ୍କା କରାଯାଉଛି। ସ୍ଥିତି ନିୟନ୍ତ୍ରଣ ବାହାରକୁ ଯିବା ପୂର୍ବରୁ ଜରୁରୀ ପଦକ୍ଷେପ ନେବାର ଆବଶ୍ୟକତା ରହିଛି।

ଦେଶରେ ମୋଟ ମାମଲା ସଂଖ୍ୟା ୩,୧୮,୫୬,୭୫୭କୁ ବୃଦ୍ଧି ପାଇଥିବାବେଳେ ସକ୍ରିୟ ମାମଲା ସଂଖ୍ୟା ମଧ୍ୟ କ୍ରମାଗତ ୩ ଦିନ ହେଲା ବଢ଼ିଚାଲିଛି। ୨୪ ଘଣ୍ଟାରେ ୪୬୪ ଜଣଙ୍କ ମୃତ୍ୟୁ ହୋଇଛି। ଏହାକୁ ମିଶାଇ କୋଭିଡ୍ ଜନିତ ମୋଟ ମୃତ୍ୟୁସଂଖ୍ୟା ୪,୨୬,୭୫୪ରେ ପହଞ୍ଚିଛି।

### ମା'ଙ୍କ ସାଙ୍ଗିଆ ବ୍ୟବହାର କରିପାରିବେ ଶିଶୁ

ନୂଆଦିଲ୍ଲୀ, ୬।୮

ନିଜ ମା'ଙ୍କ ଅନୁସାରେ ଉପନାମ ବା ସାଙ୍ଗିଆ ରଖିବା ଅଧିକାର ପ୍ରତ୍ୟେକ ଶିଶୁଙ୍କର ରହିଛି ବୋଲି ଶୁକ୍ରବାର ଦିଲ୍ଲୀ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି। ଜଣେ ନାବାଳିକାଙ୍କ ବାପା ହାଇକୋର୍ଟରେ ଏକ ପିଟିଶନ ଦାଏର କରିଥିଲେ। ଏଥିରେ ସେ ଝିଅର ଦସ୍ତାବିଜଗୁଡ଼ିକରେ ମା'ଙ୍କ ପରିବର୍ତ୍ତେ ବାପାଙ୍କ ସାଙ୍ଗିଆ ବ୍ୟବହାର ପାଇଁ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବା ପାଇଁ ହାଇକୋର୍ଟଙ୍କୁ ଅନୁରୋଧ କରିଥିଲେ। ଜଷ୍ଟିସ୍ ରେଖା ପାଲ୍ଲୀଙ୍କ ଖଣ୍ଡପୀଠ ଏହାର ଶୁଣାଣି କରି ଏପରି ନିର୍ଦ୍ଦେଶନାମା ଜାରି କରିବାକୁ ମନା କରିଦେଇଛନ୍ତି। ହାଇକୋର୍ଟ କହିଛନ୍ତି, ଶିଶୁ ନିଜ ମା' କିମ୍ବା ବାପା କାହା ନାମ ବ୍ୟବହାର କରିବେ ତାହା ତାଙ୍କର ଅଧିକାର। ଜଣେ ବାପା ଝିଅ ଉପରେ ନିଜ ସାଙ୍ଗିଆ ବ୍ୟବହାର ବୋଝ ଲଦିଦେଇପାରିବେ ନାହିଁ। ନାବାଳିକା ଝିଅ ଯଦି ମା'ଙ୍କ ସାଙ୍ଗିଆ ବ୍ୟବହାର କରି ଖୁସିରେ ଅଛନ୍ତି ତେବେ ତୁମର ଅସୁବିଧା କ'ଣ ବୋଲି ଆବେଦନକାରୀ ପ୍ରଶ୍ନ କରିଛନ୍ତି। ଶୁଣାଣି ବେଳେ ଆବେଦନକାରୀଙ୍କ ଓକିଲ କହିଥିଲେ, ଝିଅ ନାବାଳିକା ଥିବାରୁ ଏହି ପ୍ରସଙ୍ଗରେ ନିଜେ ନିଷ୍ପତ୍ତି ନେଇପାରିବେ ନାହିଁ। ପୂର୍ବରୁ ଝିଅଙ୍କ ନାମ ସହ ତାଙ୍କ ବାପାଙ୍କ ସାଙ୍ଗିଆ ରହିଥିଲା, ଯାହାକୁ ପରେ ଅଲଗା ରହୁଥିବା ମା' ନିଜ ଇଚ୍ଛା ଅନୁସାରେ ବଦଳାଇଦେଇଛନ୍ତି। ତେବେ ଆବେଦନକାରୀଙ୍କ ପିଟିଶନକୁ ହାଇକୋର୍ଟ ଖାରଜ କରିଦେବା ସହ ଝିଅର ସ୍କୁଲକୁ ଯାଇ ବାପାଙ୍କ ନାମ ସ୍ଥାନରେ ନିଜ ନାଁ ଲେଖାଇପାରିବେ ବୋଲି କହିଛନ୍ତି।

### ଚାଷୀଙ୍କ ବିକ୍ଷୋଭ: ସାମିଲ ହେଲେ ବିରୋଧୀ ଦଳ ନେତା

ନୂଆଦିଲ୍ଲୀ, ୬।୮

ନୂଆ କୃଷି ଆଇନ ପ୍ରତ୍ୟାହାର ଦାବିରେ ଆନ୍ଦୋଳନରତ ଚାଷୀ ଯନ୍ତରମନ୍ତରରେ ବିକ୍ଷୋଭ ଚଳାଇଥିବାବେଳେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସମେତ ବିଭିନ୍ନ ବିରୋଧୀ ଦଳର ନେତା ଶୁକ୍ରବାର ସେମାନଙ୍କ ସହ ସାମିଲ ହୋଇଛନ୍ତି। ଏହି ନେତାମାନେ ଯନ୍ତରମନ୍ତରରେ ପହଞ୍ଚି ଚାଷୀମାନଙ୍କ ଆନ୍ଦୋଳନକୁ ସମର୍ଥନ ଜଣାଇବା ସହ ପ୍ଲାକାର୍ଡ ଧରି 'ଚାଷୀ ବଞ୍ଚାଅ ଭାରତ ବଞ୍ଚାଅ' ସ୍ଲୋଗାନ ଦେଇଥିଲେ। କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖାର୍ଗେ, ଅମ୍ବିକା ସୋନି, ଗୌରବ ଗୋଗୋଇ, ଶିବ ସେନା ନେତା ସଞ୍ଜୟ ରାଉତ୍, ଆର୍‌ଜେଡିର ମନୋଜ ଝା, ଡିଏମ୍‌କେର ଟି. ଶିବା ଓ ଅନ୍ୟମାନେ ବିକ୍ଷୋଭ ସ୍ଥଳକୁ ଯାଇ କିଷାନ ସଂସଦରେ ସାମିଲ ହୋଇଥିଲେ।



କୃଷି ଆଇନ ବିରୋଧରେ ଚାଷୀମାନଙ୍କୁ ସମର୍ଥନ ଜଣାଇବା ପାଇଁ ଆମେ ଏଠାରେ ଏକାଠି ହୋଇଛୁ। ପେଗାସସ୍ ପ୍ରସଙ୍ଗ ଉପରେ ଆମେ ଆଲୋଚନା ଦାବି କରୁଥିବାବେଳେ କେନ୍ଦ୍ର ଏହା କରାଇ ଦେଉନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରତି ଭାରତୀୟଙ୍କ ଫୋନ୍ ଟ୍ୟାପିଂ କରୁଛନ୍ତି ବୋଲି ରାହୁଲ ଅଭିଯୋଗ କରିଥିଲେ। ଚାଷୀଙ୍କ ଆନ୍ଦୋଳନରେ ସାମିଲ ହେବା ପାଇଁ ଶନିବାର ପାର୍ଲାମେଣ୍ଟରେ ଅନୁଷ୍ଠିତ ୧୪ ବିରୋଧୀ ଦଳ ନେତାଙ୍କ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ସୂଚନାଯୋଗ୍ୟ ଗତବର୍ଷ ନଭେମ୍ବର ୨୬ରୁ ଚାଷୀମାନେ ଦିଲ୍ଲୀ ସୀମାରେ ଆନ୍ଦୋଳନ ଚଳାଇଆସିଛନ୍ତି। ୩ ବିବାଦୀୟ କୃଷି ଆଇନ ପ୍ରତ୍ୟାହାର ଦାବିରେ ସେମାନେ ଅଟଳ ରହିଥିବାବେଳେ ସରକାର ସମାଧାନର ସୂତ୍ର ବାହାର କରୁନାହାନ୍ତି।

### ଗୋଗ୍ରାରୁ ହଟିଲେ ଭାରତ, ଚାଇନା ସୈନ୍ୟ

#### ଅସ୍ଥାୟୀ ନିର୍ମାଣ ଭଙ୍ଗାଗଲା

ନୂଆଦିଲ୍ଲୀ, ୬।୮



ପୂର୍ବ ଲଦାଖର ଗୋଗ୍ରା ଫ୍ରିକ୍ସନ ପଏଣ୍ଟରେ ଭାରତ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତିର ପ୍ରାୟ ୧୫ ମାସ ପରେ ଉଭୟ ପକ୍ଷ ସେଠାରୁ ସେନା ପ୍ରତ୍ୟାହାର କରିନେଇଛନ୍ତି। ଏଥିସହିତ ସେଠାରେ ଦୁଇ ଦେଶର ସୈନ୍ୟବାହିନୀ ନିର୍ମାଣ କରିଥିବା ଅସ୍ଥାୟୀ କ୍ୟାମ୍ପ ଓ ଭିତ୍ତିଭୂମିଗୁଡ଼ିକୁ ଭାଙ୍ଗିଦେଇଛନ୍ତି। ପାଟ୍ରୋଲିଂ ପଏଣ୍ଟ-୧୭ଏ ଭାବେ ଜଣାଶୁଣା ଗୋଗ୍ରାରେ ମୁହାଁମୁହିଁ ଅବସ୍ଥାର ପୂର୍ବ ସ୍ଥିତି ଫେରିଥିବା ଭାରତୀୟ ସେନା ପକ୍ଷରୁ ଶୁକ୍ରବାର କୁହାଯାଇଛି। ଅଗଷ୍ଟ ୪, ୫ରୁ ସେନା ପ୍ରତ୍ୟାହାର ହୋଇଥିଲା। ଉଭୟ ପକ୍ଷର ସୈନ୍ୟ ସେମାନଙ୍କ ସ୍ଥାୟୀ ଘାଟିକୁ ଫେରିଯାଇଛନ୍ତି।

ଗତ ଶନିବାର ଚୁଶୁଲ-ମୋଲ୍‌ଡୋ ସୀମାରେ ଦୁଇଦେଶ ମଧ୍ୟରେ ଅନୁଷ୍ଠିତ ସେନା କମାଣ୍ଡରସ୍ତରୀୟ ଦ୍ୱାଦଶ ପର୍ଯ୍ୟାୟ ଆଲୋଚନାବେଳେ ଗୋଗ୍ରାରୁ ସୈନ୍ୟ ପ୍ରତ୍ୟାହାର ପାଇଁ ନିଷ୍ପତ୍ତି ହୋଇଥିଲା। ଉକ୍ତ ସେନା ପ୍ରତ୍ୟାହାର ରାଜିନାମା ଅନୁଯାୟୀ ଗୋଗ୍ରାରେ ଥିବା ପ୍ରକୃତ ନିୟନ୍ତ୍ରଣ ରେଖା ଉପରେ ଉଭୟ ପକ୍ଷ କଡ଼ା ନଜର ରଖିବା ସହ ସମ୍ମାନ ଜଣାଇବେ। ସେଠାର ସ୍ଥିତାବସ୍ଥାରେ କେହି ଏକପାଖିଆ ପରିବର୍ତ୍ତନ କରିବେ ନାହିଁ। ଗୋଗ୍ରାରୁ ସେନା ପ୍ରତ୍ୟାହାର ଦ୍ୱାରା ଆଉ ଏକ ସମ୍ବେଦନଶୀଳ ଅଞ୍ଚଳର ମୁହାଁମୁହିଁ ସ୍ଥିତିର ସମାଧାନ ହୋଇପାରିଛି। ଲଦାଖର ଅବଶିଷ୍ଟ ବିବାଦୀୟ ପ୍ରସଙ୍ଗର ସମାଧାନ ପାଇଁ ଆଲୋଚନା ଆଗେଇନେବାକୁ ଉଭୟ ପକ୍ଷ ରାଜି ହୋଇଥିବା ସେନା ପକ୍ଷରୁ କୁହାଯାଇଛି। ପୂର୍ବ ଲଦାଖକୁ ସରକାର ୱେଷ୍ଟର୍ନ ସେକ୍ଟର ଭାବେ ନାମିତ କରିଛନ୍ତି। ଦେଶର ସାର୍ବଭୌମତ୍ୱ ବଜାୟ ରଖିବା ସହ ୱେଷ୍ଟର୍ନ ସେକ୍ଟର ଅନ୍ତର୍ଗତ ଏଲ୍‌ଏସିରେ ଶାନ୍ତି ଓ ସ୍ଥିରତା ସୁନିଶ୍ଚିତ କରିବା ଲାଗି ଭାରତୀୟ ସେନା ଏବଂ ଆଇଟିବିପି ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ ବୋଲି ଉକ୍ତ ଚୁକ୍ତିନାମାରେ କୁହାଯାଇଛି।

## ବାଇକରୁ ଖସି ଯୁବକ ମୃତ

ବାଙ୍କୀ,(ସ୍ୱ.ପ୍ର.): ବାଇକ୍‌ରୁ ଖସି ଡମପଡ଼ା ବ୍ଲକ ନରଗାଙ୍ଗ ଗ୍ରାମର ଜଣେ ଯୁବକଙ୍କ ଶୁକ୍ରବାର ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ଅକ୍ଷୟ କୁମାର ଜେନା। ସେ ଉକ୍ତ ଗ୍ରାମର ସଞ୍ଜୟ କୁମାର ଖୁଣ୍ଟିଆଙ୍କ ସହ ବାଇକ୍‌ରେ ବ୍ରହ୍ମପୁରା ଗ୍ରାମକୁ ଯାଉଥିଲେ। ବ୍ରହ୍ମପୁରା ତୋଟା ନିକଟରେ ସଞ୍ଜୟ ଭାରସାମ୍ୟ ହରାଇ ବାଇକ୍‌କୁ ରାସ୍ତାକଡରେ ପୋତା ହୋଇଥିବା ଏକ ମାଇଲ୍ ଖୁଣ୍ଟରେ ପିଟି ଦେଇଥିଲେ। ଫଳରେ ଅକ୍ଷୟ ବାଇକ୍‌ରୁ ଖସି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଅକ୍ଷୟଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।



# ମଦ ପିଇ ଦୁର୍ବ୍ୟବହାର ମହଙ୍ଗା ପଡ଼ିଲା

## ବଦଳିଲେ ଆଇଆଇସି

ଜଗତ୍‌ସିଂହପୁର ଅଫିସ,୬।୮

ଗୁରୁବାର ବିଳମ୍ବିତ ରାତିରେ ବନ୍ଦର ସାମୁଦ୍ରିକ ଥାନା ଆଇଆଇସି ଅଜୟ ମୁଦୁଲି ମରିଚପୁର ନିକଟରେ ସର୍ବସାଧାରଣ ସ୍ଥାନରେ ମଦ୍ୟପାନ କରି ଗାଳିଗୁଲଜ କରିବା ସହ ଜଣେ ଖବରଦାତାଙ୍କୁ ମାଡ଼ ମାରିଛନ୍ତି। ଏହି ଭିଡିଓ ଭାଇରାଲ ହୋଇଛି। ସମ୍ପୃକ୍ତ ଖବରଦାତା ଏନେଇ ଏସ୍‌ପି ଅଖିଳେଶ୍ୱର ସିଂଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏସ୍‌ପି ଏହାକୁ ଗମ୍ଭୀରତାର ସହ ନେଇ ତୁରନ୍ତ ମୁଦୁଲିଙ୍କୁ ଜିଲା ମୁଖ୍ୟାଳୟକୁ ବଦଳି କରିଦେଇଛନ୍ତି। ଏଥିସହ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କୁ ସୁପାରିସ କରିଛନ୍ତି। ତାଙ୍କ ସ୍ଥାନରେ ନାଉଗାଁ ଥାନା ଆଇଆଇସି ଭରତ ଚନ୍ଦ୍ର ବେହେରାଙ୍କୁ ଅବସ୍ଥାପିତ କରାଯାଇଛି। ଏସ୍‌ଡିପିଓ ପ୍ରିୟରଞ୍ଜନ ଶତପଥୀ ଶୁକ୍ରବାର ସାମୁଦ୍ରିକ ଥାନାରେ ପହଞ୍ଚି ଏହାର ତଦନ୍ତ କରିଛନ୍ତି।

ଖବରଦାତାଙ୍କ ଅଭିଯୋଗ ଅନୁଯାୟୀ, ଗୁରୁବାର ରାତିରେ ଆଇଆଇସି ମୁଦୁଲି ମଦ୍ୟପାନ କରି ଥାନା ଅନ୍ତର୍ଗତ ମରିଚିପୁରରସ୍ଥିତ ମହାତ୍ମା ଗାନ୍ଧୀଙ୍କ ସ୍ମୃତିମଣ୍ଡପ ଉପରେ ବସି ଗାଳିଗୁଲଜ କରୁଥିଲେ। କେତେଜଣ ଲୋକ ପ୍ରତିବାଦ କରିବାରୁ ମୁଦୁଲି ସେମାନଙ୍କୁ ମଧ୍ୟ ଗାଳି ଦେଇଥିଲେ। ଏହି ସମୟରେ ଜଣେ ଖବରଦାତା ସେଠାରେ ପହଞ୍ଚି ଏସବୁ ଘଟଣାର ଫଟୋ ଉଠାଇଥଲେ। ଏନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଫଳରେ ମୁଦୁଲି ତାଙ୍କୁ ମାଡ଼ ମାରିଥିଲେ। ସମ୍ପୃକ୍ତ ଆଇଆଇସିଙ୍କ ଏତାଦୃଶ ଆଚରଣ ପୋଲିସ ବିଭାଗ ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରିଛି। ଏନେଇ ଏସ୍‌ପି ଏକ ବୈଠକରେ ମୁଦୁଲିଙ୍କୁ ଭର୍ତ୍ସନା କରିଛନ୍ତି।

# ଟ୍ରକ୍‌ରୁ ୪୧ ମୃତଗୋରୁ ଜବତ


ମୃତ ଗୋରୁ। ଜବତ ଟ୍ରକ୍।

- ଜୀବିତ ଅବସ୍ଥାରେ ୩ ଗୋରୁ ଉଦ୍ଧାର
- ଶ୍ୱାସକ୍ରିୟା କରି ନ ପାରି ମୃତ୍ୟୁ ଘଟିଛି: ପୋଲିସ
- ଡ୍ରାଇଭର, ହେଲ୍‌ପର ଫେରାର

ପାଲଲହଡ଼ା, ୬।୮(ଡି.ଏନ୍.ଏ.)

ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ ଦେଇ ଯାଇଥିବା ୪୯ନଂ. ଜାତୀୟ ରାଜପଥର ବାଙ୍କଦର ନିକଟ ରାସ୍ତାପାର୍ଶ୍ୱରେ ଛିଡ଼ା ହୋଇଥିବା ଏକ ଟ୍ରକ୍ (ନଂ. ସିଜି ୦୪ ଜିସି ୩୦୯୦)ରୁ ଶୁକ୍ରବାର ୪୧ ମୃତଗୋରୁ ପୋଲିସ ଜବତ କରିଛି। ଏଥିସହ ଜୀବିତ ଅବସ୍ଥାରେ ୩ ଗୋରୁ ଉଦ୍ଧାର କରାଯାଇଛି। ଟ୍ରକ୍‌ରେ ଅମାନବୀୟ ଭାବେ ଗୋ-ଚାଲାଣ କରାଯାଉଥିବାବେଳେ ଶ୍ୱାସକ୍ରିୟା କରି ନ ପାରି ଗୋରୁଗୁଡ଼ିକ ମରିଯାଇଥିବା ପାରିପାର୍ଶ୍ୱିକ ସ୍ଥିତିରୁ ପୋଲିସ ଅନୁମାନ କରୁଛି। ଏହି ଘଟଣା ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି।

ପ୍ରତ୍ୟକ୍ଷଦର୍ଶୀଙ୍କ କହିବା କଥା, ପାଲଲହଡ଼ା ବ୍ଲକ ଦେଇ ଯାଇଥିବା ୧୪୯ ଏବଂ ୪୯ନଂ. ଜାତୀୟ ରାଜପଥରେ ବେଆଇନ ଭାବେ ଗୋରୁ ଏବଂ ଛେଳି ଚାଲାଣ କରାଯାଉଛି। ଭାରିଯାନରେ ଅତି ନିର୍ଦ୍ଦୟ ଭାବେ ପ୍ରାଣୀମାନଙ୍କୁ ବୁହାଯାଉଛି। ଶୁକ୍ରବାର ବାଙ୍କଦର ନିକଟରେ ଉକ୍ତ ୧୦ଚକିଆ ଟ୍ରକ୍‌ଟି କେନ୍ଦୁଝରର ଆଡ଼କୁ ମୁହଁ କରି ଗୁରୁବାର ରାତିରୁ ସନ୍ଦେହଜନକ ଅବସ୍ଥାରେ ଛିଡ଼ା ହୋଇଥିଲା। ସକାଳେ ସ୍ଥାନୀୟ ଲୋକେ ଟ୍ରକ୍ ନିକଟକୁ ଯାଇ ଯାଞ୍ଚ କରିବା ବେଳକୁ ବହୁ ସଂଖ୍ୟାରେ ଗୋରୁ ମରି ପଡ଼ିଥିବା ଦେଖିବାକୁ ପାଇଥିଲେ। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଟ୍ରକ୍ ମଧ୍ୟରୁ ୪୧ ଗୋରୁଙ୍କ ମୃତଦେହ ଜବତ କରାଯାଇଥିଲା। ଏଥିସହ ମୁମୂର୍ଷୁ ଅବସ୍ଥାରେ ୩ ଗୋରୁ ଉଦ୍ଧାର କରାଯାଇଛି। ଡ୍ରାଇଭର ଏବଂ ହେଲ୍‌ପର ଫେରାର ହୋଇଯାଇଥିବା ପୋଲିସ କହିଛି। ଅନ୍ୟପଟେ ମୃତଗୋରୁଙ୍କ ବ୍ୟବଚ୍ଛେଦ କରାଯିବା ପରେ ଜେସିବି ସହାୟତାରେ ଗାତ ଖୋଳି ପୋତି ଦିଆଯାଇଛି। ପୋଲିସ ଟ୍ରକ୍ ଜବତ କରିବା ସହ ନିଜ ଆଡୁ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଥାନାଧିକାରୀ କିଶୋର ଚନ୍ଦ୍ର ସାମଲ ସୂଚନା ଦେଇଛନ୍ତି।

# ଜୟପୁର, ରଙ୍ଗେଇଲୁଣ୍ଡାରୁ ଶୀଘ୍ର ଉଡ଼ିବ ବିମାନ

ଭୁବନେଶ୍ୱର,୬।୮(ବ୍ୟୁରୋ): ଜୟପୁର ଓ ରଙ୍ଗେଇଲୁଣ୍ଡାରୁ ଖୁବ୍‌ଶୀଘ୍ର ବିମାନ ଉଡ଼ିବ। ଏ ନେଇ ଶୁକ୍ରବାର ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ସୂଚନା ଦେଇଛନ୍ତି। ନନ୍ ଉଡାନ ଯୋଜନାରେ ଜୟପୁର ଓ ରଙ୍ଗେଇଲୁଣ୍ଡାରୁ ଭାଇଜାଗକୁ ବିମାନସେବା ଆରମ୍ଭ ହେବ। ଏନେଇ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ୨ଟି ଏୟାରଷ୍ଟ୍ରିପ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇସାରିଲାଣି। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ମଧ୍ୟ ମିଳିସାରିଛି ବୋଲି ପରିବହନ ମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ, ଗତବର୍ଷ ଜାନୁଆରୀ ୩୧ରୁ ଝାରସୁଗୁଡ଼ାରୁ ବାରାଣସୀକୁ ବିମାନ ସେବା ଆରମ୍ଭ ହୋଇଥିଲା। ଆଲାଏନ୍ସ ଏୟାର ପକ୍ଷରୁ ଏହି ବିମାନ ସେବା ଆରମ୍ଭ ହୋଇଥିଲା। ସେପଟେ ରେଳ ପ୍ରକଳ୍ପ ସଂକ୍ରାନ୍ତରେ ପରିବହନ ମନ୍ତ୍ରୀ କହିଛନ୍ତି, ଏଥିପାଇଁ ଜମି ଅଧିଗ୍ରହଣରେ ସମସ୍ୟା ସୃଷ୍ଟି ହେବ ନାହିଁ। ସେପ୍ଟେମ୍ବରରେ ଜମି ଅଧିଗ୍ରହଣର ଷ୍ଟାଟସ ରିପୋର୍ଟ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ଦେବେ। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଅଧକ୍ଷତାରେ ଏକ ସମୀକ୍ଷା ବୈଠକ ବସିଥିଲା। ରାଜ୍ୟରେ ଚାଲୁ ରହିଥିବା ବିଭିନ୍ନ ରେଳ ପ୍ରକଳ୍ପର ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଯେଉଁଠି ଆର୍ଥିକ କିମ୍ବା ସମସ୍ୟା ରହିଛି ତାହାକୁ ତୁରନ୍ତ ସମାଧାନ କରି ଜମି ଅଧିଗ୍ରହଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହ ଭାଗୀତାରେ ଅଧା ଥିବା ସମସ୍ତ ପ୍ରକଳ୍ପ କାର୍ଯ୍ୟକୁ ଆଗେଇବାକୁ ପଦକ୍ଷେପ ନିଆଯିବ।


**PARADIP PORT TRUST**

**TENDER CALL NOTICE No. EM/WS-29/2021**

Paradip Port Trust invites sealed offers from eligible bidders for **"Grant of license for Installation, Operation & Maintenance of 04 nos. 100 Ton Capacity HMC for a period of 05 years extendable to another one year"**. The prescribed Tender Document will be available in the **website: eprocure.gov.in/eprocure/app** from **17:00 hrs Dt.30.07.2021** to **18:00** hrs on **Dt.22.08.2021** for online bidding. Last date & time of submission of Bid : **18:00** hrs on **Dt.22.08.2021.**

**Executive Engineer (M), WD-I**

PPT/PR/77/2021-22, Dt.06.08.2021

**PARADIP PORT TRUST**

**e-TENDER CALL NOTICE**

**No. AD/OE/GL-72/15(Pt.V)/1863**

**Dtd. 05.08.2021**

Name of the work : **"Watch & ward of Port properties at different sites of PPT round the clock for a period of one year".** Estimated cost put to tender **₹1,72,69,245/-.** The last date & time of submission of bid is **20.08.2021 upto 1700 Hrs.** For details please refer our website **:www.paradipport.gov.in/ https://eprocure.gov.in/eprocure /app.**

**Asst. Secretary (Admn.)**

PPT/PR/81/2021-22, Dt.06.08.2021


# ୨୦ ଜିଲାରେ ନିଅଣ୍ଟିଆ ବର୍ଷା

ଭୁବନେଶ୍ୱର,୬।୮(ବ୍ୟୁରୋ)

ରାଜ୍ୟରେ ବର୍ଷା ଅଭାବରୁ ଚାଷକାର୍ଯ୍ୟ ଗୁରୁତର ପ୍ରଭାବିତ ହୋଇଛି। ପାଣି ନ ଥିବାରୁ ଅଧିକାଂଶ ଜିଲାରେ ଜମି ଫାଟି ଆଁ ହୋଇଥିବାବେଳେ କେଉଁଠି ତଳି ଶୁଖିଲାଣି ତ ଆଉ କେଉଁଠି ରୁଆ ମଲାଣି। ଚଳିତ ବର୍ଷ ଠିକ୍ ସମୟରେ ଅର୍ଥାତ୍ ଜୁନ୍ ୧ରେ ଦକ୍ଷିଣ ପଶ୍ଚିମ ମୌସୁମୀ ଓଡ଼ିଶାକୁ ପ୍ରବେଶ କରିଥିଲା। ହେଲେ ନିଅଣ୍ଟିଆ ବର୍ଷା ଯୋଗୁ ଚାଷୀ ମୁଣ୍ଡରେ ହାତଦେଇ ବସିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୂଚନାନୁସାରେ, ଜୁନ୍ ୧ରୁ ଅଗଷ୍ଟ ୬ ମଧ୍ୟରେ ରାଜ୍ୟରେ ୨୬% ନିଅଣ୍ଟିଆ ବର୍ଷା ହୋଇଛି। ୨୦ ଜିଲାରେ ନିଅଣ୍ଟିଆ ବର୍ଷା ହୋଇଥିବାରୁ ସେସବୁ ଜିଲାରେ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଛି। ଏହି ଜିଲାଗୁଡ଼ିକ ହେଲା ଖୋର୍ଦ୍ଧା, ଯାଜପୁର, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଦେବଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, ଅନୁଗୋଳ, ସୋନପୁର, ବଲାଙ୍ଗୀର, କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର, ରାୟଗଡ଼ା, ଗଜପତି, ଗଞ୍ଜାମ ଓ ନୟାଗଡ଼। ଯାଜପୁର ଜିଲାରେ ସର୍ବାଧିକ ୫୬% ନିଅଣ୍ଟିଆ ବର୍ଷା ହୋଇଛି। ସେପଟେ ରାଜ୍ୟରେ ଶୁକ୍ରବାର ବାରିପଦାରେ ସର୍ବାଧିକ ୩୬.୪% ବର୍ଷା ରେକର୍ଡ କରାଯାଇଛି। ଆସନ୍ତା ୪ଦିନ ପର୍ଯ୍ୟନ୍ତ ରାଜ୍ୟର କିଛି ସ୍ଥାନରେ ସ୍ୱଳ୍ପ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଶନିବାର ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ସୋନପୁର, ଅନୁଗୋଳ ଓ ବୌଦ୍ଧ ଜିଲାରେ ଝଡ଼ବର୍ଷା ସହିତ ବଜ୍ରପାତ ହେବ।


## OFFICE OF THE ROURKELA MUNICIPAL CORPORATION, ROURKELA

**INVITATION FOR BID**

**No.9904** **Dated 5.8.21**

**Bid Identification No.: MC / RMC / 32/ 2021**

No.C-703:- The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in Double cover on online mode. Bid Identification No. MC/RMC/32/2021 for 02 Nos. Civl work with value of Rs.5.01 Cr. to Rs.6.19 Cr.

1. Bid documents will be available in website www.tendersorissa.gov.in from 05.08.2021.
2. Bids must be submitted on 'online' on or before 31.08.2021 by 17.00 hours.
3. Bids shall be opened at 11.00 hours on 01.09.2021 in the office of the undersigned in the presence of the bidders or their authorized agents.
4. Other details will be available in the website tendersorissa.gov.in

**Sd./- Municipal Commissioner**
**Rourkela Municipal Corporation**

OIPR-13131/11/0024/2122

## Office of District Manager Odisha State Civil Supplies Corporation Ltd. (OSCSC) Malkangiri (District)

**Phone: 06861230359; District Website: www.malkangiri.nic.in**

Tender No. 1028 & 1029 Dt. 04.08.2021

**No. CAD-811:-** District Manager, Odisha State Civil Supplies Corporation Ltd., Malkangiri (**District**) invites tenders in Double Cover System through **ONLINE MODE ONLY** for the works below:

| | | |
|---|---|---|
| 1 | Name of the work | Selection and appointment of (i) **Level-II Transport Contractor** for transportation of foodgrains from RRCs to Retail Centers (FPS) for the biennial year 2021-23 (ii) **Handling contractor** (Labour works) for Handling of Foodgrains (Rice, wheat) at the RRCs for the biennial year 2021-23 in the Malkangiri District of the State of Odisha |
| 2 | Availability of bid document in the portal | From 06.08.2021 |
| 3 | Last Date / Time for receipt of bids in the Portal<br>i. Level-II Transport Contractor<br>ii. Handling Contractor | <br><br>Dt. 25.08.2021 up to 05.00 P.M.<br>Dt. 25.08.2021 up to 05.00 PM. |
| 4 | Date/Time of Opening of Technical Bid<br>i. Level-II Transport Contractor<br>ii. Handling Contractor | <br>Dt. 26.08.2021 by 11.00 A.M.<br>Dt. 26.08.2021 by 11.00 A.M. |
| 5 | Name and address of the Officer Inviting Tender | District Manager, OSCSC Ltd., Malkangiri |

Tender Documents & other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in along with district website. Amendments / corrigendum / cancellation / retenders shall be published only in above websites.

Sd./- District Manager,
OSCSC Ltd., Malkangiri

OIPR-07035/11/0010/2122

## TPWODL

**TP WESTERN ODISHA DISTRIBUTION LIMITED**
(A Tata Power & Odisha Govt. Joint Venture)
Corporate Office: Burla, Dist.-Sambalpur (Odisha)- 768017

**Corrigendum-III to Notice Inviting Tender (NIT)**

TPWODL/PN/O/SU/013-EGIS System implementation and maintenance at TPWODL.

The time period is hereby extended for submission of Tender Participation Fee and Authorization Letter through e-mail till 11th Aug 2021, 15.00 hrs. after which link from e-tender system shall be shared. A corrigendum to the said notice has been uploaded in our website **www.tpwesternodisha.com**. Prospective bidders are requested to visit the website for detailed amendment and updated tender document.

Sd./-
Chief Contracts and Stores

## DIRECTORATE OF MEDICAL EDUCATION & TRAINING, ODISHA

**WALK-IN-INTERVIEW FOR ASSISTANT PROFESSOR IN ALL GOVT. MCHs OF THE STATE & SCBDCH, Cuttack**

**No. 10310** **dt. 06/08/2021**

**No. E-310:-** Eligible candidates are invited to Walk-in-Interview for recruitment for the posts of Assistant Professor in all Govt. MCHs of the state on contractual/deployment basis. The details of Posts, Mode of recruitment, Remuneration, Qualifications etc. is available in the website of DMET, Odisha i.e. **www.dmetodisha.gov.in**.

**Sd./- Addl. Director Medical Education & Training, Odisha**

OIPR-10016/11/0007/2122

## OFFICE OF THE MEDICAL OFFICER I/C CHC, KHAJURIAKATA, DHENKANAL

**Notice No: 1073** **Date: 05.08.2021**

**TENDER CALL NOTICE FOR HIRING OF VEHICLES**

No. E-305:- Sealed proposals as per the prescribed RFP document are invited from interested eligible bidders (Private individuals / Tour operators / Travel Agency) for hiring & empanelment of vehicles for Block Programme Management Unit (BPMU) at Block CHC level on a monthly basis for implementation of the BPMU activities. The eligibility criteria, terms of reference and the formats for submission of bid are set forth in the RFP document, which can be downloaded from the website www.dhenkanal.nic.in. Interested bidders fulfilling the eligibility criteria may submit their proposals with EMD & documents as per RFP to the MO I/C of this CHC. The bidders have to submit their proposals with all required documents to the MO I/C, CHC, Khajuriakata, Po- Balimi, Dist- Dhenkanal on or before dt. 18.08.2021 by 4 PM through speed post/Regd. post/Courier only. The opening date of tenders will be on 18.08.2021 at 4.30 pm at CHC. The undersigned reserves the right to reject any or all the proposals without assigning any reason thereof and is not responsible for any postal delay.

**Sd./- Medical Officer I/C, CHC, Khajurikata, Dhenkanal**

OIPR-10154/11/0002/2122

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, SUNDARGARH

**ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ, ସୁନ୍ଦରଗଡ଼**
**ଜିଲ୍ଲା ଅନ୍ଧତ୍ୱ ନିୟନ୍ତ୍ରଣ ସମିତି, ସୁନ୍ଦରଗଡ଼**

Notice No.: 349/DBCS/SNG, Date: 5.8.2021

**TENDER CALL NOTICE**

**ଜିଲ୍ଲା ଅନ୍ଧତ୍ୱ ନିୟନ୍ତ୍ରଣ କାର୍ଯ୍ୟକ୍ରମ ନିମନ୍ତେ ଆବଶ୍ୟକ ହେଉଥିବା ଔଷଧ ଏବଂ ଅନ୍ୟାନ୍ୟ ସାମଗ୍ରୀ ନିମନ୍ତେ ବିଜ୍ଞାପନ**

No. E-307:- Sealed tender is invited for supply of Drugs & Consumables which are used in District Blindness Control Society, Sundargarh for the year 2021-22. The interested party having valid GSTIN may be applied. The lists of the items are mentioned below in details. The term & condition of the tender may be downloaded from the website www.sunderagarh.nic.in. The tender should reach to the office of the undersigned by 26.08.2021, 5 P.M. This office will not entertain any tender after the due date/time fixed for at any circumstances. The undersigned reserves the right to reject any or whole tender without assigning any reason thereof.

**Sd./- Dr. S.K. Mishra,**
**Chief District Medical & Public Health Officer, Sundargarh**

OIPR-10100/11/0010/2122

## ODISHA HYDRO POWER CORPORATION LTD.

(A Gold Rated State PSU)
O/o Sr. GENERAL MANAGER, Rengali Hydro Electric Project,
P.O.: RENGALI DAM SITE, PIN: 759105, DIST: ANGUL (ODISHA)
TEL: 06760-277214, FAX: 06760 - 277324, e-mail: sgmel500@gmail.com

No. RHEP/C&P/PUR-III-35/4219 Date: 04.08.2021

**NOTICE INVITING TENDER NO. RHEP-15/2021-22**

**No. CAD-808:-** Sealed tenders are invited in single part bsis for the following works as mentioned below in sealed envelopes from reputed firm / Agency / Contractor

| Sl. No. | Description of services | Cost of tender paper (non-refundable) in Rs. | EMD in shape of DD only (Refundable) in Rs. | Period of availability of tender at OHPC website | Last date & Time of receipt of tender | Date & Time of Opening of Techno Commercial bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Procurement of 2 Nos. of Portable Centrifugal Supply/ Exhahust Blower Capacity 1000 m3/hr at 250 mm static pressure with 1.5 KW (2HP), 2880 rpm, single phase 215V motor including all accessories and 60 mtr. 4" (100 mm) dia. Steel braded hose suitable to exhaust/supply fresh aire upto 80 degree | Rs.472/- (Rs. 400/- + GST @18%) | In Leiu of EMD Bid security declaration form to be submitted | From dtd. 09.08.2021 to dtd. 18.08.2021 up to 04.00 PM | Dtd. 18.08.2021 upto 04.30 PM | Dt.19.08.21 at 04.30 PM |

For details and further correspondence/corrigendum, please visit our website www.ohpcltd.com

OIPR-04005/11/0009/2122 Sd./- C&P Head, RHEP, Rengali

## STATE INSTITUTE FOR EMPOWERMENT OF PERSONS WITH DISABILITIES (SIEP)

(A Registered Society Under SSEPD Department, Government of Odisha)
NCSCDA Campus, Pokhariput, Bhubaneswar, Odisha-751020

**REF. No.303/ SIEP** **Dated: 04.08.2021**
**SIEP-MISC-0025-2021**

**e-TENDER FOR SELECTION OF SERVICEP PROVIDER AGENCY FOR HOUSE KEEPING, UPKEEP, SECURITY & CATERING SERVICES IN SIEP ON OUTSOURCING BASIS.**

No.gg-06:- E-Tender are invited from the outsourcing agencies for Selection of Service Provider Agency for House-keeping, upkeep, Security & Cleaning Services in SIEP on outsourcing basis as per the following schedule.

| Particulars | Date & time |
|---|---|
| Notice inviting tender to be uploaded on website | Tender document can be downloaded from the website www.odishatenders.gov.in from 05.08.2021 (10.00 A.M.) |
| Pre-bid meeting | 16.08.2021, 3.30 P.M. through virtual mode |
| Last date & time of closing & receipt of tender | 31.08.2021 (5.00 P.M.) |
| Date, time and place of opening the tender (Technical bid) | 01.09.2021 at 11.30 A.M. |
| Validity of tender | The validity of the tender must be for a period of 180 (One hundred eighty) days from the due date of opening of tender. |
| Earnest money deposit (EMD) | Rs.1,00,000/- (online) as per the instruction available in the e-procurement portal (www.tendersodisha.gov.in) at the time of bidding. The registered MSME bidders are exempted from EMD as per FDOM No.21926,dt.12.08.2015. |
| Period of contract | :02 years |
| Performance security deposit | 3% of contract value |
| Expected date of commencement of assignment | September 2021 |

**Sd./- Executive Director**

OIPR-46003/11/0002/2122

## OFFICE OF THE EXECUTIVE ENGINEER (CIVIL) PORTS & INLAND WATER TRANSPORT, SOUTH DIVISION, NEAR STPI, AMBAPUA, BERHAMPUR

**Phone-0680-2404455/ E-Mail-ees.piwt@yahoo.in**

**e-PROCUREMENT NOTICE NO-EE P&IWT(SD)-02/2021-22**

No.JJ-10:-

**INVITATION FOR BIDS (IFB)**

| | | | |
|---|---|---|---|
| 1 | Name of work | : | Others |
| 2 | No. of works | : | 2 Nos. |
| 3 | No. of covers | : | Double cover |
| 4 | Value of works | : | Rs.57,78,085.00 & Rs.44,16,248.00 |
| 5 | Bid cost | : | Rs.10,000.00 and Rs.6,000.00 |
| 6 | Period of completion | : | Three calendar months |
| 7 | Time & date of availability of bid document in the portal | : | From 12.00 Noon of dated 09.08.2021 to 5.00 P.M. of dated 23.08.2021. |
| 8 | Last time & date for receipt of bids in the portal | : | Upto 5.00 P.M. of dated 23.08.2021 |
| 9 | Time & date of opening of bid documents (Cover-I) | : | At 12.00 Noon of 24.08.2021 |
| 10 | Class of contractor | : | 'B' & 'A' Class Contractor |
| 11 | Name and address of officer inviting bid | : | Executive Engineer (Civil), Ports & Inland Water Transport, South Division, Berhampur |

Further details can be seen from the e-Procurement portal www.tendersodisha.gov.in. The addendum / corrigendum if any will be hosted in the website only.

**Executive Engineer (Civil), Ports & IWT,**
**South Division, Berhampur**

OIPR-02004/11/0001/2122

## ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ନୀଳଗିରି

**ସାଧାରଣ ବିଜ୍ଞପ୍ତି**

ଜ୍ଞାପକ ସଂ. 1723/ଖ୍ୟା ତା. 3.8.21ରିଖ

No. C-699:- ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉ ଅଛିକି, ନୀଳଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ ଦ୍ୱାରା ନିର୍ମିତ ତଥା ପରିଚାଳିତ କଲ୍ୟାଣ ମଣ୍ଡପକୁ ଗତ ୨୦୧୮ ମସିହାରେ ୩ ବର୍ଷ ପାଇଁ ଲିଜ୍ ଦିଆଯାଇଥିଲା, ଯାହାର ଅବଧି ଆସନ୍ତା ୮.୮.୨୦୨୧ରିଖରେ ସମ୍ପୂର୍ଣ୍ଣ ହୋଇଯିବ । ଉକ୍ତ କଲ୍ୟାଣ ମଣ୍ଡପକୁ ପରିଷଦ ନୋଟିସ ସଂଖ୍ୟା ୧୭୦୪ ତା୩୦.୦୭.୨୦୨୧ ଅନୁସାରେ ପ୍ରକାଶ୍ୟ ନିଲାମ କରାଯିବା ପାଇଁ ସ୍ଥିର କରାଯାଇଥିଲା କିନ୍ତୁ କୋଭିଡ ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଶାସକଙ୍କ ନିର୍ଦ୍ଦେଶକ୍ରମେ ଉକ୍ତ କଲ୍ୟାଣ ମଣ୍ଡପକୁ ପରବର୍ତ୍ତୀ ୩ ବର୍ଷ ପାଇଁ ଲିଜ୍ ଦିଆଯିବା ନିମନ୍ତେ ଆସନ୍ତା ୯.୮.୨୦୨୧ରିଖ ଦିବା ୧୧ ଘଟିକା ସୁଦ୍ଧା ଇଚ୍ଛୁକ ବ୍ୟକ୍ତି/ସଂସ୍ଥାମାନଙ୍କଠାରୁ ଜଉମୁଦ ଲଫାପା ଜରିଆରେ ଦରଖାସ୍ତ ତତ୍ ସହିତ ନିଜ ନିଜର ପରିଚୟ ପତ୍ର, ଆଧାର କାର୍ଡର ଫଟୋ କପି, ମୋବାଇଲ ନମ୍ବର ସହିତ ଧାର୍ଯ୍ୟ ସରକାରୀ ମୂଲ୍ୟ ଟ୫୦,୦୦୦.୦୦ଙ୍କାର ୧୦ ପ୍ରତିଶତ ଅର୍ଥକୁ ମିଶାଇ ମୋଟ ଟ.୫୫,୦୦୦.୦୦ରୁ ଅଧିକ ଅର୍ଥ ଦରଖାସ୍ତରେ ଉଲ୍ଲେଖ କରି ନିଜର ଦସ୍ତଖତ ସହିତ ପରିଷଦ କାର୍ଯ୍ୟାଳୟରେ ଥିବା ଟେଣ୍ଡର ବାକ୍ସରେ ଦାଖଲ କରିବେ । ଉକ୍ତ ଦରଖାସ୍ତଗୁଡ଼ିକ ଉକ୍ତ ଦିନ ୧୧.୩୦ ପରେ ସମସ୍ତ ଆବେଦନକାରୀଙ୍କ ସମ୍ମୁଖରେ ଖୋଲାଯାଇ ସର୍ବୋଚ୍ଚ ନିଲାମଧାରୀଙ୍କୁ ଚୟନ କରାଯିବ । ସମ୍ପୃକ୍ତ ବ୍ୟକ୍ତି/ସଂସ୍ଥା ସର୍ବୋଚ୍ଚ ନିଲାମଧାରୀ ଏକକାଳୀନ ୩ ବର୍ଷର ଅର୍ଥ ପରିଷଦରେ ଦାଖଲ କରିବେ । ଯଦି ସର୍ବୋଚ୍ଚ ନିଲାମଧାରୀ ଏକକାଳୀନ ଅର୍ଥ ଉକ୍ତ ଦିବସରେ ଦାଖଲ କରି ନ ପାରିବେ ତେବେ ତାଙ୍କର ଅମାନତ ଜମା ଖାରଜ କରାଯିବା ସଙ୍ଗେ ସଙ୍ଗେ ତାଙ୍କର ପରବର୍ତ୍ତୀ ସର୍ବୋଚ୍ଚ ନିଲାମଧାରୀଙ୍କୁ ଏହି ସୁଯୋଗ ପ୍ରଦାନ କରାଯିବ। ନିଲାମ ଆହ୍ୱାନକାରୀ କେତେକ କିମ୍ବା ସମସ୍ତ ଦରଖାସ୍ତ ଖାରଜ କରିବାର କ୍ଷମତା ରଖିଛନ୍ତି ।

**ବି.ଦ୍ର.- ସରକାରୀ ଧାର୍ଯ୍ୟ ମୂଲ୍ୟ:- ଟ.୫୫,୦୦୦.୦୦ଙ୍କା**
**ଅମାନତ ଜମା- ଟ.୨୫,୦୦୦.୦୦ଙ୍କା**

**ସ୍ୱା./- ନିର୍ବାହୀ ଅଧିକାରୀ,**
**ବିଜ୍ଞାପିତ ଅଞ୍ଚଳ ପରିଷଦ, ନୀଳଗିରି**

OIPR-13179/11/0002/2122

## ODISHA RAJYA TALGUR SAMABAYA SANGHA LTD.

(A Govt. of Odisha Enterprise)
Udyogpuri, Po-Khandagiri, Bhubaneswar-751030
Tel. No. 0674-2350365, E-mail : ortssbbsr1959@gmail.com

**REQUEST FOR PROPOSAL (RFP)**

| No. 249 | | DT.05/08/2021 |
|---|---|---|
| 1 | Name of Work | Engagement of an agency to provide professional manpower in ORTSS Ltd. |
| 2 | Bid Identification No. & date | RFP No. 249, dt.05.08.2021 |
| 3 | Date of availbility of RFP document | **Dt.09/08/2021, 03.00 PM** onwards. **www.msmeodisha.gov.in www.diodisha.nic.in** |
| 4 | Last date of seeking clarification on the RFP | **Dt.16/08/2021, 05.00 PM**, By e-mail : **ortssbbsr1959@gmail.com** |
| 5 | Last date of Submission of Bid | **Dt.31/08/2021** (By Hand/Registered Post / Speed Post / Courier) |
| 6 | Date of Opening of Technical Bid | **Dt.31/08/2021, 04.30 PM** |

**Sd/- Managing Director**

See Career Appointment on every **Wednesday & Saturday**

## ODISHA MINING CORPORATION LIMITED

OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in

OMC | ODISHA NEW OPPORTUNITIES

No. CAD-814

**NOTICE INVITING TENDER**

Tender No.: **02 / OMC/ ROB/ MAT/ 2021 dated. 05.08.2021.**
Notice Inviting Tender for **Track maintenance at EMIJ Siding.**
Open tender is hereby invited from the Agencies having Experience in similar type of work.
The EMD amount is Rs.40,000.00 and cost of Tender Paper is 2360/- (Rs.2000/- + GST@18%).
**THE SCHEDULE OF TENDER IS AS UNDER:**
Last Date of availability of tender schedule from website: **19.08.2021** up to 15.00Hrs.
Last date of receipt of tender: **20.08.2021** upto 15:00 Hrs.
Date of opening of tender (Technical bid / Price bid): **20.08.2021** at 10:30 Hrs.
The Tender Document shall not be sold and is to be downloaded only from website of OMC, i.e., **www.omcltd.in**. The cost of the tender document and EMD in the form of Demand Draft in favour of "The Odisha Mining Corporation Ltd", payable at **Barbil** is to be enclosed with the bid along with other documents. The tenders complete in all respect must reach this office by registered post/Courier or may be dropped in the Tender box kept at the Office of the **Regional Manager, Barbil (C & P Section)** up to 10:00 A.M. of **20.08.2021**. The tenders received after the scheduled date and time will be rejected outrightly. OMC reserves the right to cancel the tender at any stage of bidding without assigning any reasons thereof.

| Details of the work | Place of work | Period of work | Remarks |
|---|---|---|---|
| Track maintenance work at EMIJ Siding Mines | Jhilling Langalota Mines | 06 Months | The work will be commenced w.e.f. 01.09.2021 |

**Sd./- 05.08.2021**
**REGIONAL MANAGER**

OIPR-30005/11/0073/2122

## DIRECTORATE OF TECHNICAL EDUCATION & TRAINING, ODISHA, CUTTACK

**COUNSELING CUM ADMISSION NOTICE UNDER PWD SCHEME OF MHRD, GOI FOR THE SESSION 2020-21**

No. KK-46: ORTHOPAEDICALLY HANDICAPPED (OH) candidates having 40% disability and above (BOTH MALE AND FEMALE CANDIDATES HAVING PERMANENT RESIDENT CERTIFICATE OF ODISHA) are hereby informed to attend the Central Admission process into 03 years regular Diploma Engineering Course under Persons With Disabilities (PWD) scheme of MHRD, Government of India, New Delhi against 75 numbers of supernumerary seats (25 Nos. per each institute) as per the details mentioned below for the academic session 2021-22 at 11 A.M. onwards on 12.08.2021 fulfilling the other criteria available in our website.

**Name of the Institution & Course:**
**Bhubanananda Orissa School of Engineering (BOSE), Cuttack, Engineering:** Civil/Electrical/Mechanical/ Applied ETC & Instrumentation/Automobile/Electronics & Telecommunication/Information Technology/ Computer Science Engineering.
**Government Polytechnic, Bhubaneswar, Engineering:** Arch. Assistantship/Civil/Electrical/Mechanical/ Electroncis & Telecommunication/Information Technology, **Non-Engineering:** Modern Office Management (MOM)/Beauty Culture.
**Government Polytechnic, Berhampur Engineering:** Civil/Electrical/Mechanical/Computer Science/Food Technology. **Non-Engineering:** Hotel Management & Catering Technology.
**Entry Qualification & Age Limit:**
Engineering Course Pass in HSC Examination/10th Standard Examination Conducted/Declared equivalent by BSE, Odisha and obtained at least 35% marks in aggregate, securing 30% marks in each subjects at the qualifying examination with Math, Science & English subject.
Non Engineering Course: Modern Office Management - Pass in 10+2 Examination from CHSE, Odisha or its equivalent in Science/Arts/Commerce recognised by CHSE Odisha, securing 30% marks in each subjects at the qualifying examination.
Beauty Culture: Educational qualification is same as 1st Sem. of Engineering/Technology course.
Hotel Management & Catering Technology: Passed in +2 examination from CHSE, Odisha equal and Science/ Arts/Commerce recognized by CHSE, Odisha and obtained at least 35% marks in aggregate, securing 30% marks in each subjects at the qualifying examination.
**Age:** The lower age is 14 years and 16 years as on 01.07.2021 for all Engg. Course including Beauty Culture and Non-Egg. Course respectively, No upper age limit.
**For other Information and application form, please visit our website: www.bosecuttack.in.**
**Also can contact on mobile Nos. 9853274417/9437170286/9438014573.**

OIPR-14032/11/0002/2122 **Sd./- Principal, BOSE, Cuttack**

## DIRECTORATE OF ECONOMICS & STATISTICS, ODISHA, BHUBANESWAR

Tender Notice No.____/DES/ESTT/PI/_____/2021 Date: / /.2021

**TENDER CALL NOTICE**

No. X-07:- Sealed tenders are invited under two bid system from reputed registered manpower service providers having valid GSTIN to provide the services of Manpower, i.e. Survey Enumerators on contract basis to conduct field survey work in different District Planning & Monitoring Units under "National Sample Survey" and perform day to day official work.

Tender should be mandatorily accompanied with **Bid Security Declaration** in lieu of Bid Security (Earnest Money Deposit) in the specified proforma accepting that if they withdraw or modify their bids during the period of validity etc. they will be suspended for the time specified in the tender documents.

The Tender Documents may be downloaded from the website **www.desorissa.nic.in and cost of tender documents Rs.1,000.00 (Rupees one thousand)** only should be submitted in shape of account payee Demand Draft in favour of Director, Economics & Statistics, Odisha, Bhubaneswar drawn on any Nationalized Bank Payable at SBI,HOD Campus, Bhubaneswar along with the tender documents, failing which the tender shall be rejected.

The last date and time for submission of tender document is **25.08.2021 by 05.00 P.M.** at Directorate of Economics & Statistics, Odisha, Bhubaneswar. The tender submitted by **Speed Post/ Registered Post** only will be entertained and should reach the office of the Directorate of Economics & Statistics, HOD Campus, Bhubaneswar,PIN-751001, latest by **25.08.2021 05.00P.M.**

The Director, Economics & Statistics, Odisha, Bhubaneswar reserves the right to cancel all bids without assigning any reason thereof.

**Sd./- Director, Economics & Statistics, Odisha, Bhubaneswar**

OIPR-21002/11/0001/2122

## କହିଲ ଦେଖି

ପାଣି ସୁଏ ମୁହିଁ ଯାଉଛି ଭାସି
ପଡେ ଟିପି ଯେବେ ବରଷା ରାଶି
କୁନା କୁନି ମୋତେ ଆଦରେ ଗଢ଼ି
ବରଷା ସୁଅରେ ଦିଅନ୍ତି ଛାଡ଼ି
ଦୋହଲା ପାଣିରେ ମୁଁ ଆଗ ବଢ଼େ
ବଡ଼ି ସୁଏ ମୁହିଁ ନିଇତି ଚଢ଼େ
ବିପଦ ଦେଖିକି ଡରିନି କେବେ
ସେଥିପାଇଁ ସଦା ଜିତିଛି ତେବେ
ମୋ ପାଇଁ ପିଲାଙ୍କ ଆଦର ଭାରି
କେ କହିବ କୁହ ନାମ ମୋହରି।

ଉ–**କାଗଜ ଡଙ୍ଗା**



ଆକାଶରେ ଯେବେ ଦେଖେ ମୁଁ ମେଘ
ନାଚିବାକୁ ମନେ ବଢ଼ଇ ବେଗ
ପୁଚ୍ଛ ଟେକି ନାଚେ ପାହାଡ଼ ଶିଖେ
ଉଚ୍ଚ ରାବେ ମୁହିଁ ସଭିଙ୍କୁ ଡାକେ
ମେଘ ଅଟେ ମୋର ପ୍ରକୃତ ମିତ
ମୋ ନାମକୁ କୁହ ନ କରି ଭୀତ।

ଉ–**ମୟୂର**



ଦୂର ଆକାଶରେ ଡେଣା ମୁଁ ଝାଡ଼ି
ବରଷା ପାଇଁ ମୁଁ ଆକାଶେ ଉଡ଼ି
ବିକଳ ପରାଣେ ବରଷା ଡାକେ
ତା' ପାଣି ପଡ଼ିଲେ ସଦା ମୁଁ ଚାଖେ
କଳା କିଟି ମିଟି ମୋହର ଦେହ
ବରଷା ମୋହର ଅତୀବ ସ୍ନେହ
କିଏ ସେ କହିବ ମୋହର ନାମ।

ଉ–**ଚାତକ**



*–ଅଶୋକ କୁମାର ପ୍ରଧାନ*
*ଶିକ୍ଷକ, ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ, ରୋହିଗାଁ*

### ତୁମ ପଢ଼ିବା ପାଇଁ

## ତେଲିଙ୍ଗିବାଜା



ତ୍ରୟମାସିକ ଶିଶୁ-କିଶୋର ସାହିତ୍ୟ ପ୍ରତିକା 'ତେଲିଙ୍ଗିବାଜା'ର ସ୍ୱତନ୍ତ୍ର ସଂଖ୍ୟା (ଏପ୍ରିଲରୁ ଜୁନ୍)ରେ ସ୍ଥାନୀତ ହୋଇଛି ଅନେକ ଶିକ୍ଷଣୀୟ ବିଷୟବସ୍ତୁ। ସେଗୁଡିକ ମଧ୍ୟରୁ ଆସ ବୁଲିଯିବା, ବାହୁବଳୀ, ଛୁଟି ବଜାଇ ଦେଲା ଘଣ୍ଟି, ମୁହଁରେ ଫୁଟିବ ହସ, ମମତାମୟୀ ମା, ପକ୍ଷୀ, ବଣଭୋଜି, ଆଲୋକର ବେଗ, ଆର୍ଯ୍ୟଭଟ୍ଟ, ଓଡ଼ିଆ ଭାଇ, ବିଦ୍ୟା ଅଟଇ ମହାଧନ, ଧାଙ୍କୁ ଧାକନ୍ଦା ଓ ବରଫ ଦେଶର ଟିକି ଚଢ଼େଇ ଆଦି ବିଷୟବସ୍ତୁର ଉପସ୍ଥାପନା ସୁନ୍ଦର ହୋଇଛି ଏବଂ ଏହା ପିଲାମାନଙ୍କ ପାଇଁ ଶିକ୍ଷଣୀୟ ହେବ ବୋଲି ଆଶା କରାଯାଏ। ପ୍ରଫୁଲ୍ଲ ଚନ୍ଦ୍ର ବାରିକଙ୍କ ଦ୍ୱାରା ସମ୍ପାଦିନ ଏହି ସଚିତ୍ର ପତ୍ରିକାର ମୂଲ୍ୟ ରହିଛି ୨୦ ଟଙ୍କା। **ଯୋଗାଯୋଗ** : ସମ୍ପାଦକ, 'ତେଲିଙ୍ଗିବାଜା', ଜିଭିଏ ମାର୍କେଟ କମ୍ପ୍ଲେକ୍ସ, ବେଦବ୍ୟାସ, ରାଉରକେଲା, ସୁନ୍ଦରଗଡ।

## ଆଇନା



ସାଇସୌରଭ
୯ବର୍ଷ

# ଆଦର୍ଶ ଶିକ୍ଷକ

### ଗପ

ଏକ ନିପଟ ମଫସଲ ଗାଁରେ ଗୋଟିଏ ସ୍କୁଲ ଥାଏ। ସେଠାକାର ଲୋକମାନେ ଆଦୌ ପାଠ ପଢ଼ି ନ ଥିଲେ। ସେମାନଙ୍କର ଆଚାର ବ୍ୟବହାର ମଧ୍ୟ ବିଚିତ୍ର ଥିଲା। ହେଲେ ସେହି ଗାଁର କିଛି ପିଲା ପାଠ ପଢ଼ିବାକୁ ସ୍କୁଲକୁ ଆସୁଥାଆନ୍ତି। ଏହାଦେଖି ସେହି ସ୍କୁଲର ଶିକ୍ଷକ ଗାଁକୁ ଯାଇ ପିଲାମାନଙ୍କ ମା'-ବାପାଙ୍କୁ କହିଲେ, ଦେଖନ୍ତୁ, ଆପଣଙ୍କ ପିଲାଙ୍କୁ ସ୍କୁଲକୁ ପାଠ ପଢ଼ିବାକୁ ପଠାନ୍ତୁ। ଏହାଦ୍ୱାରା ସେମାନେ ଅନେକ କିଛି ଜାଣିପାରିବେ।

ତା'ପରେ ସେହି ଶିକ୍ଷକ ସ୍କୁଲରେ ଏକ ସଭାର ଆୟୋଜନ କଲେ। ସେଠାରେ ଉପସ୍ଥିତ ଅଭିଭାବକମାନଙ୍କ ସାମ୍ନାରେ ସେମାନଙ୍କ ପିଲାଙ୍କୁ ଠିଆ କରି ପ୍ରାର୍ଥନା କରାଇଲେ। କିଛି ପିଲା ଆଗ୍ରହର ସହ ପ୍ରାର୍ଥନା ବୋଲିଲେ। ତା'ପର ଦିନ ସେହି ଶିକ୍ଷକ ପିଲାମାନଙ୍କୁ ମା'-ବାପାଙ୍କ ପ୍ରତି ପିଲାଙ୍କର କର୍ତ୍ତବ୍ୟ ବିଷୟରେ ବୁଝାଇଲେ। ଏହାପରେ ଦେଖାଗଲା ଯେ, ଦିନକୁ ଦିନ ସେହି ସ୍କୁଲରେ ପିଲାଙ୍କ ସଂଖ୍ୟା ବଢ଼ିବାକୁ ଲାଗିଲା।

ପିଲାମାନେ ସକାଳେ ଏବଂ ସ୍କୁଲରୁ ଫେରି ମା'-ବାପାଙ୍କୁ ପ୍ରଣାମ କଲେ। ପୂର୍ବରୁ ସେମାନେ ଯେପରି ବ୍ୟବହାର କରୁଥିଲେ ସେଥିରେ ପରିବର୍ତ୍ତନ ଦେଖିବାକୁ ମିଳିଲା। ଏସବୁ ଦେଖି ସେମାନଙ୍କର ମା'-ବାପା ଖୁସି ହେଲେ। ସେମାନେ ପିଲାମାନଙ୍କୁ ପଚାରିଲେ, ତୁମମାନଙ୍କୁ ଏସବୁ କିଏ ଶିଖାଇଛି ? ପିଲାମାନେ କହିଲେ, ଆମ ସ୍କୁଲର ସାର୍ ଆମକୁ ଶିଖାଇଛନ୍ତି। ସେ କହିଛନ୍ତି, ସବୁଦିନ ସକାଳୁ ଉଠି ମା'-ବାପାଙ୍କୁ ପ୍ରଣାମ କରିବ। ଘରେ ଠାକୁରଙ୍କ ପାଖରେ ସନ୍ଧ୍ୟା ସମୟରେ ପ୍ରାର୍ଥନା କରିବ। କିପରି ଜଣେ ଭଲ ମଣିଷ ହେବ ସେ ବିଷୟରେ ସେ ଆମକୁ ମଧ୍ୟ ଶିଖାଇଛନ୍ତି। ତାଙ୍କଠାରୁ ଆମେ ଅନେକ ଭଲ କଥା ଶିଖିଛୁ।

ଏହାପରେ ସେହି ଗ୍ରାମର ପ୍ରତ୍ୟେକ ଅଭିଭାବକ ସେମାନଙ୍କ ପିଲାଙ୍କୁ ସ୍କୁଲକୁ ପଠାଇବା ଆରମ୍ଭ କଲେ। ଶିକ୍ଷକ ମଧ୍ୟ ନାଚ, ଗୀତ ଭାବଭଙ୍ଗୀ କରି ଶ୍ରେଣୀରେ ପାଠ ପଢ଼ାଇଲେ। ପିଲାମାନଙ୍କୁ ଚକୋଲେଟ୍ ଦେଲେ। ଏହାଦ୍ୱାରା ପିଲାମାନେ ଏତେ ଆକର୍ଷିତ ହୋଇଗଲେ ଯେ ଠିକ୍ ସମୟରେ ପିଲାମାନେ ସ୍କୁଲରେ ପହଞ୍ଚିଗଲେ। କେତେକ



ପିଲା ସାର୍‌ଙ୍କ ପାଖରେ ଅଧିକ ସମୟ ରହି ଭଲ କଥା ଶିଖିବା ଆରମ୍ଭ କରିଦେଲେ। ଏପରିକି କେତେକ ଅଭିଭାବକ ଛୁଟିଦିନରେ ସ୍କୁଲ ଖୋଲା ରଖିବାକୁ ସାର୍‌ଙ୍କୁ ଅନୁରୋଧ କଲେ।

ପିଲାମାନଙ୍କର ଉତ୍ସାହ ସାର୍‌ଙ୍କୁ ଆହୁରି ଉତ୍ସାହିତ କଲା। ସେ ସ୍କୁଲରେ ବାର୍ଷିକ କ୍ରୀଡା ଆୟୋଜନ କରି କୃତୀ ପିଲାଙ୍କୁ ପୁରସ୍କାର ଦେଲେ। ଏ ବିଷୟରେ ଉପରିସ୍ଥ ଶିକ୍ଷା ଅଧିକାରୀ ଜାଣିପାରି ଥରେ ସ୍କୁଲ ପରିଦର୍ଶନରେ ଆସିଲେ। ସେ ସ୍କୁଲରେ ପିଲାଙ୍କ ଆଚାର ବ୍ୟବହାର ଦେଖି ଖୁସି ହୋଇଗଲେ। ବିଦ୍ୟାଳୟ ପରିସରରେ ବୃକ୍ଷରାଜି ଦେଖିବାକୁ ପାଇଲେ। ତା' ସହ ଶ୍ରେଣୀ କାନ୍ଥରେ ମହାପୁରୁଷଙ୍କ ଚିତ୍ର ଏବଂ ନୀତିବାଣୀ ତାଙ୍କୁ ଆହୁରି ଖୁସି କରିଦେଲା। ଫଳସ୍ୱରୂପ ସେ ଏହି ସ୍କୁଲର ଶିକ୍ଷକଙ୍କୁ ରାଜ୍ୟପାଳ ଏବଂ ରାଷ୍ଟ୍ରପତି ପୁରସ୍କାର ପାଇଁ ସୁପାରିସ କଲେ ଏବଂ ସେହି ଶିକ୍ଷକ ଏପରି ପୁରସ୍କାର ହାସଲ କରିବାରେ ସକ୍ଷମ ହୋଇଥିଲେ। ସେହି ଶିକ୍ଷକ ଆଖପାଖ ଅଞ୍ଚଳରେ ଏକ ପ୍ରେରଣାର ଉତ୍ସ ପାଲଟି ଗଲେ। ସୁତରାଂ ପ୍ରତିଟି ଶିକ୍ଷକ ଯଦି ତାଙ୍କର ଚିନ୍ତା, ଚେତନା, ମାନସିକତା ଓ କର୍ମକୁ ସମର୍ପିତ କରି କର୍ତ୍ତବ୍ୟ ସମ୍ପାଦନ କରିବେ ତେବେ ସେ ଏକ ସୁନ୍ଦର ସମାଜ ଗଠନ କରିବାରେ ସମର୍ଥ ହୋଇପାରିବେ।

**–ଶଶଧର ମହନୀ,** ବରାଳ ପୋଖରୀ, ଚରମ୍ପା, ଭଦ୍ରକ
ମୋ : ୭୯୭୮୫୦୬୬୪୭

## ଖିଲିଖିଲି ହସ

ଥରେ ସୁମନ ଦୁଇଟି ଚାମଚ ହାତରେ ଧରି ବୁଲୁଥାଏ। ତା' ମା' ତାକୁ ପଚାରିଲେ, ତୁ ଦୁଇଟି ଚାମଚ ଧରି କାହିଁକି ବୁଲୁଛୁ ? ସୁମନ ଉତ୍ତର ଦେଲା, କାଲି ପରା ଡାକ୍ତର କହିଥିଲେ, ଖାଇବା ପରେ ଦୁଇ ଚାମଚ ନେଲେ ମୋ ଦେହ ଭଲ ହୋଇଯିବ। ତେଣୁ ମୁଁ ଦୁଇଟି ଚାମଚ ଧରି ବୁଲୁଛି।

ଥରେ ସୋନୁକୁ ସାର୍ କହିଲେ, କାଲି ଗଧ ଉପରେ ଏକ ରଚନା ଲେଖି ଆଣିବୁ। ତା' ପରଦିନ ସାର୍ ପଚାରିଲେ, ତୁ କାନ୍ଦୁଛୁ କାହିଁକି ? ସୋନୁ ଉତ୍ତର ଦେଲା, ସାର୍, ଆପଣଙ୍କ କହିବା ଅନୁସାରେ ମୁଁ ଗଧ ଉପରେ ଖାତା ପକାଇ ରଚନା ଲେଖିବା ଆରମ୍ଭ କଲି। ଗଧ ମୋତେ ଲାତ ମାରିଲା ମୁଁ ଖାତା ଧରି ପଳାଇ ଆସିଲି।

ହରିବାବୁ ପେପର ପଢୁଥାଆନ୍ତି। ତାଙ୍କର ଚାକର ଚା' ଆଣି ଆସିଲା। ହରିବାବୁ କହିଲେ, ଆରେ ଦେଖିଲୁ କେତେଟା ବାଜିଲାଣି ? ଚାକର କହିଲା, ଆଜ୍ଞା, ମୋତେ ଘଣ୍ଟା ଦେଖି ଆସେନି। ହରିବାବୁ କହିଲେ, ଠିକ୍ ଅଛି, ତେବେ ଦେଖିଲୁ ଘଣ୍ଟାର କଣ୍ଟା ଦୁଇଟି କେଉଁଠି ଅଛି ? ଚାକର ଉତ୍ତର ଦେଲା, ବାବୁ, ଘଣ୍ଟାର କଣ୍ଟା ଦୁଇଟି ଘଣ୍ଟା ଭିତରେ ଅଛି।

## କବିତା



### ଆସିଛି ଶ୍ରାବଣ

ଆଷାଢ଼ ଯାଇଛି ଚାଲି ଆସିଛି ଶ୍ରାବଣ
ତୁମପାଇଁ ଆଣିଛିରେ କିଛି ପୂଜା ପାର୍ବଣ।
କଥା ଦେଲି ଝରେଇବି ବେଶି ବେଶି
ବରଷା
ଖେତ ବେଉଷଣ ପାଇଁ ଏ ବେଳଟି
ସରସା।
କହିଦେବି କଥା ମାନ କାଉଡ଼ିଆ ଭାଇରେ
ଏ ବରଷ ଯାତ୍ରା ବନ୍ଦ କୋଭିଡ୍‌ର
ପାଇଁରେ।
ବଢ଼ିପାରେ ନଈନାଳ ସତର୍କଟି ଥାଅରେ
'ଅଗଷ୍ଟ ପନ୍ଦର' ପାଇଁ ସଜ
ହୋଇଯାଅରେ।
କିଆ, କଦମ୍ବ, କେତକୀ ଦେବି ବେଶି
ଫୁଟେଇ
ଆକାଶରେ ଇନ୍ଦ୍ରଧନୁ- ଚିତା ଦେବି
କୁଟେଇ।
ମାସ୍କ ପିନ୍ଧ, ଘରେ ରୁହ ଏ କଥାଟି କହିଲି
ଭଲରେ ଥାଅ ସମସ୍ତେ ଏତିକିରେ ରହିଲି।

*–ନୀଳମଣି ଚାନ୍ଦ*
*୨୭, ମନ୍ତ୍ର ମାନୋର, ଗୋଠପାଟଣା, ଭୁବନେଶ୍ୱର–୨୯*

### ଆମ ଅଙ୍କ ସାର୍

ଆମ ଅଙ୍କ ସାର୍ ବହୁତ କଡ଼ା
ସେଥିପାଇଁ ସିଏ ସବୁଠି ଲୋଡ଼ା।
ଶାନ୍ତ ସ୍ନିଗ୍ଧ କମନୀୟ ଚେହେରା
ମିଠା କଥା ସଫା ହୃଦୟ ପରା।
ଗୁରୁ ଗମ୍ଭୀର କଣ୍ଠରୁ ତାଙ୍କର
ଝରଇ ଗଣିତର ସୂତ୍ର ଧାର।
ନ ବୁଝି ପାରିଲେ ବୁଝାଇ ଦିଅନ୍ତି
ଗାଳି ରାଗ ସେ କେବେ ନ କରନ୍ତି।
ପ୍ରେରଣାଦାୟୀ ଅଟେ କଥା ତାଙ୍କର
କଥା ଓ କାମରେ ସେ ଧୁରନ୍ଧର।
ତାଙ୍କ ଆଦର୍ଶକୁ ପାଥେୟ କରି
ଜୀବନ ଗଢ଼ିବା ସୁନ୍ଦର କରି।

*–ମନସ୍ୱିନୀ ସାହୁ*
*ଦଶମ ଶ୍ରେଣୀ, କେନ୍ଦ୍ରୀୟ ବିଦ୍ୟାଳୟ, ଭଦ୍ରକ*

### ଋତୁ ମଧ୍ୟେ ସାର

ବରଷା ପାଗକୁ ମୁଢ଼ି ନଡ଼ିଆ
ଖାଇବାକୁ ଲାଗେ ଭାରି ବଢ଼ିଆ
ତା' ସାଥେ ଗରମ ପକୁଡ଼ି ଥିବ
ବରଷା ପାଗଟି ଭାରି ଜମିବ।
ବରଷାରେ ଭିଜି ଆମରି କୁନା
ଗାଉଥିବ ଗୀତ ତା ଧିନଧିନା
ତା' ସାଥେ ନାଚିବ ଭଉଣୀ କୁନି
ମାଧବ ଆମର ବଜାଏ ଗିନି।
କେଁ କଟର ବେଙ୍ଗୁଲି ନାନୀ
ସାରୁ ଗଛ ମୂଳେ ପିଉଛି ପାଣି
ତା' ପାଇଁ ଆସିଛି ଖୁସିର ବେଳ
ପିଲା ଛୁଆ ଧରି ଜମାଏ ଖେଳ।
ଭାରି ଭଲ ଲାଗେ ବରଷା ଦିନ
ଖୁସି ହୁଏ କେତେ ଚାଷୀର ମନ
ହସୁଥାଏ ଦେଖି ଫସଲ ତା'ର
ଋତୁ ମଧ୍ୟେ ପରା ବରଷା ସାର।

*–ଝରଣା ବାରିକ*
*ସମଲ, ତାଳଚେର, ଅନୁଗୋଳ*

### ଆଈ

ଆଈ ପରି ମୋର କିଏ ସେ ହେବ
ମୋ ଯିବା ବାଟକୁ ଅନାଇଥିବ
ଆରିସା କାକରା ଆଚାର ବଡ଼ି
ଥରକୁଥର ସେ ଖୁଆଉଥିବ।
ଆଈ ପରି ମୋର କିଏ ସେ ହେବ
ମୋ ଅଳି ଅଝଟ ସେ ସହୁଥିବ
ସୁନ୍ଦର ସୁନ୍ଦର କାହାଣୀ କହି
ସଦା ଗେଲ ମୋତେ ସେ କରୁଥିବ।
ଆଈ ପରି ମୋର କିଏ ସେ ହେବ
ମୋ ଗୀତ ଶୁଣି ସେ ଖୁସି ହୋଇବ
ସଦା ମୋ ଉପରେ ଆଶିଷ ଢାଳି
ମୋର ଉନ୍ନତିକୁ ମନାସୁଥିବ।
ଆଈ ପରି ମୋର କିଏ ସେ ହେବ
ମୋର କଥାକୁ ସେ ମାନୁଥିବ
ଫେରିଲାବେଳେ କାନ୍ଦକାନ୍ଦ ହୋଇ
ଦାଣ୍ଡ ଦୁଆରରୁ ବିଦାୟ ଦେବ।

*–ରୁଦ୍ରରୂପା ବ୍ରହ୍ମା*
*୭ମ ଶ୍ରେଣୀ, ଚିକିଟୀ ଗଡ଼, ଗଞ୍ଜାମ*



## ତୁମ ତୂଳୀରୁ





ଦେବାଶିଷ ସାହୁ
କ୍ଲାସ-୮, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବାଇଁଶିଆ, ଢେଙ୍କାନାଳ





ରଞ୍ଜିତା ପଣ୍ଡା
କ୍ଲାସ- ୭, ଭି.ଏସ୍. ବିଦ୍ୟାଳୟ, ସୁନାବେଡା, କୋରାପୁଟ





ପାୟଲ ନନ୍ଦୀ
କ୍ଲାସ- ୧୦, ସୁବର୍ଣ୍ଣରେଖା ସରକାରୀ ଉଚ୍ଚ ବିଦ୍ୟାଳୟ, ବାଲିଆପାଳ, ବାଲେଶ୍ୱର

### ଗିନିଜ୍ ୱାର୍ଲ୍ଡରେକର୍ଡ

## ସବୁଠୁ ବଡ଼ ଟର୍ଚ୍ଚ



ପିଲାମାନେ ତୁମେ ତ ଟର୍ଚ୍ଚ ଲାଇଟ୍ ଦେଖିଥିବ ନିଶ୍ଚୟ। କିଛି ଟର୍ଚ୍ଚ ଲାଇଟ୍ କମ୍ ଆଲୋକ ଦେଇଥାଏ ତ କିଛି ଟର୍ଚ୍ଚ ବହୁତ ଅଧିକ ଆଲୋକ ଦେଇଥାଏ। କିନ୍ତୁ ପିଲାମାନେ ତୁମେ ବିଶ୍ୱର ସବୁଠୁ ଅଧିକ ଆଲୋକ ଦେଉଥିବା ଟର୍ଚ୍ଚ ଦେଖିଛ କି ? ତୁମେମାନେ ଜାଣିଲେ ହୁଏତ ଆଶ୍ଚର୍ଯ୍ୟ ହୋଇଯିବ କି ଏହି ଟର୍ଚ୍ଚରେ ୫୦ ଲକ୍ଷ ଲ୍ୟୁମେନ୍ (ବଲ୍‌ବ ଜଳାଇବା ପାଇଁ ଆବଶ୍ୟକ ଧାତବ) ଲାଗିଛି। ତେଣୁ ୫୦ ଲକ୍ଷଟି ବଲ୍‌ବ ଏକ ସଙ୍ଗରେ ଜଳିଲେ ଯେତିକି ଆଲୋକ ସୃଷ୍ଟି ହେବ ଏହି ଟର୍ଚ୍ଚ ଜଳିଲେ ସେତିକି ଆଲୋକ ଦେଖାଯିବ। ଏଭଳି ଏକ ବିରାଟ ଟର୍ଚ୍ଚ ଲାଇଟ୍ ତିଆରି କରିଛି ହକ୍‌ସ୍ମିଥ୍ ଇଣ୍ଡଷ୍ଟ୍ରିଜ୍। ଏହି କମ୍ପାନୀର ଇଞ୍ଜିନିୟରମାନେ ମିଳିତଭାବେ ଏଭଳି ଏକ ବିରାଟ ଟର୍ଚ୍ଚ ତିଆରି କରିଛନ୍ତି, ଯାହା ଏବେ ସବୁଠୁ ଅଧିକ ଲାଇଟ୍ ଦେଉଥିବା ଟର୍ଚ୍ଚଭାବେ ଗିନିଜ୍ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇଛି।

### ଟଗଲା ଭୀମୁ




### ମତାମତ

➤ଗତ ସପ୍ତାହରେ ପ୍ରକାଶିତ କବିତାଗୁଡ଼ିକ ବେଶ୍ ଶିକ୍ଷଣୀୟ ହୋଇଥିଲା।
*– ସ୍ମିତା ପ୍ରିୟଦର୍ଶିନୀ, ଯାଜପୁର*

➤ଗତ ସପ୍ତାହରେ 'ଗପ' ସ୍ତମ୍ଭରେ ସ୍ୱର୍ଗ ଓ ନର୍କ ବିଷୟ ପଢ଼ି ଭଲ ଲାଗିଲା।
*– ପ୍ରଭାତ କୁମାର ଦାସ, ବ୍ରହ୍ମପୁର*

➤ଏହି ପୃଷ୍ଠାରେ ପ୍ରକାଶ ପାଉଥିବା ଗପ, କବିତା, ଖିଲିଖିଲି ହସ ଆଦି ମୋ ମନକୁ ଛୁଇଁ ପାରୁଛି।
*– ରାମଚନ୍ଦ୍ର ସାହୁ, ପୁରୀ*

➤'କହିଲ ଦେଖି' ସ୍ତମ୍ଭଟି ପଢ଼ି ସେ ସମ୍ପର୍କରେ ଅନେକ କଥା ଜାଣି ହେଉଛି। ଏହାକୁ ନିୟମିତ ପ୍ରକାଶ କରିବାକୁ ଅନୁରୋଧ।
*– ଗୀତାଞ୍ଜଳି ନାୟକ, ରେଢ଼ାଖୋଲ*

➤ଏହି ପୃଷ୍ଠାରେ ପ୍ରକାଶ ପାଉଥିବା 'ଗିନିଜ ୱାର୍ଲ୍ଡ ରେକର୍ଡ' ସ୍ତମ୍ଭଟି ଆକର୍ଷଣୀୟ ହୋଇପାରୁଛି।
*– ରାମ ନାରାୟଣ ମିଶ୍ର, କେନ୍ଦ୍ରାପଡ଼ା*

## ଭାଲୁ ଆକ୍ରମଣରେ ୪ ଆହତ

କୋରାପୁଟ,(ସ୍ୱ.ପ୍ର.)-କୋରାପୁଟ ମ୍ୟୁନିସିପାଲଟି ଅନ୍ତର୍ଗତ ଲାଣ୍ଡିଗୁଡା ଗ୍ରାମ ନିକଟରେ ଶୁକ୍ରବାର ସକାଳେ ଭାଲୁ ଆକ୍ରମଣରେ ୪ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଲାଣ୍ଡିଗୁଡା ଗ୍ରାମର ଜୟ ମୁଦୁଲି (୩୫), ସୁରେଶ ମୁଦୁଲି(୨୪), ଗୁରୁ ମୁଦୁଲି (୩୦) ଓ କମଳ ଲୋଚନ ଗୌଡ(୪୨)। ସମସ୍ତଙ୍କୁ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ଖବରରୁ ଜଣାପଡିଛି ସକାଳ ୮ ଟାରେ ଗ୍ରାମର କେତେକ ଗ୍ରାମବାସୀ ସ୍ଥାନୀୟ ଜଙ୍ଗଲକୁ ଯାଇଥିଲେ। ହଠାତ୍ ଏକ ଭାଲୁ ସେମାନଙ୍କ ଉପରକୁ ଆକ୍ରମଣ କରିଥିଲା। ଖବର ପାଇ ବନ ବିଭାଗ ଅଧିକାରୀ ଓ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ଗୁରୁତରଙ୍କୁ ହସ୍ପିଟାଲ ନେଇଥିଲେ। ସରକାରଙ୍କ ନୀତି ଅନୁସାରେ ଆହତ ବ୍ୟକ୍ତିମାନଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ରେଞ୍ଜର ଆର. କୁମାର କହିଛନ୍ତି।

## ସଂକ୍ଷେପରେ

### ଭୁବନେଶ୍ୱର ବିମାନବନ୍ଦର ଘରୋଇକରଣ ପ୍ରସଙ୍ଗ
### ନୂଆଦିଲ୍ଲୀରେ ଓଡ଼ିଶା ଯୁବ କଂଗ୍ରେସର ପ୍ରତିବାଦ

ଭୁବନେଶ୍ୱର, ୬।୮(ବ୍ୟୁରୋ):ଭୁବନେଶ୍ୱର ଘରୋଇ ବିମାନବନ୍ଦର ଘରୋଇକରଣ ପ୍ରସଙ୍ଗରେ ତାତିଛି ଓଡ଼ିଶା ଯୁବ କଂଗ୍ରେସ। ଏହାର ପ୍ରତିବାଦରେ ରାଜ୍ୟ ସଭାପତି ସ୍ମିତିରଞ୍ଜନ ଲେଙ୍କାଙ୍କ ନେତୃତ୍ୱରେ ନୂଆଦିଲ୍ଲୀସ୍ଥିତ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ବିଭାଗୀୟ ମହାନିର୍ଦ୍ଦେଶକଙ୍କୁ ଦଳର ଏକ ପ୍ରତିନିଧିମଣ୍ଡଳୀ ଭେଟି ଦାବିପତ୍ର ଦେଇଛନ୍ତି। ଭୁବନେଶ୍ୱର ବିମାନବନ୍ଦର ଘରୋଇକରଣରୁ ସରକାର ବିରତ ନ ହେଲେ ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ସ୍ମିତିରଞ୍ଜନ ଚେତାବନୀ ଦେଇଛନ୍ତି। ଯୁବ କଂଗ୍ରେସ ରାଜ୍ୟ ସଭାପତି ଅଭିଯୋଗ କରିଛନ୍ତି, ପୁଞ୍ଜିପତିଙ୍କ ପ୍ରେମ ପାଇଁ ମୋଦି ସରକାର ଲାଭାଂଶରେ ଚାଲୁଥିବା ଭୁବନେଶ୍ୱର ବିମାନବନ୍ଦରକୁ ଘରୋଇକରଣ କରିବାକୁ ଯୋଜନା କରାଯାଉଛି। ପୂର୍ବରୁ ଏଭଳି ଅନେକ ଉଦ୍ୟୋଗକୁ କେନ୍ଦ୍ରର ଭାଜପା ସରକାର ଶିଳ୍ପପତି ହାତକୁ ଟେକି ଦେଇଛନ୍ତି। ଭୁବନେଶ୍ୱର ବିମାନବନ୍ଦର ଘରୋଇକରଣ ନିଷ୍ପତ୍ତିକୁ ପ୍ରତ୍ୟାହାର କରା ନ ଗଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ସ୍ମିତିରଞ୍ଜନ ଚେତାବନୀ ଦେଇଛନ୍ତି।

### ରେଳ ମନ୍ତ୍ରୀଙ୍କୁ ଭେଟିଲେ କନ୍ଧମାଳ ଏମ୍‌ପି

**କନ୍ଧମାଳ ରେଳ ପ୍ରସଙ୍ଗ**



ଫୁଲବାଣୀ ଅଫିସ, ୬।୮: କନ୍ଧମାଳ ଜିଲାକୁ ରେଳ ଚଳାଚଳ ସଂକ୍ରାନ୍ତରେ କନ୍ଧମାଳ ଏମ୍‌ପି ଡ.ଅଚ୍ୟୁତାନନ୍ଦ ସାମନ୍ତ ବୁଧବାର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ରେଳମନ୍ତ୍ରୀଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ଆଲୋଚନା କରିବା ପରେ କନ୍ଧମାଳକୁ ରେଳପଥ ନିର୍ମାଣ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ରେଳମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ସାମନ୍ତ କହିଛନ୍ତି। ସୂଚନାଯୋଗ୍ୟ, କନ୍ଧମାଳ ଏମ୍‌ପିଙ୍କ ଦାବି ଉପରେ ପଦକ୍ଷେପ ଗ୍ରହଣ ପାଇଁ ଜୁଲାଇ ୯ରେ ରେଲୱେ ଷ୍ଟାଣ୍ଡିଂ କମିଟିର ଯୁଗ୍ମ ସମ୍ପାଦକ ପ୍ରସନ୍ନଜିତ୍ ସିଂହ, ବୋର୍ଡ ଅଧକ୍ଷ ତଥା ସିଇଓ ସୁମିତ୍ ଶର୍ମାଙ୍କୁ ଚିଠି ଲେଖିଥିଲେ। ଏଥିରେ କନ୍ଧମାଳ ବାସୀଙ୍କ ଦୀର୍ଘ ଦିନର ଦାବି ସମ୍ପର୍କରେ ଅବଗତ କରାଇଥିଲେ।

### ଏସ୍‌ସିବିରେ ମଞ୍ଜୁଲତାଙ୍କ ଦ୍ୱିତୀୟ ପର୍ଯ୍ୟାୟ ଅସ୍ତ୍ରୋପଚାର

କଟକ ଅଫିସ, ୬।୮: କଟକ ଏସ୍‌ସିବି ମେଡିକାଲରେ ନବରଙ୍ଗପୁର ଜିଲା ରାଇଘର ବ୍ଲକ ବାଲିଝର ଗ୍ରାମର ୯ ବର୍ଷୀୟା ମଞ୍ଜୁଲତାଙ୍କର ଶୁକ୍ରବାର ଦ୍ୱିତୀୟ ପର୍ଯ୍ୟାୟ ଅସ୍ତ୍ରୋପଚାର କରାଯାଇଛି। ପେଟରୁ ଚର୍ମ ନେଇ ହାତରେ ପ୍ରତିରୋପଣ କରାଯାଇଛି। ୩ ସପ୍ତାହ ତଳେ ମଞ୍ଜୁଲତାଙ୍କ ପ୍ରଥମ ପର୍ଯ୍ୟାୟ ଅସ୍ତ୍ରୋପଚାର ହୋଇଥିଲା। ଏସ୍‌ସିବିରେ ପ୍ରଫେସର ବିଭୂତି ଭୂଷଣ ନାୟକଙ୍କ ତତ୍ତ୍ୱାବଧାନରେ ତାଙ୍କର ଚିକିତ୍ସା ଚାଲିଛି। ମଞ୍ଜୁଲତାଙ୍କ ଡାହାଣ ହାତ ବହୁମାତ୍ରାରେ ପ୍ରଭାବିତ ହୋଇଥିଲା। ଏପରିକି କିଛି ସ୍ନାୟୁ ନଷ୍ଟ ହେବା ସହିତ ହାତର ଦୁଇଟି ଆଙ୍ଗୁଠି ପଚିଥିଲା। ହିମୋଗ୍ଲୋବିନ କମ୍ ରହିବା ସହ ଅଧିକ ଦିନ ଏପରି ସ୍ଥିତି ରହିବାରୁ ତାଙ୍କର ରୋଗ ପ୍ରତିରୋଧକ ଶକ୍ତି କମିଯାଇଥିଲା। ଏବେ ତାଙ୍କ ସ୍ୱାସ୍ଥ୍ୟରେ ପରିବର୍ତ୍ତନ ଆସିଛି। ହିମୋଗ୍ଲୋବିନ ସହ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଛି। ବର୍ତ୍ତମାନ ତାଙ୍କ ହାତ ସୁରକ୍ଷିତ ଅଛି ବୋଲି ଡା. ନାୟକ କହିଛନ୍ତି। ସୂଚନାଥାଉ କି, ମଞ୍ଜୁଲତାଙ୍କୁ ଦେଢମାସ ତଳେ ଏକ ନାଗସାପ କାମୁଡ଼ି ଦେଇଥିଲା। ପରିବାର ଲୋକେ ରାଇଘରପୁରସ୍ଥିତ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଆଶୁ ଚିକିତ୍ସା ପରେ ନବରଙ୍ଗପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାରେ ଅର୍ଥ ବାଧକ ସାଜିବାରୁ ମଞ୍ଜୁଲତାଙ୍କୁ ଘରକୁ ଫେରାଇ ଆଣି ଗୁଣିଗାରେଡି ଜରିଆରେ ଚିକିତ୍ସା କରାଯାଉଥିଲା। ଏ ସମ୍ପର୍କରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅନ୍ୟପକ୍ଷରେ ମଞ୍ଜୁଲତାଙ୍କ ପରିବାର ଲୋକେ କାବୁ କରି ରଖିଥିବା ନାଗସାପକୁ ବନ ବିଭାଗକୁ ହସ୍ତାନ୍ତର କରିଥିଲେ।

# ୯ ଅନ୍‌ଲାଇନ୍ ସେବାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୬।୮(ବ୍ୟୁରୋ)




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଶକ୍ତି ବିଭାଗ ଅନ୍‌ଲାଇନ୍ ସେବାର ଶୁଭାରମ୍ଭ କରୁଛନ୍ତି। ନିକଟରେ ଉପସ୍ଥିତ ଅଛନ୍ତି ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ ପାଣ୍ଡିଆନ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଶକ୍ତି ବିଭାଗର ୯ଟି ଅନ୍‌ଲାଇନ ସେବାର ଶୁଭାରମ୍ଭ କରିଛନ୍ତି। ଏହି ସେବାଗୁଡ଼ିକ ଗୋଟିଏ ଇ-ଡିଷ୍ଟ୍ରିକ୍ଟ ପ୍ଲାଟ୍‌ଫର୍ମ ସହିତ ମିଶି edistrict.odisha.gov.in ଏବଂ electricityodisha.nic.inରେ ଉପଲବ୍ଧ ହେବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଜନସାଧାରଣଙ୍କୁ ସମସ୍ୟାମୁକ୍ତ ସେବା ଯୋଗାଇ ଦେବାକୁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଜୀବନର ପ୍ରତ୍ୟେକ କ୍ଷେତ୍ରରେ ପରିବର୍ତ୍ତନ ଆଣିବାକୁ ଆମେ ପ୍ରତିଶ୍ରୁତିବଦ୍ଧ। ଏହି ଅନ୍‌ଲାଇନ ସେବା ଶିଳ୍ପ, ବ୍ୟବସାୟିକ ପ୍ରତିଷ୍ଠାନ ଏପରିକି ରାଜ୍ୟର ବିଦ୍ୟୁତ୍‌କାର୍ଯ୍ୟ କ୍ଷେତ୍ର ପାଇଁ ବିଶେଷ ସହାୟକ ହେବ। ୫-ଟି ଅଧୀନରେ ଡିଜିଟାଲ ଟ୍ରାନ୍ସଫର୍ମେଶନ ଜରିଆରେ ଲୋକଙ୍କୁ ସଶକ୍ତ କରିବା ସହ ସେବା ପହଞ୍ଚାଇବାକୁ ଉଦ୍ୟମ କରାଯାଉଛି। ଏହି ଅନ୍‌ଲାଇନ ସେବା ମାଧ୍ୟମରେ ବିଦ୍ୟୁତ୍ କର୍ମଚାରୀ, ସୁପରଭାଇଜର ଏବଂ କଣ୍ଟ୍ରାକ୍ଟରମାନେ ନିଜର ଲାଇସେନ୍ସ ସହଜରେ ନବୀକରଣ କରିପାରିବେ। ଏହାଦ୍ୱାରା ଇସାର୍ଟିଫିକେଟ ଡାଉନଲୋଡ୍ କରାଯାଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଶକ୍ତି ବିଭାଗର ଏହି ଉଦ୍ୟମକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଛନ୍ତି।

**ଶକ୍ତି ବିଭାଗ**

ଏହି ଅବସରରେ ଶକ୍ତିମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର ମୁଖ୍ୟମନ୍ତ୍ରୀଙ୍କର ହକିକୁ ପ୍ରୋତ୍ସାହନ ଦେବା, ଅକ୍ସିଜେନ ଯୋଗାଣ, ପୁରୀରେ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍, ଭୁବନେଶ୍ୱରରେ ଶତପ୍ରତିଶତ ଟିକାକରଣ ଆଦି ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ଶକ୍ତି ବିଭାଗ ମୁଖ୍ୟମନ୍ତ୍ରୀଙ୍କ ଲକ୍ଷ୍ୟକୁ ପୂରଣ କରିବାରେ କାର୍ଯ୍ୟ କରୁଛି ବୋଲି କହିଛନ୍ତି। ଏହି କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଭି.କେ. ପାଣ୍ଡିଆନ ପରିଚାଳନା କରିଥିଲେ। ଶକ୍ତି ବିଭାଗ ସଚିବ ନିକୁଞ୍ଜ ଧଳ ସ୍ୱାଗତ ଭାଷଣ ଦେଇଥିବା ବେଳେ ଇଆଇସି ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଉନ୍ନୟନ କମିଶନର ପି.କେ. ଜେନା ପ୍ରମୁଖ ଯୋଗ ଦେଇଥିଲେ।

ଯୋଗାଇ ଦେବାକୁଥିବା ଅନ୍‌ଲାଇନ ସେବାଗୁଡ଼ିକ ହେଉଛି ଡ୍ରଇଂ ଆପ୍ରୁଭାଲ, ବିଦ୍ୟୁତ୍ କାର୍ଯ୍ୟର ତଦାରଖ, ଜରୁରିକାଳୀନ ତଦାରଖ ଓ ଇସ୍ୟୁ ରିପୋର୍ଟ, ଟେଷ୍ଟିଂ, ୱାର୍କ ପର୍‌ମିଟ, ସୁପରଭାଇଜର ପାଇଁ ଲାଇସେନ୍ସ, ଅସ୍ଥାୟୀ ପ୍ରକଳ୍ପ ପାଇଁ ଲାଇସେନ୍ସ, ୱାର୍କମ୍ୟାନ ପର୍‌ମିଟ, ଚାର୍ଟାର୍ଡ ଇଲେକ୍ଟ୍ରିକ ସେଫ୍ଟିଇଞ୍ଜିନିୟର ସାର୍ଟିଫିକେଟ।

# ଲିଙ୍ଗରାଜ, ରାଜାରାଣୀ ମନ୍ଦିରର ଡ୍ରୋନ୍ ସର୍ଭେ

ନୂଆଦିଲ୍ଲୀ, ୬।୮

ଡ୍ରୋନ୍ ସହାୟତାରେ ଆକାଶ ମାର୍ଗରୁ ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର ଓ ରାଜାରାଣୀ ମନ୍ଦିରର ସର୍ଭେ ଏବଂ ଫଟୋଗ୍ରାମେଟ୍ରି (କୌଣସି ସ୍ଥାନର ଫଟୋ ନେଇ ଏହା ସହାୟତାରେ ମାପ କରିବା) ହେବ। ଏଥିପାଇଁ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଏବଂ ଡିଜିସିଏ ଭୁବନେଶ୍ୱରର ନ୍ୟାଶନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଏଜୁକେଶନ ଆଣ୍ଡ ରିସର୍ଚ୍ଚ (ନାଇଜର)କୁ ଅନୁମତି ଦେଇଛି। ଏହି ସର୍ଭେ ପାଇଁ ନାଇଜରକୁ ସର୍ତ୍ତ ଆଧାରରେ ଡ୍ରୋନ୍ ନିୟମାବଳୀ, ୨୦୨୧ରୁ ବାଦ୍ ଦିଆଯାଇଛି। ନିୟମାବଳୀରେ କୋହଳ ଅନୁମୋଦନ ତାରିଖଠାରୁ ବର୍ଷେ ପର୍ଯ୍ୟନ୍ତ କିମ୍ବା ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବୈଧ ରହିବ। ଏଥିପାଇଁ ଡିଜିସିଏ (ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ) ଦ୍ୱାରା ଜାରି ଏସ୍‌ଓପିର ନିୟମ ଓ ସର୍ତ୍ତାବଳୀ ପାଳନ କରିବାକୁ ପଡ଼ିବ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

# ଭିଜିଲାନ୍ସ ଜାଲରେ ସବ୍‌ରେଜିଷ୍ଟ୍ରାର ଅଫିସ୍‌ର ୨ କର୍ମଚାରୀ



ଲାଞ୍ଚ ନେଇ ଧରାପଡ଼ିଥିବା କିରାଣି ଓ ୱାଚ୍‌ମ୍ୟାନ୍।

ନିମାପଡ଼ା,୬।୮(ଡି.ଏନ୍.ଏ.)

ନିମାପଡ଼ା ଉପନିବନ୍ଧକ କାର୍ଯ୍ୟାଳୟ(ସବରେଜିଷ୍ଟ୍ରାର)ର ୨ କର୍ମଚାରୀ ଶୁକ୍ରବାର ଜଣେ ବ୍ୟକ୍ତିଙ୍କଠାରୁ ୨୦ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ସେମାନେ ହେଲେ ମୁଖ୍ୟ କିରାଣି ପ୍ରକାଶ ଦାସ ଏବଂ ନାଇଟ ୱାଚମ୍ୟାନ ହରିହର ଦାସ। ଏ ନେଇ ଭିଜିଲାନ୍ସ ବିଭାଗ ପକ୍ଷରୁ ଏକ ମାମଲା (ନଂ.୧୭/୨୧) ରୁଜୁ କରାଯାଇ ଉଭୟଙ୍କୁ ଗିରଫ କରାଯାଇଥିବା ଭିଜିଲାନ୍ସ ବିଭାଗର ଅତିରିକ୍ତ ଏସ୍‌ପି ଅକ୍ଷୟ ମିଶ୍ର କହିଛନ୍ତି। ସୂଚନାଯୋଗ୍ୟ, ବଲଙ୍ଗା ଥାନା ତୋରିଆବନ୍ଧ ଗ୍ରାମର ନକୁଳ ପ୍ରଧାନ ଏକ ଜମିଜମା କ୍ରୟ ବିକ୍ରୟ ଓ ରେଜିଷ୍ଟ୍ରେଶନ ପାଇଁ କିଛିଦିନ ତଳେ ଉକ୍ତ କାର୍ଯ୍ୟାଳୟକୁ ଆସିଥିଲେ। ହେଲେ କାର୍ଯ୍ୟ କରିବା ପାଇଁ ମୁଖ୍ୟ କିରାଣି ଓ ନାଇଟ୍ ୱାଚମ୍ୟାନ ନକୁଳଙ୍କୁ ୨୦ହଜାର ଲାଞ୍ଚ ମାଗିଥିଲେ। ଫଳରେ ନକୁଳ ଭୁବନେଶ୍ୱର ଭିଜିଲାନ୍ସ ବିଭାଗରେ ଅଭିଯୋଗ କରିଥିଲେ। ଶୁକ୍ରବାର ନିମାପଡ଼ା ଉପନିବନ୍ଧକଙ୍କ କାର୍ଯ୍ୟାଳୟ ପରିସରରେ ୨ କର୍ମଚାରୀଙ୍କୁ ନକୁଳ ୨୦ ହଜାର ଦେବା ସମୟରେ ପୂର୍ବ ଯୋଜନା ଅନୁଯାୟୀ ଲୁଚି ରହିଥିବା ଅତିରିକ୍ତ ଭିଜିଲାନ୍ସ ଏସ୍‌ପି ମିଶ୍ରଙ୍କ ନେତୃତ୍ୱରେ ଏକ ଟିମ୍ ଉଭୟଙ୍କୁ ଧରିଥିଲେ। କର୍ମଚାରୀଦ୍ୱୟଙ୍କଠାରୁ କେମିକାଲ ବୋଳା ଟଙ୍କା ଜବତ କରିବା ସହ ଗିରଫ କରିଥିଲେ। ପରେ ସେମାନଙ୍କୁ ଅଧିକ ତଦନ୍ତ ପାଇଁ ଅଧିକାରୀମାନେ ଭୁବନେଶ୍ୱର ଭିଜିଲାନ୍ସ ଅଫିସକୁ ନେଇଯାଇଛନ୍ତି।

# ନିୟମ ସଙ୍ଗତ ପରିଷଦ ଗଠନ ଦାବି

ସମ୍ବଲପୁର,୬।୮(ବ୍ୟୁରୋ)

- ୧୦ରେ ରାଜଭବନ ସମ୍ମୁଖରେ ଭାଜପାର ବିକ୍ଷୋଭ
- ଖବରଦାତାଙ୍କ ପ୍ରଶ୍ନର ଉତ୍ତର ନ ଦେଇ ବନ୍ଦ କଲେ ସମ୍ମିଳନୀ

ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଲକ୍ଷ୍ୟଠାରୁ ଦୂରେଇ ଯାଇଛି। ଏହା କେବଳ ଥଇଥାନ କେନ୍ଦ୍ର ପାଲଟିଯାଇଛି। ପରିଷଦ ଗଠନ ପାଇଁ ଯାହା ନିୟମ ଓ ଅଧିନିୟମ ରହିଛି ତାହା ଠିକ୍ ଭାବେ ପାଳନ କରାଯାଇ ନାହିଁ। ସ୍ୱାର୍ଥ ରଖି କାମ କରାଯାଉଥିବାରୁ ସ୍ଥାଣୁ ସଂସ୍ଥାରେ ପରିଣତ ହୋଇଛି। ତେଣୁ ଅଧିନିୟମ ସଙ୍ଗତରେ ପରିଷଦ ପୁନର୍ବାର ଗଠନ କରାଯାଉ ବୋଲି ଶୁକ୍ରବାର ସମ୍ବଲପୁରର ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଭାଜପା ନେତୃବୃନ୍ଦ ରାଜ୍ୟ ସରକାର ବିରୋଧରେ ଅଭିଯୋଗ କରିଥିଲେ। ଏହାର ପ୍ରତିବାଦରେ ଅଗଷ୍ଟ ୧୦ରେ ରାଜଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏଥିରେ ଭାଜପା ରାଜ୍ୟ ଉପସଭାପତି ରେଙ୍ଗାଲି ବିଧାୟକ ନାଉରୀ ନାଏକ, ଦେବଗଡ ବିଧାୟକ ସୁବାସ ପାଣିଗ୍ରାହୀ, ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ, ଜିଲା ସଭାପତି ଗିରିଶ ପଟେଲ, ଜିଲାପରିଷଦ ଅଧକ୍ଷ ରାଧେଶ୍ୟାମ ବାରିକ, ଜିଲା ପର୍ଯ୍ୟବେକ୍ଷକ ଟଙ୍କଧର ତ୍ରିପାଠୀ, ସୀମାଞ୍ଚଳ ଖଟେଇ, ଦେବେନ୍ଦ୍ର ମହାପାତ୍ର, ମାନସ ରଞ୍ଜନ ବକ୍ସି ପ୍ରମୁଖ ଯୋଗଦେଇ ଅଭିଯୋଗ କରିଥିଲେ, ବିକାଶ ପରିଷଦ ପାଣ୍ଠି ବିନିଯୋଗ ଓ ଗଠନରେ ଅନିୟମିତତା ହୋଇଥିବା ସିଏଜି ରିପୋର୍ଟରେ ଉଲ୍ଲେଖ ରହିଛି। ସରକାର ଏ ଦିଗରେ ପଦକ୍ଷେପ ଗ୍ରହଣ କରନ୍ତୁ। ସେମାନଙ୍କ ପ୍ରମୁଖ ଦାବି ମଧ୍ୟରେ ବିଧାୟକ, ଏମ୍‌ପିଙ୍କୁ ସଦସ୍ୟ ଭାବେ ନିଯୁକ୍ତି, ଥଇଥାନ ନ କରି ଯୋଗ୍ୟ ବ୍ୟକ୍ତିଙ୍କୁ ନିଯୁକ୍ତି, ବିକାଶ ପରିଷଦ କାର୍ଯ୍ୟାଳୟ ପଶ୍ଚିମ ଓଡ଼ିଶାର ଯେ କୌଣସି ଜିଲାରେ ନିର୍ମାଣ, ଜିଲା ସ୍ତରରେ କାର୍ଯ୍ୟାଳୟଗୁଡିକ କାଗଜ କଲମରେ ସୀମିତ ନ ରଖି କ୍ଷମତା ପ୍ରଦାନ, ଆନୁଷଙ୍ଗିକ ବ୍ୟବସ୍ଥା ସହ ଅଧିକାରୀ, କର୍ମଚାରୀଙ୍କୁ ନିଯୁକ୍ତି, ଆଉ ଥରେ ସ୍ୱତନ୍ତ୍ର ଅଡିଟ, ସିଏଜି ରିପୋର୍ଟ ନ ଆସିବା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟକୁ ଅସିଦ୍ଧ ଘୋଷଣା, ଅନୁଦାନ ବୃଦ୍ଧି କରାଯାଇ ବାର୍ଷିକ ୧ ହଜାର କୋଟି କରିବା ଅନ୍ୟତମ। ଶେଷରେ ଖବରଦାତାମାନେ ବିଭିନ୍ନ ପ୍ରସଙ୍ଗରେ ଭାଜପା ନେତାଙ୍କୁ ପ୍ରଶ୍ନ କରିଥିଲେ। ଏହାର ଉତ୍ତର ଦେଇ ନ ପାରି ଖବରଦାତା ସମ୍ମିଳନୀ ଶେଷ ହୋଇଗଲା ବୋଲି କହି ଧନ୍ୟବାଦ ଜଣାଇ ଶେଷ କରିଦେଇଥିଲେ।




ଖବରଦାତା ସମ୍ମିଳନୀରେ ଭାଜପା ନେତୃବୃନ୍ଦ।

# ପ୍ରତ୍ୟେକ ସୋମବାର ଖୋଲିବ ନନ୍ଦନକାନନ

ବାରଙ୍ଗ,୬।୮(ଡି.ଏନ୍.ଏ.)

କରୋନା କଟକଣା ମଧ୍ୟରେ ଦୀର୍ଘ ୩ ମାସର ବ୍ୟବଧାନ ପରେ ମଙ୍ଗଳବାର ପର୍ଯ୍ୟଟକଙ୍କ ପାଇଁ ନନ୍ଦନକାନନ ଓ ବଟାନିକାଲ ଗାର୍ଡେନ ଖୋଲିଛି। ସପ୍ତାହର ପ୍ରତି ସୋମବାର ଉଭୟ ପାର୍କ ବନ୍ଦ ରହିଥାଏ। କିନ୍ତୁ ଶନି ଓ ରବିବାର କୋଭିଡ କଟକଣା ପାଇଁ ଶଟ୍‌ଡାଉନ ରହୁଥିବାରୁ ପର୍ଯ୍ୟଟକମାନେ ହଇରାଣ ନ ହେବାକୁ ଦୃଷ୍ଟିରେ ରଖି ଶନି ଓ ରବିବାର ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରହିବ। ଏଥିସହ ସାମୟିକ ଭାବେ ସୋମବାର ନନ୍ଦନକାନନ ଓ ବଟାନିକାଲ ଗାର୍ଡେନ ଖୋଲିବାକୁ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି। ସୋମବାରରୁ ଶୁକ୍ରବାର ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କ ପାଇଁ ସକାଳ ସାଢ଼େ ୭ରୁ ସାଢେ ୫ଟା ଯାଏ ଉଭୟ ପାର୍କ ଖୋଲା ରହିବ। ପର୍ଯ୍ୟଟକମାନେ ଗାଇଡ୍‌ଲାଇନ ମାନି ବୁଲିପାରିବେ ବୋଲି ନିର୍ଦ୍ଦେଶକ ମନୋଜ ମହାପାତ୍ର କହିଛନ୍ତି।

# ବେଆଇନ ଟଙ୍କା କାରବାରର ତଦନ୍ତ କରିବ ଇଡି

ଭୁବନେଶ୍ୱର,୬।୮(ବ୍ୟୁରୋ)

**କଟକରୁ ନକଲି କରୋନା ଔଷଧ ଜବତ ଘଟଣା**

କଟକରୁ ନକଲି କରୋନା ଔଷଧ ଜବତ ଘଟଣାରେ ଅଧିକ ଖୋଳତାଡ଼ କରିବ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)। ଏହି ର୍‍ୟାକେଟର ଚେର ବାହାର ରାଜ୍ୟକୁ ଲମ୍ବିଥିବାବେଳେ ବେଆଇନ ଟଙ୍କା କାରବାର ହୋଇଛି। ଏହି ମାମଲାର ତଦନ୍ତ କ୍ରାଇମବ୍ରାଞ୍ଚ ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) କରୁଥିବାବେଳେ ବିଶେଷକରି ବେଆଇନ ଟଙ୍କା କାରବାରର ଅଧିକ ତଦନ୍ତ କରିବ ଇଡି। କେତେ ଟଙ୍କା କାରବାର ହୋଇଛି, କାହାଠାରୁ କାହା ପାଖକୁ ଟଙ୍କା ଯାଇଛି ତାହାର ଚିଠିକିଣି ତଥ୍ୟ ମିଳିବା ପରେ ପୂରା ର୍‍ୟାକେଟ ସମ୍ପର୍କରେ ଜଣାପଡିବ। ଏପରିକି ଏଥିରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି ତାହା ମଧ୍ୟ ଧରାପଡିବ। ତେବେ ଏନେଇ ଇଡି ପକ୍ଷରୁ ପ୍ରିଭେନଶନ ଅଫ୍ ମନି ଲଣ୍ଡରିଂରେ ମାମଲା ରୁଜୁ କରାଯାଇଛି।

ପୂର୍ବରୁ ମୁମ୍ବାଇ ପୋଲିସ ଦ୍ୱାରା ଗିରଫ ହୋଇଥିବା ର୍‍ୟାକେଟର ମାଷ୍ଟରମାଇଣ୍ଡ୍ ମାକ୍ସ ହେଲ୍‌ଥକେୟାର ସଂସ୍ଥାର ମୁଖ୍ୟ ସୁଦୀପ ମୁଖାର୍ଜୀଙ୍କୁ ଏସ୍‌ଟିଏଫ୍ ପଚରଉଚରା କରିଥିଲା। ସେହିଭଳି ନକଲି କରୋନା ଔଷଧ ଜବତ ହୋଇଥିବା କଟକ କନିକା ଛକସ୍ଥିତ ମେଡ଼ିଲଏଡ୍ ମେଡ଼ିସ୍‌ମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍‌ର ମାଲିକ ଶିବ ପ୍ରସନ୍ନ ଜେନାଙ୍କୁ ଏଟିଏଫ୍ ଗତ ଜୁନ୍ ୨୪ରେ ଗିରଫ କରିଥିଲା। ପରେ ତାଙ୍କ ସ୍ତ୍ରୀଙ୍କ ସମେତ ୨ ସହଯୋଗୀଙ୍କୁ ଗିରଫ କରାଯିବା ସହ ସେମାନଙ୍କ ଆକାଉଣ୍ଟରେ ଥିବା ୫୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ସିଜ୍ କରାଯାଇଥିଲା।

ସୂଚନାଯୋଗ୍ୟ, କରୋନା ଚିକିତ୍ସା ପାଇଁ ବ୍ୟବହୃତ ଫାଭିପିରାଭିରର ନକଲି ଫାଭିମ୍ୟାକ୍ସ-୨୦୦ ଏବଂ ଫାଭିମ୍ୟାକ୍ସ-୪୦୦ ଔଷଧ ଓଡ଼ିଶାରେ ବିକ୍ରି ପାଇଁ ଶିବ ମୁମ୍ବାଇର ସୁଦୀପଙ୍କ ପାଖରୁ ଆଣିଥିଲେ। ଗୋଟେ ଷ୍ଟ୍ରିପ୍‌କୁ ମାତ୍ର ୬୫ଟଙ୍କାରେ କିଣି ୧୨୯୦ଟଙ୍କାରେ ବିକ୍ରି ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ। ଜୁନ୍ ୧୦ରେ ଘଟଣା ସମ୍ପର୍କରେ ମହାରାଷ୍ଟ୍ର ଡ୍ରଗ୍ସ କଣ୍ଟ୍ରୋଲରଙ୍କଠାରୁ ସୂଚନା ମିଳିବାପରେ ରାଜ୍ୟ ଡ୍ରଗ୍ସ କଣ୍ଟ୍ରୋଲରଙ୍କ ପକ୍ଷରୁ କଟକସ୍ଥିତ ଶିବଙ୍କ ସଂସ୍ଥାରେ ଚଢାଉ କରାଯାଇଥିଲା। ସେଠାରୁ ବିପୁଳ ପରିମାଣର ନକଲି କରୋନା ଔଷଧ ଜବତ ହୋଇଥିଲା। ପରେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍‌କୁ ଏହାର ତଦନ୍ତ ଭାର ଦିଆଯାଇଥିଲା।

# କଲେଜ ଫାଟକରେ ତାଲା ପକାଇଲେ ଛାତ୍ରୀଛାତ୍ର

ଆଠଗଡ, ୬।୮(ସ୍ୱ.ପ.)

**ନାମ ଲେଖା ଫି' ବୃଦ୍ଧିକୁ ବିରୋଧ**

ନାମଲେଖା ଫି ବୃଦ୍ଧିକୁ ବିରୋଧ କରି ଗୋପବନ୍ଧୁ ବିଜ୍ଞାନ ମହାବିଦ୍ୟାଳୟର ଯୁକ୍ତ ୩ ଛାତ୍ରୀଛାତ୍ରମାନେ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। କରୋନା ମହାମାରୀ ସମୟରେ ଆର୍ଥିକ ପରିସ୍ଥିତିରେ ଅବନତି ଘଟିଛି। ଏହି ସମୟରେ ଫି' ବୃଦ୍ଧି ନ କରିବାକୁ ସେମାନେ ଦାବି କରିଥିଲେ। ଏନେଇ ଛାତ୍ରୀଛାତ୍ରମାନେ ମହାବିଦ୍ୟାଳୟ ଫାଟକ ସମ୍ମୁଖରେ ତାଲା ପକାଇ ପ୍ରତିବାଦ କରିଥିଲେ। ତୁରନ୍ତ ଏହାର ସମାଧାନ ନ ହେଲେ ସେମାନେ ଅନଶନ କରିବେ ବୋଲି ଅଧକ୍ଷ ଲୋକନାଥ ସାହୁ ଓ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ତଥା ଉପଜିଲାପାଳ ଅଜାମ୍ବର ମହାନ୍ତିଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ରୁଦ୍ରନାରାୟଣ ବେଉରା, ଅନନ୍ତ ବେହେରା, ଲକ୍ଷ୍ମୀପ୍ରିୟା ମହାପାତ୍ର, ନୀଳିମା ମିଶ୍ର ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ।

# ବିଜେଡି ଗଞ୍ଜାମ ଜିଲା କମିଟି ପୁନର୍ଗଠିତ

ଭୁବନେଶ୍ୱର,୬।୮(ବ୍ୟୁରୋ)

**୧୩ ଉପସଭାପତି, ୧୪ ସାଧାରଣ ସମ୍ପାଦକ**

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ବିଜେଡି ଗଞ୍ଜାମ ଜିଲା କମିଟି ପୁନର୍ଗଠନ କରାଯାଇଛି। ଏ ନେଇ ବିଜେଡି କାର୍ଯ୍ୟାଳୟ ପକ୍ଷରୁ ଶୁକ୍ରବାର ପ୍ରେସ୍ ବିଜ୍ଞପ୍ତି ପ୍ରକାଶ କରାଯାଇଛି। କମିଟିରେ ୧୩ ଉପସଭାପତି ଥିବା ବେଳେ ୧୪ ଜଣ ସାଧାରଣ ସମ୍ପାଦକ, ୧୩ ସମ୍ପାଦକ, ୪୮ ଜଣ ଏକ୍‌ଜିକ୍ୟୁଟିଭ ସଦସ୍ୟ ଥିବାବେଳେ ଜଣେ କୋଷାଧ୍ୟକ୍ଷ ରହିଛନ୍ତି।

ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଦିଲୀପ ପାଣିଗ୍ରାହୀ, ସଞ୍ଜିତ ପାଣିଗ୍ରାହୀ, ରାଜକିଶୋର ସାହୁ, ସୁରଥ ପ୍ରଧାନ,ବାପୁଜୀ ବିଶୋୟୀ, ବି. କ୍ରିଷ୍ଣା ରାଓ ସୁବୁଦ୍ଧି, ଦିଲେଶ୍ୱର ରେଡ୍ଡୀ, ଡି. ବିଶ୍ୱନାଥ, ମନୋରଞ୍ଜନ ମହାପାତ୍ର, ରାମ ମୋହନ ପଣ୍ଡା, କିଶୋର ଚନ୍ଦ୍ର ବେହେରା, ଅଞ୍ଜଳି ସ୍ୱାଇଁ ଏବଂ ତ୍ରିଲୋଚନ ଜେନାଙ୍କୁ ଉପସଭାପତି ଭାବେ ମନୋନୀତ କରାଯାଇଛି।

ସେହିପରି ସାଧାରଣ ସମ୍ପାଦକ ଭାବେ ଏମ୍. ରଶ୍ମିତା ସେନାପତି, ରଜନୀଶ ମିଶ୍ର, ମନୋଜ ମହାପାତ୍ର , ବିପ୍ର ଚରଣ ବାରିକ, ଭି. ଚନ୍ଦ୍ରମଣି ପାତ୍ର, ପ୍ରଶାନ୍ତ ସାହୁ, ନିରୁପମା ପଟ୍ଟନାୟକ, ପ୍ରତାପ ଚନ୍ଦ୍ର କୋଠିଆ, ପବିତ୍ର ମୋହନ ପାଣିଗ୍ରାହୀ, ମୀନାକ୍ଷୀ ସାହୁ, ଅଶୋକ ମହାକୁଡ, ମୋଚିରାମ ସାହୁ, ଯୋଗେନ୍ଦ୍ର ସ୍ୱାଇଁ ଏବଂ କୁଞ୍ଜ ବିହାରୀ ନାୟକଙ୍କୁ ମନୋନୀତ କରାଯାଇଛି। ସେହିପରି ସମ୍ପାଦକ ଭାବେ ଅଭିମନ୍ୟୁ ନାୟକ, ପି. ଆଶାରାଣୀ, ସଂଯୁକ୍ତା କୁମାରୀ ବେହେରା, ବଟକୃଷ୍ଣ ପଣ୍ଡା, ମଞ୍ଜୁଲତା ବେହେରା, ଏଲ୍. ପୁରୁଷୋତ୍ତମ ପାତ୍ର, ଶଶିଭୂଷଣ ମହାନ୍ତି, ଝିଆଣି ସ୍ୱାଇଁ, ପି. ନାରାୟଣ ରାଓ, ବବିତା ରାଉଳ, ସୁଧାଂଶୁ ଶେଖର ପାଢୀ, ଏ. ଜଗନ୍ନାଥ ପାତ୍ର ଏବଂ ଅନିଲ କୁମାର ପ୍ରଧାନଙ୍କୁ ମନୋନୀତ କରାଯାଇଛି। ଜିଲାର କୋଷାଧ୍ୟକ୍ଷ ଭାବେ ରବୀନ୍ଦ୍ର କୁମାର ସାହୁଙ୍କୁ ନିଯୁକ୍ତି ଦିଆଯାଇଛି ।

# ପର୍ଯ୍ୟଟକ ୯୬%, ରାଜସ୍ୱ ୪୬% ଅଭିବୃଦ୍ଧି

ଭୁବନେଶ୍ୱର, ୬।୮(ବ୍ୟୁରୋ)

- ଇକୋ-ଟୁରିଜମ୍ ପାଇଁ ନୂଆ ୫ ପର୍ଯ୍ୟଟନସ୍ଥଳୀ ପ୍ରସ୍ତୁତ
- ଇକୋ ଟୁରିଜମ୍ ବିକାଶ ଲାଗି ୩୦ କୋଟିର ଯୋଜନା

ଓଡ଼ିଶାରେ ଇକୋ-ଟୁରିଜମ୍ ଉଲ୍ଲେଖନୀୟ ସଫଳତା ହାସଲ କରିଛି। କୋଭିଡ୍ ମହାମାରୀ ପ୍ରଭାବିତ ଆର୍ଥିକ ମାନ୍ଦାବସ୍ଥା ସତ୍ତ୍ୱେ ଗତ ୨ ବର୍ଷରେ ଇକୋ ଟୁରିଜମ କେନ୍ଦ୍ରଗୁଡ଼ିକରେ ପର୍ଯ୍ୟଟକ ସଂଖ୍ୟାରେ ୯୬% ଏବଂ ରାଜସ୍ୱ ସଂଗ୍ରହରେ ୪୬% ଅଭିବୃଦ୍ଧି ଘଟିଛି। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରୁ ଏହି ତଥ୍ୟ ସାମ୍ନାକୁ ଆସିଛି।

ରାଜ୍ୟ ଲୋକସେବା ଭବନରୁ ଡିଜିଟାଲ ମୋଡ୍‌ରେ ଆୟୋଜିତ ଏହି ବୈଠକରେ ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମୋନା ଶର୍ମା ଯୋଗଦେଇ ଇକୋ ଟୁରିଜମ୍ ପ୍ରକଳ୍ପର ପରିଚାଳନା ଏବଂ ବିକାଶ ଉପରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ। ପର୍ଯ୍ୟଟକଙ୍କ ପାଇଁ ୫ ନୂତନ ପର୍ଯ୍ୟଟନସ୍ଥଳୀ ପ୍ରସ୍ତୁତ ହୋଇଛି। ବରଗଡ଼ ଜିଲାର ନୃସିଂହନାଥ, କୋରାପୁଟର ଦେବଦାରୁ ଜଙ୍ଗଲ, ନୂଆପଡ଼ାର ପାତୋରା ଡ୍ୟାମ୍, ସୁନ୍ଦରଗଡର ଟେନ୍‌ସା ଏବଂ କେନ୍ଦୁଝରର କାଞ୍ଜିଆପାଣିରେ ନୂତନ ଭାବେ ଇକୋ-ଟୁରିଜମର ବିକାଶ କରାଯାଇଛି। ଏ ସମ୍ପର୍କିତ ତଥ୍ୟ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରିବା ଲାଗି ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଆଗାମୀ ଦିନରେ କଳିଙ୍ଗା ଘାଟି ପାଇନ୍ ବଣ, ବଣାଇ, ଦେଓମାଳି ପର୍ବତ ଶିଖର, ଡମ୍ବରୁଗଡ଼ ଏବଂ କଳାହାଣ୍ଡିର ଜଖମ ଆଦି ସ୍ଥାନରେ ରାତ୍ର ରହଣି ଯୋଗ୍ୟ ଇକୋ ଟୁରିଜମ୍ ବ୍ୟବସ୍ଥା କରାଯିବ। ଫୁଲବାଣୀ ବନଖଣ୍ଡର ଭୀମଡୁଙ୍ଗୁରି, ସାତକୋଶିଆର ବାଲିପୁଟ, କଳାହାଣ୍ଡିର ଫୁଲ୍‌ଝରଣ, ରାବଣଧାର ଝରଣା, ଢେଙ୍କାନାଳର ଚକୁରିଆ ଘାଟ, ବୌଦ୍ଧ ବନଖଣ୍ଡର ଡମ୍ବରୁଗଡ଼ଠାରେ ପ୍ରକୃତି-ପର୍ଯ୍ୟଟନ ସ୍ଥଳୀର ବିକାଶ କରାଯିବ। ଏହିସବୁ କାର୍ଯ୍ୟ ଲାଗି ୩୦ କୋଟି ଟଙ୍କାର ଯୋଜନା ଅନୁମୋଦିତ ହୋଇଛି। କୋଭିଡ୍ ପ୍ରତିରୋଧ ଲାଗି ଆବଶ୍ୟକ ପଦକ୍ଷେପ ନେବା ପାଇଁ ୨୫ ବନଖଣ୍ଡକୁ ସମୁଦାୟ ୧୫୦ କୋଟି ଟଙ୍କା ଆବଣ୍ଟନ କରାଯାଇଥିବା ସୂଚନା ଦିଆଯାଇଥିଲା।

ଆଲୋଚନାରେ ଅଂଶଗ୍ରହଣ କରି ପ୍ରଧାନ ବନରକ୍ଷକ ଶଶି ପାଲ୍ କହିଛନ୍ତି, ୨୦୧୭-୧୮ ଆର୍ଥିକ ବର୍ଷରେ ରାଜ୍ୟର ଇକୋ ଟୁରିଜମ୍ କେନ୍ଦ୍ରଗୁଡ଼ିକୁ ୧୧ ହଜାର ୫୦୦ ପର୍ଯ୍ୟଟକ ଆସିଥିଲେ। ସେହିପରି ୨୦୧୮-୧୯ରେ ଏହି ସଂଖ୍ୟା ୨୯ ହଜାର ୨୪ ଏବଂ ୨୦୨୦-୨୧ରେ ୫୭ ହଜାରକୁ ବୃଦ୍ଧି ପାଇଥିଲା। ୨୦୧୭-୨୮ରେ ଇକୋ ଟୁରିଜମ୍‌ରୁ ୩.୪୦ କୋଟି ରାଜସ୍ୱ ଆଦାୟ ହୋଇଥିବାବେଳେ ୨୦୧୮-୨୯ ବର୍ଷରେ ଏହା ୫.୬୧ କୋଟି ଏବଂ ୨୦୨୦-୨୧ ବର୍ଷରେ ଏହା ୮.୩୨ କୋଟି ଟଙ୍କାକୁ ଛୁଇଁଛି। ୨୦୧୭-୧୮ ଆର୍ଥିକ ବର୍ଷ ତୁଳନାରେ ୨୦୨୦-୨୧ ବର୍ଷରେ ପର୍ଯ୍ୟଟକଙ୍କ ଆଗମନରେ ୯୬% ଏବଂ ରାଜସ୍ୱ ଆଦାୟରେ ୪୬% ବୃଦ୍ଧି ଘଟିଥିବା ବୈଠକରୁ ଜଣାପଡ଼ିଛି।

ଧରିତ୍ରୀ DHARITRI
Bhubaneswar, Saturday, 7 August, 2021



# ସଂକ୍ଷେପରେ

## ବ୍ୟାଟେରି ୱାରେଣ୍ଟି ସୀମା ବଢ଼ାଇଲା ଟୟୋଟା

**ନୂଆଦିଲ୍ଲୀ,୬।୮ :** ଟୟୋଟା କିର୍ଲୋସ୍କାର ମୋଟର ପକ୍ଷରୁ ସେଲ୍ଫ ଚାର୍ଜିଂ ହାଇବ୍ରିଡ୍ ଇଲେକ୍ଟ୍ରିକ ମଡେଲ ଉପରେ ବ୍ୟାଟେରିର ୱାରେଣ୍ଟି ସୀମାକୁ ବୃଦ୍ଧି କରାଯାଇଛି। ଏହି ସୀମା ଏବେ ୩ ବର୍ଷ ଏବଂ ୧ ଲକ୍ଷ କି.ମି. ରହିଛି। ଯାହାକୁ ୮ ବର୍ଷ ଏବଂ ୧.୬୦ ଲକ୍ଷ କି.ମି.କୁ ବଢ଼ାଯାଇଛି। ଅଗଷ୍ଟ ୧ ପରଠାରୁ ବିକ୍ରି ହୋଇଥିବା ସେଲ୍ଫ ଚାର୍ଜିଂ ହାଇବ୍ରିଡ୍ ଯାନଗୁଡିକ କ୍ଷେତ୍ରରେ ନୂଆ ନିୟମ କାର୍ଯ୍ୟକାରୀ ହେବ। ଟୟୋଟା କାମ୍ରି ଏବଂ ଭେଲ ଫାୟାର ଭଳି ମଡେଲ ଏହା ମଧ୍ୟରେ ରହିଛି। ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ଅବସରରେ କମ୍ପାନୀ ପକ୍ଷରୁ ଏଭଳି ଏକ ପଦକ୍ଷେପ ଗ୍ରହଣ କରାଯାଇଛି। ଅଙ୍ଗାରକାମ୍ଳ ବାଷ୍ପ କମାଇବା ଦିଗରେ କମ୍ପାନୀ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଦୀର୍ଘ ୨ ଦଶନ୍ଧି ହେବ ଇ-ଯାନ କ୍ଷେତ୍ରରେ କମ୍ପାନୀର କାର୍ଯ୍ୟକ୍ରମ ଜାରି ରହିଛି ବୋଲି ବିକ୍ରି ଏବଂ ଷ୍ଟ୍ରାଟେଜିକ ମାର୍କେଟିଂ ବିଭାଗ ଆସୋସିଏଟ ଜେନେରାଲ ମ୍ୟାନେଜର ଭି.ୱେସେଲିନ ସିଗାମାନି କହିଛନ୍ତି।

## ଏନ୍‌ଆଇଏକ୍ସଆଇର ୧୮ତମ ପୂର୍ତ୍ତି

**ଭୁବନେଶ୍ୱର,୬।୮:** ଭାରତୀୟ ଜାତୀୟ ଇଣ୍ଟରନେଟ୍ ଏକ୍ସଚେଞ୍ଜ (ଏନ୍‌ଆଇଏକ୍ସଆଇ) ନିକଟରେ ୧୮ବର୍ଷ ପୂରଣ କରିଛି। ଏହି ପରିପ୍ରେକ୍ଷୀରେ ଅନୁଷ୍ଠାନ ପକ୍ଷରୁ 'ଡିଜିଟାଲ୍ ଇକୋନମି-ଏକ୍ସପାଣ୍ଡିଂ ଫୁଟ୍‌ପ୍ରିଣ୍ଟସ୍' ଶୀର୍ଷକ ଏକ ୱେବିନାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏମ୍‌ଆଇଇଟିୱାଇ ସଚିବ ଅଜୟ ପ୍ରକାଶ ସାହାଣୀ ଅଧ୍ୟକ୍ଷତା କରିଥିଲେ। ସେହିପରି ଏନ୍‌ଆଇଏକ୍ସଆଇର ସିଇଓ ଅନିଲ କୁମାର ଜୈନ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଆଡଭାଇଜରି, ପ୍ରତିଷ୍ଠାତା ଓ ସିଇଓ, ଟିଭି ରାମଚନ୍ଦ୍ରନ, ଏସିଆ ପାସିଫିକ୍ ଟପ୍ ଲେବଲ୍ ଡୋମେନ୍ ଆସୋସିଏନସର ମହାପ୍ରବନ୍ଧକ ଲିଓନିଡ୍ ଟୋଡୋରୋଭ୍ , ପ୍ରିମସ୍ ପାର୍ଟନର୍ସ, ପ୍ରତିଷ୍ଠାତା ଓ ସିଇଓ ନିଳୟ ବର୍ମା ଏବଂ ଏପିଏନ୍‌ଆଇସି କାର୍ଯ୍ୟକାରୀ ପରିଷଦ ଅଧ୍ୟକ୍ଷ ଗୌରବ ରାଜ ଉପାଧ୍ୟାୟ ପ୍ରମୁଖ ପ୍ୟାନେଲିଷ୍ଟ ଭାବେ ଯୋଗ ଦେଇ ନିଜ ନିଜର ମତ ଉପସ୍ଥାପନ କରିଥିଲେ।

# ରେପୋ ରେଟ୍ ଅପରିବର୍ତ୍ତିତ

ମୁମ୍ବାଇ, ୬।୮




ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ଶୁକ୍ରବାର ଏହାର ରେପୋ ( କେନ୍ଦ୍ରୀୟ ବ୍ୟାଙ୍କର ସୁଧହାର) ରେଟ୍‌କୁ ୪% ସ୍ତରରେ ଅପରିବର୍ତ୍ତିତ ରଖିଛି। ସେହିଭଳି ରିଭର୍ସ ରେପୋ ୩.୩୫% ସ୍ତରରେ ରହିଛି। ୨୦୨୦ ମାର୍ଚ୍ଚ ପରଠାରୁ ଅଦ୍ୟାବଧି ରେପୋ ୧୧୫ ବେସିସ୍ ପଏଣ୍ଟ ହ୍ରାସ ପାଇଛି। କରୋନା ମହାମାରୀ ଯୋଗୁ ବଜାର ସାମ୍ନାରେ ରହିଥିବା ବିଭିନ୍ନ ଆହ୍ୱାନକୁ ଧ୍ୟାନରେ ରଖି କେନ୍ଦ୍ରୀୟ ବ୍ୟାଙ୍କ ଏଭଳି ପଦକ୍ଷେପ ଗ୍ରହଣ କରିଛି। ୨୦୧୯ ପରଠାରୁ ୧୩୫ ବେସିସ୍ ପଏଣ୍ଟ ରେପୋ ହ୍ରାସ ହୋଇଥିବା ଜଣାପଡିଛି।

ମୁଦ୍ରାନୀତି କମିଟି(ଏମ୍‌ପିସି) ବୈଠକ ପରେ ଗଭର୍ନର ଶକ୍ତିକାନ୍ତ କହିଛନ୍ତି, ୨୦୨୧-୨୧ ଆର୍ଥିକ ବର୍ଷ ପାଇଁ ଦେଶର ମୋଟ ଘରୋଇ ଉତ୍ପାଦ(ଜିଡିପି) ଅଭିବୃଦ୍ଧି ଅନୁମାନ ୯.୫% ସ୍ତରରେ ରଖାଯାଇଛି। କରୋନା ସଙ୍କଟରୁ ଅର୍ଥ ବ୍ୟବସ୍ଥା ଧୀରେ ଧୀରେ ସୁଧାର ପଥକୁ ଫେରୁଛି। ଟିକାକରଣ ଯୋଗୁ ଅର୍ଥନୈତିକ କାର୍ଯ୍ୟକଳାପ ତ୍ୱରାନ୍ୱିତ ହେଉଥିବା ଦେଖାଯାଇଛି। ସଙ୍କଟରେ ଥିବା ଅର୍ଥ ବ୍ୟବସ୍ଥାକୁ ଗତିଶୀଳ କରାଇବା ଏବଂ ଅଭିବୃଦ୍ଧି ଭଳି ବିଭିନ୍ନ ଦିଗକୁ ଧ୍ୟାନରେ ରଖାଯାଇଛି। ୨୦୨୦-୨୧ରେ ଖାଉଟି ମୂଲ୍ୟ ସୂଚୀଭିତ୍ତିକ ମୁଦ୍ରାସ୍ଫୀତି ୫.୭% ସ୍ତରରେ ରହିଛି। ୨୦୨୨-୨୩ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ଏହା ୫.୧% ଖସିବ। କୋଭିଡ୍ ଯୋଗୁ ଯେଉଁ ଅନିଶ୍ଚିତତା ପରିସ୍ଥିତି ସୃଷ୍ଟି ହୋଇଛି ବଜାର ବର୍ତ୍ତମାନ ତା'ର ସାମ୍ନା କରୁଛି। ବଜାର ବ୍ୟବସ୍ଥାର ସୁଧାର ପାଇଁ ସବୁ ଦିଗରୁ ପଦକ୍ଷେପ ନେବା ଆବଶ୍ୟକତା ରହିଛି ବୋଲି ଶକ୍ତିକାନ୍ତ କହିଛନ୍ତି।

ଆର୍‌ବିଆଇ ହେଡ୍‌ଲାଇନ ମୁତାବକ, ଜୁନ୍‌ରେ ଖୁଚୁରା ମୁଦ୍ରାସ୍ଫୀତି ୬.୩% ସ୍ତରରେ ରହିଛି। ଖାଇବା ତେଲ, ଡାଲି, ଅଣ୍ଡା, କ୍ଷୀର, ପନିପରିବା ଦର ବୃଦ୍ଧି ହେବା ଫଳରେ ଜୁନ୍‌ରେ ଦରଦାମ ବଢିଛି। ମେ ମାସରେ ତୈଳ ଦର କ୍ଷେତ୍ରରେ ମୁଦ୍ରାସ୍ଫୀତି ୨ ଅଙ୍କ ବିଶିଷ୍ଟ ବୃଦ୍ଧି ଘଟିଛି। ସେହିଭଳି ସରକାରଙ୍କ ୫୦ ହଜାର କୋଟି ଟଙ୍କାର ପ୍ରତିଭୂତି ଅଧିଗ୍ରହଣ କାର୍ଯ୍ୟକ୍ରମ ୨.୦ କୁ ୨ଟି ପର୍ଯ୍ୟାୟରେ ସମ୍ପନ୍ନ କରିବାକୁ କେନ୍ଦ୍ରୀୟ ବ୍ୟାଙ୍କ ଯୋଜନା କରିଥିବା ଜଣାପଡିଛି।

## ରିଲାଏନ୍ସର ପୂର୍ତ୍ତି କଲେକ୍ସନ 'ଆଭାର'

ଭୁବନେଶ୍ୱର,୬।୮



ରିଲାଏନ୍ସ ଜୁଏଲ୍ସ ପକ୍ଷରୁ ୧୪ ତମ ବାର୍ଷିକ ଉତ୍ସବ ପାଳନ କରାଯାଉଛି। 'ଆଭାର' କଲେକ୍ସନର ସମ୍ପ୍ରସାରଣ ସହ 'ରିସ୍ତୋକା ଧାଗା' ଥିମ୍ ଦ୍ୱାରା କମ୍ପାନୀ ଗ୍ରାହକ, କର୍ମଚାରୀ ଏବଂ କାରିଗରଙ୍କ ନିକଟରେ ନିଜର କୃତଜ୍ଞତା ଜ୍ଞାପନ କରିଛି। ଭିନ୍ନ ଭିନ୍ନ ଡିଜାଇନର କଲେକ୍ସନଗୁଡିକ ତାରକ୍ଷୀ, କ୍ରୋଚେଟ ଓ ମାକ୍ରେମଠାରୁ ଉତ୍ସାହିତ ହୋଇ ପ୍ରସ୍ତୁତ କରାଯାଇଛି। ଏହି କଲେକ୍ସନଗୁଡିକ ପ୍ରେମ, ବିଶ୍ୱାସ ଏବଂ ଏକାଠି ରହିବାକୁ ପ୍ରତିଫଳିତ କରୁଛି ବୋଲି କମ୍ପାନୀ କହିଛି। ଏଥିରେ ସୁନା ଏବଂ ହୀରାର ଡିଜାଇନ କାନଫୁଲ ଗ୍ରାହକ ଲାଭ କରିପାରିବେ। ଏହା ମଧ୍ୟରେ ପାରମ୍ପରିକ ଏବଂ ସଦ୍ୟତମ ହାଙ୍ଗଲର୍ସ, ଫ୍ରିଞ୍ଜେସ, ଟପ୍ ଆଣ୍ଡ ଡ୍ରପ, ଚ୍ୟାଣ୍ଡେଲିୟର୍ସ, ଝୁମକି, ଷ୍ଟଡ ଏବଂ କ୍ୟାଣ୍ଡବାଲିସ ରହିଛି। ଗ୍ରାହକ ସ୍ୱତନ୍ତ୍ର ପୂର୍ତ୍ତୀ ଅଫରରେ ଫ୍ଲାଟ ୨୦% ସୁନାର ଗଢା ମୂଲ୍ୟ ଏବଂ ହୀରା ଗହଣା କ୍ରୟ ମୂଲ୍ୟ ଉପରେ ରିହାତି ପାଇବେ। ଏହି ଅଫର ଜୁଲାଇ ୩୦ରୁ ସେପ୍ଟେମ୍ବର ୧ ପର୍ଯ୍ୟନ୍ତ ଜାରି ରହିବ। ଏ ସମ୍ପର୍କରେ ରିଲାଏନ୍ସ ଜୁଏଲସର ସିଇଓ ସୁନିଲ ନାୟକ କହିଛନ୍ତି, ଆମର ବିଭିନ୍ନ ଡିଜାଇନ ମଧ୍ୟରୁ 'ଆଭାର' ଅନ୍ୟତମ। କଲେକ୍ସନଗୁଡିକୁ ସୁନ୍ଦର ଓ ଆକର୍ଷଣୀୟ କରାଯାଇଛି।

## ୧୨୦ ଛାତ୍ରୀଛାତ୍ରଙ୍କୁ ସହାୟତା ଦେବ ଜିଇସି

ଭୁବନେଶ୍ୱର, ୬।୮




କରୋନା ଯୋଗୁ ଘରୋଇ ଶିକ୍ଷାନୁଷ୍ଠାନ ଗୁଡିକର ଆର୍ଥିକ ମେରୁଦଣ୍ଡ ଦୋହଲି ଯାଇଛି। ଏଭଳି ସମୟରେ ଗାନ୍ଧୀ ଇଞ୍ଜିନିୟରିଂ କଲେଜ (ଜିଇସି) ଭୁବନେଶ୍ୱର ପକ୍ଷରୁ ସରକାରଙ୍କ ଆହ୍ୱାନକୁ ଗ୍ରହଣ କରି ୧୨୦ ଜଣ ଅନାଥ ପିଲାଙ୍କୁ ସହାୟତା ଦେବା ନେଇ ଘୋଷଣା କରାଯାଇଛି। ଏହି କାର୍ଯ୍ୟକ୍ରମ ଅଧିନରେ ଦଶମ କିମ୍ବା ଦ୍ୱାଦଶ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇଥିବା ପିଲାମାନଙ୍କୁ ଅନୁଷ୍ଠାନ ପକ୍ଷରୁ ୨୦୨୧-୨୨ ଶିକ୍ଷା ବର୍ଷରୁ ଶିକ୍ଷାଦାନର ଦାୟିତ୍ୱ ନିଆଯିବ। କୋଭିଡରେ ଉଭୟ ପିତା ଓ ମାତାଙ୍କୁ ହରାଇଥିବା ୧୦ଜଣ ଛାତ୍ରୀ ଓ ୧୦ ଛାତ୍ରଙ୍କୁ ଜିଇସି ସମ୍ପୂର୍ଣ୍ଣ ମାଗଣାରେ ଶିକ୍ଷା ପ୍ରଦାନ କରିବ। ସେହିଭଳି କରୋନାରେ ପିତା କିମ୍ବା ମାତାଙ୍କୁ ହରାଇଥିବା ଅବଶିଷ୍ଟ ୧୦୦ଜଣ ଛାତ୍ରୀଛାତ୍ରଙ୍କୁ ବିନା ଟ୍ୟୁସନ ଫିରେ ପାଠ ପଢାଇବା ପାଇଁ ନିଷ୍ପତ୍ତି ହୋଇଥିବା ଅନୁଷ୍ଠାନ ପକ୍ଷରୁ ଏକ ଖବରଦାତା କାର୍ଯ୍ୟକ୍ରମରେ ସୂଚନା ଦିଆଯାଇଛି। ଚଳିତ ବର୍ଷ ଜିଇସି ଭୁବନେଶ୍ୱର ତା'ର ଅନ୍ୟ ୨ଟି ସହଯୋଗୀ ଶିକ୍ଷାନୁଷ୍ଠାନ ଯଥା ଗାନ୍ଧୀ ପଲିଟେକ୍ନିକ ଏବଂ ଗାନ୍ଧୀ ବିଜନେସ ସ୍କୁଲର ମିଶ୍ରଣ କରାଇଛି। ଏହା ଦ୍ୱାରା ଛାତ୍ରୀଛାତ୍ରମାନେ ଏକା ସାଙ୍ଗରେ ଏକ ଉନ୍ନତ ମାନର ଶିକ୍ଷାଦାନ ସାଙ୍ଗକୁ ଲାଇବ୍ରେରୀ, ଲାବୋରେଟେରୀ ଏବଂ ନିଯୁକ୍ତି ପାଇଁ ଆବଶ୍ୟକ ପ୍ଲେସମେଣ୍ଟର ସହଯୋଗୀତା ପାଇପାରିବେ। ଏହି ୩ଟି ଅନୁଷ୍ଠାନ ମିଳିତ ହେବା ଫଳରେ ଛାତ୍ରୀଛାତ୍ରମାନେ ବେଶ ଉପକୃତ ହୋଇ ପାରିବେ ବୋଲି ଜିଇସିର ଉପାଧ୍ୟକ୍ଷ ମାନସ ରଞ୍ଜନ ପଣ୍ଡା କହିଛନ୍ତି।

## ଶିବାନନ୍ଦ ବିଦ୍ୟାଳୟର ଶତ ପ୍ରତିଶତ ସଫଳତା

ଭୁବନେଶ୍ୱର,୬।୮

ଚଳିତ ସିବିଏସ୍‌ଇ ଦଶମ ପରୀକ୍ଷାରେ ଶିବାନନ୍ଦ ଶତବାର୍ଷିକ ବାଳକ ବିଦ୍ୟାଳୟର ଫଳାଫଳ ଶତ ପ୍ରତିଶତ ରହିଛି। ଚଳିତ ବର୍ଷ ବିଦ୍ୟାଳୟର ମୋଟ ୮୨ ଜଣ ଛାତ୍ର ପରିକ୍ଷା ଦେଇଥିଲେ। ବିଦ୍ୟାଳୟର ସୌଭାଗ୍ୟ କୁମାର ଦାସ ସର୍ବାଧିକ ୯୭.୬% ନମ୍ବର ରଖି ପ୍ରଥମ ଓ ବିଷ୍ଣୁପ୍ରସାଦ ବେହେରା ୯୩.୨% ସହ ଦ୍ୱିତୀୟ ଏବଂ ଅମରେନ୍ଦ୍ର ତ୍ରିପାଠୀ ୯୦.୮% ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ମୋଟ ୮୨ ଜଣଙ୍କ ମଧ୍ୟରୁ ୩ ଜଣ ୯୦%ରୁ ଉର୍ଦ୍ଧ୍ୱ ନମ୍ବର ରଖିଥିବା ବେଳେ ୫୪ ଜଣ ୬୦%ରୁ ଅଧିକ ଏବଂ ୨୫ ଜଣ ୫୦%ରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ବର୍ତ୍ତମାନ ଏକାଦଶ ଶ୍ରେଣୀ ପାଇଁ ନାମଲେଖା ଆରମ୍ଭ ହୋଇଯାଇଛି। ବିଦ୍ୟାଳୟ ସଭାପତି ନିର୍ଲିପ୍ତା ନନ୍ଦ ସ୍ୱାମୀଜୀ ମହାରାଜ, ସମ୍ପାଦକ ଶିବ ଚିଦାନନ୍ଦ ସ୍ୱାମୀଜୀ ମହାରାଜ ଓ ଯୁଗ୍ମ ସମ୍ପାଦକ ଜଗନ୍ନାଥା ନନ୍ଦ ସରସ୍ୱତୀ ମହାରାଜ ଓ ମ୍ୟାନେଜର ସତ୍ୟେନ୍ଦ୍ର ନାରାୟଣ ତ୍ରିପାଠୀ ଉକ୍ତ ସଫଳତା ପାଇଁ ଅଧ୍ୟକ୍ଷ ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ରଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଛାତ୍ରମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ବାଂଲାଦେଶକୁ ମେଡିକାଲ ଅକ୍ସିଜେନ ପଠାଇଲା ରେଲୱେ

କୋଲକାତା,୬।୮

ଦକ୍ଷିଣ ପୂର୍ବ ରେଲୱେ ବାଂଲାଦେଶକୁ ୫ମ ଅକ୍ସିଜେନ ଏକ୍ସପ୍ରେସ ଯୋଗେ ମେଡିକାଲ ଅକ୍ସିଜେନ ପଠାଇଛି। ରାଉରକେଲାର ଚକ୍ରଧରପୁର ଡିଭିଜନରୁ ମୋଟ ୧୮୩ ଟନ ମେଡିକାଲ ଅକ୍ସିଜେନ ପ୍ରେରଣ କରାଯାଇଥିବା ରେଲୱେ ପକ୍ଷରୁ ସୂଚନା ମିଳିଛି। ପ୍ରଥମ ଅକ୍ସିଜେନ ଏକ୍ସପ୍ରେସ ଟ୍ରେନ ବାଂଲାଦେଶର ବେନାପୋଲକୁ ଗତ ମାସ ୨୪ରେ ଟାଟାନଗରରୁ ପ୍ରେରଣ କରାଯାଇଥିଲା। ଏଠାରୁ ୪ ଅକ୍ସିଜେନ ଏକ୍ସପ୍ରେସ ପଠାଯାଇଥିବା ବେଳେ ପ୍ରତିଥର ୨୦୦ ଟନ୍ ମେଡିକାଲ ଅକ୍ସଜେନ ପ୍ରେରଣ କରାଯାଇଛି। ଏଭଳି ମୋଟ ୫ ଥରରେ ୯୮୩ ଟନ୍ ମେଡିକାଲ ଅକ୍ସିଜେନ ବାଂଲାଦେଶକୁ ପଠାଯାଇଥିବା ଜଣାପଡିଛି। କୋଭିଡ୍ ପାଇଁ ସେଠାରେ ତରଳ ମେଡିକାଲ ଅକ୍ସିଜେନର ଆବଶ୍ୟକତା ରହିଛି। ଦେଶ ଭିତରେ ମଧ୍ୟ ଆବଶ୍ୟକତା ମେଣ୍ଟାଇବା ଲାଗି ଦକ୍ଷିଣ ପୂର୍ବ ରେଲୱେ ଏଭଳି ଅକ୍ସିଜେନ ଏକ୍ସପ୍ରେସ ପରିଚାଳନା କରୁଛି।

## ଟାଟା ପାୱାରର ୨ ନୂଆ ସେବା କେନ୍ଦ୍ର

ଭୁବନେଶ୍ୱର, ୬।୮

ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଢେଙ୍କାନାଳ ଓ ସାଲେପୁରରେ ଗ୍ରାହକ ସେବା କେନ୍ଦ୍ର (ସିସିସି) ଉଦ୍‌ଘାଟନ କରାଯାଇଛି। ଦୁଇଟି ନୂଆ ସିସିସି ସହିତ ଟିପିସିଓଡିଏଲ୍‌ର ଏବେ ୭ଟି ଉଚ୍ଚ ପ୍ରଭାବଶାଳୀ ଗ୍ରାହକ ସେବା କେନ୍ଦ୍ର ରହିଛି। ଭୁବନେଶ୍ୱରରେ ୨ଟି, କଟକ ଓ ପୁରୀରେ ଦୁଇଟି ସମ୍ପୂର୍ଣ୍ଣ ମହିଳାଙ୍କ ଦ୍ୱାରା ପରିଚାଳିତ ସିସିସି ଓ ଗୋଟିଏ ନୟାଗଡ଼ରେ ରହିଛି। ଢେଙ୍କାନାଳ ସିସିସିକୁ ଢେଙ୍କାନାଳର ବିଧାୟକ ସୁଧୀର କୁମାର ସାମଲ ଏବଂ ସାଲେପୁର ଗ୍ରାହକ ସେବା କେନ୍ଦ୍ରକୁ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା, ଟିପିସିଓଡିଏଲ୍‌ର ବରିଷ୍ଠ କର୍ତ୍ତୃପକ୍ଷ ଓ କର୍ମଚାରୀମାନଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରିଛନ୍ତି।

## ସ୍କୋଡାର ବିକ୍ରି ୨୩୪% ବୃଦ୍ଧି

ଭୁବନେଶ୍ୱର, ୬।୮

ସ୍କୋଡା ଅଟୋ ଚଳିତ ବର୍ଷ ଜୁଲାଇ ବିକ୍ରିରେ ଗତ ବର୍ଷ ସମାନ ଅବଧି ତୁଳନାରେ ୨୩୪% ବୃଦ୍ଧି ସମ୍ପର୍କରେ ଘୋଷଣା କରିଛି। ଗତ ବର୍ଷ ଜୁଲାଇରେ ୯୨୨ ୟୁନିଟ ଯାନ କମ୍ପାନୀ ବିକ୍ରି ରହିଥିବା ବେଳେ ଜୁଲାଇ ୨୦୨୧ରେ ୩୦୮୦ ଟି କାର ବିକ୍ରି କରିଛି। ଜୁନ୍ ୨୦୨୧ରେ ୭୩୪ଟି ୟୁନିଟ୍ ବିକ୍ରି କରାଯାଇଥିଲା। ଏହା ସହିତ ଜୁନ୍ ୨୦୨୧ ତୁଳନାରେ ଜୁଲାଇ୨୦୨୧ରେ ବିକ୍ରିରେ ୩୨୦% ବୃଦ୍ଧି ଦେଖା ଯାଇଛି। କମ୍ପାନୀର କୌଶଳ ଅନୁସାରେ, କୁସାକର ଶୁଭାରମ୍ଭ ହେତୁ ଏହି ବିକ୍ରି ସଂଖ୍ୟା ଉଲ୍ଲେଖନୀୟ ଭାବରେ ବୃଦ୍ଧି ପାଇଛି। ସ୍କୋଡା ଅଟୋ ଇଣ୍ଡିଆ ପାଇଁ ୨୦୨୧ ହେଉଛି ଏକ ଉଲ୍ଲେଖନୀୟ ବର୍ଷ। କମ୍ପାନୀ ଚଳିତ ବର୍ଷ 'ଇଣ୍ଡିଆ ୨.୦' ଷ୍ଟ୍ରାଟେଜି ଅନ୍ତର୍ଗତ ନୂଆ କୁସାକର ଶୁଭାରମ୍ଭ କରିଥିବା କହିଛି।

# ଫୁର୍‌ସତ୍

## ଉପରିସ୍ଥ ଅଧିକାରୀଙ୍କୁ ବାଲି ଫିଙ୍ଗିଲେ ମହିଳା ଅଫିସର

ହାଇଦ୍ରାବାଦ

ଆନ୍ଧ୍ରପ୍ରଦେଶର ଭାଇଜାଗସ୍ଥିତ ଏକ ସରକାରୀ କାର୍ଯ୍ୟାଳୟରେ ଅଭାବନୀୟ ଘଟଣା ଘଟିଛି। ବନ୍ଦୋବସ୍ତ ବିଭାଗରେ ଆସିଷ୍ଟାଣ୍ଟ କମିଶନର ଭାବେ କାର୍ଯ୍ୟରତ ଜଣେ ମହିଳା ଅଫିସର ଡେପୁଟି କମିଶନରଙ୍କ କାର୍ଯ୍ୟାଳୟକୁ ଯାଇ ତାଙ୍କ ଉପରିସ୍ଥ ଅଧିକାରୀଙ୍କ ଉପରକୁ ବାଲି ଫିଙ୍ଗିଛନ୍ତି। ଏହି ଘଟଣାରେ ସିସିଟିଭି କ୍ୟାମେରାରେ କଏଦ ହେବାପରେ ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଛି । ବାଲି ଫିଙ୍ଗିବା ବେଳେ ଡେପୁଟି କମିଶନର ଅନ୍ୟ ୩ ଜଣ ଅଧିକାରୀଙ୍କ ସହ ବୈଠକରେ ଥିଲେ। ଶାନ୍ତି ନାମ୍ନୀ ମହିଳା ଅଫିସରଙ୍କ ଅଭିଯୋଗ ହେଲା ଡେପୁଟି କମିଶନର ଭି. ପୁଷ୍ପବର୍ଦ୍ଧନ ତାଙ୍କୁ ମାସେ ହେଲା ହଇରାଣ କରୁଥିଲେ। ସରକାରୀ କାର୍ଯ୍ୟରେ ପୁଷ୍ପବର୍ଦ୍ଧନଙ୍କ ମନ୍ତବ୍ୟ ତାଙ୍କୁ ବିବ୍ରତ କରିଥିଲା। ସେ ପୁଷ୍ପବର୍ଦ୍ଧନଙ୍କ ମୁହଁକୁ ବାଲି ଫିଙ୍ଗି ନିଜର ପୁଞ୍ଜିଭୂତ କ୍ରୋଧକୁ ପ୍ରକାଶ କରିଛନ୍ତି। ପୁଷ୍ପବର୍ଦ୍ଧନ ଦୁଇ ମାସ ହେଲା ଉକ୍ତ କାର୍ଯ୍ୟାଳୟରେ ଡେପୁଟି କମିଶନର ଭାବେ ଯୋଗ ଦେଇଥିଲେ। ଆର୍ଥିକ ଅନିୟମିତତା ଅଭିଯୋଗରେ ସେ ନିକଟରେ ଏକ ମନ୍ଦିରର କାର୍ଯ୍ୟନିର୍ବାହୀ ଅଫିସରଙ୍କୁ ନିଲମ୍ବନ କରିଥିଲେ।

## ଭାକ୍ସିନ୍, ମାସ୍କ ସହ ଗଣେଶ

**ଅହମଦାବାଦ:** ଗଣେଶ ପୂଜା ପାଇଁ ଏବେଠାରୁ ମୂର୍ତ୍ତି ତିଆରି ଆରମ୍ଭ ହୋଇଗଲାଣି। ବିଭିନ୍ନ ସହରରେ ଭିନ୍ନ ଭିନ୍ନ ଶୈଳୀରେ ଗଜାନନ ମୂର୍ତ୍ତି ନିର୍ମାଣ ଚାଲିଛି। ଏହି କ୍ରମରେ ଏକ ସ୍ୱତନ୍ତ୍ର ଧରଣର ମୂର୍ତ୍ତି ତିଆରି କରି ଏବେ ଚର୍ଚ୍ଚିତ ହୋଇଛନ୍ତି ଗୁଜରାଟର କରିଗର ଦକ୍ଷ ଜାଙ୍ଗିଡ। କୋଭିଡ୍ ଭାକ୍ସିନ୍ ଏବଂ ସିରିଞ୍ଜ ସହିତ ମାସ୍କ ଧରିଥିବା ଏକ ଇକୋ ଫ୍ରେଣ୍ଡଲି ଗଣେଶ ମୂର୍ତ୍ତି ତିଆରି କରି ସେ ସଚେତନତାର ବାର୍ତ୍ତା ଦେଇଛନ୍ତି। ଦକ୍ଷ ଜାଙ୍ଗିଡଙ୍କ ଗଣେଶ ମୂର୍ତ୍ତିକୁ ନେଇ ଏବେଠାରୁ ଚର୍ଚ୍ଚା ଆରମ୍ଭ ହୋଇଛି। କାହିଁକି ନା ତାଙ୍କର ମୂର୍ତ୍ତିରେ ରହିଛି କୋଭିଡ୍ ସଚେତନତା ବାର୍ତ୍ତାର ଏକ ସ୍ୱତନ୍ତ୍ର ଷ୍ଟାଇଲ୍। ଗଣେଶଙ୍କ ମାଧ୍ୟମରେ ସେ ଟିକାକରଣ ସହିତ ତୃତୀୟ ଲହର ପ୍ରତି ସତର୍କ ରହିବା ନିମନ୍ତେ ସଚେତନ




କରାଇଛନ୍ତି। ଏଥିପାଇଁ ସେ ଏଭଳି ମୂର୍ତ୍ତି ତିଆରି କରିଛନ୍ତି; ଯେଉଁଥିରେ ଗଣେଶ ଭଗବାନ ଏକ କୋଭିଡ୍ ଭାକ୍ସିନ୍ ଶିଶି ଉପରେ ବସିଛନ୍ତି ଏବଂ ତାଙ୍କ ପାଖରେ ସିରିଞ୍ଜ ମଧ୍ୟ ରହିଛି। ଖାଲି ସେତିକି ନୁହେଁ, ଗଣେଶ ଗୋଟିଏ ହାତରେ ମାସ୍କ ମଧ୍ୟ ଧରିଛନ୍ତି। ଏଭଳି ଏକ ଇକୋ ଫ୍ରେଣ୍ଡଲି ମୂର୍ତ୍ତି ତିଆରି କରିବା ପଛରେ ତାଙ୍କର ଉଦ୍ଦେଶ୍ୟ ହେଉଛି ଲୋକଙ୍କୁ ସଚେତନ କରିବା। ସମସ୍ତେ ଟିକା ନେବାର ଆବଶ୍ୟକତା ରହିଛି। ଏହାଛଡ଼ା ତୃତୀୟ ଲହର ରୋକିବା ନିମନ୍ତେ ମାସ୍କ ମଧ୍ୟ ବ୍ୟବହାର କରିବା ଜରୁରୀ। ଏହା ବ୍ୟତୀତ ମୂର୍ତ୍ତି ପାଖରେ କୋଭିଡ୍ ଯୋଦ୍ଧାଙ୍କୁ ମଧ୍ୟ ସ୍ଥାନ ଦେଇଛନ୍ତି କାରିଗର। ଏଭଳି ଏକ ମୂର୍ତ୍ତି ମାଧ୍ୟମରେ ସେ ଲୋକଙ୍କୁ ସୁରକ୍ଷିତ ରହିବା ପାଇଁ ଭାକ୍ସିନ୍ ନେବା ସହିତ ତୃତୀୟ ଲହର ନିମନ୍ତେ ଆଗୁଆ ସତର୍କ ରହିବା ଲାଗି ସଚେତନ କରାଇଛନ୍ତି। ତାଙ୍କ ମୂର୍ତ୍ତିର ଉଚ୍ଚତା ହେଉଛି ୨.୫ ଫୁଟ। ଜାଙ୍ଗିଡଙ୍କୁ ଏହି ମୂର୍ତ୍ତି ତିଆରି କରିବା ପାଇଁ ଦୁଇଦିନ ସମୟ ଲାଗିଛି ଏବଂ ତାଙ୍କୁ ଏହି କାମରେ ଅନ୍ୟ ୪ଜଣ କାରିଗର ସାହାଯ୍ୟ କରିଛନ୍ତି।

## ଇନ୍‌ଷ୍ଟାଗ୍ରାମ୍‌ରେ ନେହାଙ୍କ ୬୦ମିଲିୟନ ଫଲୋଅର୍ସ



**ମୁମ୍ବାଇ:** ଗାୟିକା ନେହା କକ୍କର ଇଣ୍ଟରନେଟ ସେନ୍ସେସନ ପାଲଟିଛନ୍ତି। ସୋସିଆଲ ମିଡିଆରେ ତାଙ୍କର ବହୁ ଫ୍ୟାନ ଫଲୋଅର୍ସ ଅଛନ୍ତି। କେବଳ ଇନ୍‌ଷ୍ଟାଗ୍ରାମରେ ୬୦ ମିଲିୟନରୁ ଅଧିକ ଲୋକ ତାଙ୍କୁ ଫଲୋ କରନ୍ତି। ଏବେ ନେହା ନିଷ୍ପତ୍ତି ନେଇଛନ୍ତି, କିଛି ଲୋକଙ୍କୁ ଇନ୍‌ଷ୍ଟାଗ୍ରାମରୁ ଅନ୍‌ଫଲୋ କରିବେ। ନେହା ଏକ ପୋଷ୍ଟ ଶେୟାର କରି ଲେଖିଛନ୍ତି, ସରି ପୋଷ୍ଟରେ କିଛି ଖରାପ ଅଭିଜ୍ଞତା ଯୋଗୁ ମୋ ଇନ୍‌ଷ୍ଟାଗ୍ରାମରୁ ମୁଁ କିଛି ଲୋକଙ୍କୁ ଅନ୍‌ଫଲୋ କରିବା ପାଇଁ ନିଷ୍ପତ୍ତି ନେଇଛି। ମୁଁ ଯେଉଁମାନଙ୍କୁ ଜାଣିଛି କେବଳ ସେହିମାନେ ହିଁ ମୋ' ସହ ରହିବେ। ଯଦି ଆପଣଙ୍କୁ ଖରାପ ଲାଗେ ତେବେ ମୋ ମନରେ କାହାପ୍ରତି କୌଣସି ଆପତ୍ତି ନାହିଁ। ମାତ୍ର ବହୁତ କେୟାରଫୁଲ୍ ରହିବା ଜରୁରୀ। ଏ ତ ଗଲା ନେହାଙ୍କ ବ୍ୟକ୍ତିଗତ କଥା। ଯଦି ତାଙ୍କ ୱାର୍କଫ୍ରଣ୍ଟ କଥା ଦେଖିବା ତେବେ ତାଙ୍କର ଏକ ଗୀତ ରିଲିଜ ହୋଇଛି। ଗୀତର ଟାଇଟଲ ଟୁ -ଫୋନ। ଏହି ଗୀତରେ ଜସ୍ମିନ ଭସିନ ଏବଂ ଅଲି ଗୋନିଙ୍କର ଫିଚର ହୋଇଛି। ନେହାଙ୍କ ଏହି ଗୀତକୁ ପ୍ରଶଂସକମାନଙ୍କଠାରୁ ଜବରଦସ୍ତ ଭଲପାଇବା ମିଳିଛି।


**ତୃତୀୟ ଜନ୍ମବାର୍ଷିକ ଶୁଭେଚ୍ଛା**



(ରୁହି)
ସାଇଶ୍ରଦ୍ଧା ସିଂହ
ନରସିଂହପୁର, ଦଶପଲ୍ଲା, ନୟାଗଡ଼
ତୋର ୩ୟ ଜନ୍ମବାର୍ଷିକରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ସାଇନାଥ ତୋତେ ଦୀର୍ଘାୟୁ, ଯଶସ୍ୱୀ କରିବା ସହ ତୋର ଚଲାପଥ କୁସୁମିତ କରନ୍ତୁ, ଏତିକି କାମନା କରୁଛୁ।
ଆଶୀର୍ବାଦ ସହ:- ଦାଦା, ଦାଦୀ, ବାବା, ମମି, ମାମୁ, ମାଇଁ, ନାନା, ନାନୀ ଏବଂ ସିଂହ ପରିବାର ।
ଧ-୨୧୨୮୦

**ଷଷ୍ଠ ଜନ୍ମଦିନ ଶୁଭେଚ୍ଛା**



(ଗୁଡ଼ି)
ଆଶିଲିପ୍ସା ଓଝା
ନୂଆହାଟ, ଜାବେରା, ଯାଜପୁର
ଆଜି ତୋର ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛିକି ତୋର ଚଲାପଥ କୁସୁମିତ ହେଉ।
-:ଶୁଭେଚ୍ଛା ସହ:-
ଜେଜେ, ବାପା, ମାମା, ବଡ଼ ବାପା, ବଡ଼ ବୋଉ, ମଉସା, ମାଉସୀ, ପିଉସା, ପିଉସୀ, ଅଜା, ଆଈ, ମାମୁ, ବାବି, ବେବୁ, ସାନୁ, ଗୁଲୁ, ବେବ୍, ପୂଜା ମାଉସୀ, ବନ୍ଧୁ ଓ ପରିବାରବର୍ଗ।
ଧ-୭୦୮୬

**CLASSIFIED DISPLAY**

MORE SPACE • SAME PRICE — TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**NURSING**
ADMISSION OPEN
For Session 2021-22
Courses Offered
B.Sc. Nursing (4 yrs.)
(Approved by ONMRC, BBSR, and Affiliated by Utkal University, BBSR.
GNM (3 yrs.)
(Approved by ONMRC, BBSR and Affiliated by Indian Nursing Council, New Delhi)
ANM (2 yrs.)
(Approved by ONMRC, BBSR and Affiliated by Indian Nursing Council, New Delhi)
DMLT (2 yrs.)
(Approved by DMLT / RT Council BBSR)
PALLI CHANDAN
GROUP OF INSTITUTION
Women's College Road, Nimapada, Puri-752106
Ph.- 9437282699 / 9658570761
Email- kamal2007@pcgi.co.in

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
ବାବା ଅମନ ବଙ୍ଗାଲୀ
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ପୋତାଧନ ଇତ୍ୟାଦି
କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବଶୀକରଣ, ମୂଠକରଣୀ ଏବଂ କଳାଯାଦୁ ସ୍ପେଶାଲିଷ୍ଟ
8882703236
8750699637

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ
ବ୍ୟବସାୟ, ପ୍ରେମବିବାହ, ମନ ଚାହୁଁଥିବା ଭଲପାଉଥିବା, କଳାଯାଦୁ କରି କରାଉଥିବା, ପତି-ପତ୍ନୀ ମଧ୍ୟରେ ଝଗଡା ଏବଂ ଗୃହକ୍ଲେଶ, ସଉତୁଣୀ ଶତ୍ରୁ ମୁକ୍ତି, ରୁଷିଥିବା ଲୋକଙ୍କୁ ରାଜି କରାଇବା, ବଶୀକରଣ, ମୂଠ ଯାଦୁ ଟୋଣା, କ୍ୟାରିୟରରେ ଅସଫଳତା, ରୋଗରେ ଔଷଧ କାମ ନ କରିବା ଘରେ ହେଉଥିବା ଝଗଡା, ମା, ଭଉଣୀ ଓ ଝିଅମାନେ ନିଃସଙ୍କୋଚରେ ଫୋନ୍ କାରନ୍ତୁ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୂଠକରଣୀ
Baba Rejvan Khan
ସତ୍ୟ ନଗର, କାଳୀ ମନ୍ଦିର ପାଖ, ଭୁବନେଶ୍ୱର
9650844651

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

ପ୍ରଥମ ଶ୍ରାଦ୍ଧବାର୍ଷିକୀ



ସ୍ୱ ପି. ଜୟନ୍ତୀ ପାତ୍ର
ବଜାର ସାହି, ଆସିକା
ତିରୋଧାନ : ୧୯.୭.୨୦୨୦
ପ୍ରଥମ ଶ୍ରାଦ୍ଧବାର୍ଷିକୀ : ୦୭.୮.୨୦୨୧
ଆଜି ଆପଣଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଆପଣଙ୍କ ଅମରଆତ୍ମାର ସଦ୍‌ଗତି ଲାଗି ଜଗତରନାଥ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଶତକୋଟି ପ୍ରଣତି ଜଣାଉଛୁ।
- ଶୋକସନ୍ତପ୍ତ -
ପି. ଦେବରାଜ ପାତ୍ର (ସ୍ୱାମୀ)
ପି. ଶ୍ରୀନିବାସ ପାତ୍ର (ପୁତ୍ର)
ପି. ସ୍ମିତାରାଣୀ ପାତ୍ର (ବୋହୂ)
ଶ୍ରେୟାରାଣୀ ଓ ଶ୍ରୀନିତାରାଣୀ (ନାତୁଣୀ)
ଧ-୨୧୨୭୭

ଦଶାହ ତିଥିରେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ବଂଶୀଧର ମହାପାତ୍ର
ସେବକ ସାହି, ସାକ୍ଷୀଗୋପାଳ
ଆପଣଙ୍କ ଅମର ଆତ୍ମାର ଚିରଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀସାକ୍ଷୀଗୋପାଳ ଠାକୁରଙ୍କ ନିକଟରେ ପ୍ରାର୍ଥନା କରୁଛି।
ହତଭାଗ୍ୟ ପତ୍ନୀ, ପୁତ୍ର ଶ୍ରୀ ପ୍ରମୋଦ, ପ୍ରତୀପ, ପ୍ରତାପ, ବନ୍ଧୁ ଓ ପରିବାରବର୍ଗ ।
ଧ-୭୭୬୩୫

# ବ୍ରୋଞ୍ଜ ହାରିଲେ, ହୃଦୟ ଜିତିଲେ



ଅଧିନାୟିକା ରାଣୀ ରାମପାଲ







ପରାଜୟ ଦୁଃଖରେ ମ୍ରିୟମାଣ ଭାରତୀୟ ଗୋଲ୍‌କିପର ସବିତା ଓ ବନ୍ଦନା କାଟାରିୟା। ଦୀପ୍‌ଗ୍ରେସ୍ ଏକାଙ୍କୁ ପ୍ରବୋଧନା ଦେଉଛନ୍ତି ବୈଜ୍ଞାନିକ ପରାମର୍ଶଦାତା ୱେନ ଲୋମ୍ବାର୍ଡ।

**ଟୋକିଓ,୬।୮**

ପ୍ରଥମଥର ପାଇଁ ଅଲିମ୍ପିକ୍ସ ହକି ସେମିଫାଇନାଲରେ ପ୍ରବେଶ କରି ଇତିହାସ ସୃଷ୍ଟି କରିଥିବା ଭାରତୀୟ ମହିଳା ଦଳର ପଦକ ଜିତିବା ଆଶା ଅପୂରଣୀୟ ରହିଛି। ବ୍ରୋଞ୍ଜ ପଦକ ପାଇଁ ଶୁକ୍ରବାର ଖେଳାଯାଇଥିବା ସଂଘର୍ଷପୂର୍ଣ୍ଣ ମୁକାବିଲାରେ ଭାରତ ୩-୪ ଗୋଲରେ ଗ୍ରେଟ ବ୍ରିଟେନଠାରୁ ପରାସ୍ତ ହୋଇଛି। ଫଳରେ ପ୍ରଥମ ଅଲିମ୍ପିକ୍ସ ପଦକ ହାସଲ ଲକ୍ଷ୍ୟରେ ଥିବା ଭାରତୀୟ ମହିଳା ଦଳର ଆଶା ଧୂଳିସାତ୍ ହୋଇଛି। ଏହି ନିର୍ଣ୍ଣାୟକ ମ୍ୟାଚ୍ ହାରିଥିଲେ ମଧ୍ୟ ଭାରତ କୋଟି କୋଟି ପ୍ରଶଂସକଙ୍କ ହୃଦୟ ଜିତିବାକୁ ସକ୍ଷମ ହୋଇଛି। ଟୋକିଓ ଅଲିମ୍ପିକ୍ସରେ ଭାରତ ଚତୁର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଛି ଓ ଏହା ଭାରତ ପାଇଁ ଶ୍ରେଷ୍ଠ ଅଲିମ୍ପିକ୍ସ ଫିନିଶ ସାବ୍ୟସ୍ତ ହୋଇଛି। ବିଶ୍ୱର ୪ ନମ୍ବର ଦଳ ଗ୍ରେଟ ବ୍ରିଟେନ ୫ ବର୍ଷ ତଳେ ୨୦୧୬ ରିଓ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା। ତେବେ ଏଥର ବ୍ରିଟେନକୁ ବ୍ରୋଞ୍ଜରେ ସନ୍ତୁଷ୍ଟ ହେବାକୁ ପଡିଛି। ଅବଶ୍ୟ ୧୯୮୦ ମସ୍କୋ ଅଲିମ୍ପିକ୍ସରେ ମଧ୍ୟ ଭାରତ ଚତୁର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ଏହି ଅଲିମ୍ପିକ୍ସରେ ସେମିଫାଇନାଲ ଖେଳାଯାଇ ନ ଥିଲା। ମୋଟ ୬ଟି ଦଳ ଅଂଶଗ୍ରହଣ କରିଥିବାରୁ ରାଉଣ୍ଡ- ରବିନ ଫର୍ମାଟରେ ମ୍ୟାଚ୍‌ଗୁଡିକ ଖେଳାଯାଇଥିଲା ଓ ଶ୍ରେଷ୍ଠ ଦୁଇଟି ଦଳ ଫାଇନାଲରେ ପ୍ରବେଶ କରିଥିଲେ। ଭାରତୀୟ ପୁରୁଷ ଦଳ ଦୀର୍ଘ ୪୧ ବର୍ଷ ପରେ ଜର୍ମାନୀକୁ ୫-୪ ଗୋଲରେ ହରାଇ ବ୍ରୋଞ୍ଜ ପଦକ ଜିତିବାର ଗୋଟିଏ ଦିନ ପରେ ଭାରତୀୟ ମହିଳା ଦଳ ଏହି ନିର୍ଣ୍ଣାୟକ ମ୍ୟାଚରେ ପରାସ୍ତ ହୋଇଛି। ଭାରତ ଦୁଇଟି ଗୋଲ ପଛରେ ଥାଇ ପ୍ରତ୍ୟାବର୍ତ୍ତନ କରିଥିଲା ଓ ହାଫ୍‌ଟାଇମ ସୁଦ୍ଧା ୩-୨ରେ ଅଗ୍ରଣୀ ହାସଲ କରିଥିଲା। କିନ୍ତୁ ବ୍ରିଟେନ ଦ୍ୱିତୀୟାର୍ଦ୍ଧରେ ପ୍ରାଣମୂର୍ଚ୍ଛା ଚେଷ୍ଟା କରି ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରିବା ସହ ଦୁଇଟି ଗୋଲ ଦେଇଥିଲା। ଫଳରେ ଭାତର ଅଳ୍ପକେ ବିଜୟ ହାତଛଡ଼ା କରିଥିଲା।

ଭାରତ ୫ ମିନିଟ୍ ସମୟରେ ୩ଟି ଗୋଲ ଦେଇଥିଲା। ତାରକା ଡ୍ରାଗ୍ ଫ୍ଲିକର ଗୁରଜିତ କୌର ୨୫ ଓ ୨୬ତମ ମିନିଟ୍‌ରେ ଦୁଇଟି ଗୋଲ ଦେଇଥିଲେ। ସେହିପରି ୨୯ତମ ମିନିଟ୍‌ରେ ବନ୍ଦନା କାଟାରିୟା ଗୋଟିଏ ଗୋଲ ଦେଇଥିଲେ। ଅନ୍ୟପଟେ ବ୍ରିଟେନ ତରଫରୁ ୪ଟି ଗୋଲ ଦିଆଯାଇଥିଲା। ଦଳ ତରଫରୁ ୧୬ତମ ମିନିଟ୍‌ରେ ପ୍ରଥମ ଗୋଲ ସ୍କୋର କରିଥିଲେ ଏଲିନା ରେୟର। ଏହାପରେ ସାରା ରବର୍ଟଶନ ୨୪, ଅଧିନାୟିକା ହୋଲି ପିର୍ଣ୍ଣ-ୱେବ ୩୫ ଓ ଗ୍ରେସ୍ ବାଲଡସନ ୪୮ତମ ମିନିଟ୍‌ରେ ଗୋଲ ଦେଇ ଦଳକୁ ଜିତାଇଥିଲେ।

## ବ୍ରିଟେନଠାରୁ ଭାରତ ୩-୪ ଗୋଲରେ ପରାସ୍ତ

ଭାରତ ଦ୍ୱିତୀୟ କ୍ୱାର୍ଟର ଶେଷ ସୁଦ୍ଧା ୩-୨ ଗୋଲରେ ଅଗ୍ରଣୀ ହାସଲ କରିଥିଲା। ଭାରତ କିନ୍ତୁ ଏହି ଅଗ୍ରଣୀ ବଜାୟ ରଖିପାରି ନ ଥିଲା। ତୃତୀୟ ଓ ଚତୁର୍ଥ କ୍ୱାର୍ଟରରେ ବ୍ରିଟେନ ୧୫ ମିନିଟ୍ ମଧ୍ୟରେ ଦୁଇଟି ଗୋଲ ଦେଇ ମ୍ୟାଚ୍ ନିଜ ହାତକୁ ନେଇଥିଲା। ପ୍ରଥମେ ୨-୦ ଗୋଲରେ ପଛରେ ପଡିଥିଲେ ମଧ୍ୟ ଭାରତ ପ୍ରତ୍ୟାବର୍ତ୍ତନ କରିଥିଲା। ଗୁରଜିତ ୨୫ ଓ ୨୬ତମ ମିନିଟ୍‌ରେ ଗୋଲ ଦେଇ ମ୍ୟାଚ୍‌କୁ ୨-୨ ବରାବର ସ୍ଥିତିକୁ ଆଣିଥିଲେ। ଏହାପରେ ବନ୍ଦନା ୨୯ତମ ମିନିଟ୍‌ରେ ଗୋଲ ଦେଇ ଭାରତକୁ ଅଗ୍ରଣୀ କରାଇଥିଲେ।

ପ୍ରଥମ କ୍ୱାର୍ଟରରେ ଇଂଲଣ୍ଡ ଆକ୍ରମଣ କରିଥିଲା। ମ୍ୟାଚର ଦ୍ୱିତୀୟ ଓ ଦଶମ ମିନିଟରେ ବ୍ରିଟେନ ଦୁଇଟି ପେନାଲ୍ଟି କର୍ନର ପାଇଥିଲା। ତେବେ ଭାରତୀୟ ଗୋଲକିପର ସବିତା ସେଭ କରି ଇଂଲଣ୍ଡକୁ ନିରାଶ କରିଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଭାରତ ପ୍ରଭାବ ବିସ୍ତାର କରି ଖେଳିଥିଲା। ତୃତୀୟ କ୍ୱାର୍ଟରରେ ଇଂଲଣ୍ଡ ସ୍କୋର ବରାବର କରିଥିଲା ଓ ଚତୁର୍ଥ କ୍ୱାର୍ଟରରେ ମ୍ୟାଚ୍ ହାତେଇ ନେଇଥିଲା।

ଭାରତ ପାଇଁ ଗୁରଜିତ କ୍ରମାଗତ ଦୁଇଟି ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ବିଜୟ ଆଶା ଉଜ୍ଜୀବିତ କରିଥିଲେ। ଏହାପରେ ଭାରତ ସପକ୍ଷରେ ମୁମେଣ୍ଟମ ରହିଥିଲା। ବ୍ରିଟେନ ସ୍କୋର ବରାବର କରିବା ପରେ ଭାରତ ଦୁଇଟି ପେନାଲ୍ଟି କର୍ନର ପାଇଥିଲା। କିନ୍ତୁ ଗୋଲ ଦେବାରେ ବିଫଳ ହୋଇଥିଲା। ପୂରା ମ୍ୟାଚ୍‌ରେ ଭାରତୀୟ ଗୋଲକିପର ସବିତାଙ୍କ ପ୍ରଦର୍ଶନ ଉଚ୍ଚକୋଟୀର ଥିଲା। ତୃତୀୟ କ୍ୱାର୍ଟର ଶେଷ ଆଡକୁ ଭାରତ ସପ୍ତମ ପେନାଲ୍ଟି କର୍ନର ପାଇଥିଲେ ମଧ୍ୟ ଗୋଲ ହୋଇପାରି ନ ଥିଲା। ଶେଷରେ ଚତୁର୍ଥ କ୍ୱାର୍ଟରରେ ବ୍ରିଟେନ ପ୍ରଭାବୀ ସାବ୍ୟସ୍ତ ହୋଇଥିଲା ଓ ଭାରତୀୟ ଡିଫେନ୍ସ ଉପରେ ଚାପ ପକାଇଥିଲା। ଅନ୍ତିମ ୮ ମିନିଟ୍‌ରେ ଭାରତ ପାଇଁ ଏକାଧିକ ସୁଯୋଗ ଥିଲା କିନ୍ତୁ ବ୍ରିଟେନ ଡିଫେନ୍ସ ଉନ୍ନତ ଖେଳ ପ୍ରଦର୍ଶନ କରି ଭାରତର ପ୍ରୟାସକୁ ରୋକିଥିଲା। ଭାରତ ଶେଷ ପର୍ଯ୍ୟନ୍ତ ଗୋଲ ପରିଶୋଧ କରିବାକୁ ପ୍ରୟାସ କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲା। ଶେଷରେ ବ୍ରିଟେନ ପୋଡିୟମ ଫିନିଶ କରିବାର ସୁଯୋଗ ପାଇଥିଲା। ଅଲିମ୍ପିକ୍ସରେ ବ୍ରିଟେନ ଗୋଟିଏ ସ୍ୱର୍ଣ୍ଣ ୨୦୧୬ ରିଓ ଅଲିମ୍ପିକ୍ସରେ ହାସଲ କରିଥିଲା। ଏହାପୂର୍ବରୁ ୧୯୯୨, ୨୦୧୨ରେ ବ୍ରୋଞ୍ଜ ପଦକ ହାସଲ କରିଥିଲା।

### ନେଦରଲାଣ୍ଡକୁ ସ୍ୱର୍ଣ୍ଣ

ଟୋକିଓ ଅଲିମ୍ପିକ୍ସରେ ନେଦରଲାଣ୍ଡ ମହିଳ ହକି ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛି। ଶୁକ୍ରବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ନେଦରଲାଣ୍ଡ ୩-୧ ଗୋଲରେ ଆର୍ଜେଣ୍ଟିନାକୁ ହରାଇ ଚାମ୍ପିୟନ ହୋଇଛି। ୨୦୧୬ ରିଓ ଅଲିମ୍ପିକ୍ସରେ ନେଦରଲାଣ୍ଡ ଫାଇନାଲ ମ୍ୟାଚ୍‌ରେ ଗ୍ରେଟ ବ୍ରିଟେନଠାରୁ ଶୁଟ୍‌ଆଉଟରେ ପରାସ୍ତ ହୋଇ ସ୍ୱର୍ଣ୍ଣ ପଦକରୁ ବଞ୍ଚିତ ହୋଇଥିଲା। ତେବେ ଏଥର କୌଣସି ତ୍ରୁଟି ନ କରି ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି।



## ଅଲିମ୍ପିକ୍ସ ପଦକ ତାଲିକା

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଚାଇନା | ୩୬ | ୨୬ | ୧୭ | ୭୯ |
| ଆମେରିକା | ୩୧ | ୩୬ | ୩୧ | ୯୮ |
| ଜାପାନ | ୨୪ | ୧୧ | ୧୬ | ୫୧ |
| ଗ୍ରେଟ ବ୍ରିଟେନ | ୧୮ | ୨୦ | ୨୦ | ୫୮ |
| ଆରଓସି | ୧୭ | ୨୩ | ୨୨ | ୬୨ |
| ଅଷ୍ଟ୍ରେଲିଆ | ୧୭ | ୬ | ୨୧ | ୪୪ |
| ଇଟାଲୀ | ୧୦ | ୧୦ | ୧୮ | ୩୮ |
| ଜର୍ମାନୀ | ୯ | ୧୧ | ୧୬ | ୩୬ |
| ନେଦରଲାଣ୍ଡ | ୯ | ୧୦ | ୧୨ | ୩୧ |
| ଫ୍ରାନ୍ସ | ୭ | ୧୧ | ୯ | ୨୭ |
| ନ୍ୟୁଜିଲାଣ୍ଡ | ୭ | ୬ | ୬ | ୧୯ |
| କାନାଡ଼ା | ୬ | ୬ | ୧୦ | ୨୨ |
| ଦକ୍ଷିଣ କୋରିଆ | ୬ | ୪ | ୯ | ୧୯ |
| କ୍ୟୁବା | ୬ | ୩ | ୪ | ୧୩ |
| ହଙ୍ଗେରି | ୫ | ୭ | ୫ | ୧୭ |
| ବ୍ରାଜିଲ | ୪ | ୪ | ୮ | ୧୬ |
| ପୋଲାଣ୍ଡ | ୪ | ୪ | ୪ | ୧୨ |
| ଚେକ୍ ରିପବ୍ଲିକ୍ | ୪ | ୩ | ୨ | ୯ |
| ଜାମାଇକା | ୪ | ୧ | ୩ | ୮ |
| ସ୍ପେନ | ୩ | ୫ | ୫ | ୧୩ |
| ସୁଇଜରଲାଣ୍ଡ | ୩ | ୪ | ୬ | ୧୩ |
| କ୍ରୋଏସିଆ | ୩ | ୩ | ୨ | ୮ |
| ବେଲଜିୟମ | ୩ | ୧ | ୧ | ୫ |
| ସ୍ଲୋଭେନିଆ | ୩ | ୧ | ୧ | ୫ |
| ସୁଇଡେନ | ୨ | ୬ | ୦ | ୮ |
| ଜର୍ଜିଆ | ୨ | ୫ | ୧ | ୮ |
| ଚାଇନିଜ୍ ତାଇପେ | ୨ | ୪ | ୬ | ୧୨ |
| ଡେନମାର୍କ | ୨ | ୩ | ୪ | ୯ |
| ଇରାନ | ୨ | ୨ | ୨ | ୬ |
| କେନିୟା | ୨ | ୨ | ୨ | ୬ |
| ନରୱେ | ୨ | ୨ | ୧ | ୫ |
| ସର୍ବିଆ | ୨ | ୧ | ୪ | ୭ |
| ଉଗାଣ୍ଡା | ୨ | ୧ | ୧ | ୪ |
| ଇକ୍ୱେଡର | ୨ | ୧ | ୦ | ୩ |
| ଉଜ୍‌ବେକିସ୍ତାନ | ୨ | ୦ | ୨ | ୪ |
| ଗ୍ରୀସ୍ | ୨ | ୦ | ୧ | ୩ |
| ବାହାମାସ | ୨ | ୦ | ୦ | ୨ |
| କୋସୋଭୋ | ୨ | ୦ | ୦ | ୨ |
| କାତାର | ୨ | ୦ | ୦ | ୨ |
| ୟୁକ୍ରେନ | ୧ | ୩ | ୧୦ | ୧୪ |
| ରୋମାନିଆ | ୧ | ୩ | ୦ | ୪ |
| ଭେନଜୁଏଲା | ୧ | ୩ | ୦ | ୪ |
| ବେଲାରୁଷ | ୧ | ୨ | ୨ | ୫ |
| ହଂକଂ | ୧ | ୨ | ୨ | ୫ |
| ଦକ୍ଷିଣ ଆଫ୍ରିକା | ୧ | ୨ | ୦ | ୩ |
| ସ୍ଲୋଭାକିଆ | ୧ | ୨ | ୦ | ୩ |
| ତୁର୍କୀ | ୧ | ୧ | ୮ | ୧୦ |
| ଅଷ୍ଟ୍ରିଆ | ୧ | ୧ | ୫ | ୭ |
| ଇଣ୍ଡୋନେସିଆ | ୧ | ୧ | ୩ | ୫ |
| ବୁଲଗେରିଆ | ୧ | ୧ | ୨ | ୪ |
| ପର୍ତ୍ତୁଗାଲ | ୧ | ୧ | ୨ | ୪ |
| ଇଥିଓପିଆ | ୧ | ୧ | ୧ | ୩ |
| ଫିଲିପାଇନ୍ସ | ୧ | ୧ | ୧ | ୩ |
| ଟ୍ୟୁନିସିଆ | ୧ | ୧ | ୦ | ୨ |
| ଆୟର୍ଲାଣ୍ଡ | ୧ | ୦ | ୨ | ୩ |
| ଇସ୍ରାଏଲ | ୧ | ୦ | ୨ | ୩ |
| ଇସ୍ତୋନିଆ | ୧ | ୦ | ୧ | ୨ |
| ଫିଜି | ୧ | ୦ | ୧ | ୨ |
| ଲାଟିଭିଆ | ୧ | ୦ | ୧ | ୨ |
| ଥାଇଲାଣ୍ଡ | ୧ | ୧ | ୦ | ୨ |
| ବର୍ମୁଡା | ୧ | ୦ | ୦ | ୧ |
| ମରକ୍କୋ | ୧ | ୦ | ୦ | ୧ |
| ପୁଏର୍ଟୋ ରିକୋ | ୧ | ୦ | ୦ | ୧ |
| କଲମ୍ବିଆ | ୦ | ୪ | ୧ | ୫ |
| ଡୋମିନିକାନ ରିପବ୍ଲିକ | ୦ | ୩ | ୧ | ୪ |
| **ଭାରତ** | **୦** | **୨** | **୩** | **୫** |
| ଆର୍ମେନିଆ | ୦ | ୨ | ୨ | ୪ |
| କିର୍ଗିଜସ୍ତାନ | ୦ | ୨ | ୧ | ୩ |
| ଆଜରବୈଜାନ | ୦ | ୧ | ୩ | ୪ |
| ମଙ୍ଗୋଲିଆ | ୦ | ୧ | ୩ | ୪ |
| ସାନ୍ ମାରିନୋ | ୦ | ୧ | ୨ | ୩ |
| ଆର୍ଜେଣ୍ଟିନା | ୦ | ୧ | ୧ | ୨ |
| ଜୋର୍ଡାନ | ୦ | ୧ | ୧ | ୨ |
| ନାଇଜେରିଆ | ୦ | ୧ | ୧ | ୨ |
| ଲିଥୁଆନିଆ | ୦ | ୧ | ୦ | ୧ |
| ନର୍ଥ ମାସେଡୋନିଆ | ୦ | ୧ | ୦ | ୧ |
| ନାମ୍ବିଆ | ୦ | ୧ | ୦ | ୧ |
| ତୁର୍କମେନିସ୍ତାନ | ୦ | ୧ | ୦ | ୧ |
| କାଜାଖସ୍ତାନ | ୦ | ୦ | ୭ | ୭ |
| ଇଜିପ୍ଟ | ୦ | ୦ | ୪ | ୪ |
| ମେକ୍ସିକୋ | ୦ | ୦ | ୪ | ୪ |
| ଫିନ୍‌ଲାଣ୍ଡ | ୦ | ୦ | ୨ | ୨ |
| ବୁରକିନା ଫାସୋ | ୦ | ୦ | ୧ | ୧ |
| ଆଇଭରି କୋଷ୍ଟ | ୦ | ୦ | ୧ | ୧ |
| ଘାନା | ୦ | ୦ | ୧ | ୧ |
| ଗ୍ରେନାଡ଼ା | ୦ | ୦ | ୧ | ୧ |
| କୁଏତ | ୦ | ୦ | ୧ | ୧ |
| ମାଲେସିଆ | ୦ | ୦ | ୧ | ୧ |
| ସିରିୟା | ୦ | ୦ | ୧ | ୧ |

# ବ୍ରୋଞ୍ଜ ପାଇଁ ଲଢ଼ିବେ ବଜରଙ୍ଗ

**ଚିବା (ଜାପାନ), ୬।୮ (ପି.ଟି.)**

ବଜରଙ୍ଗ ପୁନିଆଙ୍କ ପାରମ୍ପାରିକ ଲେଗ୍-ଡିଫେନ୍ସ ଦୁର୍ବଳତା ଟୋକିଓ ଅଲିମ୍ପିକ୍ସରେ ମହଙ୍ଗା ପଡ଼ିଛି। ଶୁକ୍ରବାର ୬୫ କେଜି ପୁରୁଷ ଫ୍ରିଷ୍ଟାଇଲ୍ କୁସ୍ତି ସେମିଫାଇନାଲରେ ସେ ୩ ଥର ବିଶ୍ୱ ଚାମ୍ପିୟନ ହାଜି ଆଲିଏଭଙ୍କଠାରୁ ହାରି ଯାଇଛନ୍ତି। ଏବେ ସେ ବ୍ରୋଞ୍ଜ ପଦକ ପାଇଁ ଲଢ଼ିବେ। ରିଓ ଅଲିମ୍ପିକ୍ସ ବ୍ରୋଞ୍ଜ ମେଡାଲିଷ୍ଟ ଆଜରବୈଜାନର ଆଲିଏଭ କ୍ରମାଗତଭାବେ ବଜରଙ୍ଗଙ୍କ ଗୋଡ଼ ଉପରେ ଆକ୍ରମଣ କରି ଫାଇଦାରେ ରହିଥିଲେ। ପ୍ରଥମ ରାଉଣ୍ଡରେ ୧-୪ରେ ପଛୁଆ ରହିବାପରେ ବଜରଙ୍ଗ ଆକ୍ରମଣାତ୍ମକ ପନ୍ଥା ଅବଲମ୍ବନ କରିଥିଲେ ହେଁ ଆଲିଏଭ ଚତୁରତାର ସହ ତଳେ ପକାଇ ୮-୧ ପଏଣ୍ଟରେ ଅଗ୍ରଣୀ ନେଇ ଯାଇଥିଲେ। ତୃତୀୟ ରାଉଣ୍ଡରେ ବଜରଙ୍ଗ ଅପେକ୍ଷାକୃତ ଭଲ ଲଢ଼ିଥିଲେ ହେଁ ତାହା ପର୍ଯ୍ୟାପ୍ତ ହୋଇ ନ ଥିଲା। ଯଦି ବ୍ରୋଞ୍ଜ ପଦକ ମ୍ୟାଚରେ ବଜରଙ୍ଗ ବିଜୟୀ ହେବେ ତେବେ ଭାରତ ୨୦୧୨ ଲଣ୍ଡନ ଅଲିମ୍ପିକ୍ସ ସମକକ୍ଷ ପ୍ରଦର୍ଶନ କରି ପାରିବେ। ଲଣ୍ଡନରେ ସୁଶୀଲ କୁମାର ରୌପ୍ୟ ଏବଂ ଯୋଗେଶ୍ୱର ଦତ୍ତ ବ୍ରୋଞ୍ଜ ପଦକ ପାଇଥିଲେ। ଚଳିତ ଅଲିମ୍ପିକ୍ସରେ ରବି ଦହିୟା ୫୭ କେଜି ବିଭାଗରେ ରୌପ୍ୟ ପଦକ ପାଇ ସାରିଛନ୍ତି।

ଏଠାରେ ବଜରଙ୍ଗ ପ୍ରଥମେ କିର୍ଗିଜସ୍ତାନର ଇର୍ନାଜାର ଆକମାଟାଲିଏଭ ଓ ପରେ ଇରାନର ମୋର୍ତେଜା ଚେକା ଘିଆସିଙ୍କୁ ହରାଇ ସେମିଫାଇନାଲରେ ପ୍ରବେଶ କରିଥିଲେ। ଅଲିମ୍ପିକ୍ସ ପୂର୍ବରୁ ଏକ ରୁଷୀୟ ଟୁର୍ନାମେଣ୍ଟରେ ବଜରଙ୍ଗ ଆଣ୍ଠୁରେ ଆଘାତ ପାଇଥିଲେ। ତେଣୁ ଟୋକିଓରେ ପ୍ରତିଷ୍ଠା ଅନୁସାରେ ପ୍ରଦର୍ଶନ କରିପାରି ନ ଥିଲେ ହେଁ ପ୍ରଶଂସା ସାଉଁଟିଛନ୍ତି। ପ୍ରଥମଥରପାଇଁ ଅଲିମ୍ପିକ୍ସରେ ପଦାର୍ପଣ କରିଥିବା ଭାରତୀୟ ରେସଲର ସୀମା ବିସ୍‌ଲା ଟ୍ୟୁନିସିଆର ସାରା ହାମଦିଙ୍କଠାରୁ ୫୦ କେଜି ବିଭାଗ ପ୍ରଥମ ରାଉଣ୍ଡରେ ୧-୩ ବ୍ୟବଧାନରେ ହାରି ଯାଇଛନ୍ତି। ଟ୍ୟୁନିସିଆ ପ୍ରତିଯୋଗୀ ପରବର୍ତ୍ତୀ ରାଉଣ୍ଡରେ ହାରିଯାଇଥିବାରୁ ସୀମାଙ୍କ ଅଭିଯାନ ଶେଷ ହୋଇଯାଇଛି। ରୋହତକର ସୀମା ୨୦୧୭ ପର୍ଯ୍ୟନ୍ତ ଏକ ଜାତୀୟ ଇଭେଣ୍ଟ ଜିତିପାରି ନ ଥିଲେ ହେଁ ସୋଫିଆରେ ଗତ ମେ' ମାସରେ ଅନୁଷ୍ଠିତ ୱାର୍ଲ୍ଡ ଅଲିମ୍ପିକ୍ କ୍ୱାଲିଫାୟର ଜିତି ଟୋକିଓ ଟିକେଟ ପାଇଥିଲେ।



ଶୁକ୍ରବାର ବଜରଙ୍ଗ ପୁନିଆ ଓ ହାଜି ଆଲିଏଭଙ୍କ ମଧ୍ୟରେ ଲଢ଼େଇ।

## ଦୀପ୍‌ଗ୍ରେସ୍, ନମିତାଙ୍କ ପାଇଁ ପୁରସ୍କାର ଘୋଷଣା

**ଭୁବନେଶ୍ୱର, ୬।୮ (କ୍ରୀଡ଼ା ପ୍ରତିନିଧି):** ଟୋକିଓ ଅଲିମ୍ପିକ୍ସର ଶୁକ୍ରବାର ଅନୁଷ୍ଠିତ ବ୍ରୋଞ୍ଜ ପଦକ ମ୍ୟାଚରେ ଭାରତୀୟ ମହିଳା ହକି ଦଳ ୩-୪ ଗୋଲରେ ପରାଜିତ ହୋଇଥିଲେ ହେଁ ଭାରତୀୟ କ୍ରୀଡ଼ାପ୍ରେମୀଙ୍କ ହୃଦୟ ଜିତିଛନ୍ତି। ଭାରତୀୟ ଦଳର ଦୁଇ ଓଡ଼ିଆ ଖେଳାଳି ସାମିଲ ଥିଲେ। ସେମାନେ ହେଲେ ଦୀପ୍ ଗ୍ରେସ୍ ଏକ୍କା ଏବଂ ନମିତା ଟପ୍ପୋ। ଏହି ଦୁଇ ଖେଳାଳିଙ୍କ ପାଇଁ ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ପକ୍ଷରୁ ୫୦,୦୦୦ ଟଙ୍କା ଲେଖାଏ ପୁରସ୍କାର ଘୋଷଣା କରାଯାଇଛି। ସଂଘର୍ଷପୂର୍ଣ୍ଣ ମ୍ୟାଚରେ କଡ଼ା ଟକ୍କର ଦେଇଥିଲା ଭାରତ। ୧୨ ଦଳ ବିଶିଷ୍ଟ ମେଗା ପ୍ରତିଯୋଗିତାରେ ୪ର୍ଥ ସ୍ଥାନ ଅଧିକାର କରିଛି। ଓଡ଼ିଶା ସରକାର ୨୦୧୮ରୁ ଭାରତୀୟ ହକି ଦଳର ପ୍ରାୟୋଜକ ଅଛନ୍ତି। ତେଣୁ ଏହି ଦୁଇ ଓଡ଼ିଆ ଖେଳାଳିଙ୍କ ସମେତ ପୂରା ଭାରତୀୟ ଦଳ ପାଇଁ ଓଡ଼ିଶା ଗର୍ବିତ।

### ଶନିବାର ଭାରତର କାର୍ଯ୍ୟସୂଚୀ (ଭାରତୀୟ ସମୟ ଅନୁସାରେ)

**ଗଲ୍ଫ:**
- ମହିଳା ବ୍ୟକ୍ତିଗତ ଷ୍ଟ୍ରୋକ୍‌ପ୍ଲେ ରାଉଣ୍ଡ ୪-ଆଦିତୀ ଅଶୋକ ଓ ଦୀକ୍ଷା ଡାଗର, ସମୟ: ପ୍ରତ୍ୟୁଷ ୩ଟା।

**ରେସ୍‌ଲିଂ:**
- ପୁରୁଷ ୬୫କେଜି ଫ୍ରିଷ୍ଟାଇଲ ବ୍ରୋଞ୍ଜ ପଦକ ମ୍ୟାଚ ; ଦ୍ୱିତୀୟ କିମ୍ବା ତୃତୀୟ ବାଉଟ୍ ପରେ- ବଜରଙ୍ଗ ପୁନିଆ, ସମୟ: ଅପରାହ୍ଣ ୩ଟା ୪୫।

**ଆଥ୍‌ଲେଟିକ୍ସ:**
- ପୁରୁଷ ଜାଭେଲିନ୍ ଥ୍ରୋ ଫାଇନାଲ-ନୀରଜ ଚୋପ୍ରା, ସମୟ: ଅପରାହ୍ଣ ୪ଟା ୩୦।

# ପ୍ରଥମ ଟେଷ୍ଟ: ଭାରତ ଅଗ୍ରଣୀ

ନଟିଂହାମ,୬।୮

ଟ୍ରେଣ୍ଟ ବ୍ରିଜ୍‌ରେ ଚାଲିଥିବା ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଭ୍ରମଣକାରୀ ଭାରତ ପ୍ରଥମ ଇନିଂସରେ ଅଗ୍ରଣୀ ହାସଲ କରିଛି। ଟସ୍ ଜିତି ଇଂଲଣ୍ଡ ୬୫.୪ ଓଭରରେ ୧୮୩ ରନକରି ଅଲ୍‌ଆଉଟ ହୋଇଥିଲା। ଜବାବରେ ଭାରତ ଶୁକ୍ରବାର ତୃତୀୟ ଦିବସରେ ନିୟମିତ ବ୍ୟବଧାନରେ ଉଇକେଟ ହରାଇବା ସତ୍ତ୍ୱେ ୮୪.୫ ଓଭରରେ ୨୭୮ ରନକରି ଅଲ୍‌ଆଉଟ ହୋଇଛି। ଏଥିସହ ପ୍ରଥମ ଇନିଂସରେ ୯୫ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଛି। ଏହାପରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଇଂଲଣ୍ଡ ତୃତୀୟ ଦିବସ ତୃତୀୟ ସେସନରେ ବର୍ଷା ଯୋଗୁ ଖେଳ ବନ୍ଦ ହେବା ବେଳକୁ ୧୧.୧ ଓଭରରେ କୌଣସି ଉଇକେଟ ନ ହରାଇ ୨୫ ରନ ସଂଗ୍ରହ କରିଛି। ଦୁଇ ଓପନର ରୋରି ବର୍ନ୍ସ ୧୧ ଓ ଡୋମିନିକ ସିବ୍ଲି ୯ ରନକରି ବ୍ୟାଟିଂ ଜାରି ରଖିଛନ୍ତି।

ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୧୨୫/୪ରୁ ଖେଳ ଆରମ୍ଭ କରି ଭାରତ ଅଲ୍‌ଆଉଟ ହୋଇଥିଲା। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ୭ ରନରୁ ଖେଳ ଆରମ୍ଭ କରି ଦ୍ରୁତ ୨୫ ରନକରି ଓଲି ରବିନସନଙ୍କ ବଲ୍‌ରେ ଶର୍ଟ କଭରରେ ଜନି ବେୟାରଷ୍ଟୋଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ସେହିପରି ଅପରାଜିତ ୫୭ ରନରୁ ଖେଳ ଆରମ୍ଭ କରି ଲୋକେଶ ରାହୁଲ ୮୪ ରନକରି ଅଭିଜ୍ଞ ଦ୍ରୁତ ବୋଲର ଜେମ୍ସ ଆଣ୍ଡରସନଙ୍କ ବଲ୍‌ରେ ଉଇକେଟକିପର ଜୋଶ ବଟଲରଙ୍କୁ କ୍ୟାଚ ଦେଇ ଆଉଟ ହୋଇଥିଲେ। ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ୫୬ ରନର ଉପଯୋଗୀ ଅର୍ଦ୍ଧଶତକୀୟ ଇନିଂସ ଖେଳି ରବିନସନଙ୍କ ଦ୍ୱାରା ଆଉଟ ହୋଇଥିଲେ। ଏଥିସହ ଜାଡେଜା ଟେଷ୍ଟରେ ୨୦୦୦ ରନ ପୂରଣ କରିଛନ୍ତି। ୨ ହଜାର ରନ ଓ ୨୦୦ ଉଇକେଟ ନେବାରେ ଜାଡେଜା ଭାରତର ୫ମ ଅଲରାଉଣ୍ଡର ସାବ୍ୟସ୍ତ ହୋଇଛନ୍ତି। କପିଳ ଦେବ, ଅନିଲ କୁମ୍ବଲେ, ହରଭଜନ ସିଂ ଓ ରବିଚନ୍ଦ୍ରନ ଅଶ୍ୱିନ ପୂର୍ବରୁ ଏହି ସଫଳତା ହାସଲ କରିଛନ୍ତି। ଷଷ୍ଠ ଉଇକେଟରେ ଜାଡେଜା ଓ ରାହୁଲ ୬୦ ରନ ସଂଗ୍ରହ କରିଥିଲେ। ଅନ୍ତିମ ଉଇକେଟରେ ବୁମ୍ରା ଓ ସିରାଜ ୨୬ ବଲରୁ ଦ୍ରୁତ ୩୩ ରନ ସଂଗ୍ରହ କରିଥିଲେ। ଇଂଲଣ୍ଡ ତରଫରୁ ରବିନସନ ସର୍ବାଧିକ ୫ ଓ ଆଣ୍ଡରସନ ୪ ଉଇକେଟ ଅକ୍ତିଆର କରିଥିଲେ।



ଜୋ ରୁଟ୍‌ଙ୍କ ସହ ଖୁସି ମୁହୂର୍ତ୍ତରେ ଜେମ୍ସ ଆଣ୍ଡରସନ୍ (ବାମ)।

### କୁମ୍ବଲେଙ୍କୁ ଟପିଲେ ଆଣ୍ଡରସନ

ଆଣ୍ଡରସନ ଏଥିସହ ମୋଟ ଉପରେ ୬୨୧ଟି ଉଇକେଟ ହାସଲ କରି ଭାରତୀୟ ପୂର୍ବତନ ସ୍ପିନର ଅନିଲ କୁମ୍ବଲେଙ୍କୁ ପଛରେ ପକାଇଛନ୍ତି। କୁମ୍ବଲେ ୬୧୯ଟି ଉଇକେଟ ହାସଲ କରିଥିଲେ। ଏବେ ଆଣ୍ଡରସନ ଟେଷ୍ଟରେ ତୃତୀୟ ସର୍ବାଧିକ ଉଇକେଟ ହାସଲକାରୀ ବୋଲର ସାବ୍ୟସ୍ତ ହୋଇଛନ୍ତି। ଶ୍ରୀଲଙ୍କା କିମ୍ବଦନ୍ତୀ ସ୍ପିନର ମୁଥିୟା ମୁରଲୀଧରନ ୮୦୦ ଉଇକେଟ ହାସଲ କରି ତାଲିକାର ଶୀର୍ଷରେ ରହିଥିବା ବେଳେ ଅଷ୍ଟ୍ରେଲୀୟ ପୂର୍ବତନ ସ୍ପିନର ଶେନ ୱର୍ନ ୭୦୮ଟି ଉଇକେଟ ଅକ୍ତିଆର କରି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। କୁମ୍ବଲେ ଏବେ ଚତୁର୍ଥ ସ୍ଥାନକୁ ଖସିଛନ୍ତି।

### ସଂକ୍ଷିପ୍ତ ସ୍କୋର

ଇଂଲଣ୍ଡ ପ୍ରଥମ ଇନିଂସ-୧୮୩ ଅଲଆଉଟ। ଭାରତ ପ୍ରଥମ ଇନିଂସ-୮୪.୫ ଓଭରରେ ୨୭୮ ଅଲଆଉଟ (ରାହୁଲ- ୮୪, ଜାଡେଜା- ୫୬, ରୋହିତ- ୩୬, ବୁମ୍ରା- ୨୮, ରିଷଭ- ୨୫, ସାମି- ୧୩, ରବିନସନ- ୫/୮୫, ଆଣ୍ଡରସନ- ୪/୫୪)। ଇଂଲଣ୍ଡ ଦ୍ୱିତୀୟ ଇନିଂସ- ୨୫/୦।

## ସଂକ୍ଷେପରେ

### ପୁନିଆଙ୍କ କୋଚ୍ ଅଲିମ୍ପିକ୍ସରୁ ବହିଷ୍କୃତ

ଟୋକିଓ, ୬।୮ (ପି.ଟି.): ଭାରତୀୟ ରେସ୍‌ଲର ଦୀପକ ପୁନିଆଙ୍କ ବିଦେଶୀ କୋଚ୍ ମୁରାଦ ଗାଇଦାରୋଭ ଶୁକ୍ରବାର ଟୋକିଓ ଅଲିମ୍ପିକ୍ସରୁ ବହିଷ୍କୃତ ହୋଇଛନ୍ତି। ସାନମାରିନୋର ମାଇଲ୍ସ ନାଜିମ ଆମିନେଙ୍କ ବିପକ୍ଷ ବ୍ରୋଞ୍ଜ ପଦକ ପ୍ଲେଅଫ୍‌ରେ ଭାରତୀୟ ବକ୍ସର ପରାଜିତ ହେବା ପରେ ସେ ମ୍ୟାଚ ପରିଚାଳନା କରୁଥିବା ରେଫରିଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ଗାଇଦାରୋଭଙ୍କ ସ୍ୱୀକୃତିକୁ ବାତିଲ କରିଛନ୍ତି। ଏହି କୋଚ୍‌ଙ୍କୁ ତୁରନ୍ତ ବିମାନ ଯୋଗେ ଭାରତ ପଠାଇ ଦିଆଯାଇଥିବା ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ସାଧାରଣ ସମ୍ପାଦକ ରାଜୀବ ମେହେଟା ଟୁଇଟ କରିଛନ୍ତି। ସୂଚନାଯୋଗ୍ୟ, ୪୨ ବର୍ଷୀୟ ଗାଇଦାରୋଭ୍ ବେଲାରୁଷରୁ ପ୍ରତିନିଧିତ୍ୱ କରି ୨୦୦୮ ବେଜିଂ ଅଲିମ୍ପିକ୍ସରେ ଏକ ରୌପ୍ୟ ଜିତିଥିଲେ। ୨୦୦୪ ଅଲିମ୍ପିକ ଗେମ୍ସ ବେଳେ ତାଙ୍କୁ ଅଯୋଗ୍ୟ ଘୋଷଣା କରାଯାଇଥିଲା। କ୍ୱାର୍ଟରଫାଇନାଲ ବାଉଟ ହାରିଯିବା ପରେ ସେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଆରେନା ବାହାରେ ଆକ୍ରମଣ କରିଥିଲେ।

### ଫେଲିକ୍ସ ଅଲିମ୍ପିକ୍ସରେ ସର୍ବାଧିକ ପଦକ ବିଜୟିନୀ



ଟୋକିଓ, ୬।୮ (ଏପି): ଶୁକ୍ରବାର ଅନୁଷ୍ଠିତ ୪୦୦ ମିଟର ରେସ୍‌ରେ ଆଲିସନ ଫେଲିକ୍ସ ତୃତୀୟ ସ୍ଥାନ ଅଧିକାର କରିବା ସହ ଅଲିମ୍ପିକ ଟ୍ରାକ୍‌ରେ ସବୁଠାରୁ ଅଧିକ ୧୦ପଦକ ଜିତିଥିବା ମହିଳା ଆଥ୍‌ଲେଟ ହେବାର ଗୌରବ ଅର୍ଜନ କରିଛନ୍ତି। ୩୫ ବର୍ଷୀୟା ଫେଲିକ୍ସ ହେଉଛନ୍ତି ଆମେରିକା ଟ୍ରାକ୍ ଆଣ୍ଡ୍ ଫିଲ୍ଡର ଜଣେ ଷ୍ଟଲ୍‌ୱାର୍ଟ। ଜାମାଇକାର ଷ୍ଟିଫାନି ଆନ୍ ମ୍ୟାକ୍‌ଫେର୍ସନଙ୍କୁ .୧୫ ସେକେଣ୍ଡ ପଛରେ ପକାଇ ସେ ତୃତୀୟ ସ୍ଥାନ ସହ ବ୍ରୋଞ୍ଜ ଲାଭ କରିଥିଲେ। ବାହମାସର ଶାନେ ମିଲର-ୟୁବୋ ୪୮.୩୬ ସେକେଣ୍ଡ ଟାଇମିଂରେ ପ୍ରଥମ ହୋଇ ସ୍ୱର୍ଣ୍ଣ ଜିତିଥିଲେ। ଡୋମିନିସିଆନ ରିପବ୍ଲିକର ଏମ୍. ପାଉଲିନୋ (୪୯.୨୦) ରୌପ୍ୟ ପଦକ ପାଇଥିଲେ। ଫେଲିକ୍ସ ଏହା ପୂର୍ବରୁ ୯ ଅଲିମ୍ପିକ ପଦକ ସହ ଜାମାଇକାନ ଧାବିକା ମର୍ଲିନି ଓଟିଙ୍କ ରେକର୍ଡ ସମକକ୍ଷ ହୋଇଥିଲେ। ବର୍ତ୍ତମାନ ସେ ତାଙ୍କୁ ଅତିକ୍ରମ କରିଯାଇଛନ୍ତି। ତେବେ ପୁରୁଷ ବିଭାଗରେ ଆମେରିକାର ଅନ୍ୟତମ ଷ୍ଟାର ଆଥ୍‌ଲେଟ କାର୍ଲ ଲୁଇସ୍ ମଧ ସମାନ ୧୦ ପଦକ ଜିତିଛନ୍ତି।

### ପୂର୍ବତନ ଫୁଟବଲ ଖେଳାଳିଙ୍କ ପରଲୋକ



ଭୁବନେଶ୍ୱର, ୬।୮(କ୍ରୀଡ଼ା ପ୍ରତିନିଧି): ପୂର୍ବତନ ଫୁଟବଲ ଖେଳାଳି ଆଶିଷ କୁମାର ମିତ୍ରଙ୍କର ଗୁରୁବାର ସନ୍ଧ୍ୟାରେ କଟକସ୍ଥିତ ବାସଭବନରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୦ ବର୍ଷ ହୋଇଥିଲା। ସେ ଜାତୀୟ ଫୁଟବଲ ଚାମ୍ପିୟନଶିପ୍ ସନ୍ତୋଷ ଟ୍ରଫିରେ ରାଜ୍ୟ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ଏହା ବ୍ୟତୀତ ସେ ଜଣେ ଜାତୀୟ ସ୍ତରୀୟ ରେଫରି ମଧ ଥିଲେ। ରାଜ୍ୟରେ ସେ ଅନେକ ସମ୍ମାନଜନକ ପ୍ରତିଯୋଗିତା ପରିଚାଳନା କରିଥିଲେ। ଓଡ଼ିଶା ପୋଲିସରେ କାର୍ଯ୍ୟ କରିଥିବା ଆଶିଙ୍କର ସ୍ତ୍ରୀ, ପୁଅ ଓ ୩ ଝିଅ ଅଛନ୍ତି। ତାଙ୍କ ପରଲୋକରେ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଏବଂ ପୂର୍ବତନ ସମ୍ପାଦକ ସଞ୍ଜୟ ବେହେରା ଗଭୀର ଶୋକ ପ୍ରକାଶ କରିଛନ୍ତି।

# ମହିଳା ହକି ଦଳକୁ ରାଷ୍ଟ୍ରପତିଙ୍କ ପ୍ରଶଂସା

ନୂଆଦିଲ୍ଲୀ, ୬।୮ (ପି.ଟି.)

ଗ୍ରେଟ୍ ବ୍ରିଟେନ ବିପକ୍ଷ ମ୍ୟାଚରେ ୪-୩ ଗୋଲରେ ପରାଜୟ ଦ୍ୱାରା ବ୍ରୋଞ୍ଜ ପଦକ ଅଳ୍ପକେ ହାତଛଡ଼ା କରିଥିଲେ ମଧ ଟୋକିଓ ଅଲିମ୍ପିକ୍ସରେ ଭାରତୀୟ ମହିଳା ହକି ଦଳର ଲଢୁଆ ପ୍ରଦର୍ଶନକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। ରାଷ୍ଟ୍ରପତି ରାମନାଥ କୋବିନ୍ଦ କହିଛନ୍ତି, ଭାରତୀୟ ମହିଳା ହକି ଦଳ ଚମତ୍କାର ପ୍ରଦର୍ଶନ କରି ଦେଶର ପ୍ରତ୍ୟେକ ନାଗରିକଙ୍କ ହୃଦୟ ଜିଣିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି କ୍ୱାର୍ଟରଫାଇନାଲରେ ଅଷ୍ଟ୍ରେଲିଆ ଭଳି ଶକ୍ତିଶାଳୀ ଦଳକୁ ପରାସ୍ତ କରିବା ଛୋଟିଆ କଥା ନୁହେଁ। ଏହି ବିଜୟ ଆମ ପାଇଁ ଗୌରବର ବିଷୟ। କ୍ରୀଡ଼ା ମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି ମହିଳା ଦଳର ପ୍ରଦର୍ଶନକୁ ନେଇ ସେ ଗର୍ବ ଅନୁଭବ କରୁଛନ୍ତି। ପ୍ରତିଯୋଗିତାରେ ସେମାନେ ଦୃଢ ଆତ୍ମବିଶ୍ୱାସର ସହ ଲଢୁଆ ଖେଳିଥିଲେ। ହକିର ସୁବର୍ଣ୍ଣ ଯୁଗ ଫେରିଛି ବୋଲି ପୂର୍ବତନ କ୍ରୀଡ଼ା ମନ୍ତ୍ରୀ କିରେନ ରିଜିଜୁ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ପୁରୁଷ ଦଳର ଅଧିନାୟକ ମନ୍‌ପ୍ରୀତ ସିଂ ଓ ପୂର୍ବତନ ହକି ଖେଳାଳି ବୀରେନ ରସକ୍ୱିନା କହିଛନ୍ତି ଅଲିମ୍ପିକ୍ସରେ ଭାରତୀୟ ମହିଳା ହକି ଦଳର ପ୍ରଦର୍ଶନ ଅନ୍ୟତମ ଦୃଷ୍ଟି ଆକର୍ଷଣକାରୀ ବିଷୟ ଥିଲା। ଟୋକିଓ ଅଲିମ୍ପିକ୍ସରେ ସେମାନେ ବେଶ୍ ସଂଗଠିତ ହୋଇ ଖେଳିଥିଲେ ଓ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ମନପ୍ରୀତ ଟୁଇଟ୍ କରି ଲେଖିଛନ୍ତି, ମହିଳା ଦଳ ଶେଷ ପର୍ଯ୍ୟନ୍ତ ଲଢିଥିଲା, କିନ୍ତୁ ଭାଗ୍ୟ ସହାୟକ ହେଲା ନାହିଁ। ମାତ୍ର ସେମାନେ ଦେଶବାସୀଙ୍କ ହୃଦୟ ଜିଣି ପାରିଛନ୍ତି। ସେମାନଙ୍କ ପାଇଁ ଆମେ ଗର୍ବିତ। ବ୍ୟାଟିଂ କିମ୍ବଦନ୍ତୀ ସଚିନ ତେନ୍ଦୁଲକର ମଧ ସମାନ କଥା କହିଛନ୍ତି। ପୂର୍ବତନ କ୍ରିକେଟର ବୀରେନ୍ଦ୍ର ସେହ୍ୱାଗ, ଅନିଲ କୁମ୍ବଲେ ଓ ଭିଭିଏସ୍ ଲକ୍ଷ୍ମଣ ଦଳର ପ୍ରଦର୍ଶନ ପରବର୍ତ୍ତୀ ପିଢି ପାଇଁ ପ୍ରେରଣାର ଉତ୍ସ ଭାବେ କାର୍ଯ୍ୟ କରିବ ବୋଲି କହିଛନ୍ତି। ରିଓ ଅଲିମ୍ପିକ୍ସରେ ଚତୁର୍ଥ ସ୍ଥାନ ସହ ଅଭିଯାନ ଶେଷ କରିଥିବା ଶୁଟର ହୀନା ସିଧୁ, ବ୍ୟାଡ୍‌ମିଣ୍ଟନ ଖେଳାଳି ଜ୍ୱାଲା ଗୁଟ୍ଟା ଓ ଜିମ୍ନାଷ୍ଟ ଦୀପା କର୍ମାକାର ମଧ ପ୍ରଶଂସା କରିଛନ୍ତି। ଚକ୍ ଦେ ଇଣ୍ଡିଆରେ ମହିଳା ହକି କୋଚ୍ ଭୂମିକାରେ ଅଭିନୟ କରିଥିବା ବଲିଉଡ୍ ଷ୍ଟାର ଶାହରୁଖ ଖାଁ କହିଛନ୍ତି, ଭାରତୀୟ ମହିଳା ଦଳ ଭଲ ଖେଳିଛି। ଦେଶବାସୀଙ୍କୁ ପ୍ରେରଣା ଦେଇଛି। ତାହା ମଧ ଏକ ବିଜୟ।


ରାମନାଥ କୋବିନ୍ଦ

# ଖେଳରତ୍ନ ନାମ ପରିବର୍ତ୍ତନକୁ କ୍ରୀଡ଼ା ଜଗତର ସ୍ୱାଗତ

ନୂଆଦିଲ୍ଲୀ,୬।୮

ଦେଶର ସର୍ବୋଚ୍ଚ କ୍ରୀଡ଼ା ସମ୍ମାନ ରାଜୀବ ଗାନ୍ଧୀ ଖେଳରତ୍ନ ପୁରସ୍କାରର ନାମ ପରିବର୍ତ୍ତନ କରାଯାଇ ଏହାକୁ କିମ୍ବଦନ୍ତୀ ହକି ଖେଳାଳି ମେଜର ଧ୍ୟାନଚାନ୍ଦଙ୍କ ନାମରେ ରଖାଯାଇଛି। କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତିକୁ ଭାରତୀୟ କ୍ରୀଡ଼ାଜଗତ ପକ୍ଷରୁ ସ୍ୱାଗତ କରାଯାଇଛି। ହକିରେ ଧ୍ୟାନଚାନ୍ଦଙ୍କୁ ସର୍ବଶ୍ରେଷ୍ଠ ଖେଳାଳି ରୂପେ ସର୍ବମାନ୍ୟତା ମିଳିଛି। ୧୯୨୬ରୁ ୧୯୪୯ ପର୍ଯ୍ୟନ୍ତ ତାଙ୍କ ଉଜ୍ଜ୍ୱଳମୟ କ୍ୟାରିୟରରେ ସେ ଏକାଧିକ ଐତିହାସିକ ସଫଳତା ହାସଲ କରିଥିଲେ। ତାଙ୍କ ପ୍ରଦର୍ଶନ ବଳରେ ଭାରତ ୧୯୨୮, ୧୯୩୨ ଓ ୧୯୩୬ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା। ତାଙ୍କ ଜନ୍ମଦିନ ଅଗଷ୍ଟ ୨୯କୁ ସାରା ଦେଶରେ ଜାତୀୟ କ୍ରୀଡ଼ା ଦିବସ ଭାବେ ପାଳନ କରାଯାଉଛି।

ମହିଳା ଲଙ୍ଗଜମ୍ପର ତଥା ବିଶ୍ୱ ଚାମ୍ପିୟନଶିପ୍‌ରେ ଭାରତର ଏକମାତ୍ର ପଦକ ବିଜେତା ଆଥଲେଟ୍ ଅଞ୍ଜୁ ବବି ଜର୍ଜ ଖେଳରତ୍ନ ପୁରସ୍କାରର ନୂଆ ନାମକରଣକୁ ସ୍ୱାଗତ କରିଛନ୍ତି। ଜଣେ କ୍ରୀଡ଼ାବିତ୍‌ଙ୍କ ନାମରେ ଏହି ପୁରସ୍କାରର ନାମକରଣ ହେବା ଉଚିତ। ଏଭଳି ନିଷ୍ପତ୍ତି ବହୁ ପୂର୍ବରୁ ନେବାର ଆବଶ୍ୟକତା ଥିଲା ବୋଲି ସେ ମତ ଦେଇଛନ୍ତି। ପୂର୍ବତନ ହକି ଖେଳାଳି ଅଜିତ ପାଲ ସିଂ ନିଷ୍ପତ୍ତିକୁ ସ୍ୱାଗତ କରିବା ସହ ଏଥିରେ ବିଳମ୍ବ ହୋଇଛି, ଜମାରୁ ନ ହେବା ଅପେକ୍ଷା ବିଳମ୍ବରେ ହେବା ଭଲ ବୋଲି ସେ କହିଛନ୍ତି। ଅଲିମ୍ପିକ ବ୍ରୋଞ୍ଜ ପଦକ ବିଜେତା ବକ୍ସର ବିଜେନ୍ଦର ସିଂ ମଧ ଏହାକୁ ସ୍ୱାଗତ କରିଛନ୍ତି। କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର ଧ୍ୟାନଚାନ୍ଦଙ୍କ ନାମରେ ଖେଳରତ୍ନ ପୁରସ୍କାରର ନାମକରଣକୁ ଯଥାର୍ଥ ବୋଲି କହିଛନ୍ତି। ପୂର୍ବତନ ଭାରତୀୟ ଗୋଲକିପର ମୀର ରଞ୍ଜନ ନେଗୀ ମଧ ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି। ଏବେ ଧ୍ୟାନଚାନ୍ଦଙ୍କୁ ମରଣୋତ୍ତର ଭାବେ ଦେଶର ସର୍ବୋଚ୍ଚ ନାଗରିକ ସମ୍ମାନ ଭାରତରତ୍ନ ଦିଆଯିବା ଉଚିତ ବୋଲି ସେ ମତ ଦେଇଛନ୍ତି।

# ବାର୍ସିଲୋନା ଛାଡ଼ିବେ ମେସି

ମାଡ୍ରିଡ୍, ୬।୮ (ଏପି)

ବାର୍ସିଲୋନା ସହ ଲିଓନେଲ ମେସିଙ୍କ ସମ୍ପର୍କରେ ପୂର୍ଣ୍ଣଚ୍ଛେଦ ପଡ଼ିବାକୁ ଯାଉଛି। ସ୍ପାନିଶ ଲିଗ୍‌ର ଆର୍ଥିକ ନିୟମ ଅନୁସାରେ ଆର୍ଜେଣ୍ଟିନା ଷ୍ଟାରଙ୍କ ସହ ନୂଆ ଚୁକ୍ତି କରିବା କ୍ଲବ ପକ୍ଷେ ବର୍ତ୍ତମାନ ସମ୍ଭବ ନୁହେଁ। ୧୭ ସଫଳ ସିଜନ ପରେ ମେସିଙ୍କୁ ବାର୍ସିଲୋନା ଛାଡ଼ିବାକୁ ପଡୁଛି। କ୍ଲବକୁ ଆର୍ଜେଣ୍ଟିନାର ଏହି ଖେଳାଳି ବହୁ ଘରୋଇ ଓ ଅନ୍ତର୍ଜାତୀୟ ଟାଇଟଲ ଜିତାଇଛନ୍ତି। ମେସିଙ୍କ ସହ ନୂଆ ଚୁକ୍ତି କରିବା ଲାଗି ଆପାତତଃ ସ୍ଥିର ହୋଇଥିଲା। ମାତ୍ର ଆର୍ଥିକ ପ୍ରତିବନ୍ଧ ଯୋଗୁ ଖେଳାଳିଙ୍କୁ କ୍ଲବରେ ରଖିବା ଆଉ ସମ୍ଭବପର ନୁହେଁ ବୋଲି ବାର୍ସିଲୋନା କହିଛି। ମେସିଙ୍କ ପୂର୍ବ ଚୁକ୍ତି ୨୦୧୭ରେ ସ୍ୱାକ୍ଷରିତ ହୋଇଥିଲା। ତଦନୁସାରେ ସିଜନ ପିଛା ତାଙ୍କର ଆୟ ୧୩୮ ନିୟୁତ ୟୁରୋ (୧୬୩ ନିୟୁତ ଡଲାର) ରହୁଥିଲା। ମେସି ବାର୍ସିଲୋନା ସହ ୩୫ଟି ଟାଇଟଲ ଜିତିଛନ୍ତି। ତାଙ୍କ ସହାୟତାରେ କ୍ଲବ ୪ଥର ଚାମ୍ପିୟନ୍ସ ଲିଗ୍, ୧୯ଥର ସ୍ପାନିଶ ଲିଗ୍, ୭ଥର କୋପା ଡେଲ୍ ରେ ଏବଂ ୮ଥର ସ୍ପାନିଶ ସୁପର କପ୍ ଜିତିଛି। କ୍ଲବ ସହ ମେସି ବିଶ୍ୱର ଶ୍ରେଷ୍ଠ ଖେଳାଳି ହିସାବରେ ୬ଥର ବାଲାଡି'ଅର ପୁରସ୍କାର ଜିତିଛନ୍ତି। ସେ କ୍ଲବ ତରଫରୁ ୭୭୮ ମ୍ୟାଚ ଖେଳି ୬୭୨ ଗୋଲ ସ୍କୋର କରିଛନ୍ତି। ସ୍ପାନିଶ ଲିଗ୍‌ରେ ୫୨୦ ମ୍ୟାଚରେ ୪୭୪ ଗୋଲ ସହ ସେ ଟପ୍ ସ୍କୋର ରହିଛନ୍ତି। ମେସିଙ୍କୁ ଯେତେବେଳେ ମାତ୍ର ୧୩ ବର୍ଷ ବୟସ ହୋଇଥିଲା ସେ ଓ ତାଙ୍କ ପରିବାର ସ୍ପେନ୍‌କୁ ଆସି ବାର୍ସିଲୋନାର ୟୁଥ୍ ଏକାଡେମୀରେ ତାଙ୍କ ଭାଗ୍ୟ ପରୀକ୍ଷା କରିବା ଲାଗି ଚେଷ୍ଟା କରିଥିଲେ। ୨୦୦୪ ଅକ୍ଟୋବର ୧୬ରେ ସେ କ୍ଲବ ତରଫରୁ ବିଧିବଦ୍ଧ ପଦାର୍ପଣ କରିଥିଲେ। ଦୁଇ ବର୍ଷ ପରେ ବାର୍ସିଲୋନା ତାଙ୍କ ସହାୟତାରେ ପ୍ରଥମଥର ଚାମ୍ପିୟନ୍ସ ଲିଗ୍ ଜିତିଥିଲା। ରୋନାଲ୍‌ଡିନୋ ସେତେବେଳେ ଦଳର ଅଧିନାୟକ ଥିଲେ।

### ମହିଳା ହକି ଖେଳାଳିଙ୍କ ସହ କଥା ହେଲେ ମୋଦି

ନୂଆଦିଲ୍ଲୀ, ୬।୮ (ପି.ଟି.): ଗ୍ରେଟ୍ ବ୍ରିଟେନଠାରୁ ଅଳ୍ପକେ ପରାଜିତ ହୋଇ ବ୍ରୋଞ୍ଜ ପଦକରୁ ବଞ୍ଚିତ ହେବା ପରେ ଦୁଃଖରେ ଭାଙ୍ଗିପଡ଼ିଥିବା ଭାରତୀୟ ମହିଳା ହକି ଦଳର ଖେଳାଳିମାନଙ୍କ ସହ ଟେଲିଫୋନ୍ ଯୋଗେ କଥା ହୋଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଖେଳାଳିମାନେ ଏକାଠି ହୋଇ ପ୍ରଧାନମନ୍ତ୍ରୀଙ୍କ କଥା ଶୁଣିଥିଲେ। ଗତ ୫ ବର୍ଷ କଠିନ ପରିଶ୍ରମ ସତ୍ତ୍ୱେ ତୁମେମାନେ ଏକ ପଦକ ଜିତିପାରିଲନି ସତ, କିନ୍ତୁ ପ୍ରଥମ ତିନୋଟି ମ୍ୟାଚରେ ପରାଜୟ ବରଣ ସତ୍ତ୍ୱେ ଲଢୁଆ ପ୍ରଦର୍ଶନ କରି ଯେପରି ଚମତ୍କାର ପ୍ରତ୍ୟାବର୍ତ୍ତନ ସହ ପ୍ରଥମଥର ଅଲିମ୍ପିକ ସେମିଫାଇନାଲରେ ପ୍ରବେଶ କଲ ତାହା ଦେଶର କୋଟି କୋଟି ବାଳିକାଙ୍କ ଲାଗି ପ୍ରେରଣାର ଉତ୍ସ ହୋଇପାରିଛି। ମୋଦି ବନ୍ଦନା କାଟାରିୟା ଓ ସାଲିମା ଟେଟେଙ୍କୁ ସେମାନଙ୍କ ପ୍ରଦର୍ଶନ ପାଇଁ ଉଚ୍ଚ ପ୍ରଶଂସା କରିଥିଲେ। ସମଗ୍ର ଦେଶ ତୁମ ପାଇଁ ଗର୍ବ ଅନୁଭବ କରୁଥିବାବେଳେ ପରାଜୟଜନିତ ଦୁଃଖରେ ଭାଙ୍ଗି ନ ପଡ଼ିବାକୁ ମୋଦି ଖେଳାଳିମାନଙ୍କୁ ପରାମର୍ଶ ଦେଇଥିଲେ।

# ବନ୍ଦନାଙ୍କ ପରିବାର ପ୍ରତି ଜାତିଆଣ ଆକ୍ଷେପ ଅଭିଯୋଗ

ଟୋକିଓ, ୬।୮ (ପି.ଟି.): ଭାରତୀୟ ମହିଳା ହକି ଟିମ୍ ଫରୱାର୍ଡ ବନ୍ଦନା କାଟାରିୟାଙ୍କ ପରିବାର ପ୍ରତି ଜାତିଆଣ ଆକ୍ଷେପ ଅଭିଯୋଗ ହୋଇଛି। ଅଲିମ୍ପିକ ସେମିଫାଇନାଲରେ ଆର୍ଜେଣ୍ଟିନାଠାରୁ ପରାଜିତ ହେବା ପରେ ଏହା ଘଟିଛି। ସ୍ଥାନୀୟ ପୋଲିସ ପକ୍ଷରୁ ଘଟଣାର ତଦନ୍ତ ଚାଲିଛି। ଖବର ଅନୁସାରେ ବୁଧବାର ଏହି ମ୍ୟାଚ ପରେ ହରିଦ୍ୱାର ଅନ୍ତର୍ଗତ ରୋଶାନାବାଦ ଅଞ୍ଚଳରେ ରହିଥିବା କାଟାରିୟାଙ୍କ ବାସଭବନ ବାହାରେ ଦୁଇଜଣ ଲୋକ ଆସି ଆତସବାଜି କରିବା ସହ ବ୍ୟଙ୍ଗାତ୍ମକ ଭଙ୍ଗୀରେ ନୃତ୍ୟ କରିଥିଲେ। ପାଟିତୁଣ୍ଡ ଶୁଣି କାଟାରିୟାଙ୍କ ପରିବାରର କେତେଜଣ ସଦସ୍ୟ ଘରୁ ବାହାରକୁ ଆସିବାରେ ଦୁଇଜଣ ଲୋକ ସେମାନଙ୍କ ପ୍ରତି ଜାତିଆଣ ଆକ୍ଷେପ କରିଥିଲେ। ଭାରତୀୟ ଦଳରେ ବହୁ ଦଳିତ ଖେଳାଳି ରହିଥିବାରୁ ମ୍ୟାଚରେ ହାରିବାକୁ ପଡ଼ିଛି ବୋଲି ଉଭୟ କହିଥିଲେ। କାଟାରିୟା ଏହି ପ୍ରସଙ୍ଗରେ କୌଣସି ଟିପ୍ପଣୀ ଦେଇ ନାହାନ୍ତି। ପୋଲିସ ଘଟଣାର ତଦନ୍ତ କରୁଛି ବୋଲି ସେ କହିଛନ୍ତି।

# କାର୍ଯ୍ୟକାଳ ବୃଦ୍ଧି ଚାହିଁଲେନି ମାରିଜନେ

ଟୋକିଓ, ୬।୮ (ପି.ଟି.)

ଟୋକିଓ ଅଲିମ୍ପିକ୍ସ ପରେ ଭାରତୀୟ ମହିଳା ହକି ଦଳର କୋଚ୍ ଜୋର୍ଡ ମାରିଜନେଙ୍କ କାର୍ଯ୍ୟକାଳ ଶେଷ ହେଉଛି। ହକି ଇଣ୍ଡିଆ ତାଙ୍କ କାର୍ଯ୍ୟକାଳ ବୃଦ୍ଧି କରିବାକୁ ଚାହୁଁଥିଲେ ମଧ ବ୍ୟକ୍ତିଗତ କାରଣ ଦର୍ଶାଇ ସେ ଏହି ଅଫରକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଟୋକିଓ ଅଲିମ୍ପିକ୍ସରେ ଐତିହାସିକ ୪ର୍ଥ ସ୍ଥାନ ସହ ଭାରତୀୟ ମହିଳା ହକି ଦଳର ଅଭିଯାନ ଶେଷ ହୋଇଛି। ପଦ ଛାଡ଼ିବା ପୂର୍ବରୁ ସେ କେତେକ ମୂଲ୍ୟବାନ ପରାମର୍ଶ ଦେଇଛନ୍ତି। ରାଣୀ ରାମପାଲ ଓ ତାଙ୍କ ଦଳ ଅଧିକରୁ ଅଧିକ ଅନ୍ତର୍ଜାତୀୟ ମ୍ୟାଚ ଖେଳିବା ଉଚିତ। ମହିଳା ହକି ପାଇଁ ଜାତୀୟ ମହାସଂଘ ତରଫରୁ ଘରୋଇ ଲିଗ୍ ଆୟୋଜନ ନିହାତି ଜରୁରୀ ବୋଲି ସେ କହିଛନ୍ତି। ଅଲିମ୍ପିକ୍ସରେ ଭାରତୀୟ ଦଳର ଅଭିଯାନ ଶେଷ ହେବାମାତ୍ରେ ନେଦରଲାଣ୍ଡର ଏହି ୪୭ ବର୍ଷୀୟ କୋଚ୍ ଘୋଷଣା କରିଥିଲେ, କାର୍ଯ୍ୟକାଳ ମିଆଦ ବୃଦ୍ଧି ପାଇଁ ଯଦିଓ ତାଙ୍କୁ ଏକ ଅଫର ଆସିଛି ବ୍ୟକ୍ତିଗତ କାରଣରୁ ସେ ଆଉ ଅଧିକ ଦିନ ତାଙ୍କ ପଦବୀରେ ରହିବାକୁ ଚାହୁଁନାହାନ୍ତି। ମାରିଜନେ କହିଛନ୍ତି, ଗତ ୪-୫ଟି ମ୍ୟାଚରେ ଆମେ ଚାପରେ ରହିଥିଲୁ। ଟପ୍ ଟିମ୍‌ଗୁଡ଼ିକ ସହ ସ୍ଥିର ପ୍ରଦର୍ଶନ ଦ୍ୱାରା ଚାପରେ କିପରି ଖେଳିବାକୁ ହୁଏ ତାହା ଶିଖିପାରିଲୁ। କୋଚ୍ କହିଛନ୍ତି, ପୁରୁଷ ଦଳ ଭଳି ଦକ୍ଷତା ବୃଦ୍ଧି ପାଇଁ ମହିଳା ଦଳକୁ ସମାନ ଗୁରୁତ୍ୱ ଦିଆଯିବା ଉଚିତ। ଭାରତରେ ପୁରୁଷ ଦଳ ପାଇଁ ଯେପରି ହକି ଇଣ୍ଡିଆ ଲିଗ୍, ପ୍ରୋ-ଲିଗ୍ ରହିଛି ମହିଳାମାନଙ୍କ ଲାଗି ଅନୁରୂପ ପ୍ରତିଯୋଗିତା ରହିବା ଆବଶ୍ୟକ। ଏହି ପ୍ରତିଯୋଗିତାଗୁଡ଼ିକ ଯୋଗୁ ପୁରୁଷ ଦଳ ୮-୧୦ବର୍ଷ ମଧ୍ୟରେ ଯଥେଷ୍ଟ ଅଗ୍ରଗତି କରିପାରିଛି। ପୁରୁଷ ଦଳର ବ୍ରୋଞ୍ଜ ପଦକ ବିଜୟ ଉପରେ ନିଜର ପ୍ରତିକ୍ରିୟା ରଖି ସେ ଏକଥା କହିଛନ୍ତି। ଟପ୍ ଟିମ୍‌ଗୁଡ଼ିକ ସହ ଅଧିକ ମ୍ୟାଚ ଖେଳିଲେ ର୍‍ୟାଙ୍କିଂରେ ଉନ୍ନତି ଘଟିବ।



ଜୋର୍ଡ ମାରିଜନେ








3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ଅବକାରୀ ଚଢ଼ାଉ: ୨ ଗିରଫ

**ପୁରୀ ଅଫିସ:** ପୁରୀ ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ପୁରୀ ଓ କୋଣାର୍କ ଅଞ୍ଚଳରେ ଚଢ଼ାଉ କରାଯାଇ ୨ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଗୋପ ଥାନା ଅଧୀନ ନାଗପୁରର ସୁବାସ ଭୋଇ ଓ କୋଣାର୍କ ଥାନା ଅନ୍ତର୍ଗତ ଜୁଣେଇର ପଞ୍ଚାନନ ପାଣ୍ଡିଆ। ସୁବାସଙ୍କ ନିକଟରୁ ୨ଲିଟର ୭୦୦ ମି.ଲି ମଦ ଜବତ ସହ କେସ୍ ନଂ. ୨୨/୨୧ ମାମଲା ରୁଜୁ ହୋଇଛି। ସେହିପରି ପଞ୍ଚାନନଙ୍କଠାରୁ ୪ଲିଟର ୨୦୦ ମି.ଲି ଆସ୍କାଫର୍ଟି ଜବତ ସହ କେସ୍ ନଂ. ୨୩/୨୧ ରୁଜୁ କରାଯାଇଛି।

## ସଂକ୍ଷେପରେ

### କଣ୍ଟେନର ଚକାତଳେ ପଡ଼ି ଯୁବକ ମୃତ

**ଖୋର୍ଦ୍ଧା ଅଫିସ,୬।୮:** ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ଛକ ନିକଟରେ ଶୁକ୍ରବାର ରାତିରେ ଏକ କଣ୍ଟେନର ଚକାତଳେ ପଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଶମ୍ଭୁପ୍ରସାଦ ତ୍ରିପାଠୀ। ସେ ତରାବୋଇରେ ରହୁଥିବା ଜଣାପଡିଛି। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ମେଡିକାଲ ପଠାଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ଶମ୍ଭୁପ୍ରସାଦ ଭୁବନେଶ୍ୱରରୁ ଖୋର୍ଦ୍ଧା ଅଭିମୁଖେ ଏକ ବାଇକରେ ରାସ୍ତା ପାର୍ଶ୍ୱ(ରଙ୍ଗ ସାଇଡ)ରେ ଆସୁଥିଲେ। ଏହି ସମୟରେ ଦଳେଇପୁଟ ପଟୁ ଆସୁଥିବା କଣ୍ଟେନର ପଛ ଚକା ତଳେ ପଡିଯାଇଥିଲେ। ଫଳରେ ଚକା ତାଙ୍କ ମୁଣ୍ଡ ଉପରେ ଚଢି ଯାଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ଶିଳ୍ପାଞ୍ଚଳ ଫାଣ୍ଡି ଅଧିକାରୀ ଦିଗବିଜୟ ବିଶ୍ୱାଳ ପହଞ୍ଚି ମୃତଦେହ ଜବତ କରି ମେଡିକାଲ ପଠାଇଥିଲେ।

### ବନ୍ଧୁକ ଦେଖାଇ ୫ହଜାର, ସୁନାଚେନ ନେଇଗଲେ

**ବାଣପୁର,୬।୮(ଡି.ଏନ୍.ଏ.):** ବାଣପୁର ଥାନା ଭାଟପଡା ଓ ବିଞ୍ଝଳା ରାସ୍ତାରେ ଜଣେ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ଆଙ୍କୁଲାପଦର ଗାଁର ଲଲାଟ କୁମାର ବେହେରା ଓ ଝିଅ ସୁନିତାଙ୍କ ଠାରୁ ୫ହଜାର ଟଙ୍କା ଲୁଟିନେଇଥିବା ଶୁକ୍ରବାର ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, ଲଲାଟ ଓ ତାଙ୍କ ଝିଅ ସୁନିତା ବାଇକରେ ଖୋର୍ଦ୍ଧାରୁ ଟିକାନେଇ ଗୁରୁବାର ମଧ୍ୟାହ୍ନରେ ଗ୍ରାମକୁ ଫେରୁଥିଲେ। ତାଙ୍କୁ ପିଛା କରିଥିବା ବାଇକ୍ ଚାଳକ ଭାଟପଡା ଓ ବିଞ୍ଝଳା ରାସ୍ତାରେ ସେମାନଙ୍କୁ ଅଟକାଇଥିଲା। ପରେ ଦୁର୍ବୃତ୍ତଜଣଙ୍କ ବନ୍ଧୁକ ଦେଖାଇ ସୁନିତାଙ୍କ ସୁନାଚେନ ସହ ଲଲାଟଙ୍କ ପର୍ସ ଓ ୫ ହଜାର ଟଙ୍କା ଲୁଟିନେଇ ଫେରାର ହୋଇଯାଇଥିଲା। ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଚଳାଇଛି।

### ଯୁବକଙ୍କ ମୃତଦେହ ଜବତ ଘଟଣାରେ ୩ ଅଟକ

**ବାଣପୁର,୬।୮(ଡି.ଏନ୍.ଏ.):** ବାଣପୁର ଥାନା ବଡ଼ସିରେଇପୁର ଗାଁ ଶିବ ମନ୍ଦିର ନିକଟରୁ ଗୁରୁବାର ପୋଲିସ ଏହି ଗ୍ରାମର ସନ୍ତୋଷ ମହାରଣାଙ୍କ ମୃତଦେହ ଜବତ କରିଥିଲା। ଏନେଇ ଶୁକ୍ରବାର ସନ୍ତୋଷଙ୍କ ବଡବୋଉ ଜ୍ୟୋତ୍ସ୍ନା ମହାରଣାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁକରି ୩ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଏଥିସହ ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅଭିଯୋଗ ମୁତାବକ, ସନ୍ତୋଷ ଗଞ୍ଜାମ ଜିଲା ଛତ୍ରପୁର କଲେଜରେ ଯୁକ୍ତ ୩ରେ ପାଠ ପଢ଼ନ୍ତି। ପୂର୍ବ ଶତ୍ରୁତାକୁ ନେଇ ଗୁରୁବାର ଅପରାହ୍ଣରେ ୪ ଯୁବକ ସନ୍ତୋଷକୁ ଘରୁ ଡାକିନେଇ ମନ୍ଦିର ନିକଟରେ ହତ୍ୟା କରିଛନ୍ତି ବୋଲି ଅଭିଯୋଗପତ୍ରରେ ଦର୍ଶାଯାଇଛି। ତଦନ୍ତ ପରେ ସତ୍ୟତା ଜଣାପଡ଼ିବ ବୋଲି ଆଇଆଇସି ରଶ୍ମିରଞ୍ଜନ ସାହୁ କହିଛନ୍ତି।

### ବାଘ ଏନ୍‌କ୍ଲୋଜରରୁ କୁମ୍ଭୀର ଉଦ୍ଧାର

**ବାରଙ୍ଗ,୬।୮(ଡି.ଏନ୍.ଏ.):** ନନ୍ଦନକାନନର କଳାବାଘ ସ୍ୱନ୍ଦନ ଓ ବାସୁ ରହୁଥିବା ୩୩ ନଂ ଏନକ୍ଲୋଜରରୁ ଶୁକ୍ରବାର ଅଢେଇ ଫୁଟ ଲମ୍ବର ଏକ ମଗର କୁମ୍ଭୀରକୁ ଉଦ୍ଧାର କରାଯାଇଛି। ଗୁରୁବାର ଏହି ଏନ୍‌କ୍ଲୋଜର ଆଗରେ ପର୍ଯ୍ୟଟକମାନେ ବୁଲି ଦୁଇ ବାଘ ଭାଇ ସ୍ୱନ୍ଦନ ଓ ବାସୁ ଜଳ କ୍ରୀଡ଼ା କରୁଥିବାର ଦେଖୁଥିବାବେଳେ ଏକ କୁମ୍ଭୀର ପାଣିରେ ପହଁରୁଥିଲା। ଏନେଇ ପର୍ଯ୍ୟଟକମାନେ ଗାଇଡ୍‌ଙ୍କୁ ଜଣାଇଥିଲେ। ଗାଇଡ୍‌ଠାରୁ ଖବରପାଇ କର୍ମଚାରୀମାନେ ଦୁଇବାଘଙ୍କୁ ପାଣିଭିତରୁ ଆଣି ଫିଡିଂ ଚାମ୍ବର ମଧ୍ୟରେ ରଖିବା ସହ କର୍ତ୍ତୃପକ୍ଷଙ୍କୁ ଖବର ଦେଇଥିଲେ। ଶୁକ୍ରବାର କର୍ମଚାରୀମାନେ ଜାଲରେ ଧରି କୁମ୍ଭୀରକୁ ଟାଙ୍କିରେ ଛାଡ଼ିଥିଲେ।

### ଖବରଦାତାଙ୍କୁ ଟିକାକରଣ

**ଟାଙ୍ଗୀ(ଖୋର୍ଦ୍ଧା),୬।୮(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲାର ଟାଙ୍ଗୀ ମିଡ଼ିଆ ସେବା ସଂଘର ସମସ୍ତ କର୍ମକର୍ତ୍ତାଙ୍କୁ ଶୁକ୍ରବାର ଦ୍ୱିତୀୟ ଡୋଜ୍ ଟିକାକରଣ କରାଯାଇଛି। ଟାଙ୍ଗୀ ସରକାରୀ ଡାକ୍ତରଖାନାରେ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ଦିଲୀପ ମଲ୍ଲିକ ଏବଂ ଡା. ଜିତେନ୍ଦ୍ର କୁମାର ସାହୁଙ୍କ ଉପସ୍ଥିତିରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇ ଖବରଦାତାଙ୍କୁ କୋଭିଡ ଟିକାକରଣ କରାଯାଇଛି। ସଂଘର ସଭାପତି ରବୀନ୍ଦ୍ର ରଣା, ମାନସ ଚନ୍ଦ୍ର ପଟ୍ଟନାୟକ, ସଂଗ୍ରାମ କେଶରୀ ପଟ୍ଟନାୟକ, ସନ୍ତୋଷ ଚୌଧୁରୀ, ଭାଗୀରଥି ଛୋଟରାୟ, ରଘୁନାଥ ସାହୁ, ଉମେଶ ଚନ୍ଦ୍ର ପଟ୍ଟନାୟକ, ପ୍ରସନ୍ନ ସ୍ୱାଇଁଙ୍କ ନେତୃତ୍ୱରେ ଟିକାକରଣ କରାଯାଇଥିଲା।

# କୌଳିକ ବୃତ୍ତିରୁ ମୁହଁ ଫେରାଉଛନ୍ତି ବୁଣାକାର

**ଖୋର୍ଦ୍ଧା ଅଫିସ,୬।୮**



- ହଜିଯାଉଛି ଖୋର୍ଦ୍ଧା ଗାମୁଛା
- କଞ୍ଚାମାଲ ଅଭାବ, ପ୍ରୋତ୍ସାହନ ନାହିଁ
- ଜରାଜୀର୍ଣ୍ଣ ଅବସ୍ଥାରେ ରାଉତପଡ଼ା ହସ୍ତତନ୍ତ ସମିତି

କରୋନା ଯୋଗୁ ଗତ ଦୁଇ ବର୍ଷ ହେବ ଖୋର୍ଦ୍ଧା ଜିଲାର ଖୋର୍ଦ୍ଧା, ବେଗୁନିଆ ଓ ବୋଲଗଡ଼, ଟାଙ୍ଗୀ, ଜଟଣୀ ବ୍ଲକର ୫୦୦ରୁ ଊର୍ଦ୍ଧ୍ୱ ବୁଣାକାର ପରିବାର ହାତବାନ୍ଧି ବସିଛନ୍ତି। ଆବଶ୍ୟକ କଞ୍ଚାମାଲ ଓ ସରକାରୀ ପ୍ରୋତ୍ସାହନ ଅଭାବରୁ ଦୁର୍ଦ୍ଦିନରେ ବିତୁଛି ବୁଣାକାରଙ୍କ ଜୀବନ। ଅନ୍ୟପଟେ ପ୍ରସ୍ତୁତ ସାମଗ୍ରୀ ଥାକମାରି ରଖାଯାଇଥିଲେ ମଧ୍ୟ ବିକ୍ରି ନ ଥିବାରୁ ଦୁଇ ପଇସା ଉପାର୍ଜନ ହୋଇପାରୁ ନାହିଁ। ସରକାର ସମସ୍ତଙ୍କ ଲାଗି ସହାୟତା ଘୋଷଣା କରିଥିବା ବେଳେ ବୁଣାକାରଙ୍କ ଲାଗି କୌଣସି ସହାୟତା ଘୋଷଣା କରାଯାଇନାହିଁ। ଏଭଳି ସ୍ଥିତିରେ ଅନେକ ବୁଣାକାର ବାଧ୍ୟ ହୋଇ କୌଳିକ ବୃତ୍ତିରୁ ମୁହଁ ଫେରାଇ ନେବାକୁ ବସିଲେଣି।

ରାଜ୍ୟ ତଥା ବାହାରେ ଖୋର୍ଦ୍ଧା ଗାମୁଛାର ବିଶେଷ ଚାହିଦା ରହିଛି। ଏବେ ଏହା ବିଲୁପ୍ତ ହେବାକୁ ବସିଛି। କେତେଜଣ ବୁଣାକାର ପରିବାର ଏହି କଳାକୁ ବଞ୍ଚାଇ ରଖିଛନ୍ତି। ତେବେ କରୋନା ସମୟରେ ବହୁ ଏସଏସଜି ଗ୍ରୁପଙ୍କ ଦ୍ୱାରା ପ୍ରସ୍ତୁତ ଖୋର୍ଦ୍ଧା ଗାମୁଛା, ମାସ୍କ ବେଶ ପ୍ରଶଂସା ସାଉଁଟିଥିଲା। ତେବେ ଉପଯୁକ୍ତ ପ୍ରୋତ୍ସାହନ ଏବଂ ଆଧୁନିକ ଜ୍ଞାନକୌଶଳର ବ୍ୟବହାର କରାଗଲେ ଏହାର ଚାହିଦା ବୃଦ୍ଧି ପାଇବ ବୋଲି ସାମାଜିକ କର୍ମୀ ତଥା ଆଇନଜୀବୀ ଅଜିତ୍ ପଟ୍ଟନାୟକ କହିଛନ୍ତି। ବେଗୁନିଆ ବ୍ଲକ ରାଉତପଡାରେ ୨୦୦ରୁ ଊର୍ଦ୍ଧ୍ୱ ବୁଣାକାର ପରିବାର ରହିଛନ୍ତି। ଏମାନେ ତନ୍ତ ସାହାଯ୍ୟରେ ସୂତା ଲୁଗା, ପାଟବସ୍ତ୍ର, ଗାମୁଛା, ଶାଢୀ ପ୍ରସ୍ତୁତ କରି ପରିବାର ଚଳାଇଥାନ୍ତି। କରୋନା ଯୋଗୁ କାମ ଠପ୍ ହୋଇଯାଇଛି। ଏହି ଗ୍ରାମରେ ୧୯୪୧ ମସିହାରୁ ରାଉତପଡ଼ା ସମବାୟ ତନ୍ତ ସମବାୟ ସମିତି ରହିଛି। ଉପଯୁକ୍ତ ରକ୍ଷଣାବେକ୍ଷଣ ଏବଂ ପ୍ରୋତ୍ସାହନ ଅଭାବରୁ ଏହି ସମିତି ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ସେହିପରି ସାନପଦର, ସିମର, ଡାଳତୋଳା, ବାରବାଟି ଅଠରାଙ୍ଗ, ବୋଲଗଡ଼ ବ୍ଲକ ଧଳାପଥର ଆଦି ଗ୍ରାମର ୨୦୦ରୁ ଊର୍ଦ୍ଧ୍ୱ ବୁଣାକାରଙ୍କ ପରିବାର ଜୀବନ ଦୁର୍ବିଷହ ହୋଇପଡିଛି। ବରିଷ୍ଠ ବୁଣାକାର ଗୋପୀନାଥ ଦାସ କୁହନ୍ତି, କରୋନା ଲାଗି କଞ୍ଚାମାଲ ଆସିପାରିନାହିଁ। ଫଳରେ ବହୁ ବୁଣାକାର କାମଧନ୍ଦା ହରାଇଲେ। ସେହିପରି ବୁଣାକାର ଗୋବିନ୍ଦ ଦାସ କୁହନ୍ତି, ହସ୍ତତନ୍ତ ଉପରେ ନିର୍ଭର କରି ଚଳୁଥିବା ବୁଣାକାର ପରିବାରଙ୍କ ଏବେ ସମସ୍ୟା କହିଲେ ନ ସରେ। କରୋନା ଦୁଃଖ ଏବେ ବି ଯାଇନି। ପୂର୍ବରୁ ଯାହା ବୁଣା ଲୁଗା ଥିଲା, ତାହାର ବିକ୍ରି ହୋଇପାରିଲା ନାହିଁ। ଏବେ କଞ୍ଚାମାଲ ଉଚ୍ଚା ଦର ରହିଛି। ସରକାରୀ ପ୍ରୋତ୍ସାହନ ନ ମିଳିଲେ, ପରମ୍ପରାନୁସାରେ ଚାଲି ଆସିଥିବା ବୁଣା କାରିଗରି ବନ୍ଦ ହୋଇଯିବ। ବୁଣାକାର ନିମାଇଁ ଚରଣ କୁଣ୍ଡୁ କୁହନ୍ତି, ଫନୀ ପରେ କରୋନା ବୁଣାକାର ପରିବାରଙ୍କ ଦୁଃଖକୁ ଦ୍ୱିଗୁଣିତ କରିଛି। ପ୍ରସ୍ତୁତ ଲୁଗା ବିକ୍ରି ହୋଇପାରୁ ନ ଥିବାରୁ କଞ୍ଚାମାଲ କିଣି ପାରୁନୁ। ମାସ ମାସ ଧରି ତନ୍ତ ବନ୍ଦ ରହିଛି। ଫଳରେ ପରିବାର ଚଳାଇବା କଷ୍ଟକର ହୋଇପଡ଼ିଛି। ଗ୍ରାମରେ ହସ୍ତତନ୍ତ ବୁଣାକାର ସମିତି ରହିଥିଲେ ମଧ୍ୟ ବୁଣାକାରଙ୍କୁ ଉପଯୁକ୍ତ ମଜୁରି ଦେବାରେ ସକ୍ଷମ ନୁହଁ ବୋଲି ବହୁ ବୁଣାକାର କହିଛନ୍ତି। କୈଳାସ ପାତ୍ର କୁହନ୍ତି, ପୂର୍ବରୁ ବିଭିନ୍ନ ଡିଜାଇନର ଶାଢ଼ି ଅର୍ଡର ମିଳିଥିଲା। ଲକ୍‌ଡାଉନ ଓ ଶଟ୍‌ଡାଉନ ଯୋଗୁ ଅର୍ଡର ଦେଇଥିବା ବେପାରୀ ଆସିଲେ ନାହିଁ। ଫଳରେ ବେପାର ଠପ୍ ହୋଇଗଲା। ସେହିପରି ବୁଣାକାର ରବୀନ୍ଦ୍ର ଦାସ କୁହନ୍ତି, ବୁଣା ଲୁଗା ବିକ୍ରି ନ ହେଲେ, ପରିବାର କିପରି ଚଳିବ ସେ ନେଇ ଚିନ୍ତା ବଢିଛି। କଞ୍ଚାମାଲ ଆସିପାରୁ ନ ଥିବାରୁ ପୂର୍ବରୁ ଅର୍ଡର ଥିବା ସାମଗ୍ରୀ ମଧ୍ୟ ପ୍ରସ୍ତୁତ ହୋଇପାରୁନାହିଁ। ସେହିପରି ରମେଶ ଦାସ କୁହନ୍ତି, ପୂର୍ବରୁ ପ୍ରସ୍ତୁତ କରିଥିବା ସାମଗ୍ରୀ ସମିତିରେ ପଡି ରହିଛି। ମଜୁରି ମିଳିନାହିଁ। କଞ୍ଚାମାଲ ପୂର୍ବାପେକ୍ଷା ଦର ଉଚ୍ଚା ରହିଛି। ସରକାରୀ ସହାୟତା ନ ମିଳିଲେ, ଆଗକୁ ବଢିବା କଷ୍ଟକର ହୋଇପଡିବ। ବରିଷ୍ଠ ବୁଣାକାର ଅଶୋକ ଦାସ କୁହନ୍ତି, ଲୁଗା ବୁଣା ହୋଇ ଘରେ ପଡି ରହିଛି। ବେପାରୀ ଆସୁନଥିବାରୁ ବିକ୍ରି ନାହିଁ। ପରିବାର ଚଳାଇବା କଷ୍ଟକର ହୋଇପଡ଼ିଛି। ସରକାର ଏଥିପ୍ରତି ଦୃଷ୍ଟି ଦେବା ଜରୁରୀ ହୋଇପଡ଼ିଛି ବୋଲି ସେ କହିଛନ୍ତି।



ଖୋର୍ଦ୍ଧା ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ଶୁକ୍ରବାର ନୂଆବସ୍‌ଷ୍ଟାଣ୍ଡଠାରୁ ବାହାରିଥିବା ବିକ୍ଷୋଭ ଶୋଭାଯାତ୍ରା।

# ଛାତ୍ର କଂଗ୍ରେସର ଶୋଭାଯାତ୍ରା, ବିକ୍ଷୋଭ

**ଖୋର୍ଦ୍ଧା ଅଫିସ,୬।୮**

ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ ଦୁର୍ନୀତି ବିରୋଧରେ ଶୁକ୍ରବାର ଖୋର୍ଦ୍ଧା ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଶତାଧିକ କର୍ମୀ ଖୋର୍ଦ୍ଧା ନୂଆବସଷ୍ଟାଣ୍ଡରୁ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରିଥିଲେ। ଏଥିସହ ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ନାରାବାଜି କରିଥିଲେ। ଆଇନଶୃଙ୍ଖଳା ଦୃଷ୍ଟିରୁ ଜିଲାପାଳଙ୍କ କାର୍ଯ୍ୟାଳୟ ମୁଖ୍ୟ ଫାଟକକୁ ପୋଲିସ ବନ୍ଦ କରିଦେଇଥିଲା। ଫଳରେ ଏନେଇ ଛାତ୍ର କଂଗ୍ରେସ ଏବଂ ପୋଲିସ ମୁହାଁମୁହିଁ ହୋଇଥିଲେ। ପରେ ଛାତ୍ର କଂଗ୍ରେସ କର୍ମୀ କାର୍ଯ୍ୟାଳୟ ଭିତରକୁ ଧସେଇ ପଶିଥିଲେ। ଏହି ସମୟରେ ଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀମାନେ ଅନୁପସ୍ଥିତ ଥିବାରୁ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ପୂର୍ବାହ୍ଣ ୧୧ଟାରେ କୌଣସି ଅଧିକାରୀ ଉପସ୍ଥିତ ନ ଥିବାରୁ କଂଗ୍ରେସ ପିସିସି ସଭ୍ୟ ଶିଶିର ପରିଡା, ମୁଖପାତ୍ର ଅମିତ ମହାନ୍ତି ପ୍ରମୁଖ ଜିଲା ପ୍ରଶାସନକୁ ସମାଲୋଚନା କରିଥିଲେ। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଡେପୁଟି କଲେକ୍ଟରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଷ୍ଟାଫ ସିଲେକ୍ସନ କମିଶନରେ ଚାଲିଥିବା ବ୍ୟାପକ ଦୁର୍ନୀତି ସରକାରଙ୍କ ସ୍ୱଚ୍ଛ ଶାସନକୁ ପଦାରେ ପକାଇଛି ବୋଲି ଛାତ୍ର କଂଗ୍ରେସ ରାଜ୍ୟ ସଭାପତି ୟାସୀର ନବାଜ୍ କହିଛନ୍ତି। ଛାତ୍ର କଂଗ୍ରେସ ଜିଲା ସଭାପତି ସୌମ୍ୟ ପଟ୍ଟନାୟକଙ୍କ ନେତୃତ୍ୱରେ ଯୁବନେତା ପ୍ଲାବନ ପଟ୍ଟନାୟକ, ଶିଳାଦିତ୍ୟ ପଟ୍ଟନାୟକ, ନଗର କଂଗ୍ରେସ ସଭାପତି ରଞ୍ଜିତ ମହାପାତ୍ର, ପଦ୍ମଚରଣ ରାୟ, ଦ୍ୱାରିକା ମହାନ୍ତି, ପ୍ରଦୋଷ ହରିଚନ୍ଦନ, ଅଖିଳେଶ ଯାଦବ, ଅଶୋକ ମଙ୍ଗରାଜ, କଳିଙ୍ଗ କିଶୋର ସାହୁ, ସୁନୀଲ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ‘ଦଳିତ ପରିବାର ଉପରେ ଆକ୍ରମଣ ବଢୁଛି’

**ପୁରୀ ଅଫିସ,୬।୮**

ଦଳିତ ପରିବାର ଉପରେ ରାଜ୍ୟର ଶାସକ ଦଳ ଆକ୍ରମଣ କରୁଥିବା ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ଅଭିଯୋଗ ଆଣିଛି। ଶୁକ୍ରବାର ମୁଦୁଲିଜାଗା କଲ୍ୟାଣ ମଣ୍ଡପରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚାର ରାଜ୍ୟ ସଭାପତି ବିଭୁଦତ୍ତ ତରାଇ କହିଛନ୍ତି, ଦିନକୁ ଦିନ ଦଳିତ ପରିବାର ଉପରେ ଆକ୍ରମଣ ଘଟଣା ବଢି ଚାଲିଛି। ଆକ୍ରମଣ ପଛରେ ରାଜ୍ୟର ଶାସକ ଦଳ କର୍ମୀଙ୍କ ହାତ ରହୁଛି। କେନ୍ଦ୍ରାପଡ଼ା ଆଳି ନିର୍ବାଚନ ମଣ୍ଡଳୀର ନବକିଶୋର ମଲ୍ଲିକଙ୍କ ପୁଅ ତାଙ୍କ ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍, ପ୍ରଧାନମନ୍ତ୍ରୀ ଆବାସ, ଶୌଚାଳୟ ନିର୍ମାଣ ଇତ୍ୟାଦି କାମରେ ଦୁର୍ନୀତି ହୋଇଥିବା ନେଇ ସାମାଜିକ ଗଣମାଧ୍ୟମରେ ଖବର ପ୍ରକାଶ କରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ସ୍ଥାନୀୟ ସରପଞ୍ଚ ତାଙ୍କ ସମର୍ଥକଙ୍କ ସହ ସମ୍ପୃକ୍ତ ପରିବାର ଉପରେ ଆକ୍ରମଣ କରିଥିଲେ। ଏନେଇ ଥାନାରେ ଅଭିଯୋଗ ସତ୍ତ୍ୱେ ପୋଲିସ ଚୁପ୍ ବସିଲା। ସେହିପରି ଜଗତ୍‌ସିଂହପୁର ଜିଲା ନାଉଗାଁରେ ଦଳିତ ମହିଳାମାନେ ନିଜ ପାରିଶ୍ରମିକ ମାଗିବାରୁ ସେମାନଙ୍କୁ ରାଜ୍ୟ ଶାସକ ଦଳର କର୍ମୀ ଆକ୍ରମଣ କରିଥିଲେ। ସେଠାରେ ମଧ୍ୟ ପୋଲିସ୍ ନୀରବଦ୍ରଷ୍ଟା ସାଜିଲା। ଆସନ୍ତା ୯,୧୦ ଓ ୧୧ ତାରିଖରେ ଦଳ ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳମାନଙ୍କୁ ସ୍ମାରକପତ୍ର ଦିଆଯିବ। ସମ୍ମିଳନୀରେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଅନିଲ ସେଠୀ, ଜଗନ୍ନାଥ ବେହେରା, ବିଶୁଦ୍ଧାନନ୍ଦ ଜେନା, ଶତ୍ରୁଘ୍ନ ସେଠୀ, ଶିବ ମଲ୍ଲିକ, ଉମାକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱର୍ଗଦ୍ୱାରରେ ଲାଗିଲା ସ୍ଥିରୀକୃତ ଦର ତାଲିକା

**ପୁରୀ ଅଫିସ,୬।୮**

ସ୍ୱର୍ଗଦ୍ୱାରରେ ଥିବା ଦୋକାନୀ ଉଚ୍ଚା ଦରରେ ଦ୍ରବ୍ୟ ବିକ୍ରି କରୁଥିବା ନେଇ ଲୋକେ ଅଭିଯୋଗ କରିଆସୁଥିଲେ। ସେହିଭଳି ନିର୍ଦ୍ଦିଷ୍ଟ ସାମଗ୍ରୀ କିଣିବାକୁ ଚାହିଁଲେ ଦୋକାନୀ ତାହା ଦେବା ବଦଳରେ ସମ୍ପୂର୍ଣ୍ଣ କିଟ୍‌କୁ କିଣିବା ପାଇଁ ବାଧ କରୁଥିଲେ। ଏଭଳି ଅଭିଯୋଗ ଆସିବା ପରେ ସ୍ୱର୍ଗଦ୍ୱାର ସେବା ସମିତି ପକ୍ଷରୁ ଦର ତାଲିକା ଟଙ୍ଗାଯାଇଛି। ଏହି ତାଲିକାରେ ଘିଅ, ଧୂପକାଠିରୁ ଆରମ୍ଭ କରି ସମସ୍ତ ପୂଜା ସାମଗ୍ରୀ ଓ ଅନ୍ତ୍ୟେଷ୍ଟିକ୍ରିୟାରେ ସାମିଲ ହୋଇଥିବା ବେଳେ ଏହା କେତେ ଟଙ୍କାରେ ମିଳିବ ତାହା ଲେଖାଅଛି। ଫଳରେ ସ୍ୱର୍ଗଦ୍ୱାର ଆସୁଥିବା ଲୋକେ ଠକାମିର ଶିକାର ହେବେ ନାହିଁ ବୋଲି ପ୍ରଶାସନ କହିଛି। ସମୁଦାୟ ମୁଖାଗ୍ନି ସାମଗ୍ରୀ ୨୨୮ ଓ ପଥଶ୍ରାଦ୍ଧ ସାମଗ୍ରୀ ୨୦୪ ଟଙ୍କାରେ ମିଳିପାରିବ। କୋକେଇ ବ୍ୟବସ୍ଥା ୩୪୫ ଟଙ୍କାରେ, ଓମଫେଡ ଘିଅ ୫୬୫ ଟଙ୍କାରେ ଯୋଗାଇ ଦିଆଯିବ। ଦୋକାନୀ ଅଧିକ ଦରରେ ସାମଗ୍ରୀ ବିକ୍ରି କରିବେ ନାହିଁ କିମ୍ବା ଇଚ୍ଛା ଅନୁଯାୟୀ କୌଣସି ବ୍ରାଣ୍ଡର ସାମଗ୍ରୀ ଆଣି ବିକ୍ରି କରିବେ ନାହିଁ।

# ଅସ୍ଥାୟୀ ଶେଡ୍ ନିର୍ମାଣକୁ ବିରୋଧ

**ପୁରୀ ଅଫିସ, ୬।୮**

- ବଡ଼ଦାଣ୍ଡ ଗରିମା ନଷ୍ଟ ହେଉଛି
- ଏ ବାବଦ ଅର୍ଥ ଶ୍ରୀମନ୍ଦିର କାର୍ଯ୍ୟରେ ଲଗାଯାଉ
- ପ୍ରଶାସନକୁ ସୂଚନା ମାଗିଲେ ମିଳୁନି


ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ଶେଡ୍ ନିର୍ମାଣ କରାଯାଉଛି।

ରାଜ୍ୟରେ କରୋନା ପ୍ରଭାବ କମୁଥିବାରୁ ଆସନ୍ତା ୧୬ ତାରିଖରୁ ଭକ୍ତଙ୍କ ପାଇଁ ଶ୍ରୀମନ୍ଦିର ଖୋଲିବ। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଭକ୍ତଙ୍କ ଆଗମନକୁ ଦୃଷ୍ଟିରେ ରଖି ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା କରାଇବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସିଂହଦ୍ୱାର ସମ୍ମୁଖରେ ଅସ୍ଥାୟୀ ଶେଡ୍ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ତେବେ ଏହାକୁ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ବିରୋଧ କରିଛନ୍ତି।

ସୂଚନାଯୋଗ୍ୟ, ଶୃଙ୍ଖଳିତ ଧାଡ଼ି ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ ସିଂହଦ୍ୱାର ପାଖ ଛୋଟ ବ୍ୟାରିକେଡ୍ ବ୍ୟବସ୍ଥାକୁ ହଟାଯାଇ ବଡଦାଣ୍ଡରେ ଅସ୍ଥାୟୀ ଲୁହାଶେଡ୍ ନିର୍ମାଣ କରାଯାଉଛି। ଏହାକୁ ବିଭିନ୍ନ ମହଲରେ ବିରୋଧ କରାଯିବା ସହ ମା’ କାକୁଡ଼ିଖାଇଙ୍କ ନିକଟରେ ଏହି ଶେଡ୍ ନିର୍ମାଣ କରାଯିବାକୁ ଦାବି ହେଉଛି। ଶ୍ରୀଜଗନ୍ନାଥ ଭକ୍ତ ପରିଷଦର ଆବାହକ ସୂର୍ଯ୍ୟ ନାରାୟଣ ରଥ କହିଛନ୍ତି, ପ୍ରତିବର୍ଷ ରଥଯାତ୍ରା ସମୟରେ ଏହି ଶେଡ୍‌କୁ ଭଙ୍ଗାଯାଉଛି ଓ ପରେ ପୁନଃ ନିର୍ମାଣ କରାଯାଉଛି। ଏ ବାବଦରେ ବହୁ ଅର୍ଥ ଖର୍ଚ୍ଚ ହେଉଛି। ଶେଡ୍ ନିର୍ମାଣ ଯୋଗୁ ବଡ଼ଦାଣ୍ଡର ଗରିମା ନଷ୍ଟ ହେବା ସହ ରାସ୍ତା ସଙ୍କୁଚିତ ହୋଇ ଦୁର୍ଘଟଣା ଘଟୁଛି। ତେଣୁ ଶେଡ୍‌କୁ ହଟାଯାଇ କାକୁଡ଼ିଖାଇ ମନ୍ଦିର ନିକଟରେ ନିର୍ମାଣ କରାଯିବାକୁ ସେ ଜିଲାପାଳଙ୍କୁ ଜଣାଇଥିଲେ। ମାତ୍ର ପ୍ରଶାସନ ନ ଶୁଣିବାରୁ ସେ କୋର୍ଟଙ୍କ ଦ୍ୱାରସ୍ଥ ହେବେ। ସେହିପରି ଶ୍ରୀଜଗନ୍ନାଥ ସେନା ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି, କାକୁଡ଼ିଖାଇ ପାଖ ମେଘନାଦ ପାଚେରି ପାର୍ଶ୍ୱକୁ ଶେଡ୍ ସ୍ଥାନାନ୍ତର କରାଗଲେ ଅଯଥା ଖର୍ଚ୍ଚ ରୋକାଯିବା ସହ ଏ ବାବଦ ଅର୍ଥ ଶ୍ରୀମନ୍ଦିର କାର୍ଯ୍ୟରେ ଲଗାଯାଇପାରନ୍ତା। ସାମାଜିକକର୍ମୀ ଦିଲୀପ କୁମାର ବରାଳ କହିଛନ୍ତି, ଶ୍ରୀମନ୍ଦିର ପ୍ରଶାସନକୁ ସୂଚନା ଅଧିକାର ଆଇନ ବଳରେ ଏ ସଂକ୍ରାନ୍ତ ତଥ୍ୟ ମାଗିଥିଲେ ମଧ୍ୟ ତାଙ୍କୁ ମିଳିନାହିଁ। ପ୍ରଶାସନ ଜାଣିଶୁଣି ସମୟ ଗଡ଼ାଉଛି। ଅନ୍ୟପକ୍ଷରେ ବିଭାଗୀୟ ଅଧିକାରୀ ଆଲୋକ କୁମାର ନାଗ କହିଛନ୍ତି, ସେ ସମ୍ପୃକ୍ତ ବିଭାଗଗୁଡ଼ିକୁ ସମସ୍ତ ପ୍ରଶ୍ନ ପଠାଇଛନ୍ତି। ସେଠାରୁ ତଥ୍ୟ ଆସିଲେ ଦିଆଯିବ। ନିୟମାନୁଯାୟୀ, ମଗାଯିବାର ୩୦ଦିନ ମଧ୍ୟରେ ତଥ୍ୟ ଦେବା କଥା। ମାତ୍ର କେତେଜଣ କର୍ମଚାରୀ କରୋନା ସଂକ୍ରମିତ ହୋଇଥିବାରୁ ତଥ୍ୟ ଦେବାରେ ବିଳମ୍ବ ଘଟୁଛି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ପ୍ରଶାନ୍ତ


@ ଦେବରାଜ


@ ଅଭିଷେକ


@ ରାଧେ


@ ସଂଗ୍ରାମ

# ସହରର ସ୍ୱଚ୍ଛତା, ମୋ ଖତ ମାନ ଉପରେ ଗୁରୁତ୍ୱ

**ଖୋର୍ଦ୍ଧା ଅଫିସ,୬।୮**

ଖୋର୍ଦ୍ଧା ସହରରୁ ବାହାରୁଥିବା ଦୈନିକ ବର୍ଜ୍ୟବସ୍ତୁରୁ ପୌର ପ୍ରଶାସନ ପକ୍ଷରୁ ମୋ ଖତ ଉତ୍ପାଦନ କରାଯାଉଛି। ଏଥିଲାଗି ୱାର୍ଡ ନଂ.୧ ମୁକୁନ୍ଦପ୍ରସାଦଠାରେ ଏମ୍‌ସିସି(ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର) ୟୁନିଟ ନିର୍ମିତ ହୋଇଛି। ନିକଟରେ ଏହି ଏମ୍‌ସିସି ୟୁନିଟ ଆଇଏସ୍‌ଓ ମାନ୍ୟତା ପାଇଛି। ତେବେ ଖତ କେଜି ପିଛା ୨୦ଟଙ୍କାରେ ବିକ୍ରି କରାଯାଉଛି। ବଜାରରେ ଏହାର ଚାହିଦା ବୃଦ୍ଧି ପାଇଛି। ଗତ ଫେବୃୟାରୀରୁ ଜୁଲାଇ ସୁଦ୍ଧା ୫ଟନ ଖତ ବିକ୍ରି ହୋଇଛି। ଖତ ବିକ୍ରି ଲାଗି ପୌର କାର୍ଯ୍ୟାଳୟ ପରିସରରେ ମୋ ଖତ କିଓସ୍କିଓ କେନ୍ଦ୍ର ଖୋଲାଯାଇଛି। ଓରମାସ କାର୍ଯ୍ୟାଳୟ ପରିସରରେ ଆଉ ଏକ କିଓସ୍କିଓ କେନ୍ଦ୍ର ଖୋଲିବା ଲାଗି ଯୋଜନା ରହିଛି। ସହରର ସ୍ୱଚ୍ଛତା, କଠିନ ବର୍ଜ୍ୟବସ୍ତୁ ପରିଚାଳନା ଓ ମୋ ଖତ ମାନ ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ଉପଜିଲାପାଳ ତଥା ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଆଇ ଗୌରବ ଶିବାଜୀ କହିଛନ୍ତି।

ସୂଚନା ମୁତାବକ, ୫୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୨୫ ମିଟର ଲମ୍ବ, ୧୭ ମିଟର ଚଉଡ଼ାରେ ନିର୍ମିତ ଜୈବିକ ଖତ ପ୍ରସ୍ତୁତି କେନ୍ଦ୍ର (ଏମ୍‌ସିସି)ରେ ୧୪ଟି କୁଣ୍ଡ ନିର୍ମାଣ କରାଯାଇଛି। ପ୍ରତ୍ୟେକ କୁଣ୍ଡର ଲମ୍ବ ୩.୩ମି, ପ୍ରସ୍ଥ ୨.୩ମି ଏବଂ ଏକ ମିଟର ଉଚ୍ଚତା ରହିଛି। ଦୁଇଟି ପର୍ଯ୍ୟାୟରେ ଖତ ପ୍ରସ୍ତୁତ କରାଯାଉଛି। ବାହାରୁ ଆସିଥିବା ଓଦା ବର୍ଜ୍ୟବସ୍ତୁକୁ ପ୍ରଣାଳୀ ଅନୁସାରେ ତିନି ଥାକରେ ଏହି କୁଣ୍ଡ ପୂର୍ଣ୍ଣ କରାଯାଏ। କୁଣ୍ଡ ସମ୍ପୂର୍ଣ୍ଣ ପୂର୍ଣ୍ଣ ହେବାକୁ ୨୧ଦିନ ଲାଗିଥାଏ। ପରବର୍ତ୍ତୀ ୨୧ ଦିନରେ ଏହା ଖତରେ ପରିଣତ ହୋଇଥାଏ। ଗୋଟିଏ କୁଣ୍ଡରୁ ୫ରୁ ୬ଶହ କେଜି ପର୍ଯ୍ୟନ୍ତ ଖତ ବାହାରିଥାଏ। ଓଦା ବର୍ଜ୍ୟବସ୍ତୁକୁ ଖତରେ ପରିଣତ କରିବା ଲାଗି ଏକ ଇଏମ୍ ସୁଲୁସନ କୁଣ୍ଡ ଲାଗି ୯୦ ଲିଟର ପାଣି, ୫ ଲିଟର ଗୁଡ଼ପାଣି, ୩ ଲିଟର ଦହି ଏବଂ ଆବଶ୍ୟକ ଅନୁଯାୟୀ କୁଣ୍ଡା ମିଶାଯାଇ ମିଶ୍ରଣ କରାଯାଏ। ଉକ୍ତ ମିଶ୍ରଣ ସମ୍ପୂର୍ଣ୍ଣ ପ୍ରସ୍ତୁତ ଲାଗି ସପ୍ତାହେ ଲାଗିଥାଏ। ପ୍ରତ୍ୟେକ କୁଣ୍ଡରେ ବର୍ଜ୍ୟବସ୍ତୁ ପକାଯିବା ପରେ ଉକ୍ତ ମିଶ୍ରଣକୁ ପକାଯାଇଥାଏ। ସମ୍ପୃକ୍ତ ୟୁନିଟରେ ୫ଜଣ ଶ୍ରମିକ ନିୟୋଜିତ ଅଛନ୍ତି। ସେହିପରି ଶୁଖିଲା ବର୍ଜ୍ୟବସ୍ତୁ ପୁନଃ ବ୍ୟବହାର ଉପଯୋଗୀ ନିମନ୍ତେ ୬ ଲକ୍ଷ ଟଙ୍କା ଅଟକଳରେ ୫୦ ଫୁଟ ଲମ୍ବ, ୩୦ ଫୁଟ ଓସାରର ଶୁଖିଲା ବର୍ଜ୍ୟବସ୍ତୁ ପୃଥକୀକରଣ (ଏମ୍‌ଆରଏଫ୍)କେନ୍ଦ୍ର କରାଯାଇଛି। ଏଥିରେ ୪ଜଣ ଶ୍ରମିକ ନିୟୋଜିତ ଅଛନ୍ତି। ଘର ଓ ବଜାରରୁ ସଂଗୃହୀତ ହୋଇ ଆସୁଥିବା ବର୍ଜ୍ୟବସ୍ତୁକୁ ପ୍ରଥମେ ଏଠାରେ ଅଲଗା କରାଯାଇଥାଏ। ଓଦା ବର୍ଜ୍ୟବସ୍ତୁକୁ ଏମ୍‌ସିସି ଖତ ପ୍ରସ୍ତୁତି ଲାଗି ନିଆଯାଏ। ଶୁଖିଲା ବର୍ଜ୍ୟବସ୍ତୁକୁ ଘରୋଇ ସଂସ୍ଥାକୁ ଦିଆଯାଉଛି। ଉଭୟ କେନ୍ଦ୍ର ପରିଚାଳନାରେ ମା’ ଭଗବତୀ ଏସ୍‌ଏସଜି ଗ୍ରୁପ ଦାୟିତ୍ୱରେ ରହିଛି।



୦୬.୦୮.୨୦୨୧
୨୧୮୬ ଟଙ୍କା

## ସଂକ୍ଷେପରେ

### ସାପ କାମୁଡ଼ାରେ ଚାଷୀ ମୃତ

ଗୋପ,୬।୮ (ଡି.ଏନ୍.ଏ.): ଗୋପ ଥାନା ଅଧୀନ ବାଲିଗୋରଡ଼ି ଗ୍ରାମରେ ଏକ ସାପ କାମୁଡ଼ାରେ ଜଣେ ଚାଷୀଙ୍କ ଶୁକ୍ରବାର ସକାଳେ ମୃତ୍ୟୁ ହୋଇଛି। ସେ ହେଲେ ଏହି ଗ୍ରାମର ମାନସ ରଞ୍ଜନ ଆଚାର୍ଯ୍ୟ (୪୫)। ଗୁରୁବାର ଅପରାହ୍ନରେ ମାନସ ନିଜ ଚାଷ ଜମିକୁ ଯାଇଥିବା ବେଳେ ଗୋଟିଏ ବିଷଧର ସାପ ଦଂଶନ କରିଥିଲା। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ପରିବାର ସଦସ୍ୟ ତାଙ୍କୁ ଉଦ୍ଧାର କରି ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା କରାଯିବା ସହ ଅବସ୍ଥା ସଂକଟାପନ୍ନ ହେବାରୁ ଭୁବନେଶ୍ୱର ହସ୍ପିଟାଲକୁ ନେବା ପାଇଁ ପରାମର୍ଶ କରିଥିଲେ। କିନ୍ତୁ ପରିବାର ପକ୍ଷରୁ ତାଙ୍କୁ ପୁଣି ଏକ ବେସରକାରୀ ଡାକ୍ତରଖାନା ନେଇ ଚିକିତ୍ସା କରାଯାଇଥିଲା। ଶୁକ୍ରବାର ଭୋର ସମୟରେ ମାନସଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକ ପକ୍ଷରୁ ସୂଚନା ମିଳିଛି। ମାତ୍ର ସେ ଜଣେ ଗରିବ ଚାଷୀ ହୋଇ ଥିବାରୁ ତାଙ୍କୁ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ନାଗପୁର ପଞ୍ଚାୟତର ସରପଞ୍ଚ ଅକ୍ଷୟ କୁମାର ନିଶଙ୍କ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି।

### ବୃକ୍ଷ ବଞ୍ଚିଲେ ମାନବ ସଭ୍ୟତା ତିଷ୍ଠିବ

ଡେଲାଙ୍ଗ,୬।୮ (ଡି.ଏନ୍.ଏ.): ବୃକ୍ଷ ବଞ୍ଚି ରହିଲେ ମାନବ ସଭ୍ୟତା ତିଷ୍ଠି ରହିବ, ଏଣୁ ପ୍ରତିଟି ମଣିଷ ଗଛ ଲଗାଇବା ସହ ତା'ର ଯତ୍ନ ନେବା ଆବଶ୍ୟକ ବୋଲି ବିଇଓ ନିରଞ୍ଜନ ପାତ୍ର ଚାରାରୋପଣ କାର୍ଯ୍ୟକ୍ରମରେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ଡେଲାଙ୍ଗ ବ୍ଲକର ମାଛପଡା ଆଞ୍ଚଳିକ ସାଧନକେନ୍ଦ୍ର ଅଧୀନ ଗତେଶ୍ୱର ଦେବ ନୋଡାଲ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରିସରରେ ଶୁକ୍ରବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ୟୁଥ ଯୁକୋ କ୍ଲବ ଓ ଗ୍ରାମବାସୀଙ୍କ ମିଳିତ ଆନୁକୂଲ୍ୟରେ ୧୯୭ଟି ଚାରା ରୋପଣ କରାଯାଇଥିଲା। ଏବିଇଓ ଯୁଧିଷ୍ଠିର ପରିଡା, ଲକ୍ଷ୍ମଣ ପ୍ରଧାନ, ପ୍ରଧାନ ଶିକ୍ଷକ ଦିଲୀପ ନାୟକ, ସରପଞ୍ଚ କାଳନ୍ଦୀ ଜେନା, ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

### ଓଷ୍ଟା ପକ୍ଷରୁ ପରିବେଶ ସଚେତନତା

ନିମାପଡ଼ା,୬।୮ (ଡି.ଏନ୍.ଏ.): ଓଡ଼ିଶା ମାଧ୍ୟମିକ ଶିକ୍ଷକ ସଂଘ(ଓଷ୍ଟା) ନିମାପଡ଼ା ଶାଖା ପକ୍ଷରୁ ଏକ ପରିବେଶ ସୁରକ୍ଷା ଓ ଚାରାରୋପଣ କାର୍ଯ୍ୟକ୍ରମ ଶୁକ୍ରବାର ନିମାପଡ଼ାରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଶିକ୍ଷକମାନେ ସ୍ଥାନୀୟ ବ୍ଲକ ଛକ, ହାଇସ୍କୁଲ ଛକ, ମେଡିକାଲ ଛକ ବୁଲିବୁଲି ପରିବେଶର ସୁରକ୍ଷା ସଚେତନା କରିବା ସହ ପ୍ରତ୍ୟେକ ମଣିଷ ଜୀବନରେ ଚାରା ରୋପଣ କରିବା ଆବଶ୍ୟକ ବୋଲି ବାର୍ତ୍ତା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଓଷ୍ଟା ଶିକ୍ଷକ ସଂଘର ସଭାପତି ହରିହର ସ୍ୱାଇଁ, ସମ୍ପାଦକ ପ୍ରଦୀପ କୁମାର ରଥ, ଶିକ୍ଷକ କ୍ଷେତ୍ରବାସୀ ନାୟକ, ଗଗନ ବିହାରୀ ଛାଟୋଇ, ଅନନ୍ତ କୁମାର ପଣ୍ଡା, ଶଶିଭୂଷଣ ମିଶ୍ର, ଗଗନ ବିହାରୀ ମିଶ୍ର, ରଶ୍ମିତା ମହାପାତ୍ର, ନଗର ବିଜେଡି ସଭାପତି ଜୀବନାନନ୍ଦ ମହାପାତ୍ରଙ୍କ ସମେତ ବହୁ ଶିକ୍ଷକ ଯୋଗଦେଇଥିଲେ। ଏହି ଅବସରରେ ଶିକ୍ଷକମାନେ ବ୍ଲକ ଓ ତହସିଲ ଅଫିସ, ମେଡିକାଲ ରାସ୍ତାରେ ଚାରାରୋପଣ କରିଥିଲେ।

### ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ

କୋଣାର୍କ,୬।୮ (ଡି.ଏନ୍.ଏ.): ସ୍ୱାଧୀନତା ଦିବସ ପାଳନ ନିମନ୍ତେ କୋଣାର୍କ ସାମ୍ବାଦିକ ସଂଘ ପକ୍ଷରୁ କୋଣାର୍କ ବସଷ୍ଟାଣ୍ଡସ୍ଥିତ କାର୍ଯ୍ୟାଳୟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ସଭାପତି ଜ୍ୟୋତିରାଜ ମହାନ୍ତି ସଭାପତିତ୍ୱ କରିଥିଲେ। କଟକଣା ଅନୁଯାୟୀ ପତାକା ଉତ୍ତୋଳନ, ରାମଧୂନ ଗାନ, ଚାରାରୋପଣ କାର୍ଯ୍ୟକ୍ରମ, ବରପୁତ୍ରଙ୍କ ସ୍ମୃତିଚାରଣ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ସଂଘ ସମ୍ପାଦକ ମନୋରଞ୍ଜନ ପଣ୍ଡା, ଉପସଭାପତି ଭାଗୀରଥୀ ସ୍ୱାଇଁ, ମୁଖ୍ୟ ଉପଦେଷ୍ଟା ମାନସ ରଞ୍ଜନ ପାତ୍ର, ଉପଦେଷ୍ଟା ରାଜେଶ ମହାନ୍ତି, ଅଜିତ ମଲ୍ଲିକ, ନିରଞ୍ଜନ ବାରିକ, ସୁକାନ୍ତ ବିଶ୍ୱାଳ, ପ୍ରଦୀପ ଛାଟୋଇ, ପ୍ରତାପ କାଣ୍ଡି, ଗଣେଶ ବେହେରା, ଅରୁଣ ବିଶ୍ୱାଳ, ପ୍ରମୋଦ ଗୋଛାୟତ ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରୀକ୍ଷେତ୍ର ଖୋଜୁଛି ସିନେମା ହଲ୍


ଜରାଜୀର୍ଣ୍ଣ ହୋଇପଡ଼ିଥିବା ଲକ୍ଷ୍ମୀ ଟକିଜ୍।

## ସମ୍ବଳ ଅଭାବରୁ ସବୁ ବନ୍ଦ ପଡ଼ିଛି

- ପରିଚୟ ହରାଇଛି ସର୍ବପୁରାତନ ଲକ୍ଷ୍ମୀ ଟକିଜ୍
- ସହାୟତାର ହାତ ବଢ଼ାଉନି ପ୍ରଶାସନ

ପୁରୀ ଅଫିସ,୬।୮

ସିନେମା ହଲ୍‌ରେ ବସି ଚଳଚ୍ଚିତ୍ର ଉପଭୋଗ କରିବାର ମଜା ନିଆରା। ଏହି କାରଣରୁ ଦର୍ଶକ ସବୁବେଳେ ବଡ ପରଦାକୁ ପସନ୍ଦ କରିଆସିଛନ୍ତି। ଦିନ ଥିଲା, ପୁରୀରେ ଶ୍ରୀକୃଷ୍ଣ, ଶ୍ରୀରାମ, ଲକ୍ଷ୍ମୀ, ଜନତା ଓ ଶ୍ରୀକ୍ଷେତ୍ର ନାମକ ୫ଟି ସିନେମା ହଲ୍ ରହିଥିଲା। ଏସବୁ ହଲ୍‌ରେ କେବଳ ପୁରୀ ବାସିନ୍ଦା ନୁହନ୍ତି, ରାଜ୍ୟ ଓ ରାଜ୍ୟ ବାହାରୁ ଏଠାକୁ ବୁଲିବାକୁ ଆସୁଥିବା ଲୋକ ଚଳଚ୍ଚିତ୍ର ଉପଭୋଗ କରୁଥିଲେ। ଏବେ ବି ଏଠାକୁ ଆସୁଥିବା ବାହାର ଲୋକେ ଫୁର୍‌ସତ୍ ପାଇଲେ ଚଳଚ୍ଚିତ୍ରଟିଏ ଦେଖିବା ପାଇଁ ପ୍ରେକ୍ଷାଳୟଟିଏ ଖୋଜନ୍ତି। ମାତ୍ର ପିଭିଆର୍ ଏବଂ ଆଇନକ୍ସ ଭଳି ଅତ୍ୟାଧୁନିକ ପ୍ରେକ୍ଷାଳୟ ତ ଦୂରର କଥା ପୁରୀ ସହରରେ ସିନେମା ହଲ୍ ନାହିଁ ଶୁଣିଲେ ସେମାନେ ଆଶ୍ଚର୍ଯ୍ୟ ହୁଅନ୍ତି। ସରକାରୀ ପ୍ରୋତ୍ସାହନ ଅଭାବ ଓ ଆର୍ଥିକ ସମସ୍ୟା କାରଣରୁ ସମସ୍ତ ସିନେମା ହଲ୍ ବନ୍ଦ ପଡ଼ିଥିବାବେଳେ ଏଗୁଡ଼ିକର ପୁନରୁଦ୍ଧାର ପାଇଁ ପ୍ରଶାସନ ବି ସହାୟତାର ହାତ ବଢ଼ାଉ ନାହିଁ।

ରାଜ୍ୟର ପ୍ରଥମ ସିନେମା ହଲ୍ କହିଲେ ପୁରୀର ଲକ୍ଷ୍ମୀ ଟକିଜ୍‌କୁ ବୁଝାଏ। ଏଠାରେ ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର 'ସୀତା ବିବାହ' ପ୍ରଦର୍ଶିତ ହୋଇଥିଲା। ସେହିପରି ପୁରୀ ବେଳାଭୂମି ଅଞ୍ଚଳରେ ରହୁଥିବା ତେଲୁଗୁଭାଷୀଙ୍କ ଲାଗି ଚାଲିଥିଲା ଶ୍ରୀକ୍ଷେତ୍ର ସିନେମା ହଲ୍। ଏଠାରେ କେବଳ ତେଲୁଗୁ ଓ ତାମିଲ ସିନେମା ପ୍ରଦର୍ଶନ ଯୋଗୁ ରାଜ୍ୟରେ ଏହି ସିନେମା ହଲ୍ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା। ହେଲେ ଏବେ ଏଗୁଡ଼ିକ ବନ୍ଦ। ଫଳରେ ସହରବାସୀ ପ୍ରେକ୍ଷାଳୟରେ ବସି ସିନେମା ଦେଖିବାରୁ ବଞ୍ଚିତ ହେଉଛନ୍ତି। ସେମାନଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଉଛି। ତେଣୁ ପୁରୀ ସହର ଏବେ ପ୍ରେକ୍ଷାଳୟଟିଏ ଖୋଜୁଛି।

ରାଜ୍ୟ ସରକାର କୋଭିଡ୍ କଟକଣା କୋହଳ କରିବା ପରେ ଅଗଷ୍ଟ ଗାଇଡ୍ ଲାଇନ୍‌ରେ ସିନେମା ହଲ୍ ଖୋଲାଯିବାର ପ୍ରାବଧାନ ରହିଛି। ତେବେ ପୁରୀରେ ସିନେମା ହଲ୍ ଖୋଲିବାକୁ ମାଲିକମାନେ ଅସାମର୍ଥ୍ୟ ପ୍ରକାଶ କରିଛନ୍ତି। ଫନୀ ମହାବାତ୍ୟାରେ ଲକ୍ଷ୍ମୀ ସିନେମା ହଲ୍ ଭିତିଭୂମି ନଷ୍ଟ ହୋଇଯାଇଛି। ସେହିଭଳି ଶ୍ରୀକୃଷ୍ଣ ସିନେମା ହଲ୍‌ରେ ପ୍ରାୟ ଅଢ଼େଇ ବର୍ଷ ହେବ ତାଲା ପଡ଼ିଛି। ଏହି ହଲ୍‌ର ଆଜବେଷ୍ଟସ୍ ଓ ସିଲିଂ ଉଡ଼ିଯାଇଥିବା ବେଳେ ପରଦା ନଷ୍ଟ ହୋଇଗଲାଣି। ଲକ୍ଷ ଲକ୍ଷ ଟଙ୍କାର ସରଞ୍ଜାମ କ୍ଷତ ଖାଉଛି। ସମ୍ବଳ ଅଭାବରୁ ଏହି ହଲ୍‌ର ପୁନରୁଦ୍ଧାର ହୋଇପାରିନାହିଁ। ଭାଜପା ଜିଲା ଯୁବମୋର୍ଚ୍ଚା ସଭାପତି ଜୟନ୍ତ କୁମାର ଦାଶ କହିଛନ୍ତି, ରାଜ୍ୟ ସରକାରଙ୍କ ଫୋକସ୍‌ରେ ଐତିହ୍ୟ ସହର ପୁରୀ ସାମିଲ ହେବା ପରେ ଅବଢ଼ା ଯୋଜନା, ଶ୍ରୀସେତୁ, ପାର୍କ, ଷ୍ଟାଡିୟମ ନିର୍ମାଣ ଭଳି ଅନେକ ଉନ୍ନୟନମୂଳକ କାର୍ଯ୍ୟ ହାତକୁ ନିଆଯାଇଛି। ଶ୍ରୀମନ୍ଦିର ସୁରକ୍ଷା କରିଡ଼ର କାର୍ଯ୍ୟ ମଧ୍ୟ ଜୋରସୋରରେ ଆଗେଇ ଚାଲିଛି। ମାତ୍ର ପରିତାପର ବିଷୟ ଚଳଚ୍ଚିତ୍ର ଓ ନାଟକର ଅନ୍ତୁଡ଼ିଶାଳ ଭାବେ ପରିଚିତ ପୁରୀ ସହରରେ ଅତ୍ୟାଧୁନିକ ସିନେମା ହଲ୍ ପ୍ରତିଷ୍ଠା କରିବାକୁ ସରକାର ପ୍ରୟାସ କରିନାହାନ୍ତି। ପ୍ରଶାସନ ଚାହିଁଲେ ଏହା ସମ୍ଭବ ହୋଇପାରିବ। ଏଭଳି ହେଲେ ମନୋରଞ୍ଜନ ଓ ରାଜସ୍ୱ ଉପାର୍ଜନ ସହ କେତେଜଣ ଲୋକଙ୍କୁ ନିଯୁକ୍ତି ମିଳିପାରନ୍ତା। ସେହିପରି ଲକ୍ଷ୍ମୀ ଟକିଜ୍ ମାଲିକ କୈଳାସ ଚନ୍ଦ୍ର ପାଣ୍ଡେ କହିଛନ୍ତି, ପୁରୀ ସହରବାସୀଙ୍କର ସିନେମା ପ୍ରତି ଅହେତୁକ ଦୁର୍ବଳତା ରହିଛି। ପୂର୍ବରୁ ସିନେମା ପାଇଁ ହେଉଥିବା ଗହଳି କଥା ମନେ ପଡ଼ିଗଲେ ଓଠରେ ହସ ଖେଳିଯାଏ। କିନ୍ତୁ ଏବେ ସେଦିନ ଆଉ ନାହିଁ। ସରକାର ସହାୟତାର ହାତ ନ ବଢ଼ାଇଲେ ଲକ୍ଷ୍ମୀ ଟକିଜ ନିଜ ପରିଚୟ ହରାଇବ। କଳାପ୍ରେମୀ ଶ୍ୟାମସୁନ୍ଦର ସେନାପତି କହିଛନ୍ତି, ଏବେ ପୁରୀ ସହରର ଲୋକେ ସିନେମା ଦେଖିବାକୁ ଭୁବନେଶ୍ୱର ଯାଉଛନ୍ତି। ସରକାର ଚାହିଁଲେ ଏଠାରେ ଆୟର ଏକ ନୂଆ ଉତ୍ସ ପ୍ରସ୍ତୁତ କରିପାରିବେ। ପ୍ରଶାସନ ଏହି ପ୍ରସ୍ତାବ ଉପରେ ବିଚାର କରିବା ଦରକାର। ସେହିପରି ସିନେମାଟୋଗ୍ରାଫିରେ କାର୍ଯ୍ୟରତ ପ୍ରଦୀପ ମିଶ୍ର କହିଛନ୍ତି, ପିଭିଆର୍ ଓ ଆଇନକ୍ସ ଭଳି ବଡ଼ ବଡ଼ ପ୍ରେକ୍ଷାଳୟ କମ୍ପାନୀଙ୍କୁ ପୁରୀକୁ ନିମନ୍ତ୍ରଣ ଦେବା ଭଳି ଉଦ୍ୟୋଗପତି ପୁରୀ ସହରରେ ଅଛନ୍ତି। ମାତ୍ର ସେମାନେ କାହିଁକି ଏ ନେଇ ଉଦ୍ୟମ କରୁନାହାନ୍ତି ତାହା ଆଶ୍ଚର୍ଯ୍ୟଜନକ। ନାମୀଦାମୀ କମ୍ପାନୀ ପୁରୀକୁ ଆସିଲେ ନିଯୁକ୍ତି ଓ ମନୋରଞ୍ଜନର ସୁଯୋଗ ବଢ଼ିବ। ଅନ୍ୟପକ୍ଷରେ ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାଶ କହିଛନ୍ତି, ପ୍ରେକ୍ଷାଳୟ ଖୋଲିବା ଏକ ଘରୋଇ ବ୍ୟାପାର। ଏ କ୍ଷେତ୍ରରେ ସହାୟତା କରିବା ନେଇ ସଂସ୍କୃତି ବିଭାଗ ପାଖରେ କୌଣସି ସୁଯୋଗ ନାହିଁ।

## କେନାଲ ବନ୍ଧ ଭାଙ୍ଗି ଫସଲ ନଷ୍ଟ



ବଳଙ୍ଗା,୬।୮ (ଡି.ଏନ୍.ଏ.)

ବଳଙ୍ଗା ଜଳସମ୍ପଦ ଉପଖଣ୍ଡ ନୂଆଗାଁ କେନାଲ ଦକ୍ଷିଣ ପାର୍ଶ୍ୱ ବେରୋଇଠାରେ ଗୁରୁବାର ବିଳମ୍ବିତ ରାତିରେ ଘଳିଆ ପଡ଼ି ପ୍ରାୟ ୧୦ଫୁଟ ଘାଇ ସୃଷ୍ଟି ହୋଇଯାଇଛି। ଫଳରେ ବନ୍ଧ ନିକଟସ୍ଥ ବେରୋଇ ଓ ସୁନିନ୍ଦା ଗ୍ରାମସ୍ଥ ଚାଷ ଜମିରେ ପ୍ରାୟ ୪ ଫୁଟ ପାଣି ଜମା ହୋଇ ରହିଛି। ନିଷ୍କାସନ ସୁବିଧା ନ ଥିବାରୁ ଧାନ ତଳି ଓ ପନିପରିବା ନଷ୍ଟ ହେବାର ଆଶଙ୍କା ଦେଖା ଦେଇଛି। ବନ୍ଧ ପାର୍ଶ୍ୱରେ ଜଙ୍ଗଲ ଓ ବହୁ କଦଳୀ ଗଛ ଲାଗିଥିବାରୁ ଗୋଧି ଓ ମୂଷାଙ୍କ ଯୋଗୁ ଘଳିଆ ପଡ଼ି ବନ୍ଧ ଭାଙ୍ଗିଥିବା ଆଶଙ୍କା କରାଯାଉଛି। ସୁନିନ୍ଦା ଗ୍ରାମ୍ୟ ରାସ୍ତା ଓ ନିକଟସ୍ଥ ଘରେ ପାଣି ପଶିଯିବାରୁ ଲୋକେ ହଇରାଣ ହୋଇଛନ୍ତି। କ୍ଷୟକ୍ଷତି ଆକଳନ କରାଯାଇ କ୍ଷତିପୂରଣ ପ୍ରଦାନ ନିମନ୍ତେ ଗ୍ରାମବାସୀ ଦାବି କରିଛନ୍ତି। ବିଭାଗୀୟ ଯନ୍ତ୍ରୀ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

REQUIRES
a Accountant in
SRI KRISHNA INFRASSETS PVT. LTD.
Hanspal, Puri Main Canal Road,
Near Global Management College.
Contact:
9658894066 | 7008297224

WANTED
5 ତାରକା ହୋଟେଲ ପାଇଁ ଆବଶ୍ୟକ ଉଦ୍ୟାନ କୃଷକ ସୁପରଭାଇଜର। ଆଗ୍ରହୀ ପ୍ରାର୍ଥୀମାନେ 9090905678କୁ କଲ୍ କରିପାରିବେ କିମ୍ବା harris.vinoj@tridenthotels.comରେ ରିଜ୍ୟୁମ୍ ପଠାଇପାରିବେ।

WANTED
ଭୁବନେଶ୍ୱରରେ କେକ୍ Shop ପାଇଁ ପିଲା ଆବଶ୍ୟକ (ଯୋଗ୍ୟତା ଦଶମରୁ ଅଧିକ)। ଦରମା: Rs.6000 + ଖାଇବା।
ଯୋଗାଯୋଗ:
7381010297, 8249724716

APPOINTMENT
Wanted Sales Supervisor in a Jewellery Shop at Bhubaneswar. Salary- 15,000.00. Send your Biodata to WhatsApp No.9437033691

URGENT REQUIRED
Telecaller (Any fresher Graduate). Speaking English, Hindi preferable.
Mob.-8984063445
Bhubaneswar
Mail: itpsacademy01@gmail.com




URGENTLY REQUIRED
(1) Lecture in Physics, Chemistry, Math, Botany, Zoology, IT and English (Master Degree), (2) Office Assistant (Female), (3) Marketing Executive, (4) Front Office Executive, (5) Boys & Girls Hostel Superintendent, Peon, Driver, Cook.
Can appear the walk-in-Interview on 06.08.2021 (Friday) at 10.30am
Preference may be given to experienced candidates. Same day appointment.
Documents : Complete Bio-Data with copies of all certificates & Aadhaar Card
ANMOL HIGHER SECONDARY SCHOOL OF SCIENCE AND COMMERCE
At: Uttara Chhak in front of CIFA, Bhubaneswar - 02
Contact: 9439850997, 9040563026, 9937227123(Office)

RECRUITMENT OF ACCOUNTANT
A leading Rice Mill Industry requires full time Accountant. Minimum qualification is Graduation. He/She must be very acquainted with Tally/ Rice Mill Software with good English knowledge. Candidate has to reside at Purunakatak, Boudh. Accommodation and Fooding expenses will be borne by the employer. Salary is negotiable.
Interested candidates may apply with recent passport size photo along with CV on or before 15.08.2021 in the below mentioned e-mail id. Shortlisted candidate will be called for interview.
RANISATI PADDY PROCESSING PVT. LTD.
Purunakatak, Boudh
E-Mail: ranisatipaddy@gmail.com, Mob.- 8249035739

## ୧୨ ବର୍ଷ ପରେ ପୂରଣ ହେଲା ସ୍ଥାୟୀ ପ୍ରଧାନ ଶିକ୍ଷକ ପଦବୀ

ଗୋପ,୬।୮ (ଡି.ଏନ୍.ଏ.)

ଗୋପ ନିଗମାନନ୍ଦ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ସ୍ଥାୟୀ ପ୍ରଧାନଶିକ୍ଷକ ଭାବେ ମନୋରଞ୍ଜନ ପଟ୍ଟନାୟକ ଯୋଗଦେଇଛନ୍ତି। ଦୀର୍ଘ ୧୨ ବର୍ଷ ପରେ ଏହି ବିଦ୍ୟାଳୟରେ ସ୍ଥାୟୀ ପ୍ରଧାନଶିକ୍ଷକ ପଦବୀ ପୂରଣ ହୋଇଥିବାରୁ ଯୁବନେତା ପୁନେଶ କୁମାର ସେନାପତି ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ବିଦ୍ୟାଳୟରେ ୨୦୦୯ ମସିହାରୁ ସ୍ଥାୟୀ ପ୍ରଧାନଶିକ୍ଷକ ପଦବୀ ଖାଲି ପଡ଼ିଥିଲା। ବାରମ୍ବାର ଦାବି ପରେ ପଦବୀ ପୂରଣ ନେଇ ଗଣଶିକ୍ଷା ମନ୍ତ୍ରୀ ଦାଶ ପ୍ରତିଶ୍ରୁତି ଦେଇଥିଲେ। ନୂତନ ପ୍ରଧାନଶିକ୍ଷକ ପଟ୍ଟନାୟକ ସ୍କୁଲ ପ୍ରତିଷ୍ଠାତା ବନମାଳୀ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସମସ୍ତଙ୍କ ସହଯୋଗରେ ସ୍କୁଲ ଶିକ୍ଷାକ୍ଷେତ୍ରରେ ଆଗକୁ ଯାଇପାରିବ ବୋଲି ସେ କହିଥିଲେ।



ପୁରୀ ବେଳାଭୂମିରେ ଶୁକ୍ରବାର ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

## 'ସ୍ତନ୍ୟପାନ ଦ୍ୱାରା ଶିଶୁର ରୋଗ ପ୍ରତିରୋଧକ ଶକ୍ତି ବଢ଼େ'

ପୁରୀ ଅଫିସ, ୬।୮

ବିଶ୍ୱ ସ୍ତନ୍ୟପାନ ସପ୍ତାହ ଅବସରରେ ଶୁକ୍ରବାର ବଳିଆପଣ୍ଡାସ୍ଥିତ ଜନମଙ୍ଗଳ ସମିତି ଏବଂ ମଙ୍ଗଳା ସାହି ଅଙ୍ଗନୱାଡି କେନ୍ଦ୍ରରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପବ୍ଲିକ୍ ହେଲ୍‌ଥ ରିସୋର୍ସ ସୋସାଇଟି ନୂଆଦିଲ୍ଲୀ ଏବଂ ଗେଲ୍ ଗ୍ୟାସ୍ ଲିମିଟେଡ୍‌ର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସ୍ତନ୍ୟପାନର ସୁରକ୍ଷା ଓ ଶିଶୁ ପାଇଁ ଏହାର ଆବଶ୍ୟକତା ସମ୍ପର୍କରେ ଉପସ୍ଥିତ ମା'ମାନଙ୍କୁ ସଚେତନ କରାଯାଇଥିଲା। ମା'ମାନଙ୍କୁ ନେଇ ଏକ ପଦଯାତ୍ରା ମାଧ୍ୟମରେ ସଚେତନତା ବାର୍ତ୍ତା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ପି.ଏଚ୍.ଆର୍.ଏନ୍ ନୂଆଦିଲ୍ଲୀର ବୈଷୟିକ ପରାମର୍ଶଦାତା ଡ. ବନ୍ଦନା ପ୍ରସାଦ, ଓଡ଼ିଶା ଶାଖାର ସ୍ୱାତି ଦାସ, ପ୍ରମିତା ଶତପଥୀ, ଶାହନୱାଜ ଖାଁ ପ୍ରମୁଖ ଉପସ୍ଥିତ ଥିଲେ। ସ୍ତନ୍ୟପାନ ଦ୍ୱାରା ଶିଶୁର ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇଥାଏ ବୋଲି ଅତିଥିମାନେ କହିଥିଲେ। ବରିଷ୍ଠ କାର୍ଯ୍ୟକ୍ରମ ସଂଯୋଜକ ସତ୍ୟନାରାୟଣ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଜ୍ୟୋତିର୍ମୟୀ ବିଶ୍ୱାଳ, ପ୍ରିୟଙ୍କା ପ୍ରିୟଦର୍ଶିନୀ ଓ ଆଦ୍ୟା ଆରାଧନା ପ୍ରମୁଖ ସ୍ତନ୍ୟପାନ ସପ୍ତାହ ପାଳନ ସମ୍ପର୍କରେ ବୁଝାଇଥିଲେ। ଅଙ୍ଗନୱାଡି କର୍ମୀ ବେବି କୁମାରୀ ସିଂ, ଅମ୍ବିକା ସିଂ, ସ୍ୱାସ୍ଥ୍ୟକର୍ମୀ ନାରାୟଣୀ ବେହେରା ଏବଂ ଆଶାକର୍ମୀ ଦମୟନ୍ତୀ ସେଠୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଅସାମାଜିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ପୁରୀ ଅଫିସ, ୬।୮

ବ୍ରହ୍ମଗିରି ବ୍ଲକ୍ ମଣପଡ଼ା ପଞ୍ଚାୟତ ଦାମୋଦରପୁରର କେତେଜଣ ଅସାମାଜିକ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପଞ୍ଚାୟତବାସୀ ଦାବି କରିଛନ୍ତି। ଏ ନେଇ ସେମାନେ ଶୁକ୍ରବାର ଏସ୍‌ପିଙ୍କୁ ଦାବିପତ୍ର ଦେଇଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ, କେତେଜଣ ଅସାମାଜିକ ବ୍ୟକ୍ତି ସବୁବେଳେ ନିଶାସକ୍ତ ହୋଇ ବିଭିନ୍ନ ଛକରେ ଲୋକଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଦାଦାବଟି ମାଗୁଛନ୍ତି। ରାତିରେ ଗାଡ଼ି ଚାଳକଙ୍କଠାରୁ ଜବରଦସ୍ତ ଟଙ୍କା ଆଦାୟ କରୁଛନ୍ତି। ଏପରି କି, ନିଶା ସାମଗ୍ରୀ କାରବାର କରୁଛନ୍ତି। ଏନେଇ ଥାନାରେ ଅଭିଯୋଗ ସତ୍ତ୍ୱେ ପୋଲିସ ଚୁପ୍ ବସିଛି। ରାତ୍ର ପାଟ୍ରୋଲିଂ ହେଉନାହିଁ। ତୁରନ୍ତ ପଦକ୍ଷେପ ନିଆ ନ ଗଲେ ପଞ୍ଚାୟତବାସୀ ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଅଜୟ କୁମାର ନାୟକ, ଅଭିମନ୍ୟୁ ଦାସ, ବିକ୍ରମ କୁମାର ସାହୁ ଏବଂ ପ୍ରଦୀପ କୁମାର ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

## ଅଭିଜ୍ଞତା ବାଣ୍ଟିଲେ ସଫଳ ଚାଷୀ

ପିପିଲି,୬।୮ (ଡି.ଏନ୍.ଏ.)

ପିପିଲି ବ୍ଲକ ଅନ୍ତର୍ଗତ ଜଇସପାଟଣାସ୍ଥିତ ରଶ୍ମିରେଖା ଛତୁ ଫାର୍ମରେ ଚାଲିଥିବା ୧୨ଦିନିଆ ଶିଳ୍ପୋଦ୍ୟୋଗୀ ତାଲିମ ବିକାଶ କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ପୁରୀ ଜିଲାର ପ୍ରତି ବ୍ଲକରୁ ୩୫ଜଣ ମହିଳା ଓ ପୁରୁଷ କାର୍ଯ୍ୟକ୍ରମରେ ଯୋଗଦେଇ ତାଲିମ ନେଇଥିଲେ। ଏହି ୧୨ଦିନ ଭିତରେ ବିଭିନ୍ନ ଶ୍ରେଣୀର ଦକ୍ଷ ଉଦ୍ୟୋଗୀ ଓ ଅଫିସରମାନେ ଆସି ତାଲିମ ପ୍ରଦାନ କରିଥିଲେ। ଭୁବନେଶ୍ୱରସ୍ଥିତ ଶିଳ୍ପୋଦ୍ୟୋଗୀ ବିକାଶ ପ୍ରତିଷ୍ଠାନ ଆନୁକୂଲ୍ୟରେ ଆରମ୍ଭ ହୋଇ ଶେଷ ଦିନରେ ସଂସ୍ଥାର ସଂଯୋଜକ ଅମର ମହାପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ପୁରୀ ଜିଲା ଡିଆଇସି ପରିଚାଳକ ଅମୂଲ୍ୟ ରତ୍ନ ପଣ୍ଡା, ମୁଖ୍ୟବକ୍ତା ପିପିଲି ଏସବିଆଇ ସହ ପରିଚାଳିକା ଅନୁଲିପ୍ସା ଜେନା, ସମ୍ମାନିତ ଅତିଥି ବସନ୍ତ କୁମାର ସାହୁ, ସୁବ୍ରତ ପଟ୍ଟନାୟକ ଏବଂ ଆଇପିଓ ପ୍ରଶାନ୍ତ ପରିଡା ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟ ଅତିଥି ତାଲିମ୍ୟ ନେଇ ଥିବା ସମସ୍ତ ହିତାଧିକାରୀଙ୍କୁ ମାନପତ୍ର ପ୍ରଦାନ କରିଥିଲେ। ରଶ୍ମିରେଖା ଛତୁ ଫାର୍ମର ନିର୍ଦ୍ଦେଶକ ତଥା ସଫଳ ଚାଷୀ ସଞ୍ଜିତ କୁମାର ମହାନ୍ତି ନିଜ ଚାଷ ସମ୍ପର୍କରେ କହିବା ସହ ଧନ୍ୟବାଦ ଦେଇଥିଲେ।



ଜଣେ ପ୍ରଶିକ୍ଷାର୍ଥୀଙ୍କୁ ମାନପତ୍ର ପ୍ରଦାନ କରାଯାଉଛି।

# କଣାସରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

କଣାସ,୬।୮ (ସ୍ୱ.ପ୍ର.)

କଣାସ ବ୍ଲକରେ ଦିନକୁ ଦିନ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଅଞ୍ଚଳବାସୀଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ନ ମିଳିବା, ସ୍ୱାସ୍ଥ୍ୟକେନ୍ଦ୍ରରେ ସମସ୍ତ ପ୍ରକାର ଔଷଧ ନ ରହିବା, ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ଅଧିକାଂଶ ସମୟ ଅନୁପସ୍ଥିତ ରହିବା ଯୋଗୁ ରୋଗୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫଳରେ ଅଧିକାଂଶ ରୋଗୀ ଚିକିତ୍ସା ଲାଗି ଅନ୍ୟ ଡାକ୍ତରଖାନାକୁ ଚାଲିଯାଉଛନ୍ତି। ସୂଚନା ଅନୁଯାୟୀ, ବ୍ଲକର ୨୮ ପଞ୍ଚାୟତର ୧୩୯ଟି ରାଜସ୍ୱ ଗ୍ରାମ ଓ ୧୦୮ ପଡ଼ା ଗ୍ରାମର ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ଏଥିସହ ମନ୍ଦାରବସ୍ତ, ସାହୁପଡା, ଗଡିଶାଗୋଦା, ନନ୍ଦିଗୋଦା, ବୀରକେଶରପୁରରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯାଇଛି। ତେବେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରମାନଙ୍କୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଡେପୁଟେଶନ୍‌ରେ ସପ୍ତାହକୁ ଗୋଟିଏ ଦିନ ପଠାଯାଉଛି। ଫଳରେ ଡାକ୍ତରମାନେ ଅନ୍ୟଦିନରେ ମଧ୍ୟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁ ନ ଥିବା ଅଭିଯୋଗ ହେବା ସହ ରୋଗୀମାନେ ଦୁର୍ଦ୍ଦଶା ଭୋଗୁଛନ୍ତି।

ଶୁକ୍ରବାର ବାଲିପାଟଣା ଗ୍ରାମର ନିଗମାନନ୍ଦ ଦାସ, ସିରିଆପଡା ଗ୍ରାମରେ ମିସ୍ତ୍ରି ଭାବେ କାର୍ଯ୍ୟ କରୁଥିବା ବେଳେ ହାତରେ ଆଘାତ ଲାଗିବାରୁ ସାହୁପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ। କିନ୍ତୁ ସେଠାରେ ଡାକ୍ତର ଓ ଫାର୍ମାସିଷ୍ଟ ଅନୁପସ୍ଥିତ ଥିବାରୁ ସେ ଡ୍ରେସିଂ ପାଇଁ ଦାୟିତ୍ୱରେ ଥିବା ଡ୍ରେସରଙ୍କୁ କହିଥିଲେ। ଡ୍ରେସରଙ୍କ ପାଖରେ ଟିଂଚି କିମ୍ବା ଡ୍ରେସିଂ ସାମଗ୍ରୀ ନ ଥିବାରୁ ତାଙ୍କୁ ପାଇପ୍‌ରେ ହାତ ଧୋଇବାକୁ କହିଥିଲେ। ନିରୁପାୟ ହୋଇ ନିଗମାନନ୍ଦ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସି ହାତ ଡ୍ରେସିଂ କରିଥିଲେ। ସେହିପରି ନିରାମୟ କେନ୍ଦ୍ରରେ ମୂଲ୍ୟବାନ ଔଷଧଗୁଡିକ ନ ଥିବାରୁ ଗରିବ ରୋଗୀ ବାହାରୁ କିଣିବାକୁ ବାଧ ହେଉଛନ୍ତି। ଏପରିକି ଡାକ୍ତରମାନେ ନିୟମିତ ଆସୁ ନ ଥିବାରୁ ରୋଗୀ ନିରାଶରେ ଫେରୁଛନ୍ତି। ତେବେ ଯୋଗାଯୋଗ ସତ୍ତ୍ୱେ ଏ ନେଇ ସ୍ୱାସ୍ଥ୍ୟକେନ୍ଦ୍ରେ ଭାରପ୍ରାପ୍ତ ଅଧିକାରୀ ରମେଶ ଚନ୍ଦ୍ର ବେହେରାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

ODISHA PUBLIC SERVICE COMMISSION
NOTICE
No. 5265/PSC, IR-7-2020-21, DR-V dt.6.8.21
Corrigendum to Advertisement No.10 of 2021-22 for recruitment to the posts of Professors in different State Public Universities
No. D-79: The link for registration/ re-registration and payment of examination fee is revised and shall be available from 14.08.2021 till 13.09.2021 (Note- 31.09.2021 is the last date for submission of Registered Online Application) for recruitment to the posts of Professors in different State Public Universities.
All other terms & conditions of the said advertisement remained unchanged. The concerned candidates are advised to visit the website of the Commission at www.opsc.gov.in.
OIPR-12002/11/0052/2122 Sd./- Additional Secretary

MCL
ମହାନଦୀ କୋଲଫିଲ୍ଡସ ଲିମିଟେଡ୍
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଟେଲିଫୋନ୍ (ଇପିଏବିଏକ୍ସ)-୦୬୬୩-୨୫୪୨୪୬୧ ରୁ ୪୬୯,
ୱେବ୍‌ସାଇଟ୍ :www.mahanadicoal.in
ସନ୍ଦର୍ଭ ସଂଖ୍ୟା: MCL/KA/Hiring of Services/Rev.Pers/2021/876 ତା.28/07/2021ରିଖ
ଏକ ବର୍ଷ ଅବଧି ନିମନ୍ତେ ରାଜସ୍ୱ କର୍ମଚାରୀଙ୍କ ସେବାଜନିତ ନିଯୁକ୍ତି ପାଇଁ ବିଜ୍ଞପ୍ତି/ବିଜ୍ଞାପନ
କଣିହା ଏରିଆ, ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍, ନିମ୍ନବର୍ଣ୍ଣିତ ରାଜସ୍ୱ ସମ୍ବନ୍ଧୀୟ କାର୍ଯ୍ୟ ନିମନ୍ତେ ଯୋଗ୍ୟ ଭାରତୀୟ ନାଗରିକମାନଙ୍କ ଠାରୁ ଏକ ବର୍ଷ ଅବଧି ନିମନ୍ତେ ସ୍ଥାୟୀ ସାନ୍ତ୍ୱନାମୂଳକ ପାରିଶ୍ରମିକ ଭିତ୍ତିରେ ନିଯୁକ୍ତିଜନିତ ସେବା ପାଇଁ ଦରଖାସ୍ତ ଆହ୍ୱାନ କରୁଛି। ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବା ପ୍ରାର୍ଥୀମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି, ଯାହାକି ତା.୧୫.୦୮.୨୦୨୧ରିଖ ସୁଦ୍ଧା କିମ୍ବା ତା' ପୂର୍ବରୁ ମହାପ୍ରବନ୍ଧକ, କଣିହା ଏରିଆ, ପୋଷ୍ଟ-ଦେଉଳବେରା କୋଲିୟାରୀ, ଜିଲ୍ଲା-ଅନୁଗୁଳ, ଓଡ଼ିଶା-୭୫୯୧୦୨ଙ୍କ କାର୍ଯ୍ୟାଳୟରେ ନିଶ୍ଚିତ ଭାବେ ପହଞ୍ଚି ପାରୁଥିବା ଆବଶ୍ୟକ।

| କ୍ରମ ସଂ. | ବିବରଣୀ | ସାନ୍ତ୍ୱନାମୂଳକ ପାରିଶ୍ରମିକ | ଆବଶ୍ୟକ କର୍ମଚାରୀ ସଂଖ୍ୟା |
|---|---|---|---|
| 1. | ରାଜସ୍ୱ ନିରୀକ୍ଷକ | ₹20,000.00 PM | 01 |
| 2. | ଅମିନ | ₹15,000.00 PM | 03 |

ଦରଖାସ୍ତ ଫର୍ମ, ଯୋଗ୍ୟତା ମାନଦଣ୍ଡ, ବୟସ, ଦରଖାସ୍ତ ଗ୍ରହଣ କରାଯିବାର ଅନ୍ତିମ ତାରିଖ ଏବଂ ଅନ୍ୟ ନିୟମ ତଥା ସର୍ତ୍ତାବଳୀ ସମ୍ବନ୍ଧୀୟ ବିସ୍ତୃତ ବିଜ୍ଞାପନ/ବିଜ୍ଞପ୍ତି ଏମ୍‌ସିଏଲ୍ ୱେବ୍‌ସାଇଟ୍ www.mahanadicoal.inରେ ଖୁବ୍‌ଶୀଘ୍ର ଉପଲବ୍ଧ ହେବ ଏବଂ ସବୁ ଦୃଷ୍ଟିରୁ ସଂପୂର୍ଣ୍ଣ ହୋଇଥିବା ଦରଖାସ୍ତଗୁଡ଼ିକ ତା.୦୧.୦୮.୨୦୨୧ରିଖ ଠାରୁ ତା.୧୫.୦୮.୨୦୨୧ରିଖ ମଧ୍ୟରେ ଦାଖଲ କରାଯାଇ ପାରିବ। ଏ ସମ୍ପର୍କିତ କୌଣସି ପ୍ରକାର ସଂଯୋଗପତ୍ର/ଶୁଦ୍ଧିପତ୍ର କେବଳ ଏମ୍‌ସିଏଲ୍ ୱେବ୍‌ସାଇଟ୍ ଏବଂ ଏରିଆ ସୂଚନା ଫଳକରେ ଦେଖାଯାଇ ପାରିବ।
ମହାପ୍ରବନ୍ଧକ,
ଏମ୍‌ସିଏଲ୍, କଣିହା ଏରିଆ
R-5064